ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, April 13/2026 | Page 14 | ₹ 7.00 | SAMBALPUR
୫୨ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 138 | ମୂଲ୍ୟ₹୭/-



ମୋବାଇଲ ପାଇଁ କୋମଳମତି ଶିଶୁ ପଥଭ୍ରଷ୍ଟ ହେବା ସହ ସେମାନଙ୍କ ଜୀବନ ଓ ଭବିଷ୍ୟତ ପ୍ରଭାବିତ ହେଉଛି। ତେଣୁ ଏହାଠାରୁ ଦୂରେଇ ରହିବାକୁ ଜାତୀୟ ପଥପ୍ରାନ୍ତ ନାଟକ ଦିବସ ପାଳନ ଅବସରରେ ରବିବାର ବନ୍ଦେ ମାତରମ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଅଭିନବ ନାଟକ ପରିବେଷଣ ମାଧ୍ୟମରେ ସଚେତନ କରାଯାଉଛି। (ଫଟୋ- ବିକାଶ ନାୟକ)

# ୨୧ ଘଣ୍ଟାର ଆଲୋଚନା ବିଫଳ

- **ଉତ୍ତମ ପ୍ରସ୍ତାବକୁ ମାନିଲାନି ଇରାନ୍: ଭାନ୍ସ**
- **ତେହରାନ୍‌କୁ ବିଶ୍ୱାସକୁ ନେବାରେ ଆମେରିକା ଅଫଳ: ଘଲିବାଫ**

**ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ସାରା ବିଶ୍ୱରେ ପ୍ରଭାବ ପକାଇଛି। ଏହି ଯୁଦ୍ଧରେ ବିରାମ ଲଗାଇବାକୁ ପାକିସ୍ତାନ ଚେଷ୍ଟା କରିଥିଲା। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ବାଚସ୍ପତି ମହମ୍ମଦ ବାଘର ଘଲିବାଫ୍‌ଙ୍କ ନେତୃତ୍ୱରେ ୨ ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଇସ୍‌ଲାମାବାଦରେ ଦୀର୍ଘ ୨୧ ଘଣ୍ଟାର ଶାନ୍ତି ଆଲୋଚନା ବିଫଳ ହୋଇଛି। ଉଭୟେ ଉଭୟଙ୍କୁ ଉତ୍ତମ ପ୍ରସ୍ତାବ ଦେଇଥିବା କହୁଥିଲେ ମଧ୍ୟ କେହି କାହାକୁ ବିଶ୍ୱାସକୁ ନେଇ ପାରିନାହାନ୍ତି। ଫଳରେ ଆଲୋଚନା ବିଫଳ ହୋଇଛି। ବୁଝାମଣାରେ ବିଫଳତା ପାଇଁ ୨ ପକ୍ଷ ପରସ୍ପରକୁ ଦୋଷ ଦେଇଛନ୍ତି। ଉଭୟ ଦେଶ ଶାନ୍ତି ଚୁକ୍ତିନାମା କରିପାରି ନ ଥିବାରୁ ୨ ସପ୍ତାହ ପାଇଁ ଘୋଷଣା ହୋଇଥିବା ଅସ୍ତ୍ରବିରତିର ଭାଗ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି।**

**ଇସ୍‌ଲାମାବାଦ,୧୨।୪(ପି.ଟି.)**

ଇସ୍‌ଲାମାବାଦରେ ଶନିବାରରୁ ଅନୁଷ୍ଠିତ ଶାନ୍ତି ଆଲୋଚନା ଟେବୁଲରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଯୋଗ ଦେଇଥିବାବେଳେ ଇରାନ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ ବାଚସ୍ପତି ମହମ୍ମଦ ବାଘେର ଘଲିବାଫ୍। ଭାନ୍ସ କହିଛନ୍ତି, ଯୁଦ୍ଧ ବନ୍ଦ ପାଇଁ ୱାଶିଂଟନର ସର୍ତ୍ତାବଳୀକୁ ତେହରାନ୍ ଗ୍ରହଣ କଲାନାହିଁ। ଆମେରିକା ଏହାର ଚୂଡ଼ାନ୍ତ ଏବଂ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲା। ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାରେ ତେହରାନ୍‌ର


ଜେଡି ଭାନ୍ସ


ମହମ୍ମଦ ବାଘର ଘଲିବାଫ୍

ଅନିଚ୍ଛା ଅନ୍ୟତମ ମୁଖ୍ୟ ପ୍ରତିବନ୍ଧକ ବୋଲି ଭାନ୍ସ କହିଛନ୍ତି। ଅନ୍ୟପକ୍ଷରେ ଇରାନ ପାର୍ଲାମେଣ୍ଟ ବାଚସ୍ପତି ଘଲିବାଫ୍ କହିଛନ୍ତି, ଆମ ବିଶ୍ୱାସ ଜିତିପାରିବ କି ନାହିଁ, ତାହା ଉପରେ ନିଷ୍ପତ୍ତି ନେବା ଆମେରିକାର କାମ। ଆମେରିକା ପକ୍ଷ ଅତ୍ୟଧିକ ତଥା ବେଆଇନ ଦାବି ଉପସ୍ଥାପନ କରିଥିଲେ ବୋଲି ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଏକ ଚୁକ୍ତିନାମାରେ ପହଞ୍ଚିବାରେ ବିଫଳତା ବୈଶ୍ୱିକ ଶକ୍ତି ବଜାରରେ ସ୍ଥିରତା ଆଣିବା ନିମନ୍ତେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ସମ୍ଭାବନାକୁ କ୍ଷୀଣ କରିଦେଇଛି। ଇରାନ ବିରୋଧରେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଆମେରିକା ଫେରିଯିବା ପୂର୍ବରୁ ଇସ୍‌ଲାମାବାଦରେ ଏକ ଖବରଦାତା ସମ୍ମିଳନୀରେ ଭାନ୍ସ କହିଥିଲେ, ୨୧ ଘଣ୍ଟା ମଧ୍ୟରେ ଇରାନୀୟମାନଙ୍କ ସହ ଅନେକ ବିଷୟରେ ଆଲୋଚନା ହୋଇଥିଲା। ସେ କହିଛନ୍ତି, ଖରାପ ଖବର ହେଲା, ଆମେ ଏକ ଚୁକ୍ତିନାମାରେ ପହଞ୍ଚିପାରିଲୁ ନାହିଁ। ତେବେ ଏହା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ ଖରାପ ଖବର ବୋଲି ସେ ଭାବୁଥିବା କହିଛନ୍ତି। ତେହରାନ୍ ପକ୍ଷ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ଚାହିଁବ ନାହିଁ, ଏନେଇ ଆମେ ଏକ ସକାରାତ୍ମକ ପ୍ରତିଶ୍ରୁତି ଚାହୁଁଥିଲୁ। ଅଣୁଅସ୍ତ୍ର ନିର୍ମାଣରୁ ଇରାନକୁ ରୋକିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଭାନ୍ସ କହିଛନ୍ତି। ସେଥିପାଇଁ ଆମେରିକା ପକ୍ଷ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲେ ମଧ୍ୟ ଇରାନ ☞ପୃଷ୍ଠା-୨

# ପରଲୋକରେ ଆଶା ଭୋସ୍‌ଲେ

**ମୁମ୍ବାଇ,୧୨।୪(ପି.ଟି.)**

ବହୁ ପିଢ଼ିର ସଙ୍ଗୀତପ୍ରେମୀଙ୍କୁ ନିଜର ସଦାବହାର ଏବଂ ବହୁମୁଖୀ କଣ୍ଠରେ ମନ୍ତ୍ରମୁଗ୍ଧ କରି ରଖିଥିବା କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଆଶା ଭୋସ୍‌ଲେଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ଏକାଧିକ ଅଙ୍ଗ ଅକାମୀ ହୋଇଯିବାରୁ ଆଶାଙ୍କ ପରଲୋକ ଘଟିଥିବା ଡାକ୍ତର ପ୍ରତୀତ ସାମଦାନି କହିଛନ୍ତି। ଛାତିରେ ସଂକ୍ରମଣ ଏବଂ ଅତ୍ୟଧିକ କ୍ଲାନ୍ତ ଅନୁଭବ କରିବାରୁ ଆଶାଙ୍କୁ ଶନିବାର ସନ୍ଧ୍ୟାରେ ଦକ୍ଷିଣ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ତାଙ୍କ ନାତୁଣୀ ଜାନାଇ ଭୋସ୍‌ଲେ ସୂଚନା ଦେଇଥିଲେ। ଆଶାଙ୍କ ଦେହାନ୍ତ ସମ୍ପର୍କରେ ତାଙ୍କ ପୁଅ ଆନନ୍ଦ ଭୋସ୍‌ଲେ ସ୍ପଷ୍ଟ କରିଥିବାବେଳେ ସୋମବାର ଅପରାହ୍ନ ୪ଟାରେ ମୁମ୍ବାଇର ଶିବାଜୀ ପାର୍କରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି କହିଛନ୍ତି। ଆଶାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଓ ବଲିଉଡ୍ ତଥା ସଙ୍ଗୀତ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଆଶା ଭୋସ୍‌ଲେଜୀଙ୍କ ଦେହାନ୍ତରେ ସେ ଅତ୍ୟନ୍ତ ମର୍ମାହତ। ସେ ଭାରତର ଅନ୍ୟତମ ଶ୍ରେଷ୍ଠ ତଥା ବହୁମୁଖୀ ପ୍ରତିଭାସମ୍ପନ୍ନ କଣ୍ଠଶିଳ୍ପୀ ଥିଲେ। ବହୁ ଦଶନ୍ଧି ଧରି ତାଙ୍କ ଅସାଧାରଣ ସଙ୍ଗୀତ ଯାତ୍ରା ଆମ ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବା ☞ପୃଷ୍ଠା-୨


୧୯୩୩ ସେପ୍ଟେମ୍ବର ୮-୨୦୨୬ ଏପ୍ରିଲ ୧୨

# ଆଜିଠୁ ଭିତର ରତ୍ନଭଣ୍ଡାର ଗଣତି

**ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ସୋମବାରଠାରୁ ଆରମ୍ଭ ହେବ। ସେଥିପାଇଁ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏବଂ ଗଣତିମଣତି ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ କିଭଳି ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି କରାଯିବ, କେଉଁମାନେ ଭିତରେ ଏବଂ ବାହାରେ ରହିବେ, କ'ଣ ସବୁ ବ୍ୟବସ୍ଥା ହେବ, ସେନେଇ ସବିଶେଷ ଆଲୋଚନା ହୋଇଥିଲା। ଏସ୍‌ଓପି ଅନୁଯାୟୀ, ପ୍ରତିଦିନ ଜିଲା ଟ୍ରେଜେରିରୁ ଭିତର ରତ୍ନଭଣ୍ଡାରର ଚାବି ଅଣାଯାଇ ପୁରୀ ଜିଲାପାଳ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ। ଗଣତିମଣତି କାର୍ଯ୍ୟ ଶେଷ ପରେ ପ୍ରତ୍ୟେକ ଦିନ ଭିତର ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇ ଚାବି ଜିଲା ଟ୍ରେଜେରିରେ ରଖାଯିବ। ସବୁ ରତ୍ନ ଅଳଙ୍କାରର ଥ୍ରୀଡି ସ୍କ୍ରିନିଂ କରାଯାଇ ଡିଜିଟାଲ ଫଟୋଗ୍ରାଫି କରାଯିବ। ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ ୧୯୭୮ ମସିହା ତାଲିକା ସହ ମେଳକ କରାଯିବ। ଆମେ ଦୃଢ଼ ଆଶାବାଦୀ ରହିଛୁ ମହାପ୍ରଭୁଙ୍କର କୌଣସି ଅଳଙ୍କାରସାମଗ୍ରୀ ଗାଏବ ହୋଇନାହିଁ। ଏଣୁ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରସାରଣ ନ କରିବାକୁ ଛତିଶା ନିଯୋଗର ମହାନାୟକ ଅନୁରୋଧ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଇରାନୀ ନେତାର ନାହିଁ ପ୍ରୟୋଜନ**

15001/14/2627



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



**୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା**

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014

# ହର୍ମୁଜ୍ ଅବରୋଧ କରିବାକୁ ଟ୍ରମ୍ପ୍‌ଙ୍କ ଧମକ

ଇସ୍‌ଲାମାବାଦ/ୱାଶିଂଟନ,୧୨।୪



ଡୋନାଲ୍ଡ ଟ୍ରମ୍ପ୍



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଆମେରିକା ଯୁଦ୍ଧ ଜାହାଜ।

ପାକିସ୍ତାନର ଇସ୍‌ଲାମାବାଦଠାରେ ଇରାନ ଏବଂ ଆମେରିକା ମଧ୍ୟରେ ଦୀର୍ଘ ୨୧ ଘଣ୍ଟା ଧରି ଚାଲିଥିବା ଶାନ୍ତି ଆଲୋଚନା ବିନା ଚୁକ୍ତିନାମାରେ ଶେଷ ହୋଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ମଧ୍ୟକୁ ଜାହାଜ ପ୍ରବେଶ ଓ ପ୍ରସ୍ଥାନକୁ ତୁରନ୍ତ ସେନା ଦ୍ୱାରା ଅବରୋଧ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଧମକ ଦେଇଛନ୍ତି। ଇରାନ ଯୁଦ୍ଧ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ବିଶ୍ୱ ତୈଳ ଯୋଗାଣର ୨୦ ପ୍ରତିଶତ ପରିବହନ ହେଉଥିଲା। ଉକ୍ତ ସଂକୀର୍ଣ୍ଣ ସାମୁଦ୍ରିକ ପଥକୁ ନିୟନ୍ତ୍ରଣକୁ ନେବା ଲାଗି ଟ୍ରମ୍ପ୍ ଚାହିଁଛନ୍ତି। ଏହାକୁ ଅବରୋଧ କରାଗଲେ ଯୁଦ୍ଧ ପାଇଁ ଇରାନ ପାଉଥିବା ପାଣ୍ଠିର ମୁଖ୍ୟ ଉତ୍ସ ବନ୍ଦ ହୋଇଯିବ ବୋଲି ଟ୍ରମ୍ପ୍ ଆଶାବାଦୀ ଅଛନ୍ତି। ଇରାନକୁ ଟୋଲ୍ ପୈଠ କରିଥିବା ପ୍ରତ୍ୟେକ ଜାହାଜକୁ ଅନ୍ତର୍ଜାତୀୟ ଜଳରାଶିରେ ଆମେରିକୀୟ ନୌସେନା ଅନୁଧ୍ୟାନ କରିବେ। ଯେଉଁମାନେ ବେଆଇନ ଭାବେ ଇରାନକୁ ଟୋଲ୍ ଦେଉଥିବେ, ସେମାନଙ୍କୁ ଗଭୀର ସମୁଦ୍ରରେ ସୁରକ୍ଷିତ ଯାତ୍ରା ପାଇଁ ଅନୁମତି ଦିଆଯିବ ନାହିଁ। ଉପଯୁକ୍ତ ସମୟରେ ଇରାନକୁ ଧ୍ୱଂସ କରିଦେବା ପାଇଁ ଆମେରିକା ପ୍ରସ୍ତୁତ ରହିଥିବା ଟ୍ରମ୍ପ୍ କହିଛନ୍ତି। ଯୁଦ୍ଧ ବନ୍ଦ ଲାଗି ଆଲୋଚନା ବିଫଳ ହେବାର ମୁଖ୍ୟ କାରଣ ତେହରାନ୍‌ର ଆଣବିକ ଆକାଂକ୍ଷା ବୋଲି ସେ କହିଛନ୍ତି।

ଯୁଦ୍ଧ ଆରମ୍ଭ ହେବା ଦିନରୁ ପ୍ରଥମ ଥର ପାଇଁ ଶନିବାର ଆମେରିକାର ୨ଟି ଯୁଦ୍ଧଜାହାଜ ମାଇନ୍ ଖୋଜି ବାହାର କରିବା କାର୍ଯ୍ୟରେ ନିୟୋଜିତ ହେବା ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଯାଇଥିବା ଆମେରିକା ସେନା ପକ୍ଷରୁ କୁହାଯାଇଥିଲା। ଇରାନ ସହ ଡିଲ୍ ହେଉ କି ନ ହେଉ, ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ମାଇନ୍‌ମୁକ୍ତ କରିବୁ ବୋଲି ଟ୍ରମ୍ପ୍ ରବିବାର ସକାଳେ କହିଥିଲେ। ତେବେ ଇରାନର ମିଳିତ ସାମରିକ କମାଣ୍ଡ ଏହି ଖବରକୁ ଖଣ୍ଡନ କରିଥିବା ସେଠାକାର ଗଣମାଧ୍ୟମ କହିଥିଲା। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ କରିବା ଯୁଦ୍ଧରେ ଇରାନର ସବୁଠୁ ବଡ଼ ରଣନୀତି ଥିଲା। ଇନ୍ଧନ ପରିବହନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ୍ ଦେଇ ଦୈନିକ ଶତାଧିକ ଜାହାଜ ଚଳାଚଳ କରିଥାନ୍ତି। ଅସ୍ତ୍ରବିରତି ପରଠାରୁ ଉକ୍ତ ପ୍ରଣାଳୀ ଦେଇ ମାତ୍ର ୧୨ଟି ଜାହାଜ ଅତିକ୍ରମ କରିଥିବା ଜଣାପଡ଼ିଛି।

ଦୀର୍ଘ ଆଲୋଚନା ସତ୍ତ୍ୱେ ଉଭୟ ଦେଶ ଶାନ୍ତି ଚୁକ୍ତିନାମାରେ ପହଞ୍ଚିବାରେ ବିଫଳ ହୋଇଥିବାରୁ ଅସ୍ତ୍ରବିରତି ଘୋଷଣାର ଭାଗ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଚୁକ୍ତିନାମାରେ ପହଞ୍ଚିବାରେ ବିଫଳତା ବୈଶ୍ୱିକ ଶକ୍ତି ବଜାରରେ ସ୍ଥିରତା ଆଣିବା ନିମନ୍ତେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ସମ୍ଭାବନାକୁ କ୍ଷୀଣ କରିଦେଇଛି। ରବିବାର ଟ୍ରମ୍ପ୍‌ଙ୍କ ଧମକ ପରେ ଇରାନ ବିରୋଧରେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଆଶଙ୍କା ପ୍ରକାଶ ପାଇଛି। ଇସ୍‌ଲାମାବାଦରେ ଆଲୋଚନା ଶେଷ ହେବା ପରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ଆଲୋଚନାରୁ କୌଣସି ନିଷ୍କର୍ଷ ନ ମିଳିବା ଖରାପ ଖବର। ତେବେ ଏହା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ ଖରାପ ଖବର ବୋଲି ସେ ଭାବୁଥିବା କହିଥିଲେ। ଅଣୁଅସ୍ତ୍ର ନିର୍ମାଣରୁ ଇରାନକୁ ରୋକିବା ଟ୍ରମ୍ପ୍‌ଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ସେଥିପାଇଁ ଆମେରିକା ପକ୍ଷ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲେ ମଧ୍ୟ ଇରାନ ପକ୍ଷ ଗ୍ରହଣ କଲାନାହିଁ। ଆମ ସର୍ତ୍ତାବଳୀକୁ ଗ୍ରହଣ କରିବା ଭଳି କୌଣସି ସ୍ଥିତି ଇରାନୀୟ ପକ୍ଷଙ୍କଠାରେ ପାଇପାରିଲୁ ନାହିଁ ବୋଲି ଭାନ୍ସ କହିଥିଲେ। ଅନ୍ୟପକ୍ଷରେ ଇରାନ ପାର୍ଲାମେଣ୍ଟ ବାଚସ୍ପତି ଘଲିବାଫ୍ କହିଛନ୍ତି, ଆମ ବିଶ୍ୱାସ ଜିତିପାରିବ କି ନାହିଁ, ତାହା ଉପରେ ନିଷ୍ପତ୍ତି ନେବା ଆମେରିକାର କାମ। ତେବେ ସେମାନେ ଅଯଥାର୍ଥ ଏବଂ ବେଆଇନ ଦାବି ଉପସ୍ଥାପନ କଲେ। ଆମେରିକା–ଇରାନ ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଥିବାବେଳେ ଏହା ବିଫଳ ହୋଇଥିବାରୁ ଏପ୍ରିଲ ୨୨ରେ ଶେଷ ହେବାକୁ ଥିବା ୨ ସପ୍ତାହର ଅସ୍ତ୍ରବିରତି ପରେ କ'ଣ ହେବ ତାହା କହିହେଉ ନାହିଁ। ଅସ୍ତ୍ରବିରତି ବଜାୟ ରଖିବାକୁ ମଧ୍ୟସ୍ଥତା କରୁଥିବା ପାକିସ୍ତାନ ଉଭୟ ଦେଶକୁ ନିବେଦନ କରିଛି।

# ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବାକୁ ଗୃହର ନେତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ

ନୂଆଦିଲ୍ଲୀ,୧୨।୪(ପି.ଟି.)

ପାର୍ଲାମେଣ୍ଟ ଓ ରାଜ୍ୟବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣକୁ ଯଥାର୍ଥ ଭାବନା ସହ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୨୦୨୯ ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବା ଜରୁରୀ। ତେଣୁ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ଏକ ସ୍ୱରରେ ମହିଳା ସ୍ଥାନ ସଂରକ୍ଷଣ ଆଇନ ଉପରେ ଅଣାଯାଇଥିବା ସଂଶୋଧନକୁ ଗୃହୀତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି।

ଆସନ୍ତା ୧୬ରୁ ୧୮ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ବସିବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଗୃହର ନେତାମାନଙ୍କୁ ପତ୍ର ଲେଖି କହିଛନ୍ତି, କୌଣସି ସମାଜ ସେତେବେଳେ ପ୍ରଗତି କରିଥାଏ, ଯେତେବେଳେ ମହିଳାମାନଙ୍କୁ ପ୍ରଗତି କରିବା, ନିଷ୍ପତ୍ତି ନେବା ଏବଂ ନେତୃତ୍ୱ ନେବାର ସୁଯୋଗ ମିଳିଥାଏ। ଭାରତର ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ସାକାର କରିବା ଯାତ୍ରାରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ତଥା ସକ୍ରିୟ ଭୂମିକା ନେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ପାଇଁ ହୁଇପ୍ ଜାରିକଲା ଭାଜପା

ସ୍ୱତନ୍ତ୍ର ଅଧିବେଶନ ପାଇଁ ଭାଜପା ପକ୍ଷରୁ ଏହାର ସମସ୍ତ ଏମ୍‌ପିଙ୍କ ନିମନ୍ତେ ୩ ଧାଡ଼ିଆ ହୁଇପ୍ ଜାରି କରାଯାଇ ସେମାନଙ୍କୁ ଉଭୟ ଗୃହରେ ଉପସ୍ଥିତ ରହିବାକୁ କୁହାଯାଇଛି। ଏହି ଅଧିବେଶନରେ ମହିଳା ସ୍ଥାନ ସଂରକ୍ଷଣ ସଂଶୋଧନ ବିଲ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ଆଶା କରାଯାଉଛି। ୧୬ରୁ ୧୮ ଉଭୟ ଗୃହରେ କେନ୍ଦ୍ରମନ୍ତ୍ରୀ ଓ ସଦସ୍ୟମାନେ ଉପସ୍ଥିତ ରହିବା ବାଧ୍ୟତାମୂଳକ। ସେମାନଙ୍କୁ ଏହି ସମୟ ମଧ୍ୟରେ ଛୁଟି ମଞ୍ଜୁର କରାଯିବ ନାହିଁ। ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ହୁଇପ୍‌ରେ କୁହାଯାଇଛି।

# ଚାଲାଣ ଉଦ୍ୟମ ବେଳେ ଚଳନ୍ତା ଟ୍ରେନ୍‌ରୁ ୧୬୩ ନାବାଳକ ଉଦ୍ଧାର

ଭୋପାଳ,୧୨।୪(ପି.ଟି.)

ବିହାର ଓ ମହାରାଷ୍ଟ୍ରରୁ ଚୋରାଚାଲାଣ ହେଉଥିବା ୧୬୩ ଜଣ ନାବାଳକଙ୍କୁ ମଧ୍ୟପ୍ରଦେଶର କାଟ୍‌ନି ଜିଲାରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରୁ ରେଲ୍‌ୱେ ପୋଲିସ ଉଦ୍ଧାର କରିଛି। ପିଲାମାନଙ୍କ ବୟସ ୬ରୁ ୧୩ ବର୍ଷ ମଧ୍ୟରେ। ସେମାନଙ୍କୁ ଶ୍ରମିକ ଭାବେ କାମ କରାଇବା ପାଇଁ ବିହାରର ଅରାରିଆ ଅଞ୍ଚଳରୁ ମହାରାଷ୍ଟ୍ରର ଲାଟୁର ନିଆଯାଉଥିଲାବେଳେ ଶନିବାର ରାତିରେ ଶିଶୁ କଲ୍ୟାଣ କମିଟିଠାରୁ ସୂଚନା ପାଇ ରେଲ୍‌ୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ସରକାରୀ ରେଲ୍‌ୱେ ପୋଲିସ (ଜିଆର୍‌ପି) ସେମାନଙ୍କୁ ଅଟକାଇଥିଲା। ପାଟନା–ପୁର୍ନା ଏକ୍ସପ୍ରେସ୍‌ରେ ବିନା ଟିକେଟ ଓ ଦସ୍ତାବିଜ୍ ସହ ନାବାଳକମାନଙ୍କ ସାଙ୍ଗରେ ଯାଉଥିବା ୮ ଜଣଙ୍କୁ କାଟ୍‌ନି ଷ୍ଟେଶନରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଯବାନମାନେ ଅଟକାଇଥିଲେ।

# ପଶ୍ଚିମବଙ୍ଗ ଏସ୍‌ଆଇଆର୍ ଶୁଣାଣି ଆଜି

ନୂଆଦିଲ୍ଲୀ,୧୨।୪(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ଦାଏର ଅନେକ ପିଟିଶନ ଉପରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହେବ। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରିବେ ବୋଲି ୧୩ ତାରିଖ ପାଇଁ ଥିବା ସର୍ବୋଚ୍ଚ ଅଦାଲତଙ୍କ କାର୍ଯ୍ୟସୂଚୀରୁ ଜଣାପଡ଼ିଛି। ଏପ୍ରିଲ ୨୩ ଓ ୨୯ରେ ୨ପର୍ଯ୍ୟାୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହାର ମାତ୍ର ଅଳ୍ପ କିଛିଦିନ ପୂର୍ବରୁ ନିର୍ବାଚନ କମିଶନ ଭୋଟର ତାଲିକାକୁ ରଦ୍ଦ କରି ଚୂଡ଼ାନ୍ତ ତାଲିକା ପ୍ରକାଶ କରିବାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏଥିସହିତ ଅନ୍ୟ ପିଟିଶନ୍‌ର ଶୁଣାଣି ୧୩ରେ କରିବା ପାଇଁ ଗତ ୧୦ ତାରିଖରେ ଶୀର୍ଷ ଅଦାଲତ ରାଜି ହୋଇଥିଲେ। ପଶ୍ଚିମବଙ୍ଗର ମାଲଦା ଜିଲାରେ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବା ୭ ଜଣ ନ୍ୟାୟିକ ଅଫିସରଙ୍କୁ ଘେରାଉ କରାଯିବା ଘଟଣାକୁ ସୁପ୍ରିମକୋର୍ଟ ନିଜଆଡ୍ରୁ ବିଚାର ପାଇଁ ଗ୍ରହଣ କରିଥିବାବେଳେ ଏହାର ଶୁଣାଣି ମଧ୍ୟ ସୋମବାର ହେବାକୁ ଯାଉଛି। ନ୍ୟାୟିକ ଅଫିସରଙ୍କୁ ଘେରାଉ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିବା ପାଇଁ ଗତ ୬ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ବିହାରର ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଶିବରାଜ ଭାଜପା ପର୍ଯ୍ୟବେକ୍ଷକ

ନୂଆଦିଲ୍ଲୀ,୧୨।୪

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସଭାକୁ ଯିବା ପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ, ତାହାକୁ ନେଇ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ଭାଜପା ମୁଖ୍ୟମନ୍ତ୍ରୀ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାବେଳେ ଏଥିପାଇଁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ଆସନ୍ତା ୧୫ରେ ପାଟନାରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଉତ୍ସବ ଅନୁଷ୍ଠିତ ହେବା ସମ୍ଭାବନା ଥିବାବେଳେ ଏହାର ୩ ଦିନ ପୂର୍ବରୁ ଭାଜପା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ଲାଗି ନିଷ୍ପତ୍ତି ନେଇଛି। ଭାଜପାରୁ ଜଣଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳ ଉଦ୍ୟମ ଚଳାଇଛି। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, ଶ୍ରେୟାସୀ ସିଂ ଏବଂ ସଞ୍ଜୀବ ଚୌରାସିଆଙ୍କ ନାମ ଚର୍ଚ୍ଚାରେ ରହିଛି।



# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୬ | Bhubaneswar, Monday, April 13/2026 | ପୃଷ୍ଠା-୧



Government of Bharat

ନାରୀ ଶକ୍ତି ବନ୍ଦନ
ପ୍ରତି ସମର୍ପିତ
#NariShaktiVandan

CBC 22201/13/0009/2627

ଦେଶର ମହିଳାମାନଙ୍କୁ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



ଏବେ ସେନାବାହିନୀରେ ମହିଳାମାନଙ୍କୁ ସ୍ଥାୟୀ କମିଶନ

ଭାରତରେ ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକ ମଧ୍ୟରୁ ୪୮% ଷ୍ଟାର୍ଟଅପରେ ଅତିକମ୍‌ରେ ଜଣେ ମହିଳା ନିର୍ଦ୍ଦେଶକ




ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ସୀମାନ୍ତ ହୁଗୁଳି ଗ୍ରାମରେ ଥିବା ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ମେଳା ଉତ୍ସବ ଅବସରରେ ରବିବାର ନୀଳ ପୋଖରୀରେ ନୀଳ ଉତ୍ସବ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ: ପ୍ରଦୀପ ଦାସ)

# ୨ ପିଲାଙ୍କୁ ହତ୍ୟା ପରେ ନିଜ ଗଳା କାଟିଲେ ମହିଳା

**ବଢୁଛି ପାରିବାରିକ ହିଂସା। ସନ୍ଦେହ ନେଇ ଯାଉଛି ଜୀବନ। ଦାମ୍ପତ୍ୟ ଜୀବନରେ ସୃଷ୍ଟ କଳିଝଗଡ଼ାକୁ ସମାଧାନ କରି ନ ପାରି ଜନ୍ମକଲା ପିଲାଙ୍କ ଜୀବନ ନେଇଯିବାକୁ ପଛାଉନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ବିମାନବନ୍ଦର ଥାନା ଅଧୀନ ଟାଙ୍ଗରପାଲିସ୍ଥିତ ଓରାମପଡ଼ା ଗ୍ରାମରେ। ସ୍ୱାମୀଙ୍କ ପରକୀୟା ପ୍ରୀତିର ରାଗ ଶୁଝାଇବାକୁ ଯାଇ ଜଣେ ମହିଳା ନିଜର ୨ ପିଲାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ପନିକିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଏବଂ ପନିକିକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।**



ଜିଜ୍ଞାସା ଓରାମ



ବିହାଂଶୁ ଓରାମ

ଝାରସୁଗୁଡ଼ା,୧୨।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିମାନବନ୍ଦର ଥାନା ଅଧୀନ ଟାଙ୍ଗରପାଲିସ୍ଥିତ ଓରାମପଡ଼ା ଗ୍ରାମରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡ଼ା ଏବଂ ସ୍ୱାମୀଙ୍କ ପରକୀୟା ପ୍ରୀତିର ରାଗ ଶୁଝାଇବାକୁ ଯାଇ ଜଣେ ମହିଳା ନିଜର ୨ ପିଲାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ପନିକିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମୃତକ ହେଲେ ଓରାମପଡ଼ାର ସୀତାରାମ ଓରାମଙ୍କ ଝିଅ ଜିଜ୍ଞାସା ଓରାମ(୧୦) ଏବଂ ପୁଅ ବିହାଂଶୁ ଓରାମ(୫)। ଅପରପକ୍ଷେ ୨ ପିଲାଙ୍କୁ ହତ୍ୟା କରିଥିବା ମା' ରଞ୍ଜିତା ଓରାମଙ୍କୁ ଚିକିତ୍ସା ପାଇଁ ବୁର୍ଲା ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି ବୋଲି ରବିବାର ପୂର୍ବାହ୍ନରେ ଝାରସୁଗୁଡ଼ା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପି ରାଘବେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ରଞ୍ଜିତା ସ୍ୱାମୀ ସୀତାରାମଙ୍କ ସହିତ ଓରାମ୍‌ପଡ଼ାରେ ରହୁଥିଲେ। ସୀତାରାମଙ୍କ ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ଥିବା ନେଇ ରଞ୍ଜିତା ସନ୍ଦେହ କରୁଥିଲେ। ଏହାକୁ ନେଇ ଗତ ୧୫ ଦିନ ହେବ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ଲାଗି ରହୁଥିଲା। ୨ ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ପାଇଁ ରଞ୍ଜିତା ବାରମ୍ବାର ସୀତାରାମଙ୍କୁ ଧମକ ଦେଉଥିଲେ। ଶୁକ୍ରବାର ରଞ୍ଜିତା ଏବଂ ସୀତାରାମଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ରଞ୍ଜିତା ଶୌଚ ହେବା ପାଇଁ ସୀତାରାମଙ୍କୁ ଉଠାଇଥିଲେ। ସୀତାରାମ ଘରର କବାଟ ଖୋଲି ବାହାରକୁ ବାହାରିବା ପରେ ରଞ୍ଜିତା ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଘର ଭିତରେ ଶୋଇଥିବା ଅବସ୍ଥାରେ ଜିଜ୍ଞାସା ଏବଂ ବିହାଂଶୁଙ୍କୁ ସେ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ନିଜ ଗଳାକୁ ପନିକିରେ କାଟି ଦେଇଥିଲେ। ଏପଟେ ସୀତାରାମ ଯେତେ ଡାକିଲେ ମଧ୍ୟ ରଞ୍ଜିତା କବାଟ ☞ପୃଷ୍ଠା-୨

# ବିଦ୍ୟୁତ୍ ଉପରେ ପଡୁଛି ଗ୍ୟାସ୍ ଚାପ

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)

## ୨ମାସରେ ବଢ଼ିଛି ୩୭୮.୭୮ 'ଏମ୍‌ୟୁ'

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିକୁ ନେଇ ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସ୍(ଏଲ୍‌ପିଜି)ର ସଙ୍କଟ ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକେ ଏଲ୍‌ପିଜି ପାଇବା ପାଇଁ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ବାରମ୍ବାର ଆଶ୍ୱସ୍ତ କରାଗଲେ ମଧ୍ୟ ବାସ୍ତବକ୍ଷେତ୍ରରେ ଗ୍ୟାସ୍ ଅଭାବ ଲାଗି ରହିଛି। ତେଣୁ ଲୋକେ ଏବେ ଏହାର ବିକଳ୍ପ ଭାବେ ବିଦ୍ୟୁତ୍ ଚୁଲା(ଇଣ୍ଡକ୍ସନ) ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ବିଦ୍ୟୁତ୍ ଚାହିଦା ଦିନକୁ ଦିନ ବଢ଼ି ଚାଲିଛି; ଯେଉଁଥିପାଇଁ ଦୁଇମାସରେ ୩୭୮.୭୮ ମିଲିୟନ ୟୁନିଟ୍(ଏମ୍‌ୟୁ) ଚାହିଦା ବଢ଼ିଛି ବୋଲି ଶକ୍ତି ବିଭାଗ ଆକଳନରୁ ଜଣାଯାଇଛି।

ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୨୫ ଫେବୃଆରୀରେ ରାଜ୍ୟରେ ୨୯୯୮.୨୪ ଏମ୍‌ୟୁ ବିଦ୍ୟୁତ୍ ବ୍ୟବହାର ହୋଇଥିଲା। ମାତ୍ର ଏହା ୨୦୨୬ ଫେବୃୟାରୀରେ ୨୩୧.୮୫ ଏମ୍‌ୟୁ ବୃଦ୍ଧି ପାଇ ୩୨୩୦.୦୮ ଏମ୍‌ୟୁରେ ପହଞ୍ଚିଛି। ସେହିପରି ୨୦୨୫ ମାର୍ଚ୍ଚରେ ରାଜ୍ୟରେ ୩୬୩୩.୫୧ ଏମ୍‌ୟୁ ବିଦ୍ୟୁତ୍ ବ୍ୟବହାର ହୋଇଥିଲା। ମାତ୍ର ୨୦୨୬ ମାର୍ଚ୍ଚରେ ଏହା ୧୪୬.୯୪ ଏମ୍‌ୟୁ ବୃଦ୍ଧି ପାଇ ୩୭୮୦.୪୫ ଏମ୍‌ୟୁରେ ପହଞ୍ଚିଛି; ଯାହାକି ଦୁଇମାସରେ ୩୭୮.୭୮ ଏମ୍‌ୟୁ ବଢ଼ିଛି। ଏହାକୁ ଦୃଷ୍ଟିରେ ବିଭାଗ ପକ୍ଷରୁ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ଲାଗି ଏହାର ଭିତ୍ତିଭୂମି ସୁଦୃଢ଼କୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ବିଭାଗର ବରିଷ୍ଠ ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତମାସ ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟନ କରି କହିଛନ୍ତି, ଭୁବନେଶ୍ୱରର ବିଦ୍ୟୁତ୍ ଶକ୍ତି ଚାହିଦା ଆଗାମୀ ଦିନରେ ଦୁଇଗୁଣା ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ସେଠାରେ ବିଦ୍ୟୁତ୍ ଭିତ୍ତିଭୂମି ଅଧିକ ସୁଦୃଢ଼ କରାଯିବ। ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିଶନ ବ୍ୟବସ୍ଥାର ବିକାଶ କରିବା ଲାଗି ସରକାରଙ୍କ ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୧୦ତାରିଖରେ ରାଜ୍ୟ କ୍ୟାବିନେଟ୍ କେନ୍ଦୁଝର ବାସୁଦେବପୁରରେ ୧୬୪୭ କୋଟିର ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛି।

# ବିଦ୍ୟୁତ୍ ଆଘାତରେ ୩ ଦଣ୍ଡୁଆ ମୃତ, ୨ ଗୁରୁତର

ଢେଙ୍କାନାଳ, ଅନୁଗୋଳ,୧୨।୪ (ରତନ ନାୟାର/ଜ୍ୟୋତିରଞ୍ଜନ ସାହୁ)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ପାଟଳା ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଦଣ୍ଡଯାତ୍ରା ଲାଗି ମଞ୍ଚ ପ୍ରସ୍ତୁତ କରାଯାଉଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ଜଣ ଦଣ୍ଡୁଆଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମିଳନ ମହାଳିକ (୩୪), ଲକ୍ଷ୍ମୀଧର ସାହୁ (୨୪) ଓ ସୁଧାକର ସାହୁ (୪୦)। ସୂଚନାରୁ ଜଣାପଡ଼ିଛି, ସନ୍ଧ୍ୟାରେ ଦଣ୍ଡଯାତ୍ରା ପାଇଁ କେତେଜଣ ଦଣ୍ଡୁଆ ମଞ୍ଚ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ମଞ୍ଚ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରେ ଟେଣ୍ଟର ଷ୍ଟିଲ ବାର୍ ଲାଗିଯାଇଥିଲା। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରୁ ଜଣଙ୍କ ଘର ପାଟଳା ଗ୍ରାମରେ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଘର ଓଡ଼ାପଡ଼ା ବ୍ଲକ ମୋଟଗାଁ ଥାନା ଅନ୍ତର୍ଗତ ବିଡ଼ୋ ଗ୍ରାମରେ ବୋଲି ଜଣାପଡ଼ିଛି। ଗୁରୁତର ଆହତ ପାଟଳା ଗ୍ରାମର ପ୍ରଫୁଲ୍ଲ ତରେଇଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ନିର୍ମଳ ସାହୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବାଲିମି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି।

# ସାମାଜିକ ଦାୟିତ୍ୱବୋଧ ବୃଦ୍ଧିକରେ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ

ବଞ୍ଚୋ,୧୨।୪(ପ୍ରଦୋଷ କୁମାର ବିଶ୍ୱାଳ)

## କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ କୁଶଳେଶ୍ୱର ପିଏମ୍ ଶ୍ରୀ ସରକାରୀ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟମନ୍ତ୍ରୀ ଅଭିଭାଷଣରେ ଶିକ୍ଷାର ଅପାର ଗୁରୁତ୍ୱ ଉପରେ କହିଥିଲେ। ଶିକ୍ଷା ହେଉଛି ସମାଜର ଉନ୍ନତିର ମୂଳ ଆଧାର। ଏକ ସୁଶିକ୍ଷିତ ସମାଜ ହିଁ ଦେଶକୁ ଆଗକୁ ନେଇଯାଇପାରେ। ବିଦ୍ୟାଳୟ କେବଳ ପାଠ୍ୟପୁସ୍ତକର ଜ୍ଞାନ ଦେବା ସ୍ଥାନ ନୁହେଁ, ଏଠାରେ ଛାତ୍ରୀଛାତ୍ରଙ୍କ ନୈତିକ ମୂଲ୍ୟବୋଧ, ଶିଷ୍ଟାଚାର, ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧିରେ ସହାୟକ ହୋଇଥାଏ। ସରକାର ଶିକ୍ଷାର ମାନ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଓ ସୁବିଧା ଯୋଗାଇ ଆସୁଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ଛାତ୍ରୀଛାତ୍ରଙ୍କୁ ସେ ନିଜ ଲକ୍ଷ୍ୟ ସ୍ଥିର କରି ପରିଶ୍ରମ ଓ ଶିକ୍ଷା ଦ୍ୱାରା ସଫଳତା ହାସଲ କରିବାକୁ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାୟକ ଓ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉପସ୍ଥିତ ଥିଲେ। ଏହାସହ ଆଲୁମନି ଏବଂ ଉପଦେଷ୍ଟା ଭାବେ ରାମଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ସଭାପତିଭାବେ ହାଡ଼ିବନ୍ଧୁ ପଟ୍ଟନାୟକ କାର୍ଯ୍ୟଭାର ନିର୍ବାହ କରିଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ପଣ୍ଡା ବିଦ୍ୟାଳୟର ଇତିହାସ, ସଫଳତା ଓ ଉନ୍ନତି ଯାତ୍ରା ଉପରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା 'ଆନନ୍ଦାୟନ' କୁ ଉନ୍ମୋଚିତ କରିଥିଲେ। ଉତ୍ସବରେ ବହୁ ସଂଖ୍ୟକ ପୁରାତନ ଛାତ୍ର, ଶିକ୍ଷକ ଓ ସ୍ଥାନୀୟ ଲୋକ ଯୋଗଦେଇଥିଲେ।


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in





# ଆଜି କ'ଣ କେଉଁଠି

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ତରଫରୁ ପିଠା ଷ୍ଟାଟ୍ ଆୟୋଜନ, ସ୍ଥାନ: ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୯ଟା।
- କେନ୍ଦ୍ର ସରକାରଙ୍କ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- ଐତିହାସିକ ଇଦଗାପଡ଼ିଆକୁ ଜବରଦଖଲ ମୁକ୍ତ କରି ଆକର୍ଷଣୀୟ ସ୍ମୃତି ସ୍ତମ୍ଭ ସ୍ଥାପନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଇଦ୍‌ଗା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ନ କରିବା ଦାବିରେ ନାଗରିକ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ କଚେରୀ ଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତୁଳସୀପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ବିଚାରପତି ବିମଳ ପ୍ରସାଦ ଦାସଙ୍କ ଆତ୍ମଜୀବନୀ ପୁସ୍ତକ ମାଇଁ ଜର୍ନି ଇନ୍ ଲାଇଫ ଆଣ୍ଡ ଲ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ହୋଟେଲ ପ୍ରମୋଦ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ : ଶିକ୍ଷକ ଭବନ, ଖଇରା,ସମୟ : ସକାଳ ୭ଟା।
- ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ଓ ଧବଳେଶ୍ୱରଙ୍କ ପ୍ରସିଦ୍ଧ ପାଟ ଉତ୍ସବ,ସ୍ଥାନ: ମନ୍ଦିର ପରିସର, ଭୋଗରାଇ, ସମୟ: ସକାଳ ୮ଟା।
- ପାରମ୍ପରିକ ଖାଦ୍ୟ ପରିବେଷଣ ପ୍ରତିଯୋଗିତା,ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍,ସମୟ : ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ : ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ

- ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ତୋଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ସକାଳ ୭ଟା।
- ପଞ୍ଚମୁଖି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା ୩୦।
- ହିନ୍ଦୁ ନବବର୍ଷ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଚାଚେରି ଛକ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଯୋଡ଼ା ମହୋତ୍ସବର ଉଦ୍‌ଘାଟନ, ରୋଡ ସୋ, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ବାବା ଜଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଷୋହଳ ପ୍ରହର ଅଖଣ୍ଡ ହରିନାମ ଯଜ୍ଞ,ସ୍ଥାନ: ମନ୍ଦିର ପ୍ରାଙ୍ଗଣ ଯଜ୍ଞ ମଣ୍ଡପ, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ,ସ୍ଥାନ:ରାଢ଼ୋ ଦୁର୍ଗା ମଣ୍ଡପ ଛକ, ଉଦଳା,ସମୟ:ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ଜାମଶୋଳା ଚକଶୁଳିଆପଦା କଲେଜ, ସାରସକଣା, ସମୟ:ପୂର୍ବାହ୍ନ ୧୦ଟା।
- ରାଧା ଗୋବିନ୍ଦ ମହାପ୍ରଭୁଙ୍କ ଅଖଣ୍ଡ ଅଷ୍ଟପ୍ରହର ହରିନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ବାଉଁଶଦା(ପୁରୁଣାସାହି) ଗ୍ରାମ ହରିମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା ୧୫।
- ପାଣ୍ଡରା ଚୈତ୍ର ପର୍ବ କମିଟି ପକ୍ଷରୁ ବାବା ପାଣ୍ଡବେଶ୍ୱର ମହାଦେବଙ୍କ ଚୈତ୍ର ପର୍ବ, ମାନସିକଧାରୀଙ୍କ ଜିଭ ଫୋଡ଼ି ଓ ଶରୀରରେ କଣ୍ଟା ପାଟ,ସ୍ଥାନ:ପାଣ୍ଡବେଶ୍ୱର ବାବାଙ୍କ ପୀଠ ପ୍ରାଙ୍ଗଣ,ସମୟ: ଅପରାହ୍ନ ୪ଟା ୩୦।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଭରଦ୍ୱାଜ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହରିହର ନଗର, ସମୟ: ସକାଳ ୮ଟା ୩୦।
- ନାଗରିକ ସମାଜର ଗଣଧାରଣା, ସ୍ଥାନ: ଆରଡିସି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବେଲଗୁଣ୍ଠା ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ ଟା।
- ବିଡିଓଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଭଞ୍ଜନଗର ବ୍ଲକ୍ ବ୍ରାହ୍ମଣପଦର, ସମୟ: ସକାଳ ୯ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ବ୍ଲକ ବାଲିସିରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ନାରାୟଣୀ ଯାତ୍ରା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଯାତ୍ରା କମିଟି କାର୍ଯ୍ୟାଳୟ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- କବିତା ପାଠୋତ୍ସବ, ସ୍ଥାନ: ବହିମେଳା ପରିସର, ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ଝୋଟି, ମୁରୁଜ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ପିଠାପଣା ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଓଡ଼ିଆ ପାରମ୍ପରିକ ଖାଦ୍ୟ ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ ଟା ୩୦।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଖୋ ଖୋ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ଆୟୋଜନରେ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ସଙ୍ଗୀତ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସାମ୍ବାଦିକ ଭବନ, ସମୟ, ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା।
- ଶ୍ରୀଶ୍ରୀ ଗୌର କଥା କାର୍ଯ୍ୟକ୍ରମ, ସ୍ଥାନ : ମହାନ୍ତିପଡ଼ା ସ୍ଥିତ ନିତାଇ ଗୌର ମାତା ମଠ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ, ସମୟ: ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ।
- ସିଏମ୍ ଟ୍ରଫି ଭଲିବଲ ଚାମ୍ପିୟନଶିପ୍ ୨୦୨୬ ଉଦ୍‌ଘାଟନୀ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୮ଟା ।
- ମା' ତାରିଣୀ ମନ୍ଦିର ପ୍ରତିଷ୍ଠା ଓ ପଞ୍ଚକୁଣ୍ଡୀୟ ମହାଯଜ୍ଞ,ସ୍ଥାନ: କଣ୍ଟାବାଞ୍ଜି ବଙ୍ଗୋମୁଣ୍ଡା ୪୨ ନଂ ରାଜ୍ୟ ରାଜପଥ, କୋଦୋଭଟା,ସମୟ : ପୂର୍ବାହ୍ନ ୯ ଟା ୩୦।
- ଓଡିଶା ପକ୍ଷ ପାଳନ,ସ୍ଥାନ: ତୁରେକେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର,ତୁରେକେଲା,ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାବାଞ୍ଜି ନଗର କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ବିଦ୍ୟୁତ୍ ସବ୍‌ଡିଭିଜନ ଅଫିସ, କଣ୍ଟାବାଞ୍ଜି, ସମୟ : ପୂର୍ବାହ୍ନ ୧୦ଟା।

## ରାଉରକେଲା

- ସିଏମ୍ ଟ୍ରଫିର ୪ର୍ଥ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ସୋଲାପୁରୀ ଶୀତଳା ମାତା ପୂଜା, ସ୍ଥାନ: ରେଳବାଇ କଲୋନୀ, ସମୟ: ସକାଳ ୯ଟା।

## ବରଗଡ଼

- ଶିବପୁରାଣ ପଠନ,ସ୍ଥାନ:ମହାପାତ୍ର କଲ୍ୟାଣ ମଣ୍ଡପ,ସରଣ୍ଡା,ସମୟ:ସକାଳ ୭ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଅତାବିରା,ସମୟ:ସକାଳ ୭ଟା।
- ହନୁମାନ ଜୟନ୍ତୀ ଅବସରରେ ରାମାୟଣ ପାରାୟଣ,ସ୍ଥାନ:ଭେଲୁଆଁପଦର, ଗାଇସିଲେଟ, ସମୟ: ସକାଳ ୯ଟା।
- ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ବୈଠକ, ସ୍ଥାନ:କୃଷି କାର୍ଯ୍ୟାଳୟ, ଅତାବିରା,ସମୟ:ପୂର୍ବାହ୍ନ ୧୦ଟା।
- ତୁଳସୀ ରାମାୟଣ ନବାହ ପାରାୟଣ ( ରାବଣ ବଧ ଓ ଶ୍ରୀରାମଙ୍କ ରାଜ୍ୟାଭିଷେକ) ସ୍ଥାନ:ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା,ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ: ସକାଳ ୭ଟା।
- ଆମ ରୁଚି ଆମ ଖାଦ୍ୟ, ସ୍ଥାନ: ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ସକାଳ ୯ଟା।
- ପଣାସଂକ୍ରାନ୍ତି ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବ୍ରିଜ ଛକ ବୌଦ୍ଧ, ସମୟ: ଅପରାହ୍ନ ୪ଟା।
- ବୌଦ୍ଧ ଗଡଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରା ଶେଷ ଓ ଶ୍ରୀରାମଚନ୍ଦ୍ରଙ୍କ ରାଜାଭିଷେକ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତ୍ର ୯ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପିଠା ପଣା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ସ୍ଥିତ ଡିଏମ୍‌ସି ପାର୍କ, ସମୟ: ଅପରାହ୍ନ ୪ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ତମାପୁରା ଗ୍ରାମପଞ୍ଚାୟତ ପରିସର, ସମୟ: ସକାଳ ୭ଟା୩୦।

## ନୂଆପଡ଼ା

- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ:ନୂଆପଡା ସଦର ବ୍ଲକ ସାଇପଲା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋମନା, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ରିଷିପିଠ ଯୋଗୀମଠ ମହୋତ୍ସବ ଚତୁର୍ଥ ସନ୍ଧ୍ୟା ଉଦ୍‌ଯାପନ, ସ୍ଥାନ: ଖଡ଼ିଆଳ ବ୍ଲକ ତୁକଳା ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଯୋଗୀମଠ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରି ଅର୍କେଷ୍ଟ୍ରା, ସ୍ଥାନ: ଖଡିଆଳ ବ୍ଲକ ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆ, ତୁକଳା, ସମୟ: ରାତି ୯ଟା ୩୦।

## ଝାରସୁଗୁଡ଼ା

- ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଝାରସୁଗୁଡ଼ା ସ୍ଥିତ ଓଏସ୍‌ଏପି ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ଝାରସୁଗୁଡ଼ାସ୍ଥିତ ମନମୋହନ ଖେଳପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପାପଗ୍ରହ ଯୁକ୍ତ ଏକାଦଶସ୍ଥ ଚନ୍ଦ୍ର ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସୁସମ୍ପର୍କ କ୍ଷେତ୍ରରେ ବାଧା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ରମେ କାମରେ ଲାଗିପଡନ୍ତୁ, ଅବଶ୍ୟ ଅଳ୍ପ ସମୟ ପରେ ସବୁ ଠିକ୍ ହୋଇଯିବ। ଅତୀତର କେତେକ କୃତକର୍ମ ପାଇଁ ଅନୁତାପ କରିପାରନ୍ତି।

**ବୃଷ** ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଯୋଗୁ ମନରେ ସାମୟିକ ଉତ୍ତେଜନା ଲାଗି ରହିବ। ବହୁତ ଦିନ ଧରି ଯାହା ଖୋଜୁଥିଲେ ଆଜି ତାହା ଠିକ୍ ସମୟରେ ପାଇଯିବେ। ଉପକୃତ ହୋଇଥିବା ନିଜର ଲୋକଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ନିଜ କାମ ଛାଡି ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବହୁତଦିନରୁ ଦେଖି ନ ଥିବା ସାଙ୍ଗଟି ନିଜ ତରଫରୁ ସହଯୋଗର ହାତ ବଢାଇବ ଓ ହସି ହସି କଥା ଆରମ୍ଭ କରିବ। ବ୍ୟବସାୟରେ ଲାଭ ହେବ। ପରିବାରର କୌଣସି ବିବାଦୀୟ ପରିସ୍ଥିତି ସମାଧାନ ସକାଶେ ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ଅଷ୍ଟମସ୍ଥିତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ବଦଳିଯିବ ଏବଂ ରାହୁଙ୍କ ସଂଯୋଗରୁ କୌଣସି ସମସ୍ୟା ଆସିପାରେ। ଯେତେ ବନେଇ ଚୁନେଇ କହିଲେ ମଧ୍ୟ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝି ପାରିବେ ନାହିଁ। ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡିବା ପାଇଁ ପରିବାର ସହ ଆଲୋଚନା କରିପାରନ୍ତି।

**ସିଂହ** ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ସମାଧାନ ହୋଇଯିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ବେଖାତିର ମନୋଭାବ ଓ କଟୁକ୍ତି ମନରେ ଦୁଃଖଦେବ। କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି କଥା ଠିକ୍ ରହିବ ନାହିଁ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ।

**କନ୍ୟା** ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇବେ କୌଣସି ଅସୁବିଧା ହେବନି। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। ପ୍ରକାଶନ,ପ୍ରଶାସନ,ଆନୁଷ୍ଠାନିକ କାମ, ସାମ୍ବାଦିକତା ତଥା ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସଫଳତା ପାଇବେ।

**ତୁଳା** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ ଯାହାକି ଆପଣଙ୍କୁ ଧର୍ମସଙ୍କଟରେ ପକାଇପାରେ। ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢିବଢି ଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହିବା ଭଲ।

**ବିଛା** ପୂର୍ବାବସ୍ଥାର ପରିବର୍ତ୍ତନ ଲକ୍ଷ୍ୟ କରି କେତେକ କ୍ଷେତ୍ରରେ ଆଶାବାଦୀ ହେବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି ପଦକ୍ଷେପ ନ ନେଲେ ପରିସ୍ଥିତି ବିଗିଡି ଯାଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ପାଇଁ ଦିନଟି ଭଲ। ଆଜି ସବୁ କଥାକୁ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**ଧନୁ** ଧନାଧିପତି କେନ୍ଦ୍ରସ୍ଥ ଯୋଗୁ ଅର୍ଥ ସମ୍ପର୍କିତ କଥାବାର୍ତ୍ତାରେ କୌଣସି ବାଧା ଉପୁଜିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟିକରିପାରନ୍ତି। ସ୍ୱାର୍ଥସାଧନ ମାନସରେ ପଡୋଶୀମାନେ ଆପଣଙ୍କର ଭୂରିଭୂରି ପ୍ରଶଂସା କରିବେ। ପିଲାଙ୍କ ପଢା ସମସ୍ୟା ନେଇ ଚିନ୍ତିତ ରହିବେ।

**ମକର** ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟାଗୁଡିକର ସରଳ ସମାଧାନ କରିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ଦୀର୍ଘ ଦିନରୁ ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସାମୟିକ ମନକୁ ହାଲୁକା କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଯାହାଠାରୁ ଋଣ ଆଣିଥିବେ ସେ ଆଜି ହଠାତ୍ ଆସି ବିଭିନ୍ନ ପ୍ରକାର କଟୁକ୍ତି ପ୍ରକାଶ କରିପାରେ। ସମସ୍ୟା ଆସିଲେ ମଧ୍ୟ ଆପଣ ପାଖପଡୋଶୀଙ୍କ ସହାୟତା ଲାଭକରି ସମାଧାନ କରିପାରିବେ। ନିଜ ଲୋକ ଅଭିଯୋଗ ଆଣିପାରନ୍ତି।

**ମୀନ** ବନ୍ଧୁବର୍ଗଙ୍କ ସହ ଆଲୋଚନା ମାଧ୍ୟମରେ ପରିବାରରୁ ଭୁଲ ବୁଝାମଣା ଦୂରେଇଯିବ। ପ୍ରଶାସନିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ବାକ୍ ବିତଣ୍ଡା ଘଟିପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ। ସାହିତ୍ୟ ଓ ଚଳଚ୍ଚିତ୍ର, ମନୋରଞ୍ଜନ କ୍ଷେତ୍ରରେ ରହିଥିବା ସମସ୍ୟାଗୁଡିକର ସମାଧାନ ହୋଇଯିବ।

ଆଜି ଏପ୍ରିଲ ୧୩ ତାରିଖ, ବୈଶାଖ କୃଷ୍ଣ ଏକାଦଶୀ ସୋମବାର। ରାଶିନକ୍ଷତ୍ର–ଧନିଷ୍ଠା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ, ଘ.୦୭।୦୭ ମଧ୍ୟେ, ଘ. ୧୦।୩୨ ଗତେ, ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୦୭ ଗତେ, ଘ. ୦୮।୪୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝପଟି ଆଇଲି ଝପଟି ଗଲି**
**ପରୁଡ଼ି ମଶିଣା ପଡ଼ିଛି,**
**ସରୁ ଚୁଡ଼ାଖିଆ ମଉନମୁହାଁ**
**ଭାଉଜ ଶିକ୍ଷାରେ ପଡ଼ିଛି।**

ପ୍ରାପ୍ତ ବୟସ୍କ ଦୁଇ ପୁରୁଷ–ନାରୀଙ୍କ ମଧ୍ୟରେ ପ୍ରେମ, ପ୍ରଣୟ ଓ ଦୈହିକ ଆକର୍ଷଣ ରହିବା ସ୍ୱାଭାବିକ। ହେଲେ ଏହା ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ କୁହାଯାଇଥାଏ। ବିବାହ ପାଇଁ ଆୟୋଜନ ଅବ୍ୟାହତ ରହିଥିଲେ ସୁଦ୍ଧା ଦିଅର ନିଜ ଭାଉଜ ଜାଲରେ ପଡ଼ି ଦିନ ଗଡ଼ାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ କା'ର ପୁଅ କା'ର**
**ବାଇଦ ବାଜୁଛି ଯା'ର ତା'ର।**

ସଂସାରରେ ପ୍ରତି ଘରର ପୁଅ ଝିଅ ବଦଳ ରୀତିରେ ଉପସ୍ଥାପିତ ହୋଇଥାନ୍ତି। ଅର୍ଥାତ୍ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ୨୧ ଘଣ୍ଟାର ...

ପକ୍ଷ ଗ୍ରହଣ କଲାନାହିଁ। ଆମ ସର୍ତ୍ତାବଳୀକୁ ଗ୍ରହଣ କରିବା ଭଳି କୌଣସି ସ୍ଥିତି ଇରାନୀୟ ପକ୍ଷଙ୍କଠାରେ ପାଇପାରିଲୁ ନାହିଁ ବୋଲି ଆମେରିକା ଉପରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ଇରାନର ମୁଖ୍ୟ ବୁଝାମଣାକାରୀ ଘଲିବାଫ୍ ରବିବାର କହିଛନ୍ତି, ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦ ଲକ୍ଷ୍ୟରେ ପାକିସ୍ତାନରେ ଚାଲିଥିବା ଆଲୋଚନାରେ ଆମେରିକା ଇରାନର ବିଶ୍ୱାସ ଜିତିବାରେ ବିଫଳ ହେଲା। ଇରାନ ପ୍ରତିନିଧି ଦଳ ଭବିଷ୍ୟତକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରିଥିଲେ। କିନ୍ତୁ ବିପକ୍ଷ ଟିମ୍ ଆମ ପ୍ରତିନିଧିଙ୍କ ବିଶ୍ୱାସ ଜିତିପାରିଲା ନାହିଁ। ଏକ ସମାଧାନ ଚୁକ୍ତିରେ ପହଞ୍ଚିବା ପାଇଁ ସଦିଚ୍ଛା ଜରୁରୀ ବୋଲି ଆଲୋଚନା ପୂର୍ବରୁ ଘଲିବାଫ୍ ଗୁରୁତ୍ୱାରୋପ କରିଥିଲେ। କିନ୍ତୁ ପୂର୍ବରୁ ହୋଇଥିବା ୨ଟି ଯୁଦ୍ଧର ଅଭିଜ୍ଞତାରୁ ବିରୋଧୀ ପକ୍ଷଙ୍କ ଉପରେ ଆମର ବିଶ୍ୱାସ ରହିଲା ନାହିଁ ବୋଲି ସେ କହିଛନ୍ତି। ଆମ ତର୍କ ଓ ନୀତିକୁ ଆମେରିକା ବୁଝିପାରିଛି। ତେଣୁ ସେମାନେ ଆମ ବିଶ୍ୱାସ ଜିତିପାରିବେ କି ନାହିଁ ସେମାନେ ତାହାର ନିଷ୍ପତ୍ତି ନେବାର ସମୟ ଆସିଛି ବୋଲି ଇରାନ ପାର୍ଲାମେଣ୍ଟ ବାଚସ୍ପତି କହିଛନ୍ତି।

ଇସ୍‌ଲାମାବାଦରେ ଇରାନ ଓ ଆମେରିକାର ଉଚ୍ଚକ୍ଷମତାସମ୍ପନ୍ନ ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଚାଲିଥିବା ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଥିଲା। ଇରାନର ଆଣବିକ କାର୍ଯ୍ୟକ୍ରମ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଉପରେ ନିୟନ୍ତ୍ରଣ ଏବଂ ତେହରାନ୍‌ର ଅଟକି ରହିଥିବା ସମ୍ପତ୍ତିକୁ ମୁକ୍ତ କରିବା ନେଇ ବୁଝାମଣାକାରୀମାନେ କୌଣସି ନିଷ୍କର୍ଷରେ ପହଞ୍ଚିବାରେ ବିଫଳ ହେଲେ ବୋଲି ଇରାନ ଗଣମାଧ୍ୟମ ରିପୋର୍ଟ କରିଛି।

## ପରଲୋକରେ ଆଶା ...

ସହ ସାରା ବିଶ୍ୱର ଅଗଣିତ ହୃଦୟକୁ ସ୍ପର୍ଶ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୀର୍ଘ ୮ ଦଶନ୍ଧିର କ୍ୟାରିୟର ମଧ୍ୟରେ ଆଶା ଭୋସ୍‌ଲେ ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଜଣାଶୁଣା। ସେ ରୋମାଣ୍ଟିକ୍ ଗୀତଠାରୁ ଆରମ୍ଭ କରି ଗଜଲ ପର୍ଯ୍ୟନ୍ତ ଅନେକ ସ୍ମରଣୀୟ ମେଲୋଡି ଗାଇଛନ୍ତି। ତାଙ୍କର କେତେକ ସବୁଠୁ ଲୋକପ୍ରିୟ ଗୀତ ମଧ୍ୟରେ ରହିଛି 'ଅଭି ନା ଯାଓ ଛୋଡ୍ କର୍', 'ଇନ୍ ଆଖୋଁ କୀ ମସ୍ତି', 'ଦିଲ୍ ଚିଜ୍ କ୍ୟା ହୈ', 'ପିୟା ତୁ ଅବ୍ ତୋ ଆଜା', 'ଦୁନିଆଁ ମେ ଲୋଗୋଁ କୋ' ଏବଂ ଜାରା ସେ ଝୁମ୍ ଲୁନ୍ ମୈଁ', 'ଦମ୍ ମାରୋ ଦମ୍' ପ୍ରମୁଖ। ସେ ବିଭିନ୍ନ ଭାରତୀୟ ଭାଷାରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୀତ ରେକର୍ଡ କରାଇବା ସହ ମୀନା କୁମାରୀ, ମଧୁବାଲା, ଶର୍ମିଳା ଟାଗୋର, ଆଶା ପାରେଖ, ଜିନତ୍ ଅମନ, ରେଖାଙ୍କଠାରୁ ଆରମ୍ଭକରି କାଜୋଲ, ଊର୍ମିଳା ମାତୋଣ୍ଡକର, କରିଷ୍ମା କପୁର, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଶମିତା ସେଟ୍ଟୀଙ୍କ ଭଳି ବଲିଉଡ୍ ଅଭିନେତ୍ରୀ ଏବଂ ପଦ୍ମିନୀ ଓ ବୈଜୟନ୍ତୀମାଳାଙ୍କ ଭଳି ଦକ୍ଷିଣୀ ଅଭିନେତ୍ରୀଙ୍କ ପାଇଁ କଣ୍ଠଦାନ କରିଥିଲେ। ୨୦୨୩ରେ ଆଶା ଦୁବାଇରେ ଏକ ସ୍ୱତନ୍ତ୍ର ସଙ୍ଗୀତ କାର୍ଯ୍ୟକ୍ରମ 'ଆଶା@୯୦: ଲିଭ୍ ଇନ୍ କନ୍‌ସର୍ଟ'ରେ ଗୀତ ପରିବେଷଣ କରି ନିଜର ୯୦ତମ ଜନ୍ମଦିନ ପାଳିଥିଲେ। ଆସନ୍ତା ସେପ୍ଟେମ୍ବର ୮ରେ ସେ ୯୩ ବର୍ଷ ବୟସରେ ପଦାର୍ପଣ କରିଥାନ୍ତେ। ତାଙ୍କ ପରଲୋକ ବହୁ ପିଢ଼ିର ସଙ୍ଗୀତପ୍ରେମୀମାନଙ୍କୁ ଶୋକାଭିଭୂତ କରିଛି।

ଦୀର୍ଘ ଦଶନ୍ଧିର ସଙ୍ଗୀତ ସାଧନା ପାଇଁ ଆଶା ଭୋସ୍‌ଲେ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୮ରେ ତାଙ୍କୁ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା। ସେ ୭ ଥର ଫିଲ୍ମ ଫେୟାର ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ ଗାୟିକା ପୁରସ୍କାର ପାଇଥିବାବେଳେ ୨୦୦୧ରେ ଫିଲ୍ମଫେୟାର ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ, ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟଗାୟିକା ଭାବେ ୨ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ଆଇଫା ପୁରସ୍କାର, ଗ୍ରାମୀ ପୁରସ୍କାର ଏବଂ ୨୦୦୧ରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଥିଲେ।

ମାତ୍ର ୧୦ ବର୍ଷ ବୟସରେ ଆଶା ଭୋସ୍‌ଲେ ତାଙ୍କର ପ୍ରଥମ ସିନେମା ଗୀତ ୧୯୪୩ର ମରାଠୀ ଚଳଚ୍ଚିତ୍ର ମାଝା ବାଲ୍ ପାଇଁ ଗାଇଥିଲେ। ମେଲୋଡି କୁଇନ୍ ସ୍ୱର୍ଗତା ଲତା ମଙ୍ଗେସ୍କରଙ୍କ ସାନଭଉଣୀ ଆଶା ନିଜେ ଜଣେ ଅଗ୍ରଗାମୀ ଗାୟିକା ଥିଲେ। ସେ ସବୁବେଳେ ପାଖରେ ଦିଦିଙ୍କ ପାଇ କୃତଜ୍ଞ ଥିଲେ ମଧ୍ୟ ସବୁବେଳେ ନିଜସ୍ୱ ପରିଚୟ ସୃଷ୍ଟି କରିବାକୁ ଚାହୁଁଥିଲେ। ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର କାହାଣୀ ବହୁ ପୁରୁଣା ହେଲେ ମଧ୍ୟ କେହି କେବେ ବି ଏହାକୁ ସିଧାସଳଖ ସ୍ୱୀକାର କରି ନ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଗଭୀର ଶୋକ

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା) ସୁପ୍ରସିଦ୍ଧ ସଙ୍ଗୀତଶିଳ୍ପୀ ଆଶା ଭୋସ୍‌ଲେଙ୍କ ଦେହାନ୍ତକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ଆଶା ଭୋସ୍‌ଲେଙ୍କ ସର୍ବକାଳୀନ ସୁଲଳିତ କଣ୍ଠର ସ୍ୱର କେବଳ ସଙ୍ଗୀତ ନୁହେଁ, ଏହା ଥିଲା ଭାବନାର ଏକ ଅବିଚ୍ଛିନ୍ନ ଧାରା ; ଯାହା ଅନେକ ପିଢ଼ିର ହୃଦୟକୁ ସ୍ପର୍ଶ କରିଛି। ତାଙ୍କ ଦେହାନ୍ତ ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି । ଏହି ଦୁଃଖଦ ମୁହୂର୍ତ୍ତରେ ତାଙ୍କ ପରିବାରବର୍ଗ, ପ୍ରଶଂସକ ଏବଂ ସମଗ୍ର ସଙ୍ଗୀତ ଜଗତକୁ ହୃଦୟରୁ ସମବେଦନା ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨ ପିଲାଙ୍କୁ ହତ୍ୟା...

ଖୋଲି ନ ଥିଲେ। ଫଳରେ ସେ ନିଜ ବଡ଼ଭାଇଙ୍କୁ ଡାକିବା ସହ ପଛପଟ ଝରକା ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ଘର ଚଟାଣରେ ଜିଜ୍ଞାସା, ବିହାଂଶୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବାବେଳେ ରଞ୍ଜିତା ନିଜ ଗଳାକୁ ପନିକିରେ କାଟୁଥିବା ସେ ଦେଖିଥିଲେ। ତୁରନ୍ତ ସୀତାରାମ ରଞ୍ଜିତାଙ୍କ ହାତରୁ ପନିକି ଛଡ଼ାଇବା ସହ ଘରର କବାଟ ଖୋଲିଥିଲେ। ଖବରପାଇ ପଡୋଶୀ ତାଙ୍କ ଘର ସମ୍ମୁଖରେ ଜମା ହୋଇଥିଲେ। ଏ ସମ୍ପର୍କରେ ସୀତାରାମଙ୍କ ବଡ଼ଭାଇ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ୨ଟି ଆମ୍ବୁଲାନ୍ସରେ ୩ ଜଣଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଜିଜ୍ଞାସା ଏବଂ ବିହାଂଶୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରଞ୍ଜିତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ପନିକିକୁ ପୋଲିସ ଜବତ କରିଛି। ଅପରପକ୍ଷେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଓ ସ୍ୱାମୀଙ୍କ ପରକୀୟା ପ୍ରୀତି ଯୋଗୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଏସ୍‌ପି କହିଛନ୍ତି, ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ରଞ୍ଜିତାଙ୍କ ବୟାନ ରେକର୍ଡ କରିଛି। ଅନ୍ୟ ମହିଳାଙ୍କ ସହ ସୀତାରାମ ସମ୍ପର୍କ ରଖିବାରୁ ରାଗରେ ୨ ପିଲାଙ୍କୁ ହତ୍ୟା କରିଥିବା ରଞ୍ଜିତା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବିମାନବନ୍ଦର ଥାନାରେ ହତ୍ୟା ମାମଲା(ନଂ.୬୯/୨୬) ରୁଜୁ ହୋଇଛି।

# ଗିରଫ ଇମ୍ରାନ ହନିଟ୍ରାପ୍‌ରେ ଫସିଥିବା ସନ୍ଦେହ

**ଦେଶ ବିରୋଧୀ ପୋଷ୍ଟ ଘଟଣା**



- ନୋଡାଲ ଏଜେନ୍ସି ଭାବେ ତଦନ୍ତ କରିବ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ
- ଆବଶ୍ୟକ ସ୍ଥଳେ ଏନ୍‌ଆଇଏକୁ ସମସ୍ତ ତଥ୍ୟ ଦିଆଯିବ: ଏସ୍‌ଟିଏଫ୍ ଏସ୍‌ପି
- ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ନେଇ ଖୋଳତାଡ଼ ଆରମ୍ଭ

ଭୁବନେଶ୍ୱର,୧୨।୪(ତ୍ରିନାଥ ମହାନ୍ତି)

ଦେଶ ବିରୋଧୀ ପୋଷ୍ଟ ଓ ଅନ୍ୟ କେତେକ ସନ୍ଦେହଜନକ କାର୍ଯ୍ୟ ପାଇଁ ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ଗିରଫ ହୋଇଥିବା କଟକର ଶେଖ୍ ଇମ୍ରାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ଦିଲ୍ଲୀ ପୋଲିସ ତଦନ୍ତ ଚଳାଇଛି। ତାଙ୍କୁ ପଚରାଉଚରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଏପଟେ ଓଡ଼ିଶା ପୋଲିସ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ନୋଡାଲ ଏଜେନ୍ସି ଭାବେ ତଦନ୍ତ କରିବ। ଇମ୍ରାନଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ଦିଲ୍ଲୀ ପୋଲିସ କିମ୍ବା ଜାତୀୟ ତଦନ୍ତ ସଂସ୍ଥା(ଏନ୍‌ଆଇଏ)ର ସୂଚନା ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇବ। ଇତିମଧ୍ୟରେ ଇମ୍ରାନ୍ ଗିରଫ ପରେ ଏନ୍‌ଆଇଏ ମଧ୍ୟ କ୍ୟାପିଟାଲ ଥାନା ପୋଲିସଠାରୁ ଏ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରିଛି। ଆବଶ୍ୟକସ୍ଥଳେ ଏନ୍‌ଆଇଏକୁ ସମସ୍ତ ତଥ୍ୟ ଦିଆଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି।

ଏହା ଭିତରେ ଇମ୍ରାନ ହନିଟ୍ରାପର ଶିକାର ହୋଇଥିବା ଖବରକୁ ନେଇ ଚର୍ଚ୍ଚା ଜୋର୍‌ଧରିଛି। ଇମ୍ରାନ୍ ଅନ୍‌ଲାଇନ୍ ଖାଦ୍ୟ ଡେଲିଭରି କାମ କରୁଥିବା ବେଳେ କିଛି ମାସ ହେବ ସେ କାମ ଛାଡ଼ି ଦେଇଥିଲେ। ବାହାରକୁ ବାହାରୁ ନ ଥିବା ବେଳେ ଘରେ ସବୁବେଳେ ମୋବାଇଲ ଧରି ବସୁଥିଲେ ବୋଲି ତାଙ୍କ ବାପା ଗଣମାଧ୍ୟମକୁ କହିଥିଲେ। ତେଣୁ ସେ ମୋବାଇଲ୍ ଦ୍ୱାରା ହନିଟ୍ରାପ୍‌ର ଶିକାର ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ସହ ଲିଙ୍କ୍ ଥିବା ଯୁବତୀ ତାଙ୍କୁ ହନିଟ୍ରାପ୍‌ରେ ଫସାଇ ଥାଇପାରନ୍ତି। ସେ ସୋସିଆଲ ମିଡିଆରେ ଦେଶବିରୋଧୀ ପୋଷ୍ଟ କରୁଥିବାବେଳେ ସମ୍ପୃକ୍ତ ଯୁବତୀଙ୍କୁ ଗୁପ୍ତ ତଥ୍ୟ ଦେଇଥିବା ଆଶଙ୍କାରେ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ, ଏନ୍‌ଆଇଏ ଓ ଦିଲ୍ଲୀପୋଲିସ ଖୋଳତାଡ଼ ଚଳାଇଥିବା ଜଣାପଡିଛି। ଇମ୍ରାନ କ'ଣ କରୁଥିଲେ। ଓଡ଼ିଶାରେ କାହା କାହା ସହ ଲିଙ୍କ୍‌ରେ ରହିଥିଲେ। ସୋସିଆଲ ମିଡିଆରେ ଦେଶ ବିରୋଧୀ ପୋଷ୍ଟ ପାଇଁ କିଏ ପ୍ରୋତ୍ସାହିତ କରୁଥିଲେ। ତାଙ୍କ ଆକାଉଣ୍ଟକୁ କେଉଁଠୁ ଟଙ୍କା ଆସୁଥିଲା। ଏସବୁ କିଛି ତଥ୍ୟ ସଂଗ୍ରହ କରୁଛି ତଦନ୍ତକାରୀ ସଂସ୍ଥା।

ବଡ଼ କଥା ହେଲା ମାଟ୍ରିକ ଫେଲ୍ ଶେଖ୍ ଇମ୍ରାନ ମୋବାଇଲ୍‌ରେ ପୂରା ସ୍ମାର୍ଟ ଥିଲେ। ସେ କେବେ ରାଜ୍ୟ ବାହାରକୁ ଯାଇ ନ ଥିବା କଥା ତାଙ୍କ ବାପା କହୁଥିଲେ ମଧ୍ୟ ଇମ୍ରାନ ଦିଲ୍ଲୀ ଯାଇଥିବା ନେଇ ଦିଲ୍ଲୀ ପୋଲିସକୁ ମିଳିଥିବା ସୂଚନା ସନ୍ଦେହ ସୃଷ୍ଟି କରିଛି। ସେ କୁଆଡେ ଦିଲ୍ଲୀ ଯାଇ ଫେରିବା ପରେ ସୋସିଆଲ ମିଡିଆରେ ଜାତିଆଣ ମନ୍ତବ୍ୟ ସହ ଦେଶଦ୍ରୋହ ସମ୍ପର୍କିତ ପୋଷ୍ଟ କରିଥିବା ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ନଜରକୁ ଆସିଥିଲା। ଏବେ ଏପରି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଲାଗିଛି। ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଇମ୍ରାନଙ୍କ ସହଯୋଗୀ ରହିଥିବା ଜଣାପଡିଛି। ତେବେ ହନିଟ୍ରାପ କରାଇଥିବା ଯୁବତୀ ଜଣକ କିଏ, ସେ ନେଇ ଅଧିକ ଖୋଳତାଡ଼ ଚାଲିଥିବା ସୂଚନା ଦେଇଛନ୍ତି ଏସ୍‌ଟିଏଫ ଏସ୍‌ପି।

ଏପଟେ ଇମ୍ରାନଙ୍କ ବାପା ଶେକ୍ ଅମିର ତାଙ୍କ ପୁଅ ନିର୍ଦ୍ଦୋଷ ବୋଲି କହୁଛନ୍ତି। ଯିଏ ମାଛିକୁ ମ ବୋଲି କହେ ନାହିଁ, ସେ କିଭଳି ଦେଶଦ୍ରୋହୀ କାମ କରିବ। ସେ କେବଳ ମୋବାଇଲ୍ ୨୪ ଘଣ୍ଟା ବ୍ୟବହାର କରୁଥିଲେ। ମୋବାଇଲ୍‌ରେ ଗେମ୍ ଖେଳି କିଛି ଭୁଲ୍ ସାଇଟ୍‌କୁ ଖୋଲି ଦେଇଥିବ ବୋଲି ତାଙ୍କ ବାପା କହିଛନ୍ତି।

# ନୀଳଗିରି ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନୀଳଗିରି,୧୨।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ପାଇକପଡ଼ା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସ୍ୱର୍ଗତ ଅନାମ ନାଏକଙ୍କ ପୁଅ ଶ୍ରୀକାନ୍ତ ନାଏକ (୪୦)। ସେ ହତ୍ୟା ଅଭିଯୋଗରେ ବିଚାରାଧୀନ କଏଦୀଭାବେ ଜେଲରେ ଥିଲେ।

ସୂଚନା ଅନୁଯାୟୀ, ଶ୍ରୀକାନ୍ତ ଗତ ୨୦୨୧ ଜୁନ୍ ୧୯ରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ଏ ନେଇ ଔପଦା ଥାନାରେ ୪୩/୨୧ରେ ମାମଲା ରୁଜୁହୋଇ ବାଲେଶ୍ୱର ଜେଲରେ ବିଚାରାଧୀନ ବନ୍ଦୀ ଭାବରେ ରହିଥିଲେ। ଘଟଣାରେ ଶ୍ରୀକାନ୍ତଙ୍କୁ ଭାରତୀୟ ପିଙ୍ଗଲକୋଡ୍ ୩୦୨ଦଫାରେ ବିଚାରାଧୀନ କଏଦୀ ଭାବରେ ମାମଲା ଚାଲୁଥିଲା। ୮ସେପ୍ଟେମ୍ବର ୨୫ରେ ନୀଳଗିରି ଜେଲକୁ ସ୍ଥାନାନ୍ତର ହୋଇ ଆସିଥିଲେ। ତେବେ ରବିବାର ଅପରାହ୍ନ ପ୍ରାୟ ୨ଟା ୫୦ରେ ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଦେହହାତ ଥରିବାରୁ ଜେଲ କର୍ତ୍ତୃପକ୍ଷ ନୀଳଗିରି ମେଡିକାଲକୁ ଆଣିଥିବା ଜେଲର ସୂପକ କୁମାର ନାୟକ ସୂଚନା ଦେଇଛନ୍ତି। ମାତ୍ର ହସ୍ପିଟାଲ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ମୃତକଙ୍କ ଝିଅ ଗୌରୀ ନାୟକ ନୀଳଗିରି ମେଡ଼ିକାଲରେ ପହଞ୍ଚି ବାପାଙ୍କ ମୃତ୍ୟୁକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା

ଗୋପାଳପୁର/ବ୍ରହ୍ମପୁର,୧୨।୪
(ନବୀନରାଜ ଆଚାରୀ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ରବିବାର ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ପଞ୍ଚମା ଗ୍ରାମର ଏକାଦଶୀ ନାୟକ (୬୫)। ଗାଁରେ ଝଡ଼ାଫୁଙ୍କା କରୁଥିବା ଏକାଦଶୀ ଅପରାହ୍ନ ପ୍ରାୟ ୨ଟାରେ ଘରୁ ବାହାରି ନିଜ ପାନବାଡ଼କୁ ସାଇକେଲରେ ଯାଉଥିବା ବେଳେ କମଳିଆ ଆମ୍ବତୋଟାରେ ସଂଘବଦ୍ଧ ଭାବେ ତାଙ୍କ ବେକ ଓ ହାତକୁ ହାଣି ହତ୍ୟା କରାଯାଇଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି। ଖବରପାଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ., ସଦର ଏସ୍‌ଡିପିଓ ଓ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନେଇଛି। ଏନେଇ ମୃତ ଏକାଦଶୀଙ୍କ ପୁଅ ଶଙ୍କର ନାହାକଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୧୪୪/୨୬ରେ ଏକ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଏକାଦଶୀ ଝଡାଫୁଙ୍କା କାମ କରୁଥିବାରୁ ତାଙ୍କ ଉପରେ କାହାର ସନ୍ଦେହ ହୋଇଛି। ଗୁଣିଗାରେଡିକୁ କେନ୍ଦ୍ରକରି ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଇଛି। ସେ ଦିଗରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ ହୋଇଛି। ପୋଲିସ ଘଟଣାସ୍ଥଳରୁ ମୃତକଙ୍କ ସାଇକେଲ ଜବତ କରିଛି। ଏକାଦଶୀଙ୍କୁ କିଏ ଓ କାହିଁକି ହତ୍ୟା କଲେ ତାହାକୁ ନେଇ ଅଞ୍ଚଳରେ ନାନା କଳ୍ପନାଜଳ୍ପନା ଜାରି ରହିଛି।



ବ୍ରହ୍ମପୁର ଏସ୍‌ପି ଓ ଏସ୍‌ଡିପିଓ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# 'ମହିଳାଙ୍କୁ ୩୩% ସଂରକ୍ଷଣ ବିକଶିତ ଭାରତର ଆଧାରଶିଳା ହେବ'




ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ (ବାମରୁ) ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, ଏମ୍‌ପି ଅନୀତା ଶୁଭଦର୍ଶିନୀ ଓ କସ୍ତୁରୀ ମିଶ୍ର।

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)

ସଂସଦରେ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତ୍ରି-ଦିବସୀୟ ମାତୃଶକ୍ତି ବନ୍ଦନ ଅଧିନିୟମ ଉପରେ ବିଶଦ୍ ଚର୍ଚ୍ଚା ହେବ। ଏହା କେବଳ ଦେଶର ନାରୀଶକ୍ତିକୁ ୨୦୨୯ ମସିହାରେ ସଂସଦ ଓ ବିଧାନସଭାରେ ଏକ ତୃତୀୟାଂଶ ସଂରକ୍ଷଣ ଦେବ ତାହା ନୁହେଁ ବରଂ ୨୦୪୭ରେ ବିକଶିତ ଭାରତର ସ୍ୱପ୍ନକୁ ସଫଳ ରୂପାୟନ କରିବାର ଆଧାରଶୀଳା ହେବ। ଏହା ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତ ବେଳା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି, ଏହା ମହିଳାଙ୍କ ନେତୃତ୍ୱରେ ଅର୍ଥନୈତିକ ବିକାଶର ରାସ୍ତା ଖୋଲିବ। ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତୀକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ନେତୃତ୍ୱ-୭ 'ସ' ହେଉଛି ନାରୀ ଅଧିକାର ପାଇଁ ମୂଳ ଆଧାର। ମହିଳାଙ୍କୁ ସ୍ଥାନ ସଂରକ୍ଷଣ ନୁହେଁ ବରଂ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ଦୀର୍ଘଦିନର ବହୁ ପ୍ରତୀକ୍ଷିତ ଶୁଭ ମୁହୂର୍ତ୍ତର ଶୁଭାରମ୍ଭ ହେବ। ୨୦୨୩ରେ ୧୨୮ତମ ସମ୍ବିଧାନ ସଂଶୋଧନ ଭାରତ ଇତିହାସର ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଆମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ କେବଳ ମହିଳା ପ୍ରତିନିଧି ବୃଦ୍ଧିରେ ସୀମିତ ନୁହେଁ ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ, ସମ୍ବେଦନଶୀଳ ଏବଂ ପ୍ରଭାବଶାଳୀ କରିବା ଦିଗରେ ଏକ ଦୃଢ଼ ପ୍ରୟାସ ହେବ। ୩୩ ପ୍ରତିଶତ ମହିଳା ସଂରକ୍ଷଣର କ୍ରିୟାନ୍ୱୟନ ନିର୍ଣ୍ଣୟ ପ୍ରକ୍ରିୟାରୁ ଦୂରରେ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ମହିଳାଙ୍କୁ ନୀତି ରହିତାଧିକାରୀରୁ ନୀତିର ନିର୍ମାତା ହେବାର ପଥ ପ୍ରଶସ୍ତ କରିବ ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱରେ ୨୦୨୩ରେ ସମ୍ବିଧାନର ୧୨୮ତମ ସଂଶୋଧନରେ ମାତୃଶକ୍ତି ବନ୍ଦନା ହେଉ ଅଥବା ୨୦୨୬ ଏପ୍ରିଲ ୧୬ରୁ ୧୮ ସଂସଦର ପ୍ରସ୍ତାବିତ ବିଶେଷ ଅଧିବେଶନ ତତ୍କାଳିକ ନିଷ୍ପତ୍ତି ନୁହେଁ। ୨୦୧୪ରେ ଦେଶର ପ୍ରଧାନମନ୍ତ୍ରିତ୍ୱ ସମ୍ଭାଳିବା ଦିନରୁ ହିଁ ମହିଳାଙ୍କ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାର ବଡ଼ ଉଦ୍ୟମ କରିଛନ୍ତି। ଲାଲକିଲ୍ଲାର ପ୍ରାଚୀର ଉପରୁ ଦେଶର ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ମାଧ୍ୟମରେ ଘରେ ଘରେ ଶୌଚାଳୟ ମାଧ୍ୟମରେ ମହିଳା ସମ୍ମାନର ଯେଉଁ ମୂଳଦୁଆ ପକାଇଥିଲେ ତାହା ଆଜିର ଦିନରେ ମାତୃଶକ୍ତି ବନ୍ଦନ ଅଧିନିୟମରେ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ମାଧ୍ୟମରେ ମୁଣ୍ଡିମରା ହେବ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ମହିଳାଙ୍କ ମାଲିକାନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନରେ ଘରେ ଘରେ ପାଇପ ଯୋଗେ ପାନୀୟଜଳ, ଜନଧନ ଯୋଜନାରେ ବ୍ୟାଙ୍କଖାତା, ସ୍ୱୟଂସହାୟକ ଗୋଷ୍ଠୀରୁ ଲକ୍ଷପତି ଦିଦି, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ମହିଳା ସ୍ୱାଭିମାନ ଓ ସଶକ୍ତୀକରଣର ସୁଦୃଢ଼ ମୂଳଦୁଆ ଉପରେ ମାତୃ ଶକ୍ତିବନ୍ଦନ ଅଧିନିୟମର ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣର ସୁଦୃଶ୍ୟ ଅଟ୍ଟାଳିକା ଠିଆହେବାକୁ ଯାଉଛି। ଏହି କ୍ରମରେ ମୋଦିଙ୍କ ମାର୍ଗଦର୍ଶନରେ ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣର ପଥପ୍ରଦର୍ଶକ ହୋଇଛି। ଗର୍ଭବତୀ ମହିଳାଙ୍କ ପାଇଁ ମାତୃ ବନ୍ଦନା ହେଉ ବା ପିଏମ୍ ପୋଷଣ, ସୁରକ୍ଷିତ ମାତୃତ୍ୱ ଅଭିଯାନ, ସକ୍ଷମ ଅଙ୍ଗନୱାଡି, ମିଶନ ଇନ୍ଦ୍ରଧନୁଷ, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଆଦି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନାରୀଶକ୍ତି ପାଇଁ ଅଖଣ୍ଡ ନିଷ୍ଠାର ପରିଚାୟକ। ସଂସଦରେ ଚଳିତମାସ ୧୬ ରୁ ୧୮ ଐତିହାସିକ ଆଲୋଚନା ଏବଂ ଏହାର ପୂର୍ବଦିନଗୁଡ଼ିକରେ ଓଡ଼ିଶାର ମାତୃଶକ୍ତି ଏହି ଐତିହାସିକ ଦିନଗୁଡ଼ିକ ଉତ୍ସବ ରୂପରେ ପାଳନ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଏହି ସମ୍ମିଳନୀରେ ଏମ୍‌ପି ଅନୀତା ଶୁଭଦର୍ଶିନୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ଓ ଶିଶୁ ଆୟୋଗ ସଦସ୍ୟା କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଖବରଦାତା ସମ୍ମିଳନୀରେ କସ୍ତୁରୀଙ୍କ ଉପସ୍ଥିତିକୁ ନେଇ ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶ୍ରେୟ କେବଳ ବିଜୁବାବୁଙ୍କୁ ଯିବ: ଟୁକୁନି

ମହିଳାଙ୍କ ସଂରକ୍ଷଣ ପାଇଁ ଯଦି କେହି ଦେଶରେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ। ମା'ଙ୍କ ସମ୍ମାନ ପାଇଁ ସେ ପ୍ରଥମେ ଆଗକୁ ଆସିଥିଲେ। ତେଣୁ ସଂସଦରେ ଯେଉଁ ମହିଳା ସଂରକ୍ଷଣ ନେଇ ୩ଦିନ ଚର୍ଚ୍ଚା ହେବ, ଏହା ପଛରେ ସମସ୍ତ ଶ୍ରେୟ ବିଜୁବାବୁଙ୍କୁ ହିଁ ଯିବ ବୋଲି ବିଜେଡି ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି।

ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀକୁ ନେଇ ଟୁକୁନି କହିଛନ୍ତି, ବିଜୁବାବୁଙ୍କ ପରେ ନବୀନ ସରକାରରେ ମଧ୍ୟ ମହିଳାଙ୍କ ପାଇଁ ବହୁତ ଯୋଜନା ହୋଇଛି। ସଂସଦ ଓ ବିଧାନସଭାରେ ବିଜେଡି ପକ୍ଷରୁ ୩୩ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ କରିଛନ୍ତି। ଏନେଇ ନବୀନବାବୁ କେନ୍ଦ୍ରକୁ ମଧ୍ୟ ଚିଠି ଲେଖିଛନ୍ତି। ଏବେ କେନ୍ଦ୍ର ଯେଉଁ ନିଷ୍ପତ୍ତି ନେଉଛନ୍ତି ତାକୁ ଆମେ ସ୍ୱାଗତ କରୁଛୁ। ହେଲେ ଏଥିରେ ରାଜନୈତିକ ଅଭିସନ୍ଧି ରଖାଗଲେ ତାହା ଠିକ୍ ହେବନାହିଁ। ନବୀନବାବୁ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତୀକରଣ କରିଥିଲେ। ଘରୁ ବାହାରୁ ନ ଥିବା ମହିଳା ବାହାରକୁ ଆସି ରୋଜଗାରକ୍ଷମ ତଥା ସ୍ୱାବଲମ୍ବୀ ହୋଇପାରିଥିଲେ। ଏବେ 'ସୁଭଦ୍ରା' ଯୋଜନାରେ ସରକାର ଯେଉଁ ମହିଳା ସଶକ୍ତୀକରଣ କଥା କହୁନ୍ତି ତାହା ଆଗାମୀ ଦିନରେ ସବୁ ଧୂଆଁବାଣ ସଦୃଶ ହୋଇଯିବ ବୋଲି ଟୁକୁନି କହିଛନ୍ତି।


# ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ
ତା. ୧୩-୦୪-୨୦୨୬ ରିଖ

15001/10/2627

**ସକାଳ ଅଧିବେଶନ / ଘ. ୬.୩୦ ମିନିଟ୍**

ମୁଖ୍ୟ ଅତିଥି:- ଶ୍ରୀମତୀ ସୁରମା ପାଢ଼ୀ, ମାନନୀୟା ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୯ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
ସ୍ଥାନ: ଜୟଦେବ ଭବନ

ପୂର୍ବାହ୍ନ ୧୦ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
ସ୍ଥାନ: ରବୀନ୍ଦ୍ର ମଣ୍ଡପ ଅଡିଟୋରିୟମ୍

**ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା**
**ସ୍ଥାନ: ଉତ୍କଳ ମଣ୍ଡପ / ତା ୧୩.୦୪.୨୦୨୬ ରିଖ**

ମୁଖ୍ୟ ଅତିଥି:- ଡ. ହରି ବାବୁ କମ୍ଭମପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ-୨୦୨୬" ପ୍ରଦାନ

**ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ**

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଉତ୍ତର)
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଏକାମ୍ର)
ଶ୍ରୀଯୁକ୍ତ ପ୍ରଶାନ୍ତ ଜଗଦେବ, ମାନ୍ୟବର ବିଧାୟକ, ଖୋର୍ଦ୍ଧା ତଥା ଅଧକ୍ଷ, ଜିଲ୍ଲା ଯୋଜନା କମିଟି
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଅନୁ ଗର୍ଗ (ଭା.ପ୍ର.ସେ) ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଦେଓ ରଞ୍ଜନ କୁମାର ସିଂ (ଭା.ପ୍ର.ସେ) ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଭା.ପ୍ର.ସେ) ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ (ଭା.ପୁ.ସେ), ପୋଲିସ କମିଶନର, କଟକ-ଭୁବନେଶ୍ୱର
ଶ୍ରୀଯୁକ୍ତ ଚଞ୍ଚଳ ରାଣା (ଭା.ପ୍ର.ସେ), କମିଶନର, ବିଏମ୍‌ସି ତଥା ଉପାଧକ୍ଷ, ବିଡ଼ିଏ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍
ଶ୍ରୀଯୁକ୍ତ ଅମ୍ରିତ ଋତୁରାଜ (ଭା.ପ୍ର.ସେ), ଜିଲ୍ଲାପାଳ, ଖୋର୍ଦ୍ଧା

**ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି**

ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

**ତା. ୧୪.୦୪.୨୦୨୬ ରିଖ, ମଙ୍ଗଳବାର (ଦ୍ୱିତୀୟ ଦିବସ ସମାରୋହ)**
**ସନ୍ଧ୍ୟା ଅଧିବେଶନ ସ୍ଥାନ : ଉତ୍କଳ ମଣ୍ଡପ, ସମୟ: ୬ ଘଟିକା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୬ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ।

OIPR-15001/15001/2/26-27/0010




# ଇରାନୀ ନେତାର ନାହିଁ ପ୍ରୟୋଜନ

ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦଠାରେ ଆମେରିକା ଓ ଇରାନ୍ ମଧ୍ୟରେ ୨୧ ଘଣ୍ଟା ଧରି ଚାଲିଥିବା ଶାନ୍ତି ଆଲୋଚନା ଶେଷରେ ବିଫଳ ହୋଇଛି। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି, ଇରାନ୍ ତାଙ୍କ ସର୍ତ୍ତାବଳୀ ମାନିବାକୁ ରାଜି ନ ହେବାରୁ ଶାନ୍ତି ଚୁକ୍ତି ହୋଇପାରିଲା ନାହିଁ। ଆମେରିକା ସର୍ତ୍ତ ରଖିଥିଲା ଯେ, ଇରାନ୍ ପାରମାଣବିକ ଅସ୍ତ୍ର ଗୋଟାଇବ ନାହିଁ ଓ ଯେଉଁ ଉପକରଣଗୁଡ଼ିକ ଶୀଘ୍ର ପାରମାଣବିକ ଅସ୍ତ୍ର ପାଇବାରେ ସହାୟକ ହୋଇପାରିବ, ସେଗୁଡ଼ିକ ମଧ୍ୟ ସଂଗ୍ରହ କରିବ ନାହିଁ। ଅନ୍ୟପକ୍ଷରେ ଇରାନ୍ କହିଛି ଯେ, ଦୁଇ ପକ୍ଷ ଅନେକ ପ୍ରସଙ୍ଗରେ ବୁଝାମଣାରେ ପହଞ୍ଚିଥିଲେ ମଧ୍ୟ ଚୁକ୍ତି ଅନୁଷ୍ଠିତ ହୋଇପାରିଲା ନାହିଁ। ଇରାନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍‌ମାଇଲ ବାଘାଇ କହିଛନ୍ତି, କଥାବାର୍ତ୍ତା ବେଳେ ହର୍ମୁଜ ଜଳପଥ, ପାରମାଣବିକ ବିଷୟ, ଆର୍ଥିକ ନିଷେଧାଜ୍ଞା, କ୍ଷତିପୂରଣ ସହିତ ଇରାନ୍ ସହ ଯୁଦ୍ଧର ସମାପ୍ତି ଘୋଷଣା କରିବା ଆଦି ପ୍ରସଙ୍ଗ ମୁଖ୍ୟ ଥିଲା। ହେଲେ ଆମେରିକା ଯେଭଳି ସହଯୋଗ କରିବା କଥା, ତାହା କଲା ନାହିଁ ବୋଲି ଇରାନ୍ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଇରାନ୍ ବାରମ୍ବାର କହି ଆସୁଛି ଯେ, ତାହାର ପାରମାଣବିକ କାର୍ଯ୍ୟକ୍ରମ ସାଧାରଣ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଓ ସେଥିପାଇଁ ୟୁରାନିୟମ ସମୃଦ୍ଧୀକରଣ ଜାରି ରଖିବାର ଅଧିକାର ତାହାର ଅଛି। ତେବେ ଆମେରିକାର ଅତ୍ୟଧିକ ଦାବି ଆଲୋଚନାକୁ ଚ୍ୟୁତ କରିଥିବା ଅନ୍ତର୍ଜାତୀୟ ବିଶେଷଜ୍ଞମାନେ କହିଛନ୍ତି।

ଶାନ୍ତି ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ପାକିସ୍ତାନର କୂଟନୈତିକ ଉଦ୍ୟମ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ଆଲୋଚ୍ୟ ବିଷୟ ହୋଇ ରହିଲା। ଦୁଇ ଦେଶ ଶାନ୍ତି ଚୁକ୍ତିରେ ପହଞ୍ଚି ନ ପାରିବା ଭିନ୍ନ କଥା। ଏକ ସୁନ୍ନିବହୁଳ ରାଷ୍ଟ୍ରର ମାଟି ଉପରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନା ବିଶ୍ୱଶାନ୍ତି ଓ ସ୍ଥିରତା ଦିଗରେ ପ୍ରଭାବ ପକାଇଛି। ଏଠାରେ ସୁନିଶ୍ଚିତ କହିହେବ ଯେ, ପାକିସ୍ତାନକୁ ବାରମ୍ବାର ଏକ ଉଗ୍ରବାଦ ସମର୍ଥକ ଦେଶ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଥିବା ଭାରତ ତାହାର କୂଟନୀତିରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନ୍ୟପଟେ ୨୮ ଫେବୃୟାରୀ ୨୦୨୬ରେ ଆରମ୍ଭ ହୋଇଥିବା ଯୁଦ୍ଧରେ ଗୋଟେପଟେ ଆମେରିକା ଓ ଇସ୍ରାଏଲ ଥିବାବେଳେ ବିପକ୍ଷରେ ଇରାନ୍ ଥିଲା। ଫେବୃଆରୀ ୨୮ ପର୍ଯ୍ୟନ୍ତ ହର୍ମୁଜ ସବୁ ଜାହାଜ ପାଇଁ ଖୋଲା ଥିଲା। ପରମାଣୁ ବ୍ୟବସ୍ଥା ସମ୍ପର୍କରେ ଆମେରିକା ସହ ଇରାନ୍‌ର କଥାବାର୍ତ୍ତା ଲାଗି ରହିଥିଲା। ଇସ୍ରାଏଲ କଥାରେ ପଡ଼ି ଆମେରିକା ହଠାତ୍, ବିନା କୌଣସି କାରଣରେ, ଇରାନ୍ ଉପରେ ଆକ୍ରମଣ ଆରମ୍ଭ କରିଦେଲା। ସମ୍ଭବତଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାବିଥିଲେ ଇସ୍ରାଏଲ ଯୋଗାଇଥିବା ଗୋଇନ୍ଦା ତଥ୍ୟ ଅନୁଯାୟୀ ଏକ ସପ୍ତାହ ମଧ୍ୟରେ ଇରାନ୍ ସହ ଯୁଦ୍ଧ ଶେଷ ହୋଇଯିବ। ହୁଏତ ସେ ପୁଣି ଭାବିଥିଲେ, ଇରାନ୍‌ର ନେତାମାନଙ୍କୁ ମାରିଦେଲେ ନିଷ୍ପତ୍ତି ନେବା ପାଇଁ କେହି ନ ଥିବେ। ତେଣୁ, ସ୍ୱାଭାବିକ ଭାବେ, ଇରାନ୍ ଭୁଶୁଡ଼ି ପଡ଼ିବ। ଆମେରିକାକୁ ଅଜଣା ଥିଲା ଯେ, ରାଜାରାଜୁଡ଼ା ଶାସନକୁ ବିଦାକରି ଇରାନ୍ ଆପଣାଇଥିବା ଏକ ଭିନ୍ନ ବୈପ୍ଳବିକ ପ୍ରଶାସନିକ ବ୍ୟବସ୍ଥାରେ ସାମନ୍ତବାଦ ଚିନ୍ତାଧାରା ଲୋପ ପାଇଯାଇଛି। ଇରାନ୍ ଏହି ଯୁଦ୍ଧ ମାଧ୍ୟମରେ ପ୍ରମାଣ କରିଦେଲା ଯେ, ସେହି ଦେଶରେ କୌଣସି ନେତାର ପ୍ରୟୋଜନ ନାହିଁ। ଓଡ଼ିଆ ଭାଷାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ କବିତାରେ ଲେଖାଅଛି– 'ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ'। ଦୁଃଖର ବିଷୟ ଯେ, ଓଡ଼ିଆ ଜାତି ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଧାଡ଼ିର ଅର୍ଥ ଆଜିଯାଏ ବୁଝିପାରିଲା ନାହିଁ। ଏବେ ଏଠାରେ ଓଡ଼ିଆଙ୍କ ସମ୍ପର୍କରେ ଆଲୋଚନା କରିବା ବୃଥା। ଇରାନ୍ ସମ୍ପର୍କରେ ଆମେରିକାକୁ ଇସ୍ରାଏଲ ଦେଇଥିବା ସବୁ ତଥ୍ୟ ଅବାସ୍ତବ ଏବଂ ଅପରିପକ୍ୱ ବୋଲି ପରବର୍ତ୍ତୀ ସମୟରେ ବୁଝାପଡୁଛି। ସେହିଭଳି ଆମେରିକାର ଗୋଇନ୍ଦା ତଥ୍ୟ ମଧ୍ୟ ଅକାମୀ ବୋଲି ପ୍ରମାଣିତ ହେଲା। ଇରାନ୍ ପାଖରେ ଆଣବିକ ବୋମା ନାହିଁ। ସେହି ଦେଶରେ ଯୁଦ୍ଧ ସାମଗ୍ରୀ ତିଆରି କରିବାର କ୍ଷମତା ଅତ୍ୟନ୍ତ ସୀମିତ। ତଥାପି ପୃଥିବୀର ସର୍ବଶକ୍ତିଶାଳୀ ମିଲିଟାରୀକୁ ମାସକ ଭିତରେ ଇରାନ୍ ଆଣ୍ଠେଇ ଦେଇପାରିଲାଣି।

ଏହି ପ୍ରଚ୍ଛଦପଟରେ କହିହେବ ଯେ, ମଧ୍ୟପ୍ରାଚ୍ୟରେ ଅଶାନ୍ତ ସ୍ଥିତି ଲାଗିରହିବ। ଯୁଦ୍ଧ ଆରମ୍ଭ କରାଇ ନିଜେ ଇସ୍ରାଏଲ ଓ ଆମେରିକା ଉଭୟେ ଖାପ୍‌ଚରେ ପଡ଼ିଯାଇଛନ୍ତି। ଆମେରିକା ତା'ର ସଶସ୍ତ୍ର ବାହିନୀକୁ ଫେରାଇ ନେଇପାରେ। କିନ୍ତୁ ଇସ୍ରାଏଲ ସବୁବେଳେ ଇରାନ୍‌ର କୋପଦୃଷ୍ଟିରେ ରହିବା ସହିତ ଇରାନୀ ରକେଟ୍ ଏବଂ ଡ୍ରୋନ୍‌ର ମାଡ଼ କରିବା ସୀମା ଭିତରେ ରହିବ। ହର୍ମୁଜ ଜଳପଥ ଅତିଶୀଘ୍ର ସୁରକ୍ଷିତ ହୋଇଯିବ ବୋଲି ବିଶ୍ୱାସ କରିହେଉ ନାହିଁ। ଏଭଳି ଏକ ଅସ୍ୱଚ୍ଛ ପରିସ୍ଥିତିରେ ଭାରତର ଇସ୍ରାଏଲ ସାଙ୍ଗରେ ବନ୍ଧୁତ୍ୱ ଆମ ଦେଶ ପାଇଁ ଦୀର୍ଘମିଆଦୀ କ୍ଷତି କରିବ। କାରଣ ପୃଥିବୀରେ ଆମେରିକା ଓ ଚାଇନା ପରେ ତୃତୀୟ ସ୍ଥାନରେ ସର୍ବାଧିକ ପେଟ୍ରୋଲିୟମ୍ ଦ୍ରବ୍ୟ ବ୍ୟବହାର କରୁଥିବା ଦେଶ ହେଉଛି ଭାରତ। ତେଣୁ ଦୂରତା ମାପିଲେ ମଧ୍ୟପ୍ରାଚ୍ୟ ଭାରତ ପାଇଁ ସବୁଠାରୁ ନିକଟତର ତୈଳ ଯୋଗାଣ ଅଞ୍ଚଳ। ସେହି ଅଞ୍ଚଳରେ ଦୀର୍ଘଦିନ ଧରି ଭାରତର ସୁସମ୍ପର୍କ ଗଢ଼ି ଉଠିଥିଲା। ହଠାତ୍ ଇସ୍ରାଏଲ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବା ଏବଂ ସାମ୍ପ୍ରତିକ ଇରାନ୍ ଯୁଦ୍ଧକୁ ନେଇ ଭାରତର ସମ୍ପୂର୍ଣ୍ଣ ନୀରବତା ଏହି ଦେଶର ଅର୍ଥନୀତି ଉପରେ ପ୍ରବଳ ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି ହେଉଛି।

# ଯୁଦ୍ଧ ଓ ଶ୍ୱାସରୁଦ୍ଧ ସମ୍ବେଦନଶୀଳତା



ପ୍ରକାଶ ତ୍ରିପାଠୀ

ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା ପରେ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଉଭୟ ଦେଶର ପ୍ରତିନିଧିମଣ୍ଡଳୀଙ୍କ ମଧ୍ୟରେ ଅନୁଷ୍ଠିତ ଶାନ୍ତି ଆଲୋଚନା ବିଫଳ ହୋଇଛି। ଆଶା ଥିଲା, ଏହି ଆଲୋଚନାରେ ଉଭୟ ରାଷ୍ଟ୍ର ସକାରାତ୍ମକ ନିଷ୍କର୍ଷ ବାହାର କରିବେ, ଯଦ୍ଦ୍ୱାରା କେବଳ ମଧ୍ୟପ୍ରାଚ୍ୟ, ଉପସାଗରୀୟ ଅଞ୍ଚଳ ନୁହେଁ, ସମଗ୍ର ବିଶ୍ୱ ଶାନ୍ତିରେ ନିଃଶ୍ୱାସ ମାରିବ। କିନ୍ତୁ ତାହା ସଫଳ ହେଲା ନାହିଁ। ଯଦି ଇରାନ-ଇସ୍ରାଏଲ,ଆମେରିକା ଯୁଦ୍ଧର ବିଭୀଷିକାକୁ ଦେଖିବା, ତେବେ ପ୍ରଥମେ ନଜର ଆସିବ ଇରାନର ମିନାବରେ ଥିବା ଶାଜାରେହ ତୟେବେହ ପ୍ରାଥମିକ ବିଦ୍ୟାଳୟ ଉପରେ ହୋଇଥିବା ଅମାନବୀୟ କ୍ଷେପଣାସ୍ତ୍ର ଆକ୍ରମଣରେ ପାଖାପାଖି ୧୮୦ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ସଂଖ୍ୟାଧିକ ହେଉଛନ୍ତି ପିଲା। ଚଳିତ ଇରାନ୍ ଓ ଇସ୍ରାଏଲ– ଆମେରିକା ଯୁଦ୍ଧରେ ଏହା ଏକ ଅତ୍ୟନ୍ତ ଅମାନବୀୟ ଘଟଣା। ସେହିପରି ଆଫ୍‌ଗାନିସ୍ତାନ– ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ କାବୁଲର ଏକ ଡାକ୍ତରଖାନା ଉପରେ ପାକିସ୍ତାନୀ ବିମାନ ଆକ୍ରମଣ ଯୋଗୁ ଅତିକମ୍‌ରେ ୪୦୦ ଜଣଙ୍କ ମୃତ୍ୟୁ ହୋଇଛି, ଯେଉଁଥିରେ ସଂଖ୍ୟାଧିକ ହେଉଛନ୍ତି ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ଚିକିତ୍ସକ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱାୟନ ସହାୟତାରେ ମାନବ ସଭ୍ୟତା ପ୍ରଗତିର ଅଭୂତପୂର୍ବ ଶିଖର ଆଡ଼କୁ ଅଗ୍ରସର ହେଉଥିବା ବେଳେ ବିଶ୍ୱର ଅନେକ ସ୍ଥାନରେ ଏହିଭଳି ଯୁଦ୍ଧର ଉନ୍ମାଦ ମାନବିକ ମୂଲ୍ୟବୋଧକୁ ଦଳିଦେଉଛି। ଏହା ଏକ ଗଭୀର ଯନ୍ତ୍ରଣାଦାୟକ ବିରୋଧାଭାସ। ଯେତେବେଳେ ମାନବଜାତି ମହାକାଶରେ ଗ୍ରହ, ଉପଗ୍ରହ ଓ ନକ୍ଷତ୍ରରେ ଜୀବନ ଖୋଜୁଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଜୀବନକୁ ସହଜ କରୁଛି, ସେତେବେଳେ ମଣିଷ-ମଣିଷ ଭିତରେ ହିଂସା, ପ୍ରତିଶୋଧ, କ୍ରୋଧ, ଘୃଣା ଏବଂ ଆଧିପତ୍ୟର ପ୍ରବୃତ୍ତି ଏତେ ଶକ୍ତିଶାଳୀ ହୋଇଛି ଯେ ଏହା ନିଜ ଅସ୍ତିତ୍ୱର ମୂଳଦୁଆ ଧ୍ୱଂସ କରିବାକୁ ପ୍ରସ୍ତୁତ ହେଉଛି। ଗାଜାରୁ ୟୁକ୍ରେନ୍ ଏବଂ ଇରାନ୍‌ରୁ ଆଫ୍‌ଗାନିସ୍ତାନ ପର୍ଯ୍ୟନ୍ତ ଯୁଦ୍ଧ ଦୃଶ୍ୟ ସୂଚାଇଦିଏ ଯେ ଆଧୁନିକ ସଭ୍ୟତାର ଉଜ୍ଜ୍ୱଳତା ତଳେ ଗଭୀର ଅନ୍ଧକାର ରହିଛି, ଯେଉଁଥିରେ ସମ୍ବେଦନଶୀଳତା ଶ୍ୱାସରୁଦ୍ଧ ହେଉଛି।

ଯୁଦ୍ଧର ଦୁଃଖଦ ଦିଗଟି ହେଉଛି ଏହାର ମୂଲ୍ୟ ସେହିମାନେ ବହନ କରନ୍ତି, ଯାହାଙ୍କର ଯୁଦ୍ଧ ସହ କୌଣସି ସିଧାସଳଖ ସମ୍ପର୍କ ନାହିଁ। ନିର୍ଦ୍ଦୋଷ ସାଧାରଣ ନାଗରିକ, ମହିଳା, ଶିଶୁ ଏବଂ ବୃଦ୍ଧ ସମସ୍ତେ ଏହି ହିଂସାର ଶିକାର ହୁଅନ୍ତି। କାବୁଲର ଏକ ହସ୍ପିଟାଲକୁ ଟାର୍ଗେଟକରି ହୋଇଥିବା ପାକିସ୍ତାନର ବିମାନ ଆକ୍ରମଣ କେବଳ ଏକ ସାମରିକ କାର୍ଯ୍ୟ ନୁହେଁ, ବରଂ ମାନବତା ବିରୋଧରେ ଏକ ଗମ୍ଭୀର ଅପରାଧ। ଯେତେବେଳେ ଜୀବନ ରକ୍ଷାର ପ୍ରତୀକ



ଏକ ହସ୍ପିଟାଲ ଧ୍ୱଂସର କେନ୍ଦ୍ର ହୋଇଯାଏ, ଏହା କେବଳ ନିୟମ ଉଲ୍ଲଂଘନ ନୁହେଁ ବରଂ ସଭ୍ୟତାର ଆତ୍ମା ଉପରେ ଏକ ଜଘନ୍ୟ ଆକ୍ରମଣ। ୪୦୦ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ୪୦୦ ପରିବାରର ଧ୍ୱଂସର କାହାଣୀ, ୪୦୦ ସ୍ୱପ୍ନ ଭାଙ୍ଗିଯିବାର ଯନ୍ତ୍ରଣା। ମିନାବ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁଥିବା ବେଳେ ସେଠାରେ କ୍ଷେପଣାସ୍ତ୍ର ଆକ୍ରମଣରେ ମୃତ୍ୟୁ ଲଭିଥିବା କୋମଳମତି ପିଲା ଜୀବନ ବୁଝିବା ପୂର୍ବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଗଲା। ଏହାଦ୍ୱାରା କାହାର କ'ଣ ଲାଭ ହେଲା ତାହା ତ କହିହେବ ନାହିଁ, କିନ୍ତୁ ସେତିକିଟି ପରିବାରର ସଦସ୍ୟମାନେ ଜିଇ ଥାଉ ଥାଉ ଶବ ପାଲଟିଗଲେ।

ଜେନେଭା ସମ୍ମିଳନୀ ଚୁକ୍ତିନାମା ମାଧ୍ୟମରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆଇନ ଏବଂ ଯୁଦ୍ଧର ନିୟମଗୁଡ଼ିକରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ଯୁଦ୍ଧ ସମୟରେ ସାଧାରଣ ନାଗରିକ, ହସ୍ପିଟାଲ, ସ୍କୁଲ ଏବଂ ଶରଣାର୍ଥୀ ଶିବିରଗୁଡ଼ିକୁ ଟାର୍ଗେଟ କରାଯିବ ନାହିଁ। ଯୁଦ୍ଧର ଭୟାବହତା ମଧ୍ୟରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମାରେ ମାନବିକ ମର୍ଯ୍ୟାଦା ବଜାୟ ରଖାଯିବ। ତଥାପି ଆଜି ଏହି ନିୟମଗୁଡ଼ିକ ଯେଉଁ ନିର୍ଲଜତାର ସହିତ ଉଲ୍ଲଂଘନ କରାଯାଉଛି ତାହା ଚିନ୍ତାଜନକ। ଏହା କେବଳ ନିୟମ ପ୍ରତି ଅବମାନନା ନୁହେଁ, ବରଂ ଏହା ଦର୍ଶାଉଛି ଯେ କ୍ଷମତା ଏବଂ ପ୍ରଭୁତ୍ୱର ରାଜନୀତି ନୈତିକତାକୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରିସାରିଛି। ଯୁଦ୍ଧର ଅନ୍ତର୍ନିହିତ କାରଣଗୁଡ଼ିକୁ ଯାଞ୍ଚ କରିବା ଦ୍ୱାରା ଜଣାପଡ଼େ ଯେ ଏହା କେବଳ ସୀମା କିମ୍ବା ସମ୍ବଳ ପାଇଁ ସଂଘର୍ଷ ନୁହେଁ, ବରଂ ଏଥିରେ ରାଜନୈତିକ ମହତ୍ତ୍ୱାକାଂକ୍ଷା, ଧାର୍ମିକ ଅସହିଷ୍ଣୁତା, ଆର୍ଥିକ ସ୍ୱାର୍ଥ ଏବଂ ବିଶ୍ୱ କ୍ଷମତା ସନ୍ତୁଳନର ଜଟିଳତା ସାମିଲ ଅଛି। ଜୋର୍ ଯା'ର, ମୁଲକ ତା'ର ନ୍ୟାୟରେ ବଳି ପଡ଼ିଯାଉଛି ମାନବ ମୂଲ୍ୟବୋଧ ଓ ମଣିଷପଣିଆ। ବାସ୍ତବରେ, ଯୁଦ୍ଧ କେବଳ ସୀମାରେ ଲଢ଼ାଯାଏ ନାହିଁ; ଏହାର ଗଭୀର କ୍ଷତ ମାନବତାର ଆତ୍ମା ଉପରେ ଲାଗେ। ଏହା କହିବା ଭୁଲ୍ ହେବ ନାହିଁ ଯେ ଆଜିର ବିଶ୍ୱ ଏପରି ଏକ ସମୟରେ ଠିଆ ହୋଇଛି, ଯେଉଁଠାରେ ପ୍ରଗତି ବିଷୟରେ ବହୁ ଆଲୋଚନା ହେଉଛି, କିନ୍ତୁ ତା' ଭିତରେ ବିନାଶର ପାଦଚିହ୍ନ ସ୍ପଷ୍ଟ ଭାବରେ ଶୁଣାଯାଉଛି। ସମ୍ପ୍ରତି ବିଶ୍ୱରେ ସଂଘଟିତ ହୋଇଥିବା ଯୁଦ୍ଧ କେବଳ ଦୁଇ କିମ୍ବା ତିନୋଟି ଦେଶର ସୀମା ମଧ୍ୟରେ ସୀମିତ ନୁହେଁ; ଏହା ବିଶ୍ୱ ଅର୍ଥନୀତି, ମାନବ ସମ୍ବେଦନଶୀଳତା ଏବଂ ଆଗାମୀ ପିଢ଼ିର ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରୁଛି। ଇତିହାସ ସାକ୍ଷୀ ଅଛି ଯେ ଯୁଦ୍ଧ କେବେ ବି କୌଣସି ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଯୁଦ୍ଧ କେବଳ ଆଉ ଏକ ନୂତନ ଯୁଦ୍ଧର ବୀଜ ବୁଣେ। ଯୁଦ୍ଧରେ ଯଦି କିଏ ହାରେ, ତାହା ହେଉଛି ମାନବତା।

ସତ୍ୟ ହେଉଛି ଯେ ଯୁଦ୍ଧଭୂମିରେ ବାରୁଦର ଗନ୍ଧ ମଧ୍ୟରେ, କରୁଣା ଏବଂ ଦୟା ପ୍ରଥମେ ବଳିଦାନ ଦିଆଯାଏ। ଯେତେବେଳେ ବୋମା ପଡ଼ିଥାଏ, ସେମାନେ ଦେଖନ୍ତି ନାହିଁ ଯେ ତଳେ କିଏ ଅଛି। ଧ୍ୱଂସାବଶେଷ ଗଦା ଉପରେ କାନ୍ଦୁଥିବା ପିଲାମାନେ, ପ୍ରିୟଜନଙ୍କୁ ହରାଇଥିବା ମହିଳାମାନେ ଏବଂ ଅସହାୟ ବୃଦ୍ଧ ବ୍ୟକ୍ତିମାନେ ଯୁଦ୍ଧ କେତେ ନିଷ୍ଠୁର ହୋଇପାରେ ତାହାର ଜୀବନ୍ତ ପ୍ରମାଣ। ଆଜି ଖେଳଣା ସହ ଖେଳିବାକୁ ଚାହୁଁଥିବା ପିଲାମାନେ ଘୃଣା ଏବଂ ବିନାଶର ସ୍ମୃତି ସହ ରହିଯାଉଛନ୍ତି। ଯେଉଁ ଦେଶକୁ ନିର୍ମାଣ କରିବାକୁ ଦଶନ୍ଧି ଦଶନ୍ଧି ଧରି କଠିନ ପରିଶ୍ରମ କରିବାକୁ ପଡ଼ିଥାଏ, ଯୁଦ୍ଧରେ ତାହା ନିମିଷକ ମଧ୍ୟରେ ଧ୍ୱଂସପ୍ରାପ୍ତ ହୋଇଯାଏ। ଦେଶ ବର୍ଷ ବର୍ଷ ପଛକୁ ଫେରିଯାଏ। ଯେତେବେଳେ ଦେଶଗୁଡ଼ିକ ନିଜ ସ୍ୱାର୍ଥ ଉପରେ ଆଧାରିତ ନିଷ୍ପତ୍ତି ନିଅନ୍ତି, ସେମାନେ ପ୍ରାୟତଃ ମାନବିକ ମୂଲ୍ୟବୋଧକୁ ଅଣଦେଖା କରନ୍ତି। ଏହି ଧାରା ବିଶେଷ ଭାବରେ ବିପଦପୂର୍ଣ୍ଣ ହୋଇଯାଏ, ଯେତେବେଳେ ଶକ୍ତିଶାଳୀ ଦେଶଗୁଡ଼ିକ ସେମାନଙ୍କର ପ୍ରଭାବ ବ୍ୟବହାରକରି ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକୁ ପ୍ରଭାବହୀନ କରିଦିଅନ୍ତି। ଯେପରିକି ଜାତିସଂଘ ଭଳି ପ୍ରତିଷ୍ଠାନଗୁଡ଼ିକ ଏବେ କେବଳ ଦର୍ଶକ ହୋଇ ରହିଛନ୍ତି।

ଯୁଦ୍ଧର ଆଉ ଏକ ଭୟଙ୍କର ଦିଗ ହେଉଛି ଶରଣାର୍ଥୀ ସଙ୍କଟ। ଯେତେବେଳେ ଲୋକମାନେ ସେମାନଙ୍କ ଘରୁ ବିସ୍ଥାପିତ ହୁଅନ୍ତି ଏବଂ ଶରଣାର୍ଥୀ ଶିବିରରେ ରହିବାକୁ ବାଧ୍ୟ ହୁଅନ୍ତି, ସେତେବେଳେ ସେମାନଙ୍କ ଜୀବନ ଅସୁରକ୍ଷା, ଅଭାବ ଏବଂ ଅନିଶ୍ଚିତତାରେ ପରିପୂର୍ଣ୍ଣ ହୋଇଯାଏ। ଏହା କେବଳ ପିଢ଼ିଗତ ସଙ୍କଟ ନୁହେଁ, ବରଂ ଭବିଷ୍ୟତ ପାଇଁ ଏକ ଚ୍ୟାଲେଞ୍ଜ, କାରଣ ଏପରି ପରିବେଶରେ ବଢ଼ିବା ଶିଶୁ ଓ ମହିଳାମାନେ ପ୍ରାୟତଃ ହିଂସା ଏବଂ ଅସୁରକ୍ଷାର ଚକ୍ରରେ ଫସିଯାଆନ୍ତି। ଯୁଦ୍ଧ ପ୍ରତି ଏହି ସମ୍ବେଦନହୀନତା ଅତ୍ୟନ୍ତ ଚିନ୍ତାଜନକ। ଧର୍ମ, ଯାହା ମୌଳିକ ଭାବରେ ଶାନ୍ତି, କରୁଣା ଏବଂ ସହାବସ୍ଥାନର ପ୍ରଚାରକରେ, ରାଜନୀତି ଏବଂ କ୍ଷମତାର ଏକ ଉପକରଣ ଭାବରେ ବ୍ୟବହାର ହେଲେ ବିକୃତ ହୋଇଯାଏ। ଏହି ପରିସ୍ଥିତି କେବଳ ସମାଜକୁ ବିଭାଜନ କରେ ନାହିଁ ବରଂ ହିଂସାକୁ ବୈଧ କରିବା ପାଇଁ ମଧ୍ୟ କାମ କରେ। ଏହା ପ୍ରକୃତରେ ଆତ୍ମନିରୀକ୍ଷଣର ସମୟ। ଆମକୁ ବିଚାର କରିବାକୁ ପଡ଼ିବ ଯେ, ଆମର ପ୍ରଗତି ପ୍ରକୃତରେ ଆମକୁ ଅଧିକ ମାନବିକ କରୁଛି କି ନାହିଁ, ନା ଆମେ କେବଳ ଅଧିକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଏବଂ ନୈତିକ ଭାବରେ ପ୍ରତିକୂଳ ହେଉଛୁ। ଯଦି ମାନବତାକୁ ବଞ୍ଚିବାକୁ ଅଛି, ତେବେ ଆମକୁ ଯୁଦ୍ଧର ଉନ୍ମାଦରୁ ଉପରକୁ ଉଠି ଶାନ୍ତି, ସହାବସ୍ଥାନ ଏବଂ କରୁଣାର ପଥ ଗ୍ରହଣ କରିବାକୁ ପଡ଼ିବ।

ମୋ: ୬୩୭୦୫୩୭୩୭୯

# ସଂସ୍କୃତିକୁ ପ୍ରୋତ୍ସାହନ



କିଶୋର ଚନ୍ଦ୍ର ବେହେରା

ଓଡ଼ିଆ ଘରର ଗାଥା-ଗୌରବ, ଚାଲିଚଳଣି, ଖାଦ୍ୟ ପାନୀୟ, ପୋଷାକ ପରିଧାନ, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଏପ୍ରିଲ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି 'ଓଡ଼ିଆ ପକ୍ଷ-୨୦୨୬'। ପ୍ରତ୍ୟେକ ଜିଲା ଓ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପୋଷାକକୁ ନେଇ ଓଡ଼ିଆଙ୍କର ସ୍ୱତନ୍ତ୍ର ପରିଚିତି ରହିଛି। ଖୋର୍ଦ୍ଧାର ଗାମୁଛା, ବୋମକାଇ ପାଟ, କୋଟପାଡ଼ର ପାଟ, ସମ୍ବଲପୁରର ସମ୍ବଲପୁରୀ ଶାଢ଼ି ଓ ପାଟଶାଢ଼ିର ସ୍ୱତନ୍ତ୍ର ସ୍ଥାନ ଅଛି। ସେହିପରି ମାଣିଆବନ୍ଧ ଶାଢ଼ି ନିଜର ପରିଚୟ ବଜାୟ ରଖିଥିବା ବେଳେ ଓଡ଼ିଶାର ଆଦିବାସୀମାନେ ସ୍ୱତନ୍ତ୍ର ବେଶଭୂଷାର ପରିଚୟ ରଖିଥା'ନ୍ତି। ଭାରତୀୟ ସମ୍ଭ୍ରାନ୍ତପଣର ପ୍ରତୀକ ଖଦି. ଯାହା ସ୍ୱଦେଶୀ, ସ୍ୱରାଜ, ସ୍ୱାଭିମାନ ଓ ସ୍ୱାବଲମ୍ବନର ପ୍ରେରଣା। ଗାନ୍ଧିଜୀଙ୍କ ଦୃଷ୍ଟିରେ ଏହା କେବଳ ଏକ ବସ୍ତ୍ର ନ ଥିଲା, ବରଂ ଥିଲା ଅହିଂସା ଆନ୍ଦୋଳନର ଅସ୍ତ୍ର। ସ୍ୱାଧୀନତା ଓ ଅର୍ଥନୈତିକ ସମୃଦ୍ଧି ପାଇଁ ଖଦିବସ୍ତ୍ରକୁ ଗାନ୍ଧିଜୀ ବ୍ୟବହାର କରିଥିଲେ ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ଆୟୁଧ ଭାବରେ। ସ୍ୱାଧୀନତା ସଂଗ୍ରାମକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ବିଦେଶୀ ବସ୍ତ୍ର ପରିବର୍ତ୍ତେ ଖଦିବସ୍ତ୍ର ପରିଧାନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇ ସେ କହିଥିଲେ, ଚୁଲି ପରି ଚରଖା ସର୍ବବ୍ୟାପୀ ହେବା ଦରକାର। ତା' ନ ହେଲେ ସହଜରେ ସ୍ୱରାଜ ମିଳିବ ନାହିଁକି ସୁଧୁରିପାରିବ ନାହିଁ ଦେଶର ଅର୍ଥନୀତି। ଗାନ୍ଧିଜୀଙ୍କ ଦୃଷ୍ଟିରେ ଖଦିବସ୍ତ୍ର ଥିଲା ଏକ ସାଂସ୍କୃତିକ ବିଚାର ଓ ସ୍ୱାବଲମ୍ବନର ସୂତ୍ର।

କପା ଓ ବୟନ ଶିଳ୍ପରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ରହିଛି। ବୟନ ଶିଳ୍ପର ସ୍ୱଦେଶୀ ଶୈଳୀ ପୁରୁଣା ଧାର୍ମିକ ଗ୍ରନ୍ଥରୁ ଅନୁପ୍ରାଣିତ ହୋଇଛି। ବିଶେଷକରି ଭଗବାନ୍ ଶ୍ରୀକୃଷ୍ଣଙ୍କ କଥାବସ୍ତୁକୁ କେନ୍ଦ୍ର କରି ବୁଣାକାରମାନେ ଶାଢ଼ି ବୁଣୁଥିବା ଦେଖିବାକୁ ମିଳିଥାଏ। ଜଗନ୍ନାଥ ସଂସ୍କୃତିରୁ ପ୍ରେରିତ ହୋଇ ଅଧିକାଂଶ ଶାଢ଼ିରେ ଜଗନ୍ନାଥଙ୍କ ଶ୍ରୀମନ୍ଦିର, ଧାର୍ମିକ ଡିଜାଇନ ଓ ପାରମ୍ପରିକ ରଙ୍ଗ ଦେଖିବାକୁ ମିଳିଥାଏ। ଏହା ବ୍ୟତୀତ ଓଡ଼ିଶା ଏହାର ସିଲ୍କ ଓ କଟନ ପାଇଁ ମଧ୍ୟ ଜଣାଶୁଣା। ଭିନ୍ନ ଭିନ୍ନ ପ୍ରକାରର ଟସର ସିଲ୍କ ଓ କଟନ ଏହା ଉତ୍ପାଦନ କରୁଛି। ଇକତ ରଙ୍ଗ ଓ ବୁଣାର ଶୈଳୀ ପାଇଁ ଏହି ରାଜ୍ୟ ଅଧିକ ଜଣାଶୁଣା। ଓଡ଼ିଶାର ସବୁଠାରୁ ଲୋକପ୍ରିୟ ଶାଢ଼ି ମଧ୍ୟରେ ସମ୍ବଲପୁରୀ ଶାଢ଼ି ଅନ୍ୟତମ। ଏହି ଶାଢ଼ି ଉପରେ ସାଧାରଣତଃ ପକ୍ଷୀ, ପଶୁ, ରୁଦ୍ରାକ୍ଷ ମାଳା, ଜ୍ୟାମେଟ୍ରିକ ଡିଜାଇନ, ପଶା, ମନ୍ଦିରର ଶିଖର, ଫୁଲ ଆଦି କାରୁକାର୍ଯ୍ୟ



କରାଯାଇଥାଏ। ଏହି ଶାଢ଼ି ଜଗନ୍ନାଥଙ୍କ ମନ୍ଦିରରେ ଠାକୁରଙ୍କୁ ସଜ୍ଜାଯାଉଛି। ବୋମକାଇ ଶାଢ଼ି ପିନ୍ଧିବା ଆରାମଦାୟକ। ସାଧାରଣତଃ ନରମ ରେଶମରେ ବୁଣାଯାଇଥିବା ଏହି ଶାଢ଼ିର ପଣତ ଓ ପାଢ଼ିରେ ରେଶମ ବା ସିଲ୍କ ସୂତାରେ ଏମ୍ବ୍ରୋଡରୀ ଓ ଇକତ ବୟନ କଳାର ସଂଯୋଜନା ଦେଖିବାକୁ ମିଳିଥାଏ। କୋରାପୁଟ ଜିଲାର କୋଟପା ସୂତା ଶାଢ଼ିର ବର୍ଡର ବହୁତ ଟାଣ। ଏହାକୁ ଅର୍ଗାନିକ୍ ଭାବରେ ରଙ୍ଗ କରାଯାଇଥାଏ। ବରଗଡ଼ରେ ବୁଣାଯାଉଥିବା ପଶାପାଲି ଶାଢ଼ି ହେଉଛି ଏକ ଇକତ ଶାଢ଼ି। ଏହି ଶାଢ଼ିର ଡିଜାଇନ ଚେକ୍‌ବୋର୍ଡ ବା ପଶାପାଲିରୁ ଅନୁପ୍ରାଣିତ ହୋଇଛି। ଡବଲ ଇକତରେ ଏହି ଶାଢ଼ି ବୁଣାଯାଏ। ପଶାପାଲି ଶାଢ଼ିର ରଙ୍ଗ ଉଜ୍ଜ୍ୱଳ। ଏହି ଶାଢ଼ି ପଶ୍ଚିମ ଓ ସୋନପୁର, ବରପାଲି, ବାଉଁସରର ବୁଣାକାରମାନେ ବୁଣିଥାନ୍ତି। କଟକର ନୂଆପାଟଣାରେ ବୁଣାଯାଉଥିବା ଖଣ୍ଡୁଆ ପାଟ ଶାଢ଼ି ସାଧାରଣତଃ ନରମ ସିଲ୍କ କିମ୍ବା ମାଲଦା ସିଲ୍କ ସୂତାରେ ବୁଣାଯାଏ। ବ୍ରହ୍ମପୁରର ବୁଣାକାରମାନେ ବୟନ କରୁଥିବା ବ୍ରହ୍ମପୁରୀ ଶାଢ଼ି ବା ବ୍ରହ୍ମପୁରୀ ପାଟ ଜିଆଇ ଟ୍ୟାଗ ପାଇଛି। ଏହାର ସ୍ୱାତନ୍ତ୍ର୍ୟ ହେଉଛି ଏହା ପୁରୁଷଙ୍କ ପାଇଁ ଉପଯୁକ୍ତ ଯୋଡ଼ ସହିତ ଆସିଥାଏ। ଏହି ଶାଢ଼ି ବିବାହ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟରେ ପିନ୍ଧିବାକୁ ଅଧିକ ପସନ୍ଦ କରାଯାଏ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ରାଜ୍ୟର ପାରମ୍ପରିକ କଳା, ବୁଣାକାର ଏବଂ ଶିଳ୍ପୀମାନଙ୍କ ବିକାଶ ପାଇଁ କାର୍ଯ୍ୟ କରେ । ଏହା ବୁଣାକାରଙ୍କୁ ସୁଧମୁକ୍ତ ଋଣ, ବୟନ ଜ୍ୟୋତି ଯୋଜନା ଏବଂ ବଜାର ସୁବିଧା ଯୋଗାଇବା ସହ ୫୫ଟି ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ଉଭୟ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗଣ-ପୋଷାକ ପରିଧାନ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ମହାବିଦ୍ୟାଳୟରେ ଗଣ-ପୋଷାକ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ଓ ସମାନତାର ପ୍ରତୀକ। ମହାବିଦ୍ୟାଳୟଗୁଡ଼ିକରେ ସ୍ଥାନୀୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ସହଜ ଓ ସୁଲଭ ମୂଲ୍ୟରେ ମିଳିପାରୁଥିବା କପଡ଼ାକୁ ଛାତ୍ରୀଛାତ୍ରମାନେ ବ୍ୟବହାର କରିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଥା'ନ୍ତି। ଓଡ଼ିଶାରେ ସରକାରୀ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ପୋଷାକ ଭାବରେ ପାରମ୍ପରିକ ଓଡ଼ିଆ ପୋଷାକକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ଦ୍ୱାରା ''ଆମ ପୋଷାକ ଆମ ପରିଚୟ ଦିବସ'' ପାଳନ କରି ଓଡ଼ିଆ ଅସ୍ମିତାର ପରିଚୟ ସୃଷ୍ଟି କରିଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ସ୍ଥାନୀୟ କଳାକାର ଓ ବୁଣାକାରଙ୍କୁ ସହଯୋଗ କରିବା ଏବଂ ଓଡ଼ିଶାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଫଳରେ ପାରମ୍ପରିକ ପୋଷାକ ଶିଳ୍ପ ପୁନର୍ଜୀବନ ପାଇପାରିବ। ଓଡ଼ିଆଙ୍କ ମଧ୍ୟରେ ନିଜର ପାରମ୍ପରିକ ପୋଷାକ ପ୍ରତି ଆଗ୍ରହ ବଢ଼ିଲେ ଚାହିଦା ବଢ଼ିବ ଓ ବଜାର ମଧ୍ୟ ବଢ଼ିବ। ବଜାର ବଢ଼ିଲେ ବୁଣାକାରମାନେ ରୋଜଗାର ପାଇବେ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,**
**ସିଦ୍ଧେଶ୍ୱରୀ ସ୍ୱାତକ**
**ମହାବିଦ୍ୟାଳୟ.ନନ୍ଦପୁର, କୋରାପୁଟ**
**ମୋ: ୯୪୩୭୯୫୫୫୬୮**

## ଏଇ ଭାରତରେ

ସଡ଼କ ପଥରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ନୂଆ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି ଆନ୍ଧ୍ରପ୍ରଦେଶ ଏନ୍‌ଟିଆର୍ ଜିଲାର ଜି. ଶ୍ରୀନିବାସ ରେଡ୍ଡୀ। ଯେ କେହି ଯାତ୍ରା କରୁଥିବା ସମୟରେ ଏହି କ୍ୟୁଆର୍ ସ୍କାନ କଲେ ଆନ୍ଧ୍ରପ୍ରଦେଶର ଯେ କୌଣସି ସ୍ଥାନରେ ଆପଣଙ୍କ ଯାତ୍ରାକୁ ସୁରକ୍ଷିତ କରିପାରିବ। ରେଡ୍ଡୀ ମୋହନ ବାବୁ ୟୁନିଭର୍ସିଟିର ୪ର୍ଥ ବର୍ଷ ଇଞ୍ଜିନିୟରିଂ ଛାତ୍ର। ସବୁ ଛାତ୍ର ଶେଷବର୍ଷ ପ୍ରୋଜେକ୍ଟଗୁଡ଼ିକରେ ବ୍ୟସ୍ତ ଥିବାବେଳେ ଶ୍ରୀନିବାସ ଯାତ୍ରୀଙ୍କ ସୁରକ୍ଷା ପାଇଁ କ୍ୟୁଆର୍ କୋଡ୍ ବିକାଶରେ ବ୍ୟସ୍ତ ରହି ସଫଳତା ପାଇଛନ୍ତି। ଏନ୍‌ଟିଆର୍ ଜିଲା ପୋଲିସ ଏହାକୁ ଗ୍ରହଣ କରିଛି। ଏହି କ୍ୟୁଆର୍ କୋଡ୍‌କୁ ସରକାରୀ ଏବଂ ଭଡ଼ାରେ ଯାଉଥିବା ବେସରକାରୀ ଯାନଗୁଡ଼ିକର ଡ୍ରାଇଭର ସିଟ୍ ପଛପାଖରେ ଲଗାଯାଇଛି। ଯାତ୍ରା ଆରମ୍ଭରେ ଯାତ୍ରୀ ଏହାକୁ ସ୍ମାର୍ଟଫୋନରେ ସ୍କାନ କଲେ ଗାଡ଼ିର ଉପସ୍ଥିତି ଓ ଡ୍ରାଇଭର ସମ୍ପର୍କିତ ସମସ୍ତ ତଥ୍ୟ ପୋଲିସ କଣ୍ଟ୍ରୋଲ ରୁମ୍ ଏବଂ ନିକଟସ୍ଥ ପେଟ୍ରୋଲ ପମ୍ପ ସହ ଶେୟାର ହୋଇପାରୁଛି। ଶ୍ରୀନିବାସ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏସ୍‌ଏସ୍ ଇଲେକ୍ଟ୍ରୋନିକ୍ସ ଷ୍ଟାର୍ଟଅପ୍ ଦ୍ୱାରା ଟ୍ରାଫିକ ପୋଲିସ ସହାୟତାରେ ଏହି କ୍ୟୁଆର୍ କୋଡ୍ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଏପ୍ରିଲ ୧୯୭୬**

- ପ୍ରଧାନମନ୍ତ୍ରୀ ଓ ବାଚସ୍ପତିଙ୍କ ନିର୍ବାଚନ ସଂକ୍ରାନ୍ତୀୟ ବିବଦମାନ ନିର୍ବାଚନ ବିଲ୍ ରାଜ୍ୟସଭାରେ ବିନା ଆଲୋଚନାରେ ଗୃହୀତ।
- ଆସାମରେ କଂଗ୍ରେସ ଦଳର ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀ ମନେକରି ମୁଖ୍ୟମନ୍ତ୍ରୀ ଶରତ ଚନ୍ଦ୍ର ସିଂହଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଚକିତ ହରିଣୀ-ନୟନ ଚାହିଁଛି
ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
ମୋହରି ବିରହ ପ୍ରାସେ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 7 |
| | | 5 | | | | | 6 | 8 |
| | | | | 8 | | | 5 | |
| | | | 6 | | | | | |
| | | 2 | | | | | 4 | |
| | 1 | 6 | | | | 9 | | |
| 2 | | 4 | | 3 | 9 | 5 | | |
| | 5 | 1 | | | | | | 3 |
| 3 | | | | 2 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 3 | 1 | 2 | 8 | 6 | 4 | 7 |
| 4 | 7 | 8 | 6 | 5 | 9 | 1 | 3 | 2 |
| 6 | 1 | 2 | 7 | 4 | 3 | 9 | 8 | 5 |
| 7 | 8 | 5 | 9 | 1 | 4 | 3 | 2 | 6 |
| 2 | 3 | 9 | 5 | 8 | 6 | 4 | 7 | 1 |
| 1 | 6 | 4 | 2 | 3 | 7 | 8 | 5 | 9 |
| 5 | 4 | 6 | 3 | 9 | 2 | 7 | 1 | 8 |
| 3 | 2 | 7 | 8 | 6 | 1 | 5 | 9 | 4 |
| 8 | 9 | 1 | 4 | 7 | 5 | 2 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧୀଙ୍କୁ ଦଣ୍ଡ ଦେବା ପୋଲିସର କାର୍ଯ୍ୟ ନୁହେଁ

ମହାଶୟ,

ମଦୁରାଇରେ ମହିଳା କନ୍‌ଷ୍ଟେବଲ ରେବତୀଙ୍କ ସାକ୍ଷ୍ୟ ପ୍ରଦାନରେ ଦୁଇ ଜଣଙ୍କ ହାଜତ ମୃତ୍ୟୁ ଘଟଣାରେ ନଅ ଜଣ ପୋଲିସଙ୍କୁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛି ମଦୁରାଇ ଜିଲା କୋର୍ଟ। ଶୃଙ୍ଖଳିତ ଆଇନ ସଂହିତାର ସମ୍ମାନ ଓ ତା'ର ରକ୍ଷଣାବେକ୍ଷଣରେ ପ୍ରକୃତ ଦଣ୍ଡବିଧି ପ୍ରଦାନ ବ୍ୟବସ୍ଥାର କାର୍ଯ୍ୟକାରିତା ହିଁ ଦେଶପ୍ରେମର ପରିଭାଷା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜକୁ ସର୍ବେସର୍ବା ଭାବୁଥିବା ପୋଲିସର କଠୋର ବ୍ୟବହାର ଯୋଗୁ ଥାନାରେ ହାଜତ ନିର୍ଯାତନା ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଖବର ଦୃଷ୍ଟିଗୋଚର ହେବା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ। ମଦୁରାଇ ଜିଲା କୋର୍ଟ ନ୍ୟାୟାଧୀଶ ଦୁଇଜଣଙ୍କ ହାଜତ ମୃତ୍ୟୁର ବିଚାରକୁ ନେଇ କହିଛନ୍ତି, ଏହା ଅତି ଜଘନ୍ୟ ଓ ବିରଳ। ସମ୍ପୃକ୍ତ ନଅଜଣ ପୋଲିସ ଅଧିକାରୀଙ୍କୁ ଯେଉଁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି, ତାହା ଆଇନକୁ ହାତକୁ ନେଉଥିବା ପୋଲିସଙ୍କ ପାଇଁ ଚେତାବନୀ। ପୋଲିସ ଜାଣିବା ଉଚିତ ଯେ ଅପରାଧୀଙ୍କୁ ଦଣ୍ଡଦେବା ସେମାନଙ୍କ କାର୍ଯ୍ୟ ନୁହେଁ, କିଏ ଦୋଷୀ ଓ କିଏ ନିର୍ଦ୍ଦୋଷ ତାହା ନ୍ୟାୟାଳୟ ନିର୍ଣ୍ଣୟ କରିବେ। ପୋଲିସ ଜାଣିବା ଉଚିତ, ସେମାନେ ଆଇନର ରକ୍ଷକ। କେହି ଆଇନ ଊର୍ଦ୍ଧ୍ୱରେ ନାହାନ୍ତି ବୋଲି ଚେତାଇ ଦେଇଛନ୍ତି ମଦୁରାଇ କୋର୍ଟ।

**-ଅଶୋକ କୁମାର ଆଢ୍ୟ**
**ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଆଶା ଭୋସ୍‌ଲେ, ଭାରତୀୟ ସଙ୍ଗୀତ ଜଗତର ଅନ୍ୟତମ ଲୋକପ୍ରିୟ କଣ୍ଠଶିଳ୍ପୀ। ସଂଗୀତ ପ୍ରତି ସମର୍ପିତ ଏହି ଗାୟିକା ଭଜନ, ଗଜଲ, ଶାସ୍ତ୍ରୀୟ ସଙ୍ଗୀତ, ପପ୍ ମ୍ୟୁଜିକ୍ ଆଦିରେ ନିଜର ସ୍ୱକୀୟତା ପ୍ରତିପାଦନ କରିଛନ୍ତି। ଦୀର୍ଘ ୮୦ ବର୍ଷରୁ ଊର୍ଦ୍ଧ୍ୱ କାଳ ୨୦ଟି ଭାଷାରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୀତ ଗାଇ ନିଜ କଣ୍ଠର ଯାଦୁରେ ଶ୍ରୋତାଙ୍କୁ ବାନ୍ଧି ରଖିଥିବା ଏହି ପ୍ରଖ୍ୟାତ ଗାୟିକାଙ୍କ ପରଲୋକ ହୋଇଯାଇଛି ସତ, କିନ୍ତୁ କାଳଜୟୀ ଅନେକ ଗୀତ ତାଙ୍କୁ ସବୁଦିନ ଶ୍ରୋତାଙ୍କ ପାଖରେ ସ୍ମରଣୀୟ କରି ରଖିବ।

# ଅପାସୋରା ଆଶା





ପରିବାର ସଦସ୍ୟଙ୍କ ସହ ଆଶା।

## ସଙ୍ଗୀତ ପରିବାରରେ ଜନ୍ମ

ମହାରାଷ୍ଟ୍ରର ସାନଗ୍ଲିସ୍ଥିତ ଗୋର୍‌ଠାରେ ଆଶା ଭୋସଲେ ୧୯୩୩ ସେପ୍ଟେମ୍ବର ୮ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପଣ୍ଡିତ ଦିନାନାଥ ମଙ୍ଗେସକର ମରାଠୀ ସଙ୍ଗୀତ ଜଗତରେ ଜଣେ ବିଶିଷ୍ଟ ଗାୟକ ଏବଂ ଅଭିନେତା ଥିଲେ। ତାଙ୍କର ଚାରି ଜଣ ଝିଅ– ଲତା ମଙ୍ଗେସକର, ମୀନା ଖାଡିକର, ଆଶା ଭୋସଲେ ଏବଂ ଉଷା ମଙ୍ଗେସକର ଥିଲେ। ତେଣୁ ପିଲାଟି ଦିନରୁ ସେ ଗୀତର ପରିବେଶରେ ସମୟ କଟାଇଥିଲେ, ଯାହା ଭବିଷ୍ୟତରେ ତାଙ୍କୁ ଜଣେ ଗାୟିକା ହେବାକୁ ଯଥେଷ୍ଟ ପ୍ରେରଣା ଦେଇଥିଲା। ଜନ୍ମ ପରେ ତାଙ୍କର ନାମ ଥିଲା ଆଶା ମଙ୍ଗେସକର। କିନ୍ତୁ ବିବାହ ପରେ ସେ ତାଙ୍କର ସାଙ୍ଗିଆ ବଦଳାଇ ଦେଇ ଆଶା ଭୋସଲେ ନାମରେ ପରିଚିତ ହୋଇଥିଲେ।

## ସଂଘର୍ଷରୁ ଜୀବନ ଆରମ୍ଭ

ଆଶା ଥିଲେ ଦିନାନାଥ ମଙ୍ଗେସକରଙ୍କ ତୃତୀୟ କନ୍ୟା। ଦିନାନାଥଙ୍କର ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୯ ବର୍ଷ ବୟସ ହୋଇଥିଲା। ଏହି ସମୟରେ ତାଙ୍କର ପରିବାର ପୁଣେରୁ କୋଲ୍ହାପୁରରୁ ଆସିଥିଲେ। ସେଠାରେ କିଛିଦିନ ରହିବା ପରେ ସେମାନେ ମୁମ୍ବାଇ ଆସିଥିଲେ। ତେଣୁ ଏଭଳି ଏକ ଘଡିସନ୍ଧି ସମୟରେ ଉଭୟ ଲତା ଏବଂ ଆଶା ପରିବାର ଚଳାଇବାକୁ ଗୀତ ଗାଇବାକୁ ପେସା ଭାବରେ ଗ୍ରହଣ କରିନେଇଥିଲେ। ତେଣୁ ପିଲାଟି ଦିନରୁ ଆଶାଙ୍କୁ ଏକ ସଂଘର୍ଷମୟ ଜୀବନ କଟାଇବାକୁ ପଡିଥିଲା। ପରିଶ୍ରମ କେବେ ବୃଥା ଯାଏନା। ଶେଷରେ ନିଜର ଉଦ୍ୟମ ବଳରେ ଆଶା ନିଜକୁ ଜଣେ ନାମୀ ଗାୟିକା ଭାବରେ କେବଳ ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ।

## ଚର୍ଚ୍ଚିତ ଚଳଚ୍ଚିତ୍ର ଗୀତ

- ଉଡେ ଜବ୍ ଜବ୍ ଜୁଲଫେ ତେରି (ନୟା ଦୌର)
- ଚୁରା ଲିୟା ହେ ତୁମନେ ଯୋ ଦିଲ କୋ (ୟାଦୋଁ କି ବାରାତ୍’)
- ପିୟା ତୁ ଅବ୍ ତୁ ଆଜା (କାରାୱାନ)
- ଦମ୍ ମାରୋ ଦମ୍ (ହରେ ରାମା ହରେ କ୍ରିଷ୍ଣା)
- ଓ ହସୀନା ଜୁଲଫୱାଲି (ତିସରି ମଞ୍ଜିଲ)
- ଏ ମେରା ଦିଲ୍ ୟାର କା ଦିୱାନା (ଡନ୍)
- ଇନ୍ ଆଖୋଁ କା ମସ୍ତି (ଉମରାଓ ଜାନ୍)
- ପରଦେ ମେଁ ରହନେ ଦୋ (ଶିକାର)
- ଅବ୍ ନା ଜାଓ ଛୋଡ୍ କର (ହମ୍ ଦୋନୋ)
- କହେଦୋ ତୁନେ ୟା ଚୁପ୍ ରହୁଁ (ଦିୱାର)
- ରଙ୍ଗିଲା ରେ (ରଙ୍ଗିଲା)
- ଧୂପ୍ ମେଁ ନିକଲା ନା କରୋ ରୂପ କି ରାନୀ (ଗିରଫ୍‌ତାର)
- ମାର୍ ଗୟି ମୁଝେ ତେରି ଜୁଦାଇ (ଜୁଦାଇ)
- ଲେ ଗୟି ଲେ ଗୟି (ଦିଲ୍ ତୋ ପାଗଲ ହେ)
- ଜରାସା ଝୁମ୍ ଲୁ ମେଁ (ଦିଲୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ)
- ଏକ ହସିନା ଥି ଏକ ଦିୱାନା ଥା (କର୍ଜ)
- ଜୱାନୀ ଜାନେମନ ହସୀନା ଦିଲରୁବା (ନମକ ହଲାଲ)



ଆର୍‌ଡି ବର୍ମନ(ବାମ) ଓ କିଶୋର କୁମାରଙ୍କ ସହ ଆଶା

## ମରାଠୀ ଫିଲ୍ମରେ ପ୍ରଥମ ସୁଯୋଗ

ସେତେବେଳେ ଆଶାଙ୍କୁ ହୋଇଥାଏ ମାତ୍ର ୧୦ ବର୍ଷ। କିନ୍ତୁ ଏହି ବୟସରେ ତାଙ୍କୁ ଗାୟିକା ହେବାର ସୁଯୋଗ ମିଳିଥିଲା। ୧୯୪୩ରେ ସେ ‘ମାଝା ବଲ’ ଶୀର୍ଷକ ଏକ ମରାଠୀ ଫିଲ୍ମ ପାଇଁ ଗୀତ ଗାଇଥିଲେ। ଆଉ ଗୀତଟି ଥିଲା –‘ଚଲା ଚଲା ନବ ବାଲା’। ପରବର୍ତ୍ତୀ ସମୟରେ ଅନେକ ମରାଠୀ ଚଳଚ୍ଚିତ୍ର ଲାଗି ସେ ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ।

## ୧୬ ବର୍ଷ ବୟସରେ ବିବାହ

ଆଶାଙ୍କୁ ୧୬ ବର୍ଷ ବୟସ ହୋଇଥିବାବେଳେ ଗଣପାତ୍ରୋ ଭୋସଲେଙ୍କ ସହ ଘରୁ ଲୁଚି ଚାଲିଯାଇଥିଲେ ଏବଂ ପରବର୍ତ୍ତୀ ସମୟରେ ବିବାହ (୧୯୪୯) କରିଥିଲେ। ଗଣପାତ୍ରୋ ତାଙ୍କଠାରୁ ବୟସରେ ୨୦ ବର୍ଷ ବଡ଼ ଥିଲେ। ଏହି ବୈବାହିକଜୀବନମାତ୍ର ୧୧ ବର୍ଷତିଷ୍ଠିରହିଥିଲା।ଏପରିକି୧୯୬୦ରେଗର୍ଭବତୀ ଥିବା ବେଳେ ତାଙ୍କୁ ଘରକୁ ଫେରିବାକୁ ପଡିଥିଲା। ୧୯୮୦ରେ ତାଙ୍କଠାରୁ ଛଅ ବର୍ଷ ସାନ ତଥା ସଙ୍ଗୀତ ନିର୍ଦ୍ଦେଶକ ଆର୍‌.ଡି.ବର୍ମନଙ୍କ ସହ ହାତକୁ ଦି’ ହାତ ହୋଇଥିଲେ। କିଛି ବର୍ଷ ପରେ ଦୁହେଁ ଅଲଗା ରହୁଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଡିଭୋର୍ସ ହୋଇ ନ ଥିଲା। ୧୯୯୪ରେ ଆର୍‌.ଡି. ବର୍ମନ ମୃତ୍ୟୁବରଣ କରିଥିଲେ। ଆଶାଙ୍କର ଦୁଇଟି ପୁଅ (ହେମନ୍ତ, ଆନନ୍ଦ) ଏବଂ ଗୋଟିଏ ଝିଅ (ବର୍ଷା) ଅଛନ୍ତି।

## ଆଶାଙ୍କ କଣ୍ଠରେ ଓଡ଼ିଆ ଗୀତ...

ଓଡ଼ିଆ ଚଳଚ୍ଚିତ୍ର ଆରତି (୧୯୮୧)ରେ ସଂଯୋଜିତ ‘ଜହ୍ନ ଗୋ ତୁମେ ଝୁରନା’ ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ବାସୁଦେବ ରଥଙ୍କ ସ୍ୱର ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ଆଶା ଭୋସଲେ। ସେହିପରି ୧୯୭୫ ମସିହାରେ ‘ଝିମି ଝିମି ତା ମଜା ଡାକିଲେ ନ ଛାଡ଼ିବୁ’, ‘ମୁଁ ହଜିଛି ତୁମ ଆଖିର’ (ସନ୍ଧ୍ୟାତାରା) ଏବଂ ସ୍ୱରୂପ ନାୟକଙ୍କ ରଚିତ ଓ ଆର୍‌.ଡି. ବର୍ମନଙ୍କ ସ୍ୱର ସଂଯୋଜିତ ‘ତୋ ନାଁରେ ପିନ୍ଧିଲି ଶାଢ଼ି’ (ମା’) ଭଳି ଓଡ଼ିଆ ସିନେମା ଗୀତ ସେ ମଧ୍ୟ ଗାଇଛନ୍ତି। ୧୯୬୮ରେ ମୁକ୍ତିଲାଭ କରିଥିବା ‘ଅରୁନ୍ଧତୀ’ ଚଳଚ୍ଚିତ୍ର ପାଇଁ ଆଶା ଗାଇଥିଲେ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ଓ ଶାନ୍ତନୁ ମହାପାତ୍ରଙ୍କ ସ୍ୱର ସଂଯୋଜିତ ଗୀତ ‘ରସିଆରେ, ଯା’ରେ ଯା’ କହିଯା’। ୧୯୮୪ରେ ପରଦାକୁ ଆସିଥିବା ଗୁରୁ ମହାନ୍ତି ଓ କମଳ ପଟ୍ଟନାୟକଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ଫିଲ୍ମ ‘ରାଧା’ର ‘ଏ ମନ ପିଆଲାରେ ଭରିଦିଅ ପୀରତି ମଦିରା’ ଗୀତଟିକୁ ମଧ୍ୟ ଆଶା ଗାଇଥିଲେ। ଅନ୍ୟପକ୍ଷରେ ଶଙ୍କର–ଏଶାନ୍–ଲୟଙ୍କ ସଙ୍ଗୀତ ସଂଯୋଜନାରେ ‘ବନ୍ଦେ ଉତ୍କଳ ଜନନୀ’ ଏବଂ ‘ଟୋପାଏ ସିନ୍ଦୂର ଦି ପଟ ଶଙ୍ଖା’ର ‘ମଇନା ମଇନା’ ଗୀତ ପାଇଁ ମଧ୍ୟ ଆଶା କଣ୍ଠଦାନ କରିଥିଲେ।

## ‘ଳ’ ପାଇଁ କାଳିଆ ହେଲା ମଣିମା

ଆଶା ଗାଇଥିବା ଓଡ଼ିଆ ଭଜନ ‘ମଣିମା’ ସମ୍ପର୍କରେ ଗୀତିକାର ବାପୁ ଗୋସ୍ୱାମୀ ଯାହା କହନ୍ତି...

୨୦୧୬ ମସିହାର ଶେଷ ଭାଗ। ତା’ ପର ବର୍ଷ ରଥଯାତ୍ରାକୁ ଲକ୍ଷ୍ୟ ରଖି ଲତା ମଙ୍ଗେସକର ଗାଇବା ଲାଗି ୭ଟି ଭଜନ ପ୍ରସ୍ତୁତ କରି ସଙ୍ଗୀତ ନିର୍ଦ୍ଦେଶକ ଦେବୀତୋଷ ଆଚାର୍ଯ୍ୟଙ୍କ ସହ ମୁମ୍ବାଇ ଯାଇଥିଲୁ। ସେଠାରେ ଲତାଙ୍କ ପି.ଏ.ଙ୍କୁ ଭେଟି ଏ ବିଷୟରେ ସବିଶେଷ କଥା ହେଲୁ। ମାତ୍ର ତାଙ୍କ ଡାକ୍ତର ଲତା ଗାଇବା ପାଇଁ ଏବେ ସମର୍ଥ ନୁହନ୍ତି ବୋଲି ରୋକ୍‌ଠୋକ୍ ଜଣାଇ ଦେଲେ। ତେଣୁ ଆମେ ନିରୁପାୟ ହୋଇ ଫେରିବା ପାଇଁ ଚିନ୍ତା କଲୁ। ସେଠାରୁ ବାହାରି ଆସିବା ବେଳକୁ ସେହି ପି.ଏ. କହିଲେ, ‘ଆପଣମାନେ ଆଶା ତାଇଙ୍କ ପାଇଁ ବି ଚେଷ୍ଟା କରିପାରିବେ। ଆମେ ସେଇଠି ପୁଣି ଚିନ୍ତା କଲୁ ଯେ ଲତା ନ ହେଲେ ଆଶା ଗାଇଲେ ବି ଚଳିଯିବ। ତେଣୁ ଆମେ ତାଙ୍କ କଥାରେ ରାଜି ହେବା ପରେ ସେ ଯୋଗାଯୋଗ କରାଇଦେଲେ। ଆମେ ଯାଇ ଆଶା ଭୋସଲେଙ୍କୁ ଭେଟିଲୁ। ତାଙ୍କୁ ଜଗନ୍ନାଥଙ୍କ ମୂର୍ତ୍ତି ଏବଂ ମହାପ୍ରସାଦ ଦେଲୁ। ଏସବୁ ପାଇ ସେ ଅତ୍ୟନ୍ତ ଆନନ୍ଦିତ ହେଲେ। ଏଥିସହ ଜଗନ୍ନାଥଙ୍କ ଭଜନ ଗାଇବା ପାଇଁ ସମ୍ମତି ପ୍ରଦାନ କରି କମ୍ପୋଜିଶନ କରି ପଠାଇବାକୁ କହିଲେ। ସେଇଠୁ ଆମେ ଭୁବନେଶ୍ୱର ଫେରି ଆସିଲୁ ଏବଂ କମ୍ପୋଜିଶନ ପ୍ରସ୍ତୁତ କରି ପୁଣି ମୁମ୍ବାଇ ଗଲୁ। ସେଠାରେ ଆଶା ଆମ କମ୍ପୋଜିଶନ ଶୁଣିବା ପରେ ଖୁସି ହେଲେ ଏବଂ ଭଜନ ଗାଇବାକୁ ହଁ ଭରିଲେ। ସେଠାରେ ମୁଁ ତାଙ୍କୁ କେତୋଟି ଶବ୍ଦର ଅର୍ଥ ବୁଝାଇଲି। କିନ୍ତୁ ତାଙ୍କର ‘ଳ’ ଅକ୍ଷରଟି ଉଚ୍ଚାରଣରେ ଅସୁବିଧା ହେବାରୁ ‘କାଳିଆ’ ଶବ୍ଦକୁ ବଦଳାଇ ‘ମଣିମା’ କରାଗଲା। ସେ ଗାଇଥିବା ଗୀତଟି ଥିଲା ‘ତୁମେ ଏକା ସାଆନ୍ତ ବୋଲି...ଦୁଃଖ ମୁଁ ଯାଇଛି ଭୁଲି ...ମଣିମା..’। ସେ ଗାଇବା ପରେ ସେଠାରେ ଉପସ୍ଥିତ ଥିବା ସଙ୍ଗୀତ ନିର୍ଦ୍ଦେଶକଙ୍କ ସମେତ ସମସ୍ତେ ଖୁସି ହୋଇଗଲୁ। ଗୀତଟି ଶୁଣିବା ପରେ ଆମେ ଲତା ଏବଂ ଆଶାଙ୍କ ସ୍ୱରରେ କିଛି ଫରକ ଜାଣିପାରି ନ ଥିଲୁ। ଏବେବି ସେ କଥା ମୋ ସ୍ମୃତିରେ ସଜଳ ହୋଇ ରହିଛି।



ଭଉଣୀ ଲତା ମଙ୍ଗେସକରଙ୍କ ସହ ଆଶା

## ସମ୍ମାନ-ପୁରସ୍କାର

ଆଶା ଭୋସଲେ ପ୍ରଥମ ଥର ପାଇଁ ୧୯୬୭ରେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ ଆଉ ଫିଲ୍ମଟି ଥିଲା ‘ଦଶ ଲାଖ’। ଏହାବ୍ୟତୀତ ୧୯୬୯(ଶିକାର), ୧୯୭୨ (କାରାୱାନ), ୧୯୭୩ (ହରେ ରାମା ହରେ କ୍ରିଷ୍ଣା), ୧୯୭୪ (ନୈନା), ୧୯୭୫ (ପ୍ରାଣ ଯାଏ ବଚନ ନା ଯାଏ), ୧୯୭୯ (ଡନ୍) ପାଇଁ ଫିଲ୍ମ ଫେୟାର ଏବଂ ୧୯୯୬ରେ ‘ରଙ୍ଗିଲା’ ଲାଗି ସ୍ୱତନ୍ତ୍ର ଭାବରେ ଏହି ପୁରସ୍କାର ପାଇଥିଲେ। ‘ଉମରାଓ ଜାନ୍’ ଚଳଚ୍ଚିତ୍ର ପାଇଁ ଜାତୀୟ ପୁରସ୍କାର ସମେତ ସେ ଦୁଇ ଥର ଆଇଫା ପୁରସ୍କାର ମଧ୍ୟ ପାଇଛନ୍ତି। ୨୦୦୦ ମସିହାରେ ସେ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୮ରେ ପଦ୍ମଭୂଷଣ ସମ୍ମାନ ପାଇଥିଲେ। ୧୯୯୭ ଏବଂ ୨୦୦୬ରେ ଦୁଇ ଥର ଗ୍ରାମୀ ପୁରସ୍କାର ନୋମିନେଶନ ତାଲିକାରେ ସେ ସ୍ଥାନ ପାଇଥିଲେ।



# ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପ୍ଲାଣ୍ଟ ମ୍ୟୁଜିୟମ

- ୧୦୬ ପ୍ରଜାତିର ଧାନ ଓ ୨୦ ପ୍ରଜାତିର ମାଣ୍ଡିଆ ରହିଛି
- ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟରେ ଏଭଳି ନିଆରା ପଦକ୍ଷେପ

ଭବାନୀପାଟଣା, ୧୨।୪
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ଲାଣ୍ଟ ସ୍ପେସିମେନ ମ୍ୟୁଜିୟମ ଏବେ ଗବେଷକମାନଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ଏହି ମ୍ୟୁଜିୟମରେ ବହୁ ଲୋପ ପାଇଯାଉଥିବା ପ୍ରଜାତିର ଧାନ, ମାଣ୍ଡିଆ, ବିଭିନ୍ନ ଉଦ୍ଭିଦରୁ ନିର୍ମିତ ତେଲ ଓ ମଞ୍ଜି ସଂଗ୍ରହ କରାଯାଇ ଏହା ଉପରେ ଗବେଷଣା ଚାଲିଛି। ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏହି ଅଭିନବ ପଦକ୍ଷେପ ଆଗକୁ ଗବେଷକମାନଙ୍କୁ ସହାୟକ ହେବ।

ପ୍ରାପ୍ତ ସୂଚନାରୁ ପ୍ରକାଶ, ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଲୋପ ପାଇଯାଉଥିବା ବିଭିନ୍ନ ବିରଳ ଧାନ, ମାଣ୍ଡିଆ, ତେଲ ଓ ବିଭିନ୍ନ ମଞ୍ଜି ସଂଗ୍ରହ କରି ମ୍ୟୁଜିୟମରେ ରଖାଯିବା ଭଳି ଅଭିନବ ପଦକ୍ଷେପ ଆରମ୍ଭ ହୋଇଛି। ଗତ ଜାନୁଆରୀ ୧୨ରେ କୋଲକାତାର ବଟାନିକାଲ ସର୍ଭେ ଅଫ ଇଣ୍ଡିଆର ବୈଜ୍ଞାନିକ ଜେ. ଏସ ଜଲାଲ, ମାନସ ରଞ୍ଜନ ଦେବତା, ବୋଟାନିକାଲ ଆସିଷ୍ଟାଣ୍ଟ ଶ୍ୟାମ ବିଶ୍ୱ, ପ୍ରୋଗ୍ରାମ ଅଫିସର ସୋମେନ ଗନ୍ତାୟତ ପ୍ରମୁଖ ଯୋଗଦେଇ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ଲାଣ୍ଟ ସ୍ପେସିମେନ ମ୍ୟୁଜିୟମକୁ ଉଦ୍‌ଘାଟନ କରିଥିଲେ। ଏହି ମ୍ୟୁଜିୟମରେ ୧୦୬ ପ୍ରକାରର ଧାନ, ୨୦ ପ୍ରକାର ମାଣ୍ଡିଆ, ୮ ପ୍ରକାର ତେଲ, ମଞ୍ଜି, ଔଷଧୀୟ ବୃକ୍ଷ ଓ ସାମଗ୍ରୀ ତଥା ବିଭିନ୍ନ ଦେଶୀୟ ଉଦ୍ଭିଦ ସଂଗ୍ରହ କରି ରଖାଯାଇଛି। ଜୟପୁର ସହର ସହ କଳାହାଣ୍ଡି, କୋରାପୁଟ ଓ ରାୟଗଡା ଜିଲାର ବିଭିନ୍ନ ଅଞ୍ଚଳରୁ ଏହି ୨୦ ପ୍ରକାର ପ୍ରଜାତିର ମାଣ୍ଡିଆ ସଂଗ୍ରହ ହୋଇଛି। ସେହିଭଳି କଳାହାଣ୍ଡି ଓ ସ୍ୱାମୀ ନାଥନ ଫାଉଣ୍ଡେସନରୁ ମଧ ବିଭିନ୍ନ ଲୋପ ପାଉଥିବା ପ୍ରଜାତିର ଧାନ ସଂଗ୍ରହ କରାଯାଇଛି। ବିଭିନ୍ନ ଦେଶୀୟ, ଔଷଧୀୟ ବୃକ୍ଷର ତେଲ ଓ ଜଙ୍ଗଲ ଜାତ ଗଛର ସାମଗ୍ରୀ ମଧ ସଂଗ୍ରହ କରି ଗବେଷଣା କରାଯାଉଛି। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଘନଶ୍ୟାମ ବେହେରା, ଗଣନାଥ ବାଗ ଓ ଯଶୋବନ୍ତ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏହି ମ୍ୟୁଜିୟମ ପରିଚାଳିତ ହେଉଛି। ଆଗକୁ ଲୋପ ପାଇଯାଉଥିବା ବହୁ ଗୁଳ୍ମ, ଗଛ ଏବଂ ମଞ୍ଜି ସଂଗ୍ରହ କରାଯାଇ ଅଧିକ ଗବେଷଣା କରାଯିବ। କ୍ୟୁଆରକୋଡ ମାଧ୍ୟମରେ ମ୍ୟୁଜିୟମରେ ସବିଶେଷ ତଥ୍ୟ କିଭଳି ମିଳିପାରିବ ସେ ଉପରେ କାର୍ଯ୍ୟ ଚାଲିଛି ବୋଲି ବିଭାଗୀୟ ମୁଖ୍ୟ ଘନଶ୍ୟାମ ବେହେରା ସୂଚନା ଦେଇଛନ୍ତି। ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟରେ ଏଭଳି ନିଆରା ପଦକ୍ଷେପ ଆଗକୁ ଗବେଷକମାନଙ୍କୁ ସହାୟକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


୧୦୬ ପ୍ରଜାତିର ଧାନ ଓ ୨୦ ପ୍ରଜାତିର ମାଣ୍ଡିଆ ରହିଛି।

## ବିଜେଡି ଛାଡ଼ି ଭାଜପାରେ ମିଶିଲେ ପୂର୍ବତନ ବିଧାୟକ



ମିଶ୍ରଣ ପର୍ବରେ ନବାଗତଙ୍କୁ ଉତ୍ତରୀୟ ଦେଇ ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟ ଭାଜପା ନେତୃବର୍ଗ ସ୍ୱାଗତ କରୁଛନ୍ତି।

ସମ୍ବଲପୁର, ୧୨।୪ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରମେଶ ପଟୁଆ ବିଜେଡି ପରିତ୍ୟାଗ କରି ଶତାଧିକ ସମର୍ଥକଙ୍କ ସହିତ ରବିବାର ଭାଜପାରେ ସାମିଲ ହୋଇଛନ୍ତି। ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ପଟୁଆଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପଦ୍ମ ଧରିଛନ୍ତି। ମିଶ୍ରଣ ପର୍ବରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ସମ୍ବଲପୁର ଜିଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ବରିଷ୍ଠ ନେତାମାନେ ପଟୁଆଙ୍କ ସହ ନବାଗତ ସଦସ୍ୟମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ପଟୁଆ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ଏବଂ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ରେଙ୍ଗାଲି ଅଞ୍ଚଳର ଅଧୁରା ବିକାଶ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସେ ଭାଜପାକୁ ବାଛିଛନ୍ତି। ତାଙ୍କୁ ଦଳ ଯେଉଁ ଦାୟିତ୍ୱ ଦେବ ତାହା ସେ ନିଷ୍ଠାର ସହ ପାଳନ କରିବେ। ରମେଶ ପଟୁଆଙ୍କ ଭାଜପାରେ ଯୋଗଦାନ ପରେ ଆଗାମୀ ଦିନରେ ରେଙ୍ଗାଲି ତଥା ସମ୍ବଲପୁର ଜିଲାରେ ଭାଜପା ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ମିଶ୍ର କହିଛନ୍ତି।

## ବିଧାନସଭାରେ ଉଠିବ ବର୍ଦ୍ଧିତ ବେଞ୍ଚମାର୍କ ମୂଲ୍ୟାଙ୍କନ ପ୍ରସଙ୍ଗ: କଳିକେଶ

ବଲାଙ୍ଗୀର, ୧୨।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ବିଶେଷକରି ସହରାଞ୍ଚଳରେ ଜମିର ବେଞ୍ଚମାର୍କ ଭାଲୁଏଶନ୍ (ବିଏମଭି)ରେ ଅହେତୁକ ବୃଦ୍ଧି କରାଯାଇଛି। ଏଭଳି ଅହେତୁକ ମୂଲ୍ୟବୃଦ୍ଧିକୁ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକାଶ ପାଇଛି। ଏନେଇ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନିକଟରେ ବିଭିନ୍ନ ବର୍ଗର ଲୋକେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ବିଧାୟକ ସିଂଦେଓ ସ୍ଥାନୀୟ ସର୍କିଟ ହାଉସ ଠାରେ ସମୀକ୍ଷା ବୈଠକ କରି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବେଞ୍ଚମାର୍କ ଭାଲୁଏଶନ୍‌ର ପୁନଃ ସମୀକ୍ଷା କରାଯିବା ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ବିଧାନସଭାରେ ଆଲୋଚନା କରିବେ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ କ’ଣ ପଦକ୍ଷେପ ନିଆଯାଉଛି ସେନେଇ ଆଲୋଚନା କରିଥିଲେ। ବାସ୍ତବ ସ୍ଥିତିକୁ ନେଇ ଲୋକେ ଚିନ୍ତା ପ୍ରକଟ କରିଥିବାରୁ ପୁନଃ ସମୀକ୍ଷା କରିବାକୁ ସିଂଦେଓ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଜମି କିଣିଲା ବେଳେ ଥରେ ଓ ଘରବାରି କଲାବେଳେ ପୁଣି ଥରେ ଟ୍ୟାକ୍ସ ନିଆଯାଉଛି । ଏହାର ପୁନଃ ମୂଲ୍ୟାୟନ ଜରୁରୀ ବୋଲି ସେ କହିଛନ୍ତି। ବୈଠକରେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଏଡିଏମ୍ ଡ. ବିଜୟାନନ୍ଦ ସେଠୀ, ଉପଜିଲାପାଳ ଆଲୋକ ପଟେଲ, ତହସିଲଦାର ଲଗ୍ନଜିତ ବେହେରା ଓ ଅନ୍ୟ ସରକାରୀ ଅଧିକାରୀ, ନରେନ୍ଦ୍ର ଜୈନ, ଲକ୍ଷ୍ମଣ କୁମାର ମେହେର, ସୁଶୀଳ ଚାନ୍ଦ, ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାୟ ପାଇଲେ ୫୫ ଛଟେଇ ଶ୍ରମିକ

ବଣାଇଁ, ୧୨।୪ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡରେ ଥିବା ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର କୁର୍ମିତାର ଲୌହ ଖଣି (ଖଣ୍ଡାଧାର)କୁ ୨୫ ବର୍ଷ ପାଇଁ ଆଦାନୀ ଲିଜ୍‌ରେ ପାଇଥିବା ବେଳେ ସବ୍ ଲିଜ୍ ମାଧ୍ୟମରେ ଅନେକ ଠିକା ସଂସ୍ଥାଙ୍କ ଦ୍ୱାରା କାମ ଚାଲିଛି । ଉକ୍ତ ଲୌହ ଖଣିରୁ କନଭେୟର ବେଲ୍ଟ ଯୋଗେ ସିଧା ରେଲୱେ ସାଇଡିଂକୁ ଲୁହାପଥର ପରିବହନ କରାଯିବା କାମ ଜାରି ରହିଛି। ଏହି କ୍ରମରେ ଭୁତୁଡାଠାରେ ଡି ଏ-୨ ଅର୍ଥାତ ଡେସ୍‌ପାଚ୍ ଏରିଆ-୨ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଏକ ଠିକା ସଂସ୍ଥାରେ କାର୍ଯ୍ୟରତ ୫୫ ମହିଳା ପୁରୁଷ ଶ୍ରମିକଙ୍କୁ ଦୈନିକ ୩୫୦ ଟଙ୍କାରୁ ୪୦୦ ଟଙ୍କା ପାଉଣା ପ୍ରଦାନ କରାଯାଉଥିଲା। କାର୍ଯ୍ୟରତ ଶ୍ରମିକ ଉଚିତ ପାଉଣା ନେଇ ଦାବି କରିବାରୁ ତାଙ୍କୁ କାମରୁ ଛଟେଇ କରିଦେଇଥିଲା। ଏ ସମ୍ପର୍କରେ ଖବର ପାଇ ଅଞ୍ଚଳରେ ସକ୍ରିୟ ଶ୍ରମିକ ସଙ୍ଗଠନ ନର୍ଥ ଓଡ଼ିଶା ୱାର୍କର୍ସ ଆସୋସିଏଶନର କର୍ମକର୍ତ୍ତା ହସ୍ତକ୍ଷେପ କରି ଶ୍ରମ କମିଶନର ରାଉରକେଲାଙ୍କ ପାଖରେ ଅଭିଯୋଗ କରିଥିଲେ। ରିଜିଓନାଲ ଲେବର କମିଶନର ଶୁଣାଣି କରି ୫୪୧ ଟଙ୍କା ହିସାବରେ ବାକି ପଇସା ପୈଠ କରିବା ଓ ତୁରନ୍ତ ଛଟେଇ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଆଦେଶ ଦେଇଥିଲେ। ସବିଶେଷ ତଥ୍ୟ ଅନୁଯାୟୀ ସମ୍ପୃକ୍ତ ଠିକାସଂସ୍ଥା ଶ୍ରମିକଙ୍କ ଡିଫରେନ୍ସିଆଲ ଅର୍ଥ ପୈଠ କରିବା ସହ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରି ରିପୋର୍ଟ ପ୍ରଦାନ କରିଥିବା ଜଣାପଡିଛି। ଏଥିପାଇଁ ନର୍ଥ ଓଡ଼ିଶା ୱାର୍କର୍ସ ୟୁନିୟନ କର୍ମକର୍ତ୍ତାଙ୍କୁ ଶ୍ରମିକମାନେ ସାଧୁବାଦ ଜଣାଇଛନ୍ତି।



## ଭାରତ ବିକାଶ ପରିଷଦର ଶପଥ ଗ୍ରହଣ ସମାରୋହ

ବଲାଙ୍ଗୀର, ୧୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଭାରତ ବିକାଶ ପରିଷଦ ବଲାଙ୍ଗୀର ଶାଖା ନବ ନିର୍ବାଚିତ ପଦାଧିକାରୀଙ୍କ ଶପଥ ଗ୍ରହଣ ସମାରୋହ ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଛି। ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦ କ୍ଷେତ୍ରୀୟ ଯୁଗ୍ମ ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ, ପ୍ରଦେଶ ସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଉପସଭାପତି ମହେନ୍ଦ୍ର ଅଗ୍ରୱାଲ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଉପସ୍ଥିତ ରହି ଶପଥ ଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ମାନସ ରଞ୍ଜନ ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ଅର୍ଥ ସଚିବ ଦୀନଦୟାଲ ଅଗ୍ରୱାଲ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ପରେ ନବନିର୍ବାଚିତ ଭାରତ ବିକାଶ ପରିଷଦ ବଲାଙ୍ଗୀର ଶାଖାର ସଭାପତି ବଂଶୀଧର ସା, ସାଧାରଣ ସମ୍ପାଦକ ଯତୀନ୍ଦ୍ର କୁମାର ପଟେଲ, ଅର୍ଥ ସଚିବ ଶୈଳେଶ କୁମାର ଜୈନ, ପର୍ଯ୍ୟାବରଣ ସଚିବ ବୀରେନ୍ଦ୍ର କୁମାର ହୋତା, ସମ୍ପର୍କ ସଚିବ ଅଚ୍ୟୁତାନନ୍ଦ ପୁରୋହିତ, ସଂସ୍କାର ସଚିବ ଅଜିତ କୁମାର ପଣ୍ଡା, ଶୈଳେଶ କୁମାର ଅଗ୍ରୱାଲ ଏବଂ ମମତା ରାଣୀ ମହାନ୍ତିଙ୍କୁ ପ୍ରଦେଶ ସଭାପତି ପଣ୍ଡା ଶପଥ ପାଠ କରାଇଥିଲେ । କ୍ଷେତ୍ର ଯୁଗ୍ମ ସମ୍ପାଦକ ପ୍ରକାର କୁମାର ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ ବକ୍ତବ୍ୟ ରଖିଥିଲେ। ଅଜିତ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସିଏମ୍ ଟ୍ରଫି ୨୦୨୬ ଫୁଟବଲ ପ୍ରତିଯୋଗିତା

## ଲୋଇସିଂହା ବିଜୟୀ, ପୁଇଁନ୍ତଲା-ଟୁରେକେଲା ମ୍ୟାଚ୍ ଡ୍ର

ବଲାଙ୍ଗୀର, ୧୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ୨୦୨୬ ଦ୍ୱିତୀୟ ସଂସ୍କରଣର ତୃତୀୟ ଦିବସ ଖେଳ ରବିବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଥିଲା। ସକାଳେ ଅନୁଷ୍ଠିତ ଖେଳରେ ଲୋଇସିଂହା ଫୁଟବଲ ଦଳ ୫-୧ ଗୋଲରେ ବଙ୍ଗୋମୁଣ୍ଡା ଦଳକୁ ହରାଇ ବିଜୟୀ ହୋଇଥିଲେ। ଅପରାହ୍ଣରେ ବାଳିକା ବର୍ଗରେ ପୁଇଁନ୍ତଲା ବନାମ ଟୁରେକେଲା ଦଳ ମଧ୍ୟରେ ଅନୁଷ୍ଠିତ ଖେଳ ଅମୀମାଂସିତ ରହିଥିଲା। ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, କ୍ରୀଡ଼ା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଜୟରାମ ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ଼. ଶ୍ରୀକର ମିଶ୍ର ମଞ୍ଚାସୀନ ଥିଲେ। ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ଜିତେନ୍ଦ୍ର ପାତ୍ର, ଗୌରହରି ପଟେଲ, ମଳୟ ଘିଭେଲା ପ୍ରମୁଖ ପରିଚାଳନା କରିଥିଲେ।

## ‘ଆତ୍ମବିଶ୍ୱାସ, ପରିଶ୍ରମ ଓ ଶୃଙ୍ଖଳା ସଫଳତା ଆଣିଦିଏ’

### ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବଲାଙ୍ଗୀର, ୧୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀନଗରପଡାସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା, ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ପଣ୍ଡା ତାଙ୍କ ବକ୍ତବ୍ୟରେ ସମାଜରେ ନୈତିକ ମୂଲ୍ୟବୋଧର ଅଭାବ ଏବଂ ଏହାକୁ ନେଇ ଦେଖାଯାଉଥିବା ସମସ୍ୟା ଉପରେ କହିଥିଲେ। ଉତ୍ତମ ଶିକ୍ଷା ମାଧ୍ୟମରେ ସବୁ ସମସ୍ୟା ଦୂର କରାଯାଇପାରିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭୋଇ ତାଙ୍କ ବକ୍ତବ୍ୟରେ ଆଜିର ସମୟରେ ଝିଅମାନଙ୍କ ଶିକ୍ଷା ଓ ସଶକ୍ତିକରଣର ଆବଶ୍ୟକତା ଉପରେ କହିଥିଲେ। ଗଭୀର ଆତ୍ମବିଶ୍ୱାସ, ପରିଶ୍ରମ ଓ ଶୃଙ୍ଖଳା ନିଶ୍ଚିତ ସଫଳତା ଆଣିଦେବ ବୋଲି ସେ କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀ ଭାବେ ଦଶମ ଶ୍ରେଣୀ ଛାତ୍ରୀ ଅଙ୍କିତା ବିଶ୍ୱାଳ, ଶ୍ରେଷ୍ଠ ଏନସିସି କ୍ୟାଡେଟ ଭାବେ ଅର୍ପିତା ମନହୀରା, ଶ୍ରେଷ୍ଠ ଗାଇଡ଼ ଭାବେ ମନୀଷା ପାଣିଗ୍ରାହୀ, ଜୁନିୟର ରେଡକ୍ରସର ଶ୍ରେଷ୍ଠ ଜୁନିୟର ଭାବେ ଦମୟନ୍ତୀ ଖୁଆସ, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ଭାବେ ପ୍ରିୟଙ୍କା ରଣାଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ଦିଆଯାଇଥିଲା। ଶିକ୍ଷୟିତ୍ରୀ ସବିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶିକ୍ଷକ ସୁରେଶ ବାରିକ। ଶେଷରେ ଶିକ୍ଷୟିତ୍ରୀ ନୂତନ ନାୟକ ଧନ୍ୟବାଦ ଦେଇଥିଲେ। ସଭା ପରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ‘ସଂକୀର୍ଣ୍ଣ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିଲେ ଅଞ୍ଚଳର ବିକାଶ ହେବ’

### ବନଦୁର୍ଗା ମହୋତ୍ସବ ଉଦ୍‌ଯାପିତ



ବନଦୁର୍ଗା ମହୋତ୍ସବ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର, ୧୨।୪
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଡ୍ୟାମ୍ ସାଇଟ୍ ଠାରେ ଅନୁଷ୍ଠିତ ବନଦୁର୍ଗା ମହୋତ୍ସବ ଶନିବାର ରାତିରେ ଉଦ୍‌ଯାପିତ ହୋଇଛି। ମହୋତ୍ସବ ଅଧ୍ୟକ୍ଷ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ବଲାଙ୍ଗୀର ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ବଲାଙ୍ଗୀର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ, ଘାସିରାମ ବେହେରା ମଞ୍ଚାସୀନ ଥିଲେ। ମହୋତ୍ସବ ଅଧ୍ୟକ୍ଷ ମିଶ୍ର ତାଙ୍କ ବକ୍ତବ୍ୟରେ ସଂକୀର୍ଣ୍ଣ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିଲେ ଅଞ୍ଚଳର ବିକାଶ ସମ୍ଭବ ବୋଲି କହିଥିଲେ। ଏହି ମହୋତ୍ସବ ମଞ୍ଚରେ ତିନି ପ୍ରମୁଖ ରାଜନୈତିକ ଦଳର ରାଜନେତା ଅତିଥି ଭାବେ ଯୋଗ ଦେଇଥିଲେ। ଏଭଳି ସମସ୍ତେ ଏକତ୍ରିତ ହେଲେ ଜିଲାର ବିକାଶକୁ କେହି ଅଟକାଇ ପାରିବେ ନାହିଁ ବୋଲି ସେ କହିଥିଲେ। ସଭାରେ ବିସ୍ଥାପିତମାନଙ୍କ ସମସ୍ୟାର ସମାଧାନ କରିବା ଦିଗରେ ସମସ୍ତ ଅତିଥି ଉଦ୍ୟମ କରିବାକୁ ସହମତି ପ୍ରକାଶ କରିଥିଲେ। ସଭାରେ ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା ସଭାପତିତ୍ୱ କରିଥିଲେ । ବିକାଶ ରଞ୍ଜନ ରଥ ସଭା ସଂଯୋଜନା କରିଥିଲେ।



**୧୩ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ**

ରେଢ଼ାଖୋଲ,(ସନ୍ତୋଷ ବଘାର): ସମ୍ବଲପୁର ଜିଲା ଚାରମାଳ ଥାନା ପୋଲିସ ଚଢ଼ାଉ କରି ରେଙ୍ଗାଲି ଗ୍ରାମରୁ ୧୩ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ରେଙ୍ଗାଲି ଗ୍ରାମରେ ବିଜୟ ସାହୁ(୫୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୬୧/୨୬)ରୁଜୁ ହୋଇଛି।

# ପୁଞ୍ଜିବାଦୀ ବ୍ୟବସ୍ଥାରେ ପ୍ରକୃତି ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି

**ସମ୍ବଲପୁର,୧୨।୪(ବି.ଶଙ୍କର)**

ରାଜ୍ୟର ସର୍ବାଧିକ ଖଣିଜ ସମ୍ପଦ ଉତ୍ତୋଳନ ୨୦ବର୍ଷ ମଧ୍ୟରେ ହୋଇଛି । ବର୍ତ୍ତମାନ ମଧ୍ୟ ଏହା ଅତି କ୍ଷୀପ୍ର ଗତିରେ ଜାରି ରହିଛି । ଏଭଳି ଖଣିଜ ସମ୍ପଦ ଉତ୍ତୋଳନ ସ୍ଥିତି ଜାରି ରହିଲେ, ଅତି ଅଳ୍ପ ସମୟ ମଧ୍ୟରେ ଓଡ଼ିଶା ଖଣିଜ ସମ୍ପଦ ଶୂନ୍ୟ ହୋଇଯିବ । ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ଅମୃତ ବିହାର ପରିସରସ୍ଥ ପୁରୁଣା କୋଠା ପ୍ରେକ୍ଷାଳୟଠାରେ ଆୟୋଜିତ ବଜ୍ରବାହୁ ଶତପଥୀ ସ୍ମାରକୀ ବକ୍ତୃତାମାଳାରେ ସାମାଜିକ କର୍ମୀ ତଥା ଲେଖକ ଶ୍ରୀମନ୍ତ ମହାନ୍ତି ଏହା କରିଛନ୍ତି । ସଂଗ୍ରାମୀ ବଜ୍ରବାହୁ ଶତପଥୀ ସ୍ମୃତି କମିଟି ଆୟୋଜିତ ପରିବେଶ ଓ ବିକାଶ ଶୀର୍ଷକ ଆଲୋଚନାରେ ସାମାଜିକ କର୍ମୀ ମହାନ୍ତି କହିଥିଲେ, ଓଡ଼ିଶାରେ ବକ୍ସାଇଟ୍ ୨୫ ପ୍ରତିଶତ, କ୍ରୋମାଇଟ ୭୦ରୁ ୭୫ ପ୍ରତିଶତ ଉତ୍ତୋଳନ ହୋଇସାରିଛି । କୋଇଲା ଉତ୍ତୋଳନର ପ୍ରଦୂଷଣ ଯୋଗୁ ସ୍ୱାସ୍ଥ୍ୟ ସର୍ବାଧିକ ପ୍ରଭାବିତ ହେଉଛି ।



ବକ୍ତୃତାମାଳାରେ ସାମାଜିକ କର୍ମୀ ଶ୍ରୀମନ୍ତ ମହାନ୍ତି ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସମ୍ବଲପୁର ଜିଲାରେ ଏହାର ଉଦାହରଣ ଭାବେ ନିଆଗଲା ଏଠାରେ ଶ୍ୱାସ ଓ ଯକ୍ଷ୍ମା ରୋଗୀଙ୍କ ୧୦ ବର୍ଷ ମଧ୍ୟରେ ଦୁଇରୁ ଅଢେଇ ଗୁଣ ବୃଦ୍ଧି ପାଇଛି । ପରିବେଶ ପ୍ରଦୂଷଣରେ ଆର୍ଥିକ ଭାବେ ତଳସ୍ତରର ବ୍ୟକ୍ତିଙ୍କ ଯୋଗଦାନ ସବୁଠାରୁ କମ୍ । କିନ୍ତୁ ସେମାନେ ହିଁ ପ୍ରଦୂଷଣ ଯୋଗୁ ସର୍ବାଧିକ ପ୍ରଭାବିତ ହେଉଛନ୍ତି । ଆଗାମୀ କିଛି ବର୍ଷ ମଧ୍ୟରେ ହୁଏତ କେବଳ ଆବର୍ଜନାର ଗଦା ବ୍ୟତୀତ ଅନ୍ୟ କିଛି ନ ଥିବ । ୟୁରୋପ ଶିଳ୍ପ ବିପ୍ଳବର କରାଳ ଦଂଶନ ସହନ କରିଥିବା ଆମ ଭାରତରେ ଏତିକି ଶିଳ୍ପ ଓ ଖଣି ସତ୍ତ୍ୱେ ଆଜି ମଧ୍ୟ ଆମେ ଦାରିଦ୍ର୍ୟ, ବେକାରୀ ସମସ୍ୟାରେ କବଳିତ ରହିଛୁ। ପାରିବେଶିକ ଅବନତି ଆଜି ଅଙ୍ଗାରକାମ୍ଳକୁ ଅତିମାତ୍ରାରେ ବୃଦ୍ଧି କରି ପକାଇଛି । ବାୟୁ ଗୁଣବତ୍ତା ଏତିକି ଖରାପ ହୋଇସାରିଛି ଯେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ଭିତରେ ଆମ ଭାରତର ଏକାଧିକ ସହର ରହୁଛି । ପ୍ରକୃତପକ୍ଷେ

## ପରିବେଶ ଓ ବିକାଶ ଶୀର୍ଷକ ଆଲୋଚନା ଚକ୍ର

ପୁଞ୍ଜିବାଦୀ ବ୍ୟବସ୍ଥାରେ ପ୍ରକୃତି ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି । ପ୍ରକୃତିକୁ ଠିକ୍ ଭାବରେ ବୁଝିଲେ ହିଁ ପ୍ରକୃତି ପ୍ରତି ଭୟ କମ ରହିବ ବୋଲି ସାମାଜିକ କର୍ମୀ ମହାନ୍ତି ମତବ୍ୟକ୍ତ କରିଥିଲେ । ଚାଷୀ ନେତା ସରୋଜ ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିବା ସହିତ ପରିବେଶ ନିରାକରଣ ପାଇଁ ସରକାରଙ୍କ ଚିନ୍ତା କେବଳ ଶୀତ ତାପ କୋଠରୀ ବୈଠକରେ ସୀମିତ ରହୁଥିବା କହିଥିଲେ। ଏଥିପାଇଁ ବଜେଟ ବ୍ୟବସ୍ଥା ନଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଶେଷରେ ସ୍ମୃତି କମିଟି ପକ୍ଷରୁ ଅରୁଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନନେତା, ସାହିତ୍ୟିକ, କବି, ସାମାଜିକ କର୍ମୀ, ଶିକ୍ଷାବିତ, ଲେଖକ, ସ୍ତମ୍ଭକାର ପ୍ରମୁଖ ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ ।

# ବିଜେଡି ଛାଡ଼ି ଭାଜପାରେ ମିଶିଲେ ପୂର୍ବତନ ବିଧାୟକ

**ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରମେଶ ପଟୁଆ ବିଜେଡି ପରିତ୍ୟାଗ କରି ଶତାଧିକ ସମର୍ଥକଙ୍କ ସହିତ ରବିବାର ଭାଜପାରେ ସାମିଲ ହୋଇଛନ୍ତି। ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ପଟୁଆଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପଦ୍ମ ଧରିଛନ୍ତି। ମିଶ୍ରଣ ପର୍ବରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ସମ୍ବଲପୁର ଜିଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ବରିଷ୍ଠ ନେତାମାନେ ପଟୁଆଙ୍କ ସହ ନବାଗତ ସଦସ୍ୟମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ


ମିଶ୍ରଣ ପର୍ବରେ ନବାଗତଙ୍କୁ ଉତ୍ତରୀୟ ଦେଇ ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟ ଭାଜପା ନେତୃବର୍ଗ ସ୍ୱାଗତ କରୁଛନ୍ତି।

ପଟୁଆ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ଏବଂ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ରେଙ୍ଗାଲି ଅଞ୍ଚଳର ଅଧୁରା ବିକାଶ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସେ ଭାଜପାକୁ ବାଛିଛନ୍ତି। ତାଙ୍କୁ ଦଳ ଯେଉଁ ଦାୟିତ୍ୱ ଦେବ ତାହା ସେ ନିଷ୍ଠାର ସହ ପାଳନ କରିବେ। ରମେଶ ପଟୁଆଙ୍କ ଭାଜପାରେ ଯୋଗଦାନ ପରେ ଆଗାମୀ ଦିନରେ ରେଙ୍ଗାଲି ତଥା ସମ୍ବଲପୁର ଜିଲାରେ ଭାଜପା ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ମିଶ୍ର କହିଛନ୍ତି।

# ସମାଜ ଗଠନ, ବ୍ୟକ୍ତିତ୍ୱ ବିକାଶରେ ବରପୁତ୍ରଙ୍କ ଅବଦାନ ଅତୁଳନୀୟ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟ ପରିସରରେ ଓଡ଼ିଶାର ବରପୁତ୍ର ଶୀର୍ଷକ ଏକ ଆଲୋଚନାଚକ୍ର ଏବଂ ଯୁବ ଲେଖକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଡ. ସୁନୀତି ଦେବତା, ସମ୍ମାନୀତ ଅତିଥିଭାବେ ଗବେଷିକା ଅମୃତା ସ୍ୱାଇଁ ଓ ବିଶିଷ୍ଟ କବି ତଥା ମହାବିଦ୍ୟାଳୟ ପୂର୍ବତନ ଛାତ୍ର ଦିନେଶ ଭୋଇ ଯୋଗଦେଇ ସମାଜ ଗଠନ ଓ ବ୍ୟକ୍ତିତ୍ୱ ବିକାଶରେ ବରପୁତ୍ରମାନଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ୟୋତିରଞ୍ଜନ

## ବୁର୍ଲା ଏନ୍‌ଏସି କଲେଜ୍‌ରେ ଆଲୋଚନାଚକ୍ର ଓ ଯୁବ ଲେଖକ ସମ୍ମିଳନୀ

ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସନ୍ଥ ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଫକିରମୋହନ ସେନାପତି ଓ ସୁରେନ୍ଦ୍ର ମହାନ୍ତିଙ୍କ ଜୀବନୀ ଓ ସାହିତ୍ୟ ଉପରେ ଯାଜ୍ଞସେନୀ ମିର୍ଦ୍ଧା, ସୋନିଆ ରହାନା, ମାନିନୀ ଗନିକ୍, କରଣ ମିରିଗ ପ୍ରମୁଖ ଛାତ୍ରୀଛାତ୍ର ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଡ. ଦାଶରଥୀ ବିଶ୍ୱାଳ ଓ ଡ. ଘନଶ୍ୟାମ ଦୀପ ଆଲୋଚନାରେ ଅଂଶଗ୍ରହଣ କରି ବରପୁତ୍ରମାନଙ୍କ ଆଦର୍ଶ ସମାଜ ପାଇଁ ଦିଗଦର୍ଶକ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧକ୍ଷା ସୁବନ୍ଦିତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯୁବ ଲେଖକ ସମ୍ମିଳନୀରେ ଅତିଥିମାନେ ଯୁବପିଢ଼ିଙ୍କୁ ଲେଖନ କୌଶଳ ଓ ସାହିତ୍ୟ ସୃଜନର ବିଭିନ୍ନ ଦିଗକୁ ନେଇ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ କବି ଦିନେଶ ଭୋଇଙ୍କ ରଚିତ କେଳି କିଶୋରୀ, ହିମ ଲିପି ଓ କରଣୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାରଳା ସାହିତ୍ୟ ସମ୍ମାନପ୍ରାପ୍ତ ଡ. ଜ୍ୟୋତିରଞ୍ଜନ ସାମଲଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ଅଧ୍ୟାପିକା ସୁନିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭିସୁଟ୍ ଦଳଗତ ଚାମ୍ପିୟନ, ଜିଏମ୍‌ୟୁ ପୁରୁଷ ରନରଅପ୍

**ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)**

ସମ୍ବଲପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ରୋଟାରୀ କ୍ଲବ୍ ଅଫ୍ ବୁର୍ଲା ପକ୍ଷରୁ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ଦିନିକିଆ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ସମ୍ପନ୍ନ ହୋଇଛି। ମୁଖ୍ୟଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଇଭେଣ୍ଟ ଚେୟାରମ୍ୟାନ୍ ତଥା ଏମସିଏଲ୍‌ର ଜିଏମ୍(ରିକ୍ରୁଟମେଣ୍ଟ) ରୋଟେରିଆନ୍ ଇଂ. ବିଶ୍ୱବାସ ବେହୁରିଆ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏମସିଏଲ୍‌ର ଜିଏମ୍(ସିଭିଲ୍ ଏବଂ ସିଏସଆ) ଜ୍ୟୋତିର୍ମୟ ସିହ୍ନା ମୁଖ୍ୟଅତିଥିଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ବୁର୍ଲା ଭିସୁଟ୍ ଉଭୟ ପୁରୁଷ ଓ ମହିଳା ବିଭାଗର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ୍ ଟ୍ରଫି


କୃତୀ ପ୍ରତିଯୋଗୀଙ୍କ ସହିତ ଆୟୋଜକ ରୋଟାରି କ୍ଲବ କର୍ମକର୍ତ୍ତା।

## ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ

ହାସଲ କରିଛି। ଜିଏମ୍‌ୟୁ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ରନର ଅପ୍ ହୋଇଛି। ଆଇଆଇଏମ୍ ସମ୍ବଲପୁର ମହିଳା ସିଙ୍ଗଲ୍ସ ଓ ଡବଲ୍ସରେ ରନରଅପ୍ ହୋଇଛି। କ୍ଲବ ସଭାପତି ରୋଟେରିଆନ୍ ସୁମନ୍ତ କୁମାର ନାୟକ ଓ ସଚିବ ରୋଟେରିଆନ୍ ଦିନେଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସହଯୋଗୀ ସଂସ୍ଥା ଏମ୍‌ସିଏଲ୍ ଏବଂ ଇଣ୍ଡୋର ହଲ୍ ସୁବିଧା ଯୋଗାଇ ଦେଇଥିବା ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ହନୁମାନ ଜୟନ୍ତୀ ପାଇଁ ସମ୍ବଲପୁରରେ ଫ୍ଲାଗମାର୍ଚ୍ଚ

**ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)**

ହନୁମାନ ଜୟନ୍ତୀ ପାଇଁ ସମ୍ବଲପୁର ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରବିବାର ସନ୍ଧ୍ୟାରେ ଏକ ପୋଲିସପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ପୋଲିସ ପଡ଼ିଆରୁ ବାହାରିଥିବା ଏହି ଫ୍ଲାଗମାର୍ଚ୍ଚ ମୁଦିପଡ଼ା, ଲକ୍ଷ୍ମୀଟକିଜ୍ ଛକ, କୁଞ୍ଜଲପଡ଼ା, ଗୋଲବଜାର, ଜେଲଛକ୍, ମୋତିଝରଣ, ସୁନାପାଲି ଓ ଧନକଉଡ଼ା ପର୍ଯ୍ୟନ୍ତ ଚାଲିଥିଲା। ଅତିରିକ୍ତ ଏସ୍‌ପି ଶଶାଙ୍କ ଶେଖର ବେଉରା, ଏସ୍‌ଡିପିଓ ତୋଫାନ ବାଗ ଏବଂ ବିଭିନ୍ନ ଥାନାର ଅଧିକାରୀଙ୍କ ସମେତ ୧୭ପ୍ଲାଟୁନ ପୋଲିସ ଓ ଗୋଟିଏ କମ୍ପାନୀ ବିଏସ୍‌ଏଫ ସାମିଲ ହୋଇଥିଲେ। ପୂର୍ବରୁ ରାମ ନବମୀ ଓ ଗତ ୧୦ ତାରିଖର ବାଇକ ରାଲିରେ ମଧ୍ୟ ପୋଲିସ ସୁରକ୍ଷା କର୍ମୀ ମୁତୟନ ହୋଇଥିଲେ।

# ବୀର ବିର୍ସାମୁଣ୍ଡା ବାଳକ, ପାର୍ବତୀଗିରି ଦଳ ବାଳିକା ଚାମ୍ପିୟନ

**ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)**

ଜିଲା କ୍ରୀଡା ସଂଘ ସମ୍ବଲପୁର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ଷ୍ଟାଡିୟମରେ ଅନୁଷ୍ଠିତ ଦୁଇଦିନିଆ ସିଏମ୍ କପ ଆନ୍ତଃଜିଲା କବାଡି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗରେ ବୀର ବିର୍ସାମୁଣ୍ଡା ଦଳ ଫାଇନାଲ ମ୍ୟାଚରେ ବୀର ଭଗତ ସିଂ ଦଳକୁ ୩୯-୩୬ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ବାଳିକା ବିଭାଗରେ ପାର୍ବତୀ ଗିରି ଦଳ ରମାଦେବୀ

## ସିଏମ୍ କପ୍ ଆନ୍ତଃଜିଲା କବାଡି ପ୍ରତିଯୋଗିତା

ଦଳକୁ ପରାସ୍ତ କରି ଟାଇଟଲ ହାତେଇଛି। ଶେଷ ଦିନ ରବିବାର ଚାରୋଟି ଲିଗ୍ ପର୍ଯ୍ୟାୟ ସହିତ ଦୁଇଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମିଶି ମୋଟ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଭୟ ଚାମ୍ପିୟନ ଓ ରନରଅପ୍ ଦଳଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ନାଉରୀ ନାୟକ, ଭାଜପା ସମ୍ବଲପୁର ଜିଲା ସଭାପତି ରାମଚନ୍ଦ୍ର ମେହେର, ସମୀର ବାବୁ, ଗିରିଶ ପଟେଲ, ପ୍ରମୋଦ ରଥ, ସୁଧୀର ବହିଦା, ସରିତା ନନ୍ଦ ଓ କଳ୍ପନା ସାହୁ ପ୍ରମୁଖଙ୍କ ସହିତ ସଂଘର ସାଧାରଣ ସମ୍ପାଦକ ସୁନୀଲ ସାହୁ, ଖେଳ ସମ୍ପାଦକ ରାଜେଶ ସେଠ୍, କୋଷାଧକ୍ଷ ଉମାପତି ତ୍ରିପାଠୀ ଓ ପୂର୍ବତନ କ୍ରୀଡାବିତ୍ ଅବ୍ଦୁଲ୍ ଗଫର ଓ କ୍ରିକେଟ୍ ସମ୍ପାଦକ ଅଭିନାଶ ନନ୍ଦ ଉପସ୍ଥିତ ଥିଲେ।

# ବରେଣ୍ୟା, ପଂଶୁଲଙ୍କୁ ଟାଇଟଲ


ରାଜ୍ୟସ୍ତରୀୟ ମିନି ଓ ସବ୍‌ଜୁନିୟର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ ।

**ସମ୍ବଲପୁର,୧୨।୪(ବି.ଶଙ୍କର)**

ଓଡ଼ିଶା ବ୍ୟାଡ଼ମିଣ୍ଟନ ସଂଘ ଓ ଜିଲା ବ୍ୟାଡ଼ମିଣ୍ଟନ ସଂଘ ସହଯୋଗରେ ରାଜ୍ୟସ୍ତରୀୟ ମିନି ଓ ସବ୍‌ଜୁନିୟର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ବ୍ୟାଡ଼ମିଣ୍ଟନ ହଲଠାରେ ମିନି (୯ ଓ ୧୧ ବର୍ଷରୁ କମ୍) ତଥା ସବ୍ ଜୁନିୟର (୧୩ବର୍ଷରୁ କମ୍ ) ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ସାଧାରଣ ସମ୍ପାଦକ ନୀଲୀନ କୁମାର, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ଜୟ ପ୍ରକାଶ ସିଂ, ବରଗଡ଼ ଜିଲା ବ୍ୟାଡ଼ମିଣ୍ଟନ ସଂଘର ସମ୍ପାଦକ ଶିବମ ଅଗ୍ରୱାଲ, ପୂର୍ବତନ ଖେଳାଳି ଦେବଦତ୍ତ ମିଶ୍ର ଓ ନାରାୟଣ ଦୋରା, ଜିଲା ବ୍ୟାଡ଼ମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଅଭିଷେକ ବିଶ୍ୱାସ, ମୁଖ୍ୟ ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ, ଟେକ୍ନିକାଲ

## ରାଜ୍ୟସ୍ତରୀୟ ମିନି, ସବ୍ ଜୁନିୟର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଅଫିସିଆଲ ଅବଜରଭର ସମୀର କୁମାର ସାହୁ ଅତିଥିଭାବେ ଯୋଗ ଦେଇଥିଲେ।

ଏହି ଟୁର୍ନାମେଣ୍ଟରେ ୯, ୧୧ ଓ ୧୩ ବର୍ଷରୁ କମ୍ ବିଭାଗରେ ସିଙ୍ଗିଲ୍ସ, ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ୯ ବର୍ଷରୁ କମ୍ ବାଳିକା ସିଙ୍ଗିଲ୍ସ ବର୍ଗରେ ଆଦିତ୍ରୀ ସାଇକୃତି ଜେନା(ଯାଜପୁର), ଓ ବାଳକ ସିଙ୍ଗିଲ୍ସରେ ସାଇ ସରଣ୍ୟ ପ୍ରହରାଜ(କଟକ) ଚାମ୍ପିୟନ ହୋଇଛନ୍ତି। ୧୧ ବର୍ଷରୁ କମ୍ ବାଳିକା ସିଙ୍ଗିଲ୍ସରେ ଆରଣୀ ବେହେରା (ସମ୍ବଲପୁର) ଓ ବାଳକ ସିଙ୍ଗିଲ୍ସରେ ସମର୍ଥ ପାଢ଼ୀ (ବଲାଙ୍ଗୀର) ଟାଇଟଲ ହାତେଇଛନ୍ତି। ବାଳିକା ଡବଲ୍ସରେ ଆରଣୀ ବେହେରା (ସମ୍ବଲପୁର) ଓ ବଂଶୀକା ମଲ୍ଲିକ (କଟକ) ଏବଂ ବାଳକ ଡବଲ୍ସରେ ଅନ୍ୱେଷ ବେହେରା (ସମ୍ବଲପୁର) ଓ ଭିଭାନ ପୁରୋହିତ (ସମ୍ବଲପୁର) ଚାମ୍ପିୟନ ହୋଇଛନ୍ତି । ୧୩ ବର୍ଷରୁ କମ୍ ବାଳିକା ସିଙ୍ଗିଲ୍ସରେ ବରେଣ୍ୟା ପଟେଲ (ଖୋର୍ଦ୍ଧା ) ଓ ବାଳକ ସିଙ୍ଗଲ୍ସରେ ପଂଶୁଲ ସେଠୀ(ଖୋର୍ଦ୍ଧା) ବିଜେତା ହୋଇଛନ୍ତି । ଏହି ବୟସ ବର୍ଗର ବାଳିକା ଡବଲ୍ସରେ ଆରଣୀ ବେହେରା (ସମ୍ବଲପୁର) ଓ ଏଲିନା ରାଜ (ସମ୍ବଲପୁର) ଏବଂ ବାଳକ ଡବଲ୍ସରେ ପଂଶୁଲ ସେଠୀ (ଖୋର୍ଦ୍ଧା) ଓ ଯୁବରାଜ ଯାଦବ (ଢେଙ୍କାନାଳ) ଚାମ୍ପିୟନ ହୋଇଛନ୍ତି। ସେହିଭଳି ମିକ୍ସଡ୍ ଡବଲ୍ସରେ ବରେଣ୍ୟା ପଟେଲ(ଖୋର୍ଦ୍ଧା) ଓ ସମର ମହାନ୍ତି (ଖୋର୍ଦ୍ଧା) ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣ ସଭା ପରିଚାଳନାରେ ସହଯୋଗ କରିଥିଲେ ଟିକେଶ୍ୱର ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅନନ୍ତ ବେହେରା, ବାବୁଲୁ ପ୍ରଧାନ, ହେମାନନ୍ଦ ଥପା, ବବଲୁ ସାହୁ, ପୱନ ସାହୁ ଓ ମଣି ବେଜି।



## କୁବେର ସମାଜ ପକ୍ଷରୁ ଲୋକଙ୍କୁ ସେବା

କୁନାଗଡ଼,(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା କୁନାଗଡ଼ କୁବେର ଯୁବ ସଙ୍ଗଠନ ତରଫରୁ ଗ୍ରୀଷ୍ମ ପ୍ରବାହ ହେତୁ ରବିବାର ସାପ୍ତାହିକ ବଜାର ପ୍ରାଙ୍ଗଣରେ ତରଭୁଜ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ସଙ୍ଗଠନ ସଭାପତି ବିନୟ ସାହୁ, ସମ୍ପାଦକ ସଞ୍ଜୀବ ସାହୁ, ଉପସଭାପତି ପ୍ରିୟବ୍ରତ ସାହୁ, ନିରଞ୍ଜନ ସାହୁ, ସହ ସମ୍ପାଦକ ମାନସ ରଞ୍ଜନ ସାହୁ,କୋଷାଧକ୍ଷ ଜ୍ୟୋତିପ୍ରକାଶ ସାହୁମ୍, ସହ କୋଷାଧକ୍ଷ ସୁମିତ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସେବା ପ୍ରଦାନ କରିଥଲେ।

# ମନମୋହିଲା ସଙ୍ଗୀତ, ଓଡ଼ିଶୀ ନୃତ୍ୟ

### ଋଷିପୀଠ ଯୋଗୀ ମଠ ମହୋତ୍ସବ ତୃତୀୟ ସନ୍ଧ୍ୟା

ଖଡ଼ିଆଳ,୧୨।୪(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତୁକୁଲା ସ୍ଥିତ ଋଷିପୀଠ ଯୋଗୀ ମଠ ମହୋତ୍ସବ ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନର ସାଂସ୍କୃତିକ ସଭାରେ ରୁଷିପୀଠ ଯୋଗୀମଠ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ମାଲ୍ୟବନ୍ତ୍ ସୁନା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ତଥା ବରିଷ୍ଠ ସମାଜସେବୀ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବେ ୧ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ମୁରଲିଧର ଭୋଇ, ୪ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ୫ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା ତନୟା ଶବର, ଦଳିତ ଅଧିକାର ମଞ୍ଚ ଓଡ଼ିଶାର ସଭାପତି କମଲଚରଣ ତାଣ୍ଡି, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ପରାମର୍ଶ ଦାତା, ବହୁ ଭାଷିକ ଶିକ୍ଷା ନୂଆଦିଲ୍ଲୀ, ତଥା ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ର ଯୋଗଦାନ କରି ଋଷିପୀଠ ଯୋଗୀ ମଠର ଇତିହାସକୁ ଉତ୍ସବ ପାଳନ ମାଧ୍ୟମରେ ଲୋକଲୋଚନକୁ ଅଣାଯାଇଥିବାରୁ ମହୋତ୍ସବ ପାଳନ କମିଟିର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ଗୌରୀଶଙ୍କର ଦୁବେ ପ୍ରଦାନ କରିଥିବାବେଳେ କ୍ଷୀରଧର ସୋନୀ ଧନ୍ୟବାଦ ଅର୍ପଣ କରିଥିଲେ। ତୁକୁଲା ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ଋଷିପୀଠ ଯୋଗୀ ମଠ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ତୁକୁଲା ସୁଲୋଚନା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଓଡ଼ିଶୀ ନୃତ୍ୟ ସମସ୍ତଙ୍କ ମନ ମୋହିତ କରିଥିଲା। ଓଡ଼ିଶୀ ନୃତ୍ୟ, ପ୍ରାରମ୍ଭିକ ସଙ୍ଗୀତ ଦର୍ଶକଙ୍କ ବେଶ ମନୋରଞ୍ଜନ କରିଥିଲା। ଆମାନାରାର ପୁଷ୍ପାଞ୍ଜଳୀ ଡ୍ୟାନ୍ସ ଗ୍ରୁପ, ସ୍ୱର ଝଙ୍କାର ସଙ୍ଗୀତ ମହାବିଦ୍ୟାଳୟ ଖଡ଼ିଆଳର ସଙ୍ଗୀତ ବିଚିତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଥିଲା। ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପାଳନ କମିଟିର ସଭାପତି ରାଜକୁମାର ଖେମକା,ଉପସଭାପତି ଦିନେଶ ପ୍ରସାଦ ତିୱାରୀ, ଉପ ସଭାପତି ସଦାନନ୍ଦ ତାଣ୍ଡି, ଉପ ସଭାପତି ବୁଦାଙ୍ଗ ଜାନୀ, ଉପସଭାପତି ବେଣୁଧର ବେହେରା, କୋଷାଧକ୍ଷ ପ୍ରଶାନ୍ତ କୁମାର ଦାଶ, ଉପ କୋଷାଧକ୍ଷ ଲମ୍ବୋଦର ବେହେରା ଓ ରମେଶ ସିଂ ବାବୁ, ସାହିତ୍ୟ ସଂଯୋଜକ ବିଭୂତି ଭୂଷଣ ଦାଶ ଓ ହିରାଧର ମେହେର, ସଂଯୋଜକ କମିଟିର ସର୍ଗୀ ବାଗ, ବିଘ୍ନରାଜ ଦାଶ, ନରେଶ ଅଗ୍ରୱାଲ, ବଲ୍ଲଭ ଦୁବେ, କରୁଣା ଶଙ୍କର ମାଝୀ, ଗୌରୀଶଙ୍କର ଦୁବେ, କାର୍ଯ୍ୟକାରୀ ସଦସ୍ୟ ପରେଶ କୁମାର ଦାଶ, ଲୋକନାଥ ପ୍ରଧାନୀ, ଜଳଧର ଜାନୀ, ପ୍ରେମ ସିଂ ମାଝୀ, ତୁଳାରାମ ହଂସ, ଦିବ୍ୟଲୋଚନ ବେହେରା, ଯୁଧିଷ୍ଠିର ମେହେର, ଟଙ୍କଧର ପଟେଲ, ସାରଥୀ ପଟେଲ, ପଦ୍ମନ ଦଳ, ନୀଳାମ୍ବର ମେହେର, ଓମ ପ୍ରକାଶ ରଣା, ସୋସିଆଲ ମିଡିଆ ସଂଯୋଜକ ଭଜନ ଥନାପତି, ବିଷ୍ଣୁ ବାଗ, କୁନାଲ ଚରଣ ବେହେରା, ଆଦିତ୍ୟ କୁମାର ମହାଉତି, ହେମନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

## ଆସାମ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ କଂଗ୍ରେସର ବିରୋଧ



ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ନୂଆପଡ଼ା,୧୨।୪ (ମକାରୁ ବେମାଲ)

ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଭାରତୀୟ ଜାତୀୟ କଂଗ୍ରେସ ଅଧକ୍ଷ ମଲ୍ଲୀକାର୍ଜୁନ ଖଡଗେଙ୍କ ବିରୋଧରେ ଦେଇଥିବା ବିବାଦୀୟ ଓ ନିନ୍ଦନୀୟ ମନ୍ତବ୍ୟକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ନୂଆପଡା ଏକତା ଛକଠାରେ କଂଗ୍ରେସ କର୍ମୀ ରବିବାର ସନ୍ଧ୍ୟାରେ ବିରୋଧ ପ୍ରଦର୍ଶନ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସ ଜିଲା ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ ବିରୋଧ ପ୍ରଦର୍ଶନ କରାଯାଇ ଆସାମ ମୁଖ୍ୟମନ୍ତ୍ରୀ ଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବହୁ ସମୟ ଧରି ଭାରତୀୟ ଜନତା ପାର୍ଟି ବିରୋଧରେ ନାରାବାଜି କରି ଆସାମ ମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ନିନ୍ଦା କରିଥିଲେ। ଆଗାମୀ ଦିନରେ ଏପରି ମନ୍ତବ୍ୟ ଦେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବୁ ବୋଲି କହିଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ପୂର୍ବତନ ଜିଲା ସଭାପତି ସୁରେଶ କୁମାର ଆଜାଦ, ମହେଶ ନିଆଲ, ରବି ମଙ୍ଗରାଜ, ଦେବଦତ ଦୀକ୍ଷିତ, ଯୁବ କଂଗ୍ରେସ ଜିଲା ସଭାପତି ଅମିତ କୁମାର ଅହିର, ଶାହରୁଖ ଖାନ, ଅଭୟ ଶଙ୍କର ଯୋଶୀ ପ୍ରମୁଖ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାମବାହାଲି ଛକରେ ଜଳଛତ୍ର ଖୋଲିଲା

ନୂଆପଡା,୧୨।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ପଞ୍ଚାୟତ ଜାମବାହାଲି ଗାଁ ଛକରେ ଜଳଛତ୍ର ଖୋଲିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜାମବାହାଲି ଗାଁର ସାମାଜିକ କର୍ମୀ ତୁଳାରାମ ମାଝୀ ପ୍ରତିବର୍ଷ ଜଳଛତ୍ର ଖୋଲି ଖରା ତିନି ମାସ ଥଣ୍ଡା ପାନୀୟ ଜଳ ରାସ୍ତାରେ ଯାତାୟାତ କରୁଥିବା ବ୍ୟକ୍ତିଙ୍କୁ ଦେଇଥାନ୍ତି। ୫ବର୍ଷରୁ ଉର୍ଦ୍ଧ୍ୱ ହେବ ସେ ଜାମବାହାଲି ଛକରେ ଜଳଛତ୍ର ଖୋଲୁଛନ୍ତି। ତରବୋଡଠାରୁ ସୁନାବେଡା, ଭେଲା, ବୋଡେନ, ସିନାପାଲି ଯିବା ପାଇଁ ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ଶତାଧିକ ଗାଡି ମୋଟର ଓ ସହସ୍ରାଧିକ ଲୋକେ ଯାତାୟାତ କରୁଛନ୍ତି। ଏହି ଜଳଛତ୍ରରେ ଲୋକେ ତୃଷା ମେଣ୍ଟାଉଛନ୍ତି। ଜଳ ହିଁ ଜୀବନ,ମାନବ ସେବା ହିଁ ଈଶ୍ୱର ସେବା ବୋଲି ଜୀବନ ଥିବା ପର୍ଯ୍ୟନ୍ତ ଜଳଛତ୍ର ଖୋଲି ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇବି ବୋଲି କହିଥିଲେ। ଏହି ସମୟରେ ୱାର୍ଡ ମେମ୍ବର ଯୋଗେନ୍ଦ୍ର ସୁନା, ଶିକ୍ଷକ ଗୁଣବନ୍ତ ଧରୁଆ, ତୁଳାରାମ ଜାନି, ସୁବର୍ଣ୍ଣ ବାଗ, ଭକ୍ତ ଚରଣ ରାଉତ, ଗୁରୁବାରୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି, ବକ୍ତାମାନେ।

ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ପହିଲାରୁ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅସରରେ ରବିବାର ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି ଡ. ନିବେଦିତା ନାଥ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ରେଜିଷ୍ଟର ଜୟଦେବ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଲେଖକ ଉମାଶଙ୍କର କର, ଡ. ଉମେଶ ଚନ୍ଦ୍ର ଶତପଥି, ସୁଦର୍ଶନ ଦାସ, ଅବସରପ୍ରାପ୍ତ ପ୍ରାଧାପକ ଅଜୟ କୁମାର ମିଶ୍ର, ଦିଲେଶର ରଣା,ଅବିନାଶ ମୁଣ୍ଡ ପ୍ରମୁଖ ଯୋଗଦେଇ ଓଡିଶାର ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କବି କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧାପକ ଡ଼ୋଲାମଣୀ ଧାରୁଆ ପରିଚାଳନା କରିଥିଲେ।

## ୱାର୍ଡ ପରିମଳ ୱାର୍ଡ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ

ଖଡ଼ିଆଳ,୧୨।୪
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ପ୍ରଶାସନର ଆହ୍ୱାନ କ୍ରମେ ଖଡିଆଳଠାରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ପକ୍ଷରୁ ୱାର୍ଡ ପରିମଳ ୱାର୍ଡ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ପ୍ରାଚୀନ ହାଇସ୍କୁଲ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆକୁ ସଫେଇ କରାଯାଇଛି। ସଫେଇବେଳେ ହାଇସ୍କୁଲ ପଡିଆ ମଧ୍ୟରୁ ୨ହଜାରରୁ ଉର୍ଦ୍ଧ୍ୱ ମଦ ବୋତଲ ସଂଗ୍ରହ କରାଯାଇଥିଲା। ଏନେଇ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ସ୍କୁଲ ପ୍ରଶାସନକୁ ଅନୁରୋଧ କରାଯାଇଛି। ଲୋକେ ସ୍କୁଲ ପଡ଼ିଆରେ ପ୍ରାତଃ ଏବଂ ସନ୍ଧ୍ୟା ଭ୍ରମଣ କରୁଥିବାରୁ ଏଠାରେ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ସ୍କୁଲ ପଡ଼ିଆରେ ଆଲୋକ ବ୍ୟବସ୍ଥା, ପଡ଼ିଆରେ ଥିବା ମୁଖ୍ୟ ଦୁଇ ଫାଟକକୁ ନିର୍ଦ୍ଧାରିତ ସମୟରେ ବନ୍ଦ କରିବା, ସିସି କ୍ୟାମେରା ଲଗାଇବାକୁ ଆହ୍ୱାନ କରିଛନ୍ତି। ଏହି ସମୟରେ ଜିଲା ଉପ କମିଶନର ରବୀନ୍ଦ୍ର କୁମାର ବାର୍ଲା, ସ୍ୱଚ୍ଛ ସାଥୀ, ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।




ଖଡିଆଳ ଏନ୍‌ଏସି ପକ୍ଷରୁ ୱାର୍ଡ ପରିମଳ ୱାର୍ଡ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ।

## ଏପ୍ରିଲରେ ବି ଖୋଲିଲାନି ଜଳଛତ୍ର

ନୂଆପଡ଼ା,୧୨।୪ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ପାରଦ ଉପର ମୁହାଁ ହୋଇଛି। କିଛି ଦିନ ହେବ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାରେ ଲାଗିଲାଣି। ପୂର୍ବାହ୍ନ ୧୦ଟାରୁ ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି। ଦୋକାନ ବଜାର ମଧ୍ୟ ବନ୍ଦହୋଇ ଅପରାହ୍ନ ୩ଟା ପରେ ଖୋଲୁଛନ୍ତି। ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇନାହିଁ କିମ୍ବା ଜଳଛତ୍ର ଖୋଲାଯାଇନାହିଁ। ଅନ୍ୟ ବର୍ଷଗୁଡ଼ିକରେ ଏପ୍ରିଲ ପହିଲାରୁ ସହରଠୁ ନେଇ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଜନଗହଳିପୂର୍ଣ୍ଣ ସ୍ଥାନ, ଛକ ସ୍ଥାନରେ ଜଳଛତ୍ର ଖୋଲାଯାଇଥିଲା। ଚଳିତବର୍ଷ ଏପ୍ରିଲ ମାସର ଅଧା ଦିନ ସରିଥିଲେ ମଧ୍ୟ ଜଳଛତ୍ର ଖୋଲିନାହିଁ। ଫଳରେ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆବଶ୍ୟକ ଜଳଛତ୍ର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି।

## ଥୁଆମୂଳ ରାମପୁରରେ ଆମ୍ବେଡକର ଜୟନ୍ତୀ ପ୍ରସ୍ତୁତି ଚୂଡ଼ାନ୍ତ

ଥୁଆମୂଳ ରାମପୁର, ୧୨।୪
(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଆସନ୍ତା ୧୪ରେ ଡ. ବାବାସାହେବ ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ବାବା ଖଣ୍ଡୁଆଳ ଖେଳପଡ଼ିଆଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବାବାସାହେବ ପ୍ରେମୀ ଯୋଗଦେଇ ଉତ୍ସବକୁ ସଫଳ କରିବାକୁ ସଂକଳ୍ପ ନେଇଛନ୍ତି। ଉତ୍ସବକୁ ଶୃଙ୍ଖଳିତ କରିବା ପାଇଁ ବୈଠକରେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ କରାଯାଇଛି। ବିଶେଷକରି ଅର୍ଥ ସଂଗ୍ରହ, ଶୋଭାଯାତ୍ରା ପରିଚାଳନା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି।



ବାବାସାହେବ ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ ନିମନ୍ତେ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କାର୍ଯ୍ୟକ୍ରମ ଅନୁସାରେ, ବାବା ଖଣ୍ଡୁଆଳ ଖେଳପଡ଼ିଆରୁ ଏକ ବିଶାଳ ବାଇକ୍ ରାଲି ଓ ପଦଯାତ୍ରା ବାହାରି ରାଜବାଟି ସମ୍ମୁଖରେ ଥିବା ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯିବ। ସେଠାରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ବ୍ଲକର ସମସ୍ତ ଜନପ୍ରତିନିଧି, ସରକାରୀ କର୍ମଚାରୀ, ଯୁବ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ହୋଇଛି। ବୈଠକରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ହତ୍ୟା ଅଭିଯୋଗରେ ୧୨ ଗିରଫ

ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ପାଣିମୁଣ୍ଡା ଗ୍ରାମର ଏକ ପରିତ୍ୟକ୍ତ କୁଅଁରୁ ୭ ତାରିଖ ଜଣେ ଯୁବକଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ଜବତ କରିଥିଲା। ମୃତକ ଯୁବକ ଜଣେ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଉଦିତ ନାରାୟଣ ପୁର ଗ୍ରାମର ଗୌରାଙ୍ଗ ମାଝୀ (୧୯)। ଗୌରାଙ୍ଗ ୪ ତାରିଖ ପାଣିମୁଣ୍ଡା ଗ୍ରାମକୁ ପ୍ରହରୀ ଦେଖିବାକୁ ଯାଇଥିଲେ। ହେଲେ ସେଠାରୁ ସେ ଫେରି ନ ଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ନ ପାଇବାରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ତେବେ ୭ ତାରିଖ ସକାଳେ ଗୌରାଙ୍ଗଙ୍କ ମୃତଦେହ କୁଅଁରୁ ଉଦ୍ଧାର ହେବା ପରେ ତାଙ୍କ ବାପା ଦିନବନ୍ଧୁ ମାଝୀ (୪୫) ହତ୍ୟା ଅଭିଯୋଗ ଆଣି ଥାନାରେ ଲିଖିତ ଭାବେ ଜଣାଇଥିଲେ। ପ୍ରେମ ସମ୍ପର୍କକୁ ନେଇ ଗୌରାଙ୍ଗକୁ ହତ୍ୟା କରି କୁଅଁରେ ଫିଙ୍ଗି ଦେଇଥିବା ନେଇ ତାଙ୍କ ବାପା ଅଭିଯୋଗ ଆଣିଥିଲେ। ଏହାପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଗୌରାଙ୍ଗକୁ ହତ୍ୟା କରାଯାଇଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ତେବେ ଗୌରାଙ୍ଗଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନାବାଳିକା ପ୍ରେମିକା ସମେତ ୧୨ ଜଣକୁ ନର୍ଲା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସାନ ଖଏରମାଲ ଗ୍ରାମର ନାବାଳିକା, ତାଙ୍କ ୨ ଭାଇ, ଭିଣୋଇ ରଞ୍ଜନ ମାଝୀ ସମେତ ୧୨ ଜଣ ରହିଛନ୍ତି।

## ସଚେତନ ନାଗରିକ ମଞ୍ଚ ନୂତନ ସଭାପତି ଗୋବିନ୍ଦ ବନ୍‌ଛୋର

କେସିଙ୍ଗା, ୧୨।୪(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ଅଗ୍ରଣୀ ସାମାଜିକ ସଂଘ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ନୂତନ ସଭାପତି ଭାବେ ପୂର୍ବତନ ଏନଏସି ଉପାଧକ୍ଷ ଗୋବିନ୍ଦ ବନଛୋର ସର୍ବସମ୍ମତି କ୍ରମେ ରବିବାର ମନୋନୀତ ହୋଇଛନ୍ତି। ସ୍ଥାନୀୟ ଆର୍‌ଏମ୍‌ସି ଠାରେ ପୂର୍ବତନ ସଭାପତି ଚିତ୍ତରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ସାଧାରଣ ବୈଠକରେ ବନଛୋରଙ୍କୁ ଆଗାମୀ ୨ବର୍ଷ ପାଇଁ ସଚେତନ ନାଗରିକ ମଞ୍ଚର ସଭାପତି ଭାବେ ଗୁରୁଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ସମ୍ପୂର୍ଣ୍ଣ ପୁଣି କର୍ମକର୍ତ୍ତା ଚୟନ କରାଯିବା ପାଇଁ ଆଜିକାର ସଭାରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୂର୍ବତନ ବ୍ଲକ ଅଧକ୍ଷ ରାମଲାଲ ସୁନାନୀ, ସନ୍ତୋଷ ସାହୁ ଓ ପୂର୍ବତନ ଏନଏସି ଅଧକ୍ଷ ରାମଜୀ ମାତଖଣ୍ଡିଆ, ସରିତା ସିନ୍ଧୁର,ପୂର୍ବତନ ସଭାପତି ଉତ୍ତର ମହଲା, ରମେଶ ପଟ୍ଟନାୟକ, ରଘୁରାଜ ସିଂ, କୃଷ୍ଣ ଚନ୍ଦ୍ର ସାହୁ, ପଙ୍କଜ ଗଡ଼ଡ଼, ନିକିତା ଜୈନ, ରଞ୍ଜନ ବେହେରା, ସଞ୍ଜୀବ ବାନାର୍ଜୀ,ନୀଳ ମହଲା, ଚମ୍ପକ ସାହା, ରିସବ ଜୈନ ପ୍ରମୁଖ ବହୁ ସଂଖ୍ୟାରେ ସଚେତନ ନାଗରିକ ମଞ୍ଚର ସଦସ୍ୟ ଉପସ୍ଥିତ ଥିଲେ।

# ଦେବୀଙ୍କ ନଗର ପରିକ୍ରମା ଛତରଯାତ୍ରା



ରିଷିଡ଼ାରେ ଦେବାଦେବୀଙ୍କ ନଗର ପରିକ୍ରମା ଛତରଯାତ୍ରା

### ରିଷିଡ଼ା ଚୈତ୍ର ମହୋତ୍ସବ

ରିଷିଡା,୧୨।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା'ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତିପୀଠରେ ମା'ତାରିଣୀ ଅଷ୍ଟଚଣ୍ଡୀଙ୍କ ଚୈତ୍ର ମହୋତ୍ସବ ଆରମ୍ଭ ହୋଇଯାଇଛି। ରବିବାର ଦେବଦେବୀଙ୍କ ନିଶାଣ ବିରବାଦ୍ୟ ସହିତ ନଗର ପରିକ୍ରମା ଛତରଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶକ୍ତି ପୀଠ ଦେବୀ ବରୁଆମାନଙ୍କ ଦେହରେ ସବାର ହୋଇ କାଳିସୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଯାତ୍ରା ଶକ୍ତି ପୀଠରୁ ଗ୍ରାମରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା କରାଯାଇଛି। ଭକ୍ତମାନେ ମୁଖ୍ୟ ରାସ୍ତାରେ କଳସ ସ୍ଥାପନ କରି ଦେବାଦେବୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କୈଳାସ କୁମୁରା, ସମ୍ପାଦକ ସୁଶାନ୍ତ ମଲ୍ଲିକ, ଦେହୁଁରି ସେବାୟତ ସୁମନ୍ତ ଭୋଇ, ରାଧେଶ୍ୟାମ ପଟ୍ଟନାୟକ, ତପନ ରଣା, ନିଳକମଳ ପୁଟେଲ, କୁଞ୍ଜ ରଣା ପ୍ରମୁଖ ଯୋଗଦେଇଥିଲେ। ସୋମବାର ପଞ୍ଚ ଦିନାତ୍ମକ ଉପଚାର ପୂଜା ଝାମୁଯାତ୍ରା ନିଆଁରେ ଚାଲିବା କାର୍ଯ୍ୟକ୍ରମ ରହିଛି।

# ସରପଞ୍ଚ ଉପନିର୍ବାଚନ ପାଇଁ ଶାନ୍ତିକମିଟି ବୈଠକ

ନୂଆପଡ଼ା,୧୨।୪ (ମକାରୁ ବେମାଲ)

ନୂଆପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆମାନାରା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ ପାଇଁ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁର୍ମି ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂଆପଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ଖିଲେଶ୍ୱର ସାହୁ, ତହସିଲଦାର ପ୍ରଣବ ପ୍ରକାଶ ସାହୁଙ୍କ ସହ ବିଭିନ୍ନ ରାଜନୈତିକ ପ୍ରତିନିଧି ଓ ପ୍ରଶାସନିକ ପୋଲିସ ଅଧିକାରୀ ଯୋଗଦେଇ ଥିଲେ। ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ସହିତ ଶାନ୍ତିପୂର୍ଣ୍ଣ ମତଦାନ ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କୁ ଉପଜିଲାପାଳ ଆହ୍ୱାନ ଦେଇଥିଲେ। ଆଦର୍ଶ ଆଚରଣବିଧି ପାଳନ ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ପକ୍ଷ ସମ୍ମତି ଜଣାଇଥିଲେ। ଆସନ୍ତା ଉପ ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥା କଡା କରାଯିବା ସହ ଅନିୟମିତତାକୁ ସହ୍ୟ କରାଯିବ ନାହିଁ ବୋଲି ପୋଲିସ ଅଧିକାରୀ ସାହୁ ସୂଚେଇ ଦେଇଛନ୍ତି। ଭୋଟରଙ୍କୁ ଭୟଭୀତ କରିବା କିମ୍ବା ପ୍ରଲୋଭନ ଦେଖାଇବାକୁ ରୋକିବା ପାଇଁ ଜିଲା ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢାଉ ଜାରି ରହିବ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ବା ଟାଣଖରା ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚାର କାର୍ଯ୍ୟ ବନ୍ଦ ରହିବ। ରାତି ୮ଟାରୁ ଲାଉଡସ୍ପିକର (ମାଇକ) ବ୍ୟବହାର ନିଷେଧ କରାଯାଇଛି। ଏହି ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଛି। ବୁଥ ଦଖଲ ଭଳି କାର୍ଯ୍ୟକଳାପକୁ କଡା ନଜର ରଖାଯିବ ବୋଲି ସ୍ପଷ୍ଟ କରାଯାଇଛି। ମତଦାନ କେନ୍ଦ୍ରରେ ଆବଶ୍ୟକ ଛାଇ, ପାନୀୟ ଜଳ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯିବା ସହ ମତଦାତାଙ୍କୁ ଶୀତଳ ସମୟରେ ଭୋଟ ଦେବାକୁ ପରାମର୍ଶ ଦିଆଯାଇଛି। ବୈଠକ ଶେଷରେ ଶାନ୍ତିପୂର୍ଣ୍ଣ ଓ ସୂଚାରୁ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।



ଶାନ୍ତିଶୃଙ୍ଖଳାରେ ପଞ୍ଚାୟତ ଉପନିର୍ବାଚନ ପାଇଁ ଆଲୋଚନା କରାଯାଉଛି।

**ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ**

**ବରଗଡ଼,(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୂର୍ତ୍ତ ବିଭାଗ କଲୋନି ପରିସରରେ ନବ ନିର୍ମିତ ଭବ୍ୟ ଶ୍ରୀ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ସଦସ୍ୟମାନେ ଉଦ୍‌ଯାପନୀ ଦିବସରେ ଯୋଗଦାନ କରିଥିଲେ। ସେମାନଙ୍କୁ ସ୍ୱାଗତ ଓ ସମ୍ମାନିତ କରାଯାଇଥିଲା। ଏଥିରେ ସଂଘର ସଭାପତି କେଦାର ମିଶ୍ର, ସମ୍ପାଦକ ଗୋବିନ୍ଦ ଦାଶ, ଦେବୀ ପଟ୍ଟନାୟକ, ପଞ୍ଚାନନ ପଣ୍ଡା, ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶ୍ରୀ ଗଣେଶଙ୍କ ଦର୍ଶନ ଓ ପୂଜା କରିବା ସହିତ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ।

# ମହୁଲ ଫୁଲ ସଂଗ୍ରହକାରୀଙ୍କୁ ମିଳୁନି ମୂଲ

## ବଜାର ବ୍ୟବସ୍ଥା ନାହିଁ, ଛତିଶଗଡ଼କୁ ଚାଲାଣ

ବରଗଡ଼/ଝାରବନ୍ଧ,୧୨।୪
(ପ୍ରେମାନନ୍ଦ ଖମାରୀ/ ଦେବେନ୍ଦ୍ର ସାହୁ)


ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ମହିଳା ପୁରୁଷ ମହୁଲ ଫୁଲ ଗୋଟାଉଛନ୍ତି।

ଲଘୁ ବନଜାତ ଦ୍ରବ୍ୟ ମଧ୍ୟରୁ ମହୁଲ ଫୁଲ ଅନ୍ୟତମ। ଫାଲଗୁନ ମାସ ଆସିବା ମାତ୍ର ଏହି ଫୁଲ ଗଛରେ ଦେଖିବାକୁ ମିଳେ। ମହୁଲ ଫୁଲର ମହକରେ ଗଛର ପାରିପାର୍ଶ୍ୱିକ ଅଞ୍ଚଳ ମହକି ଉଠିଥାଏ। କେବଳ ମହୁମାଛି ନୁହେଁ, ଲୋକେ ମଧ୍ୟ ଏହି ଫୁଲ ପ୍ରତି ଆକର୍ଷିତ ହୋଇଥାନ୍ତି। ଅନେକ ଲୋକଙ୍କ ରୋଜଗାର ମାଧ୍ୟମ ସାଜିଛି ମହୁଲ ଫୁଲ। ମଦ ପ୍ରସ୍ତୁତିରେ ମହୁଲ ଫୁଲର ଅଧିକ ଚାହିଦା ରହିଥିବା ବେଳେ ଏଥିରେ ଲୋକେ ପାରମ୍ପାରିକ ଖାଦ୍ୟ ପ୍ରସ୍ତୁତି କରିଥାନ୍ତି। ସେହିପରି ଔଷଧୀୟ ଗୁଣ ମଧ୍ୟ ରହିଥିବାରୁ ଏହି ଫୁଲ ଆଉ ଅଲୋଡ଼ା ହୋଇ ରହି ନାହିଁ। ଅନେକ ଲୋକଙ୍କୁ ମହୁଲ ଫୁଲ ରୋଜଗାର ଦେଇ ଆସୁଛି। ଫଳରେ ମହୁଲ ଫୁଲକୁ କେବଳ ବନବାସୀ ନୁହନ୍ତି, ଏବେ ବିଭିନ୍ନ ବର୍ଗର ଲୋକେ ନିଜର ଏକ ଜୀବିକା ଭାବେ ଆଦରି ନେଇଛନ୍ତି। ଫାଲଗୁନ ମାସଠାରୁ ଆରମ୍ଭ କରି ବୈଶାଖ ମାସ ପର୍ଯ୍ୟନ୍ତ ଲୋକେ ଏହି ଫୁଲ ଗୋଟାଇବାରେ ବ୍ୟସ୍ତ ହୋଇ ପଡ଼ିଥାନ୍ତି। କିଛିଦିନ ଖରାରେ ଶୁଖିବା ପରେ ତାକୁ ସ୍ଥାନୀୟ କୁଚିଆ ବେପାରୀଙ୍କଠାରେ ବିକ୍ରି କରିଥାନ୍ତି। ସକାଳୁ ପରିବାର ସଦସ୍ୟଙ୍କ ସହିତ ମହୁଲ ଗୋଟାଇ ତାକୁ ଖରାରେ ଶୁଖାଇଥାନ୍ତି। କିନ୍ତୁ ପରିଶ୍ରମ ଅନୁଯାୟୀ ସେମାନଙ୍କୁ ଉଚିତ୍ ମୂଲ୍ୟ ମିଳୁ ନଥିବା ମହୁଲ ଫୁଲ ଗୋଟାଳୀମାନେ କହନ୍ତି। ବରଗଡ଼ ଜିଲାର ମହୁଲ ଫୁଲ ଗୋଟାଳୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ରହିଛି। ଜିଲାର ପଦ୍ମପୁର ଉପଖଣ୍ଡର ବିଭିନ୍ନ ଗ୍ରାମର ଲୋକେ ମୁଖ୍ୟତଃ ଏହାକୁ ଜୀବିକା ଭାବେ ଗ୍ରହଣ କରି ନେଇଥିବା ବେଳେ ବରଗଡ଼ ଉପଖଣ୍ଡର ଅନେକ ଗ୍ରାମର ଲୋକେ ମଧ୍ୟ ଏହି ଜୀବିକାକୁ ଛାଡ଼ି ନାହାନ୍ତି। ତେବେ ଏଠାରେ ବଜାର ବ୍ୟବସ୍ଥା ନଥିବାରୁ ସଂଗୃହୀତ ମହୁଲ ଫୁଲକୁ ଗୋଟାଳୀମାନେ ଶାଗମାଛ ଦରରେ ବିକ୍ରି କରିଥାନ୍ତି। ଏବେ ଜିଲାରେ ମହୁଲ ଫୁଲ କୁଇଣ୍ଟାଲ ପ୍ରତି ମାତ୍ର ୩୮୦୦ ଟଙ୍କାରେ ବିକ୍ରି ହେଉଥିବା ମହୁଲ ଫୁଲ ସଂଗ୍ରହକାରୀମାନେ କହନ୍ତି। ସେହିପରି ଓଡ଼ିଶାରେ ମହୁଲ ଫୁଲ ବିକ୍ରି ପାଇଁ ମଣ୍ଡି କିମ୍ବା ବଜାର ବ୍ୟବସ୍ଥା ଅଭାବରୁ ଏହା ଅନ୍ୟରାଜ୍ୟକୁ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ବରଗଡ଼ରୁ ଅମଳ ଅଧିକାଂଶ ମହୁଲ ଫୁଲ ନିୟମିତ ପଡ଼ୋଶୀ ଛତିଶଗଡ଼ ପଟକୁ ଚାଲାଣ ହେଉଛି। ତେବେ ମହୁଲ ଫୁଲ ଚାଲାଣ ବେଆଇନ ହୋଇଥିବା ବେଳେ କିଛି ହାତଗୁଞ୍ଜା ପାଇ ବିଭାଗୀୟ ପୋଲିସ ଏବଂ ଅବକାରୀ କର୍ମଚାରୀ ଆଖିବୁଜି ଦେଇଥିବା ଅଭିଯୋଗ ହୋଇ ଆସୁଛି। ଅନ୍ୟପଟେ କମ୍ ଦରରେ ମହୁଲ ଫୁଲ କିଣି ବେପାରୀ, ଦଲାଲମାନେ ମାଲେମାଲ୍ ହେଉଥିବାବେଳେ ମହୁଲ ସଂଗ୍ରହକାରୀ ତଥା ଗୋଟାଳୀଙ୍କୁ ମୂଲ ସୁଦ୍ଧା ମିଳୁ ନାହିଁ।

### ଏମାନେ କହନ୍ତି...

**ସାରା ପରିବାର ମହୁଲ ଗୋଟାଉ**



ମହୁଲ ଫୁଲ ଗୋଟାଇବା ପାଇଁ ସାରା ପରିବାର ଲାଗିପଡୁ। ସକାଳ ହେଲାକି ମହୁଲ ଗଛ ତଳକୁ ଯାଇଥାଉ। ସେଠାରୁ ମହୁଲ ଫୁଲ ସଂଗ୍ରହ କରୁ। ସଂଗୃହୀତ ମହୁଲ ଫୁଲକୁ ଘରକୁ ଆଣି ଖରାରେ ଶୁଖାଇଥାଉ। ତାହା ଶୁଖିବା ପରେ ଗ୍ରାମର କୁଚିଆ ବେପାରୀଙ୍କଠାରେ ବିକ୍ରି କରି ଆସୁଛୁ।

- ଭକ୍ତି ଲୁହାର, ଗୋଠୁଗୁଡ଼ା, ଝାରବନ୍ଧ

**ରୋଜଗାରର ମାଧ୍ୟମ ମହୁଲ ଫୁଲ**



ଧାନଚାଷ କରି ଯେଭଳି ଦି ପଇସା ରୋଜଗାର କରିଥାଉ, ସେହିପରି ମହୁଲ ଫୁଲ ସଂଗ୍ରହରେ ମଧ୍ୟ କିଛି ମିଳିଥାଏ। କିନ୍ତୁ ମହୁଲ ଫୁଲ କିଣିବା ପାଇଁ ବଜାର ବ୍ୟବସ୍ଥା କିମ୍ବା ସରକାରଙ୍କ ନିର୍ଦ୍ଧାରୀତ ଦର ନଥିବାରୁ କୁଚିଆ ବେପାରୀମାନେ ମନଇଚ୍ଛା ଦରରେ ତାହା କିଣୁଛନ୍ତି। ଆମେ ବାଧ ହୋଇ ସେହି ଦରରେ ବିକ୍ରି କରୁଛୁ।

- ଚନ୍ଦନ ବରିହା, ଇସ୍କିଦା, ଝାରବନ୍ଧ

**ଝଡ଼ବର୍ଷା ଉଜାଡ଼ିଲା ଅମଳ ଆଶା**



ପ୍ରତିବର୍ଷ ମହୁଲ ଫୁଲ ଗୋଟାଇ ଆସିଥାଉ। ତାହା ବିକି ଯାହା ରୋଜଗାର କରୁ, ସେଥିରେ ପରିବାର ଗୁଜୁରାଣ ମେଣ୍ଟାଇଥାଉ। ହେଲେ ଏଥର ଅଦିନିଆଁ ଝଡ଼ବର୍ଷାରେ ମହୁଲ ଫୁଲ ସଂଗ୍ରହ ଅନ୍ୟବର୍ଷ ତୁଳନାରେ କମି ଯାଇଛି। ଆଗରୁ ରୋଜଗାର ଠିକ୍ ଥିଲା। ହେଲେ ଗତ କିଛିବର୍ଷ ହେଲା ମହୁଲ ଫୁଲ ସଂଗ୍ରହରୁ ଆଉ ସେଭଳି ଲାଭ ମିଳୁ ନାହିଁ।

- ନୂଆଦେଈ ଲୁହାର, ଗୋଠୁଗୁଡ଼ା, ଝାରବନ୍ଧ

**ଧାନଠୁ ମହୁଲରେ ଆୟ ଅଧିକ**



ଆମର ଜମି ପରିମାଣ କମ୍ ରହିଛି। ହେଲେ ମହୁଲ ଗଛ ବେଶୀ ରହିଛି। ଫଳରେ ଧାନ ଫସଲରେ ଯେତିକି ଆୟ ହୋଇଥାଏ, ମହୁଲ ଫୁଲ ସଂଗ୍ରହରେ ତାଠାରୁ ଢେର୍ ଅଧିକ ଆୟ ହୁଏ। ବିଗତବର୍ଷରେ ମହୁଲ ଫୁଲ ସଂଗ୍ରହରୁ ବାର୍ଷିକ ୨ରୁ ଅଢ଼େଇ ଲକ୍ଷ ଟଙ୍କା ରୋଜଗାର କରିଛୁ। କାଳବୈଶାଖୀ ଯୋଗୁ ଏଥର ସେତିକି ହେବ ନାହିଁ।

- ତପସ୍ୱିନୀ ନାଏକ, ବିଲାସପୁର, ଝାରବନ୍ଧ

## ମୁଷ୍ଟିମେୟଙ୍କ ହାତରେ ଏନ୍ଏସି ଦୋକାନ ଗୃହ

ପଦ୍ମପୁର,୧୨।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ଏନ୍ଏସିର ଦୋକାନ ଗୃହ କିଛି ମୁଷ୍ଟିମେୟଙ୍କ ହାତରେ ରହିଥିବା ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଛି। ମୁଷ୍ଟିମେୟ ଗୋଷ୍ଠୀ ନିଜେ ଏନ୍ଏସିଠାରୁ ଭଡ଼ା ନେଇ ଏହି ଦୋକାନ ଗୃହକୁ ଅନ୍ୟ ବ୍ୟବସାୟୀଙ୍କୁ ଦେଇ ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି। ଏ ନେଇ ଗତ ଅଗଷ୍ଟ ୨୪ରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଏନ୍ଏସି ନିର୍ବାହୀ ଅଧିକାରୀ ଓ କାଉନ୍ସିଲରମାନେ ଏହି ମାମଲାକୁ ଗୁରୁତର ସହିତ ଗ୍ରହଣ କରିଥିଲେ। ପରେ ଅଗଷ୍ଟ ୧୭ ତାରିଖ ୨୦୨୫ରେ ଏକ କମିଟି ଗଠନ କରିବା ପାଇଁ କାଉନ୍ସିଲର ବୈଠକରେ ନିଷ୍ପତ୍ତି ହୋଇଥିଲା। ପରେ ଏକ ତଦାରଖ କମିଟି କାଉନସିଲର ପ୍ରିୟ ରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭ୍ୟ ଭାବେ କାଉନ୍ସିଲର ଚିନ୍ମୟ ପଣ୍ଡା, କୁନାଲ ପାଣିଗ୍ରାହୀ, କ୍ଷୀର ସାନବର୍ଷା, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, କନିଷ୍ଠ କିରାଣୀ କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ପରିଷଦ ଦ୍ୱାରା ଆବଣ୍ଟନ କରାଯାଇଥିବା ୧୭୬ଗୋଟି ଦୋକାନ ଗୃହର ବିବରଣୀ ଉପସ୍ଥାପନ କରାଯାଇଥିଲା। ପରେ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ଯେଉଁ ଦୋକାନୀମାନେ ଆବଣ୍ଟିତ ହୋଇଥିବା ଗୃହ ଭଡ଼ାରେ ଲଗାଇଛନ୍ତି କିମ୍ବା ଏନ୍ଏସିଠାରୁ ଦୁଇ କିମ୍ବା ଅଧିକ ଗୃହ ଲିଜରେ ନେଇଛନ୍ତି ସେମାନଙ୍କୁ ୭ଦିନିଆ ନୋଟିସ ଦେଇ ଆବଣ୍ଟନ ରଦ୍ଦ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଇତି ମଧ୍ୟରେ ଏହି ବୈଠକ ତଥା ଏହି କମିଟି ଗଠନ ପ୍ରାୟ ବର୍ଷେ ଅତିକ୍ରମ କରି ସାରିଛି ଓ ସହରକୁ ସୁନ୍ଦର କରିବା ପାଇଁ ଅନେକ ଦୋକାନ ଗୃହ ମଧ୍ୟ ଉଚ୍ଛେଦ କରାଯାଉଛି। ଅନେକ ଦୋକାନୀ ମଧ୍ୟ ସେମାନଙ୍କ ରୋଜଗାର ହରାଇଛନ୍ତି। ତେଣୁ ଏକାଧିକ ଦୋକାନ ଗୃହକୁ ନିଜର କବ୍‌ଜାରେ ରଖିଥିବା ମୁଷ୍ଟିମେୟଙ୍କ ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇବା ସହିତ ତଦାରଖ କମିଟିର ରିପୋର୍ଟ ଉପରେ ମଧ୍ୟ ପ୍ରଶ୍ନ କରିଛନ୍ତି।

## ବନ୍ଦନୀୟ ବରପୁତ୍ର ଦିବସ ପାଳନ


ବନ୍ଦନୀୟ ବରପୁତ୍ର ଦିବସ ପାଳନରେ ପୁରସ୍କାର ପ୍ରଦାନ କରାଯାଉଛି ।

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)

ସବୁ କ୍ଷେତ୍ରରେ ଓ ଆଗେଇ ନେବାରେ ଅନେକ ବରପୁତ୍ରଙ୍କ ରହିଛି ଅତୁଳନୀୟ ଅବଦାନ। ସେମାନଙ୍କ ତ୍ୟାଗ, ନିଷ୍ଠା ଓ ସମର୍ପଣରେ ଓ ହୋଇଛି ସମୃଦ୍ଧ ଓ ଗୌରବାନିତ। ସେମାନଙ୍କ ଅବଦାନକୁ ସ୍ମରଣ କରିବା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଜିଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସାଂସ୍କୃତି ଅଧିକାରୀ ତାହିର ହୁସେନ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଏବଂ ମୁଖ୍ୟବକ୍ତାଭାବେ ବରିଷ୍ଠ ଶିକ୍ଷକ ଅଶୋକ କୁମାର ପୁଝାରୀ ଯୋଗ ଦେଇଥିଲେ। ଏହାପରେ ଆୟୋଜିତ ହୋଇଥିବା ଫ୍ୟାନ୍ସି ପୋଷାକ ପରିଧାନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଓ ବରପୁତ୍ରମାନଙ୍କ ଅବଦାନକୁ ସମ୍ମାନ ଜଣାଇ ସେମାନଙ୍କ ଭଳି ପୋଷାକ ପରିଧାନ କରିବା ସହ ତାଙ୍କର ମହତବାଣୀ ଗୁଡ଼ିକୁ ପରିପ୍ରକାଶ କରିଥିଲେ। ଜିଲାର ପ୍ରମୁଖ କବି ଏବଂ କବୟିତ୍ରୀ ଓଡ଼ିଶା ତଥା ବରଗଡ଼ ଜିଲାର ବରପୁତ୍ରମାନଙ୍କ ଅତୁଳନୀୟ ଅବଦାନ ବିଷୟରେ ସ୍ୱରଚିତ କବିତା ମାଧ୍ୟମରେ ଉପସ୍ଥାପନା କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ର ଓ କବିଙ୍କୁ ଜିଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଥିଲା।

## ଯୋଗାଣ ସହାୟକ ସଂଘ ସମସ୍ୟା ନେଇ ଦାବି ପତ୍ର

ପଦ୍ମପୁର,୧୨।୪(ପ୍ରଦୀପ୍ତ ଦାଶ)

ରାଜ୍ୟ ଯୋଗାଣ ସହାୟକ ସଂଘର ବିଭିନ୍ନ ସମସ୍ୟା ନେଇ ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ବିଶେଷ କରି ଯୋଗାଣ ସହାୟକଙ୍କ ଚାକିରିକୁ ନିୟମିତ କରଣ ସମ୍ବନ୍ଧରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରାଯାଇଛି। ଏଥିସହିତ ବିଭିନ୍ନ ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ଯୋଗାଣ ସହାୟକମାନେ ନିଯୁକ୍ତ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସ୍ୱଳ୍ପ ଦରମାରେ ବହୁତ ଅସୁବିଧାରେ କାଳାତିପାତ କରୁଥିବାର ଅନେକ ସମୟରେ ଅଭିଯୋଗ ଆଣିଛନ୍ତି। ଏଣୁ ଏ ସମ୍ପର୍କରେ ଏମ୍ପିଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଉକ୍ତ ଦାବିକୁ ଗମ୍ଭୀରତାର ସହ ଉପସ୍ଥାପନ କରିବି ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଦ୍ୱିଦିବସୀୟ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଦ୍ୱି ଦିବସୀୟ ରିଫ୍ରେସର ଓ ଇନଣ୍ଡକ୍ଶନ୍ ତାଲିମ କାର୍ଯ୍ୟକ୍ରମ।

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଚାଲିଥିବା ଦ୍ୱିବସୀୟ ରିଫ୍ରେସର ଓ ଇନଡକ୍ସନ୍‌ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ବରଗଡ଼ ଏସ୍ପି ପ୍ରହ୍ଲାଦ ସହାୟ ମୀନା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ସମସ୍ତ ପବ୍ଲିକ ପ୍ରସିକ୍ୟୁଟର, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର, ସହାୟକ ପବ୍ଲିକ ପ୍ରସିକ୍ୟୁଟର, ଆସୋସିଏଟ୍ ପବ୍ଲିକ ପ୍ରସିକ୍ୟୁଟର ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ସାକ୍ଷ୍ୟ ଅଧିନିୟମ, ଭାରତର ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଉପରେ ବିଶଦ ଆଲୋଚନା କରାଯାଇଥିଲା। ପବ୍ଲିକ ପ୍ରସିକ୍ୟୁଟର ରଶ୍ମିରେଖା ଦେଓ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭୁବନେଶ୍ୱରୀ ନାଏକ, କଟକ ହାଇକୋର୍ଟରେ ଆଡ୍‌ଭୋକେଟ୍ ସୂର୍ଯ୍ୟାଂସ୍ ନାତାପଲ୍, ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଡା. କୁବେର ଚନ୍ଦ୍ର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସାଧନ କର୍ମୀଭାବେ ଯୋଗଦେଇଥିଲେ। ଡେପୁଟି ଡାଇରେକ୍ଟର ବେଣୁଲାଲ ପ୍ରଧାନ, ଆସିଷ୍ଟାଣ୍ଟ ଡାଇରେକ୍ଟର(ପ୍ରସିକ୍ୟୁସନ) ସୁଶିଲ କୁମାର ସୁନାନୀ, ଡେପୁଟି କଲେକ୍ଟର(ଜୁଡିସିଆଲ) ନିରଞ୍ଜନ ବେହେରା, ଡେପୁଟି କଲେକ୍ଟର(ଜୁଡିସିଆଲ) ଉମାକାନ୍ତ ସଞ୍ଜୀବ ଶେଖର କୁମୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରମାନଙ୍କ ପାଇଁ ନିଯୁକ୍ତି ମେଳା

ବରପାଲି,୧୨।୪(ଚିତ୍ତରଞ୍ଜନ ସାହୁ)

ଡାଇଗ୍ନୋଷ୍ଟିକ୍ସ ଏବଂ ବାୟୋଫାର୍ମାସ୍ୟୁଟିକାଲ କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ପ୍ରେମିଆ ଥେରାପ୍ୟୁଟିକ୍ସ ପ୍ରାଇଭେଟ ଲିମିଟେଡ', 'କ୍ଲିନଟେକସଲ୍ୟୁସନ'ର ମିଳିତ ସହଯୋଗରେ ରବିବାର ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେମିଆ ଥେରାପ୍ୟୁଟିକ୍ସର ସମସ୍ତ ସଦସ୍ୟଙ୍କ ସମେତ ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା, ସମ୍ପାଦକ ଦାମୋଦର ପଣ୍ଡା, ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ସାହୁ, ଅଧ୍ୟକ୍ଷ ଡ. ଆଶୁତୋଷ ପ୍ରଧାନ, ପ୍ଲେସମେଣ୍ଟ କୋଅର୍ଡିନେଟର ଅବିନାଶ କୁମାର ସାହୁ ଏବଂ ଅନ୍ୟାନ୍ୟ ଶିକ୍ଷକ ଡ. ଅବଦୁଲ ସୟଦ ଖାନ ଓ ଶିକ୍ଷାକର୍ମୀଙ୍କ ସମେତ ସମସ୍ତ ଆଶାୟୀ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ସମ୍ପନ୍ନ

ପାଇକମାଲ,୧୨।୪(ବଡ଼ ଶତପଥୀ)

ପାଇକମାଲ ବ୍ଲକ ମାଣ୍ଡୋସିଲ ଗ୍ରାମବାସୀଙ୍କ ଦ୍ୱାରା ହେଉଥିବା ୨୪ ପ୍ରହର ନାମଯଜ୍ଞ ଶନିବାର ପୂର୍ଣ୍ଣାହୁତି ହୋଇ ରାତ୍ରରେ ସମ୍ପନ୍ନ ହୋଇଛି। କର୍ତ୍ତା ଭାବରେ ନରେନ୍ଦ୍ର ବିନାଟ ଓ ଧର୍ମପତ୍ନୀ ଯୋଗେଶ୍ୱରୀ ବିନାଟ ଥିବାବେଳେ ମୁଖ୍ୟ ପୂଜକ ଭାବରେ ପଣ୍ଡିତ ସୁବଳ ପଣ୍ଡା ତଥା ସହପୂଜକ ଭାବରେ ଭୀମସେନ ଦାସ, ଦିଲୀପ ଦାସ, ଘନଶ୍ୟାମ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଶନିବାର ପୂର୍ଣ୍ଣାହୁତି ହୋଇ ରାତ୍ରରେ ବୈଠକୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଖପାଖରୁ ୧୧ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦିନ ଭକ୍ତମାନଙ୍କ ପାଇଁ ମାଉସୀ ମନ୍ଦିରରେ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଯଜ୍ଞ କମିଟି ସଭାପତି ଶରତ ଚନ୍ଦ୍ର ହଂସ, ସମ୍ପାଦକ ଗୋପାଳ ପ୍ରସାଦ ବେହେରା, ଗ୍ରାମ୍ୟ କମିଟି ସଭାପତି ଜଗନ୍ନାଥ ପୁଟା, ସମ୍ପାଦକ ରାଧେଶ୍ୟାମ ପଟେଲଙ୍କ ସମେତ ସମସ୍ତ ଯୁବକ ତଥା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଅତାବିରା/ଗୋଡ଼ଭଗା,୧୨।୪
(ଯୁଧିଷ୍ଠିର ମହାପାତ୍ର /ସୁରେଶ ଦାଶ)

ଗୋଡ଼ଭଗା ନିକଟସ୍ଥ ଘୁଡୁକା ଟିକ୍ରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁ ବାଟିକା ବିଭାଗ -୨ ପ୍ରଥମ ଶ୍ରେଣୀର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ କୃଷ୍ଣଚନ୍ଦ୍ର କର୍ଣ୍ଣ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ବିକାଶରେ ପରିବାରର ଭୂମିକା ବିଷୟରେ ଅଭିଭାବକ/ଅଭିଭାବିକାମାନଙ୍କୁ ମାର୍ଗ ଦର୍ଶନ କରିଥିବା ବେଳେ ସରିତା ଦେହେରି, ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ କଥନ କରିଥିବାବେଳେ ପରିଚାଳନା ସମିତିର ସଭାପତି ପ୍ରଦୀପ କର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ସଂପାଦକ କୃଷ୍ଣଚନ୍ଦ୍ର ସାଥୁଆ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂତଟିକ୍ରା ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

ଅତାବିରା, ୧୨।୪(ଯୁଧିଷ୍ଠିର ମହାପାତ୍ର)


ନାମଯଜ୍ଞ ପୂର୍ଣ୍ଣାହୁତିରେ ଉପସ୍ଥିତ ଅତିଥି।

ବରଗଡ଼ ଜିଲା ଅତାବିରା ବ୍ଲକ ଭୂତଟିକ୍ରାରେ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାମଯଜ୍ଞ ମାଧ୍ୟମରେ ଆମ ଅଞ୍ଚଳର ସଂସ୍କୃତି ପରମ୍ପରା ଉଜ୍ଜୀବିତ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଗ୍ରାମର ସାମାଜିକ କର୍ମୀ ତଥା ବରଗଡ଼ ଓ ସୁନ୍ଦରଗଡ଼ ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଫକୀର କର୍ଣ୍ଣ ଏଥିରେ ଯୋଗଦେଇ ଭଗବାନଙ୍କ ନାମକୀର୍ତ୍ତନ ଆମ ସମସ୍ତଙ୍କୁ ଆତ୍ମ ସନ୍ତୁଷ୍ଟି ଦେଉଛି ବୋଲି କହିଥିଲେ। ଚଳିତ ମାସ ୯ ତାରିଖ ଆରମ୍ଭ ହୋଇଥିବା ଏହି ନାମଯଜ୍ଞରେ ପଣ୍ଡିତ ସୁଜିତ ଦାଶ, ବୁଲୁ ଦାଶ ଏବଂ ତାଙ୍କ ସହଯୋଗୀଙ୍କୁ ବ୍ରହ୍ମା ବରଣ କରାଯାଇଥିବା ବେଳେ ଯାମିନୀ କର୍ଣ୍ଣ ଓ ସୁରେନ୍ଦ୍ର କର୍ଣ୍ଣ ସପତ୍ନୀକ କର୍ତ୍ତାକର୍ତ୍ତା ଦାୟିତ୍ୱ ବହନ କରିଥିଲେ। ବିଭିନ୍ନ ଦିବସରେ ଅଞ୍ଚଳର ବହୁ କୀର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରିଥିବା ବେଳେ ପୂର୍ଣ୍ଣାହୁତି ଦିନ ଯୁଗିପାଲି ଓ କସୁରପାଲି ଗ୍ରାମର ସଂକୀର୍ତ୍ତନ୍ୟ ଦଳ ନାମ କୀର୍ତ୍ତନ କରି ଗ୍ରାମ୍ୟ ପରିକ୍ରମା କରିଥିଲେ। ଏଥିରେ ଗ୍ରାମବାସୀଙ୍କ ପୂର୍ଣ୍ଣ ସମର୍ଥନ ସହ ଭାଜପା ଏମ୍ପି ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ, ବୀରେନ୍ଦ୍ର ହୋତା, ବିକାଶ ଶର୍ମା, କାର୍ତ୍ତିକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଅମୃତ ପିଢ଼ି ସାରସ୍ୱତ ସମାରୋହ, ଛାତ୍ରୀଛାତ୍ର ପୁରସ୍କୃତ

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)

ଓଡ଼ିଆ ଭାଷା ଆମ ଅସ୍ମିତା, ଆମ ଗୌରବ। ମହାପୁରୁଷଙ୍କ କାଳଜୟୀ ସୃଷ୍ଟିରେ ଋଦ୍ଧିମନ୍ତ ଆମ ସାରସ୍ୱତ ଜଗତ ଆଜି ବି ପ୍ରେରଣାର ଅକ୍ଷୟ ଉତ୍ସ। ଏହି ସାହିତ୍ୟକୁ ସୁଦୂରପ୍ରସାରୀ କରିବା ଏବଂ ନୂତନ ପିଢ଼ିଙ୍କ ମଧ୍ୟରେ ଭାଷା ପ୍ରତି ଅନୁରାଗ ସୃଷ୍ଟି କରିବା ପାଇଁ ଓଡ଼ିଆ ପକ୍ଷ-୨୦୨୬ ଅବସରରେ ଶନିବାର ରାଜ୍ୟର ସମସ୍ତ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅମୃତ ପିଢ଼ି ସାରସ୍ୱତ ସମାରୋହ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟରେ ଏହି ସମାରୋହ ହୋଇଥିଲା। ବରଗଡ଼ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ ଅମୃତ ପିଢ଼ି ସାରସ୍ୱତ ସମାରୋହ ଅବସରରେ ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ସମ୍ମାନ ଜଣାଇବା ତଥା ଭାଷାର ସୌରଭକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବକ୍ତୃତା, ପ୍ରବନ୍ଧ ଲିଖନ ଏବଂ କବିତା ଲିଖନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ଦେବତା ଏବଂ ସଂସ୍କୃତି ଅଧିକାରୀ ତାହିର ହୁସେନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ଶାଗୁଆନ ଗଣ୍ଡି ଜବତ, ୨ ଗିରଫ

ପଦ୍ମପୁର,୧୨।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ବନ ବିଭାଗ ଦ୍ୱାରା ଶନିବାର ଜଗଦଲପୁର ଥାନା ଅନ୍ତର୍ଗତ ଲୋହରା କୋଟ ଗ୍ରାମ ପାଖରୁ ଏକ ଶାଗୁଆନ ଗଣ୍ଡି ବୋଝେଇ ମାକ୍ସ ପିକ୍ ଅପ୍ ଭ୍ୟାନ (ଓଆର-୧୭କେ- ୬୧୬୭)କୁ ବନ ବିଭାଗ ଜବତ କରିଛି। ଉକ୍ତ ଗାଡ଼ିରେ ୧୭ଗଣ୍ଡି ଶାଗୁଆନ ଓ ୫ଗଣ୍ଡି ଗମ୍ଭାରୀ କାଠ ଥିଲା, ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏ ନେଇ ପଦ୍ମପୁର ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଭେଉଁରିଆ ଗ୍ରାମର ପ୍ରେମରାଜ ସାହୁ ଓ ସରେଇକେଲା ଗ୍ରାମର ମନୋଜ ପଟେଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ଫରେଷ୍ଟର ରାଧାକାନ୍ତ କୁମ୍ଭାର, ଗାର୍ଡ ରଞ୍ଜନ ବରିହା ଓ ମନ ଟେଟୁଆ, ରାଜା ଡନସନା ସାମିଲ ହୋଇଥିଲେ।

## ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ



ବରପାଲି,୧୨।୪(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ସାମୂହିକ ବ୍ରତୋପନୟନ କରାଯାଇଥିଲା। ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଗତ ଶନିବାର ଚାରିକର୍ମ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ବ୍ରତ କରାଯାଇଥିଲା। ଚଳିତବର୍ଷ ବାର୍ଙ୍ଗିଡିରେ ରୋହିତ୍ ଦାଶ, ମହଦାର ହେମନ୍ତ ଷଡ଼ଙ୍ଗୀ, ଭଟିଗାଁର ଏକଲବ୍ୟ ପଣ୍ଡା, ବରପାଲିର ଉମାକାନ୍ତ ମିଶ୍ର, ବରପାଲିର ଝସକେତନ ମିଶ୍ର, ତେନ୍ତୁଳି ଗାଁର ଓଁକାର ମିଶ୍ର, ଭେଡେନର ସମୀର ନନ୍ଦ ସାତ ଜଣ ବଟୁଙ୍କୁ ବ୍ରତ କରାଯାଇ ସାବିତ୍ରୀ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ରୋଶଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଲଦୁଲି ବାଜା, ଶଙ୍ଖ, ଘଣ୍ଟ ବାଦ୍ୟ ଆଦି ସାମିଲ କରାଯାଇଥିଲା। ଏହି ସାମୂହିକ ବ୍ରତୋପନୟନରେ ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ହୋତା, ଉପସଭାପତି ବିଭୂତି ଭୂଷଣ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶ, ସମ୍ପାଦକ ଅରୁଣ କୁମାର ପଣ୍ଡାଙ୍କ ସମେତ ବ୍ଲକର ସାତ ଶହରୁ ଉର୍ଦ୍ଧ୍ୱ ସଭ୍ୟାସଭ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଗନ୍ଧମାର୍ଦ୍ଦନରେ ଫସିଥିବା ୭ ଶ୍ରଦ୍ଧାଳୁ ଉଦ୍ଧାର

### ଜଙ୍ଗଲରେ ବାଟବଣା ହୋଇଥିଲେ

ପାଇକମାଲ,୧୨।୪(ବଡ଼ ଶତପଥୀ)



ବରଗଡ଼ ଜିଲା ନୃସିଂହନାଥ ଗନ୍ଧମାର୍ଦ୍ଦନ ପର୍ବତରେ ପୁଣି ଫସିଥିବା ୭ ଶ୍ରଦ୍ଧାଳୁଙ୍କୁ ଶନିବାର ଉଦ୍ଧାର କରାଯାଇଛି। କଳାହାଣ୍ଡି ଜିଲା, ନର୍ଲା ଥାନା, ଗଡ଼ବନ୍ଧ ଗ୍ରାମର ଗୋଟିଏ ପରିବାରର ଗୌରାଙ୍ଗ ନାୟକ, ଭାଗ୍ୟଧର ନାୟକ, ଶାନ୍ତି ନାୟକ, ଯଶୋଦା ନାୟକ, ରାଜେନ୍ଦ୍ର ନାୟକ, ଧର୍ମେନ୍ଦ୍ର ନାୟକ ଓ ମୋହନ ନାୟକ ଗତ ଶନିବାର ନୃସିଂହନାଥ ଆସି ଅସ୍ଥି ପ୍ରବାହ କରିଥିଲେ। ଏହି କାମ ସାରି ସେମାନେ ହରି ଶଙ୍କର ମନ୍ଦିର ଦର୍ଶନ କରିବା ପାଇଁ ନୃସିଂହନାଥ ମନ୍ଦିରରୁ ବାହାରି ଗନ୍ଧମାର୍ଦ୍ଦନ ପର୍ବତକୁ ଚଢ଼ିଥିଲେ। କିନ୍ତୁ ଅଧାବାଟ ଯିବାପରେ ଭୀମମଣ୍ଡୁଆ ପାଖରେ ବାଟ ବଣାହୋଇ ଜଙ୍ଗଲ ଭିତରକୁ ପଶିଯାଇଥିଲେ। ସେଠାରୁ ଆଉ ବାହାରି ପାରି ନ ଥିଲେ। ହେଲେ ସେମାନେ କାହା ପାଖରୁ ଫୋନ ନମ୍ବର ପାଇ ନୃସିଂହନାଥ ବନ ବିଭାଗ ଫରେଷ୍ଟର ରମେଶ ପ୍ରଧାନଙ୍କୁ ଫୋନ ଯୋଗେ ଘଟଣା ବିଷୟରେ ଜଣାଇଥିଲେ। ଫରେଷ୍ଟର ପ୍ରଧାନ, ତାଙ୍କ ସହଯୋଗୀ ତୁଳାରାମ ବାର୍ଲା, ରାଜା ତାଣ୍ଡି, ପୀତାମ୍ବର ଡନସନା, ନରୋତ୍ତମ ଭୋଇଙ୍କ ସହ ଦମକଳ ବିଭାଗର ଆଇଆଇସି ଭରତ କୁମାର ସିଂ, ତାଙ୍କ କର୍ମଚାରୀ ଗିରିଧାରୀ ଡନସନା, ଶେଷଦେବ ପୁଟେଲ, ବିକାଶ ସୋରେନ, ରାଜେଶ ଛୋଟେଇ, ମନିଲ ବନ୍‌ଛୋର ଓ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଭୀମମଣ୍ଡୁଆକୁ ଚଢ଼ି ବାଟବଣା ହୋଇଥିବା ନାୟକ ପରିବାରକୁ ଉଦ୍ଧାର କରିଥିଲେ। ପ୍ରଥମେ ଦମକଳ କର୍ମଚାରୀମାନେ ନାୟକ ପରିବାରକୁ ଠାବ କରି ବିସ୍କୁଟ, ପାଣି ଖାଇବାକୁ ଦେଇଥିଲେ। ବୟସ୍କା ଗୌରାଙ୍ଗର ହୋସ ନ ଥିବାରୁ ତାଙ୍କୁ କିଛି ବାଟ ବୋହି ଦମକଳ କର୍ମଚାରୀ ଆଣିଥିଲେ। କପିଳଧାର ଜଳପ୍ରପାତ ଯାଏ ଚାଲି ଚାଲି ଆସିବା ପରେ ସମସ୍ତଙ୍କୁ ନୃସିଂହନାଥ ଯାଏ ଗାଡ଼ିରେ ଅଣାଯାଇଥିଲା। ତା'ପରେ ସେମାନଙ୍କୁ ପାଇକମାଲ ଚିକିତ୍ସାଳୟରେ ଚିକିତ୍ସା କରାଯାଇ ତାଙ୍କୁ ନୂଆପଡ଼ା ରେଳଷ୍ଟେଶନରେ ଛାଡ଼ି ଦିଆଯାଇଥିଲା। ବାରମ୍ବାର ଏମିତି ଘଟଣା ଘଟୁଥିବାରୁ ବନବିଭାଗ ତରଫରୁ ବାଟ ଚଲା ରାସ୍ତାରେ ସାଇନବୋର୍ଡ ଦେବାପାଇଁ ଦାବି ହେଉଛି।

# ନାଗରିକତା ଜାଗ୍ରତ ସଚେତନତା କର୍ମଶାଳା

**ରାଉରକେଲା, ୧୨।୪(ସଙ୍ଗୀତା ଜେନା)**

ବ୍ରହ୍ମ କୁମାରୀ ସୁନ୍ଦରଗଡ଼ ଜିଲା ପକ୍ଷରୁ ନାଗରିକତା ଜାଗ୍ରତ ସଚେତନ କର୍ମଶାଳା ଜଗଦା ସ୍ଥିତ ମାନବ ସେବା ସଂସ୍ଥାନରେ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ଜଣ ଶିଶୁ ଏବଂ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶାଖା ଅଧ୍ୟକ୍ଷ ଅଞ୍ଜନ ଦେ, ଡା. ପାର୍ଥୋ ଲାଲ ଏବଂ ଡା. ରଞ୍ଜନ ଦେ ଉପସ୍ଥିତ ଥିଲେ। ମେଡିକାଲ୍ ୱିଙ୍ଗର ବକ୍ତା ବିକେ ରାଜୀବ, ଧନଞ୍ଜୟ, ଚିତ୍ତରଞ୍ଜନ ଓ ଶ୍ରଦ୍ଧାଙ୍କ ସମେତ ବ୍ରହ୍ମାକୁମାରୀ କୋଏଲ ନଗର ସେବା କେନ୍ଦ୍ର ସହଯୋଗ କରିଥିଲେ।



ଅନୁଷ୍ଠାନର ସଦସ୍ୟାମାନେ ରାସ୍ତାକଡ଼ ସଫେଇ କରୁଛନ୍ତି ।

# ଗ୍ରୀନ୍ ଟିମ୍‌ର ସହର ସ୍ୱଚ୍ଛତା ଅଭିଯାନ

**ରାଉରକେଲା, ୧୨।୪(ସଙ୍ଗୀତା ଜେନା)**

ଗ୍ରୀନ୍ ଟିମ୍ ଅନୁଷ୍ଠାନ ପକ୍ଷରୁ ରାଉରକେଲାରେ ଗତ ଦୁଇ ବର୍ଷ ଧରି ପ୍ରତି ରବିବାର ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଆସୁଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ପବ୍ଲିକ୍ ହେଲ୍‌ଥ ବିଭାଗ ସହଯୋଗରେ ଏହି ଅଭିଯାନ ଦ୍ୱାରା ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ରବିବାର ସକାଳ ୭ଟାରେ ସେକ୍ଟର -୭/୧୭ ଛକ, ପେଟ୍ରୋଲ ପମ୍ପ ନିକଟସ୍ଥ ଡ. ଆମ୍ବେଦକର ମୂର୍ତ୍ତି ପାଖ ଓ ଫିଟ୍‌ନେସ୍ ପାର୍କ ଅଞ୍ଚଳରେ ସଫେଇ କରାଯାଇଥିଲା। ଗ୍ରୀନ୍ ଟିମ୍ କ୍ୟାପ୍‌ଟେନ୍ ସଙ୍ଗୀତା ଲାକ୍ରା ଓ ସବିନା ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏହି କାର୍ଯ୍ୟରେ ସକ୍ରିୟ ଭାବେ ଯୋଗ ଦେଇଥିଲେ। ଏହି ଅଭିଯାନରେ ପବ୍ଲିକ୍ ହେଲ୍‌ଥ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳକୁ ପରିଷ୍କାର କରିବା ସହିତ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ।

# ୟୁନିୟନ ନିର୍ବାଚନରେ ଏକାକୀ ଲଢ଼ିବ ଜିଏମ୍ଏମ୍

**ବାର୍ଷିକ ସମାବେଶରେ ଘୋଷଣା**

**ରାଉରକେଲା, ୧୨।୪(ସଙ୍ଗୀତା ଜେନା)**

ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍ଏମ୍)ର ବାର୍ଷିକ ସମାବେଶ ସେକ୍ଟର-୮ ଇ ବ୍ଲକ କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରମୁଖ ନେତୃତ୍ୱ ନେଉଥିବା ଦିବଂଗତ ଜର୍ଜ ତିର୍କୀଙ୍କ ସ୍ଥାନରେ ନୂତନ ସଭାପତି ଓ ଅନ୍ୟ କମିଟି ସଦସ୍ୟ ଚୟନ କରାଯିବା ପାଇଁ ଏହି ବୈଠକ ହୋଇଥିଲା। ବୈଠକରେ ପରିବେଶବିତ୍ ପ୍ରଫୁଲ ସାମନ୍ତରା ଯୋଗଦେଇ ମୁଖ୍ୟ ଅତିଥି ଭାବେ ଖଣି ଖାଦାନ ପାଇଁ ବ୍ୟାପକ ଜଙ୍ଗଲ, ପରିବେଶ ଓ ପ୍ରାକୃତିକ ଶୋଭାରାଜିକୁ ନଷ୍ଟ କରାଯାଉଥିବା କହିଥିଲେ। ଆବାହକ ଭାବେ ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ ଯୋଗଦେଇ କହିଲେ, ଇସ୍ପାତ କାରଖାନାରେ ସକ୍ରିୟତା ନେଇ ଇତିମଧ୍ୟରେ ଜିଏମ୍ଏମ୍ ୧୪ ବର୍ଷ ପୂର୍ତ୍ତି କରିଛି। ବିଗତ ଦିନରେ ଏହି ୟୁନିୟନ ମେଣ୍ଟରେ ସାମିଲ ହୋଇ କାରଖାନା ବିକାଶରେ ସହଭାଗିତା ଅଭିଜ୍ଞତା ହାସଲ କରିଥିଲା। ଏହାର ନେତୃତ୍ୱ ଜର୍ଜ ତିର୍କୀ ନେଉଥିଲେ। ତେବେ ଏକ ବର୍ଷ ହେଲା ତାଙ୍କ ବିୟୋଗରେ ଏହି ପଦବୀ ଖାଲି ପଡିଛି। କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା ସମାଧାନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ତେଣୁ ଏହି ବୈଠକରେ ତାଙ୍କ ସ୍ଥାନରେ ନୂତନ କର୍ମକର୍ତ୍ତା ଚୟନ କରାଯିବ ବୋଲି ସେ କହିଥିଲେ। ପରେ କମିଟିର ନୂତନ ସଦସ୍ୟ ସଭାପତି ଭାବେ ରୋହିତ ଯୋଶେଫ୍ ତିର୍କୀ, କାର୍ଯ୍ୟକାରୀ ସଭାପତି ମାଙ୍ଗେ ଏକ୍କା, ଉପସଭାପତି ଥୋମାସ ଟପ୍ପୋ, ବାସିଲ୍ ଏକ୍କା, ଚିତ୍ତରଞ୍ଜନ ଭୂମିଜ, ବିଷ୍ଣୁଚରଣ ମହାନ୍ତ, ରାଜେଶ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସ, କୋଷାଧ୍ୟକ୍ଷ ଭାବେ ଆନନ୍ଦ ଟପ୍ପୋଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ କାରଖାନାର ୩୯ମାସର ଏରିଅର, ଇନସେଣ୍ଟିଭ୍, ବୋନସ ସିଲିଂ, ଏନ୍‌ଜେସିଏସ୍ ଚୁକ୍ତିନାମା ସମ୍ପୂର୍ଣ୍ଣ, ଓଡ଼ିଶା ସରକାରୀ ସ୍ତରରେ ରିକ୍ତ ପଦବୀ ପୂର୍ଣ୍ଣ, ପ୍ରତ୍ୟେକ ବର୍ଷ ବିସ୍ଥାପିତଙ୍କୁ କାରଖାନାରେ ନିଯୁକ୍ତି, ସ୍ୱତନ୍ତ୍ର ଅଭିଯାନରେ ଏସ୍‌ସି/ଏସ୍‌ଟିମାନଙ୍କୁ ଅଗ୍ରାଧିକାର ଆଦି ଦାବି କରାଯାଇଥିଲା। କାରଖାନାରେ ସ୍ୱୀକୃତିପ୍ରାପ୍ତ ୟୁନିୟନ ନିର୍ବାଚନରେ ଜିଏମ୍ଏମ୍ ଏକୁଟିଆ ସଂଘର୍ଷ ଜାରି ରଖିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀହରି ମୁକୁରି ଧନ୍ୟବାଦ ଅର୍ପଣ କରିଥିଲେ। ପରମେଶ୍ୱର ଅମାତ, ଭଗବାନ ନାୟକ, ଫେଲିସ ଏକ୍କା, ପୂର୍ଣ୍ଣଚନ୍ଦ୍ର ସାହୁ, ମହାବୀର ଦାସ ପ୍ରମୁଖ ସହଯୋଗ କରିଥିଲେ।




ସମାବେଶରେ ଉପସ୍ଥିତ ପ୍ରମୁଖ କର୍ମକର୍ତ୍ତା।

# ୨୧ରେ ରାଉରକେଲା ଆସିବେ ରାଷ୍ଟ୍ରପତି



**କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଦେଲେ ସୂଚନା**

**ରାଉରକେଲା, ୧୨।୪(ବିପ୍ଳବ ରଞ୍ଜନ ଦାଶ)**

ଅପ୍ରେଲ ୨୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲା ଗସ୍ତରେ ଆସୁଛନ୍ତି। ଏ ନେଇ ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି। ସେ କହିଥିଲେ, ଆସନ୍ତା ୨୧ତାରିଖ ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରପତି ଦିଲ୍ଲୀରୁ ଝାରସୁଗୁଡା ବିମାନ ବନ୍ଦରକୁ ଆସିବେ। ପରେ ଝାରସୁଗୁଡାରୁ ବିମାନ ଯୋଗେ ରାଉରକେଲାରେ ଅବତରଣ କରିବେ। ସମସ୍ତ କାର୍ଯ୍ୟକ୍ରମ ସାରି ସେ ଅପରାହ୍ନ ୪ଟା ୫ମିନିଟରେ ରାଉରକେଲାରୁ ପ୍ରତ୍ୟାବର୍ତ୍ତନ କରିବେ। ଉକ୍ତଦିନ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି ଅବସରରେ ୪୮କୋଟି ବ୍ୟୟରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର, ୨୭କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ, ୪୨.୪୪ କୋଟି ବ୍ୟୟରେ ନିର୍ମିତ କୋଏଲ ନଗର ମନୋରଞ୍ଜନ ପାର୍କ ଏବଂ ୪୦କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ (ରାଉରକେଲା-ୱାନ)କୁ ରାଷ୍ଟ୍ରପତି ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ଓରାମ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଶଙ୍କର ଓରାମ, ରାଜ୍ୟ ଭାଜପା ପ୍ରବକ୍ତା ଧୀରେନ ସେନାପତି, ବରିଷ୍ଠ ନାରୀନେତ୍ରୀ ପ୍ରମିଳା ଦାଶ, ଜିଲା ଭାଜପା ମୁଖପାତ୍ର ଗଙ୍ଗାଧର ଦାଶ ଏବଂ ଖୁସ୍‌ବୁ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଜିଏଚ୍‌ରେ ମିଳୁନି ହେମୋଫିଲିଆ ଇଞ୍ଜେକଶନ

**ରୋଗୀଙ୍କୁ ଯିବାକୁ ପଡୁଛି ଦୂର ଡାକ୍ତରଖାନା**

**ରାଉରକେଲା, ୧୨।୪(ଦିନେଶ ମିଶ୍ର)**

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ନିରାମୟ ଯୋଜନାରେ ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଉଛି। ହେଲେ ଅନ୍ତଃରକ୍ତକ୍ଷରଣ (ହେମୋଫିଲିଆ) ରୋଗୀଙ୍କ ପାଇଁ ଆରଜିଏଚ୍ ଔଷଧ ଭଣ୍ଡାରରେ ଇଞ୍ଜେକଶନ୍ ଉପଲବ୍ଧ ହେଉନାହିଁ। ଫଳରେ ରୋଗୀମାନେ ଦୂର ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି।

ହେମୋଫିଲିଆ ରୋଗୀଙ୍କର ବିଶେଷ କରି ଦେହର ଆଭ୍ୟନ୍ତରୀଣ ଅଙ୍ଗରେ ରକ୍ତକ୍ଷରଣ ହୋଇଥାଏ। ଏହିଇଞ୍ଜେକେସନ ନେବା ମାତ୍ରେ ଅତି ଶୀଘ୍ର ରୋଗୀଙ୍କ ଦେହରୁ ରକ୍ତକ୍ଷରଣ ବନ୍ଦ ହୁଏ ଓ ରୋଗୀ ବିପଦମୁକ୍ତ ହୋଇଥାଏ । ପ୍ରତିଦିନ ଆର୍‌ଜିଏଚ୍‌କୁ ଅତିକମ୍‌ରେ ୧୨ରୁ ୧୫ ରୋଗୀ ଆସୁଛନ୍ତି। ଆର୍‌ଜିଏଚ୍ ଔଷଧ ଭଣ୍ଡାରରେ ନିରାମୟ ଯୋଜନାରେ ପ୍ରାୟ ୧୮୪ ପ୍ରକାର ଔଷଧ ଉପଲବ୍ଧ ରହିଥିବାବେଳେ ହେମୋଫିଲିଆ ରୋଗ ନିମନ୍ତେ ଏଠାରେ କୌଣସି ଔଷଧ ବା ଇଞ୍ଜେକସନ ନାହିଁ। ଶେଷରେ ଏହି ରୋଗୀ ବୁର୍ଲା, ରାଜଗାଙ୍ଗପୁର, ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଆର୍‌ଜିଏଚ୍ ଔଷଧ ଭଣ୍ଡାର ପକ୍ଷରୁ ଓଡିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ ଭୁବନେଶ୍ୱରକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ଡା. ଆନନ୍ଦ ଗୋପାଳ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ହେମୋଫିଲିଆ ରୋଗଙ୍କ ପାଇଁ ଇଞ୍ଜେକସନ ଅଭାବକୁ ନେଇ ଆମେ ସିଡିଏମ୍‌ଓଙ୍କୁ ଅବଗତ କରିଥିଲୁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଆମେ ଆଗାମୀ ଦିନରେ ଚିଠି ଲେଖି ଅବଗତ କରିବୁ ବୋଲି ମହାନ୍ତି କହିଥିଲେ।

# ଆର୍‌ଏସ୍‌ପିର ଗ୍ରାହକ ଆଲୋଚନା ଅଧିବେଶନ



ଅଧିବେଶନରେ ଅଂଶଗ୍ରହଣ କରିଥିବା ଗ୍ରାହକ ଏବଂ ଅନ୍ୟମାନେ।

**ରାଉରକେଲା, ୧୨।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଅନ୍ତର୍ଗତ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମାଗମ ସମ୍ମିଳନୀ କକ୍ଷରେ ଗୁରୁବାର ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ କାର୍ଯ୍ୟାଳୟ ପକ୍ଷରୁ ଏକ ଗ୍ରାହକ ଆଲୋଚନା ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ବିଭିନ୍ନ ସଂସ୍ଥାର ୨୦ ଜଣ ସ୍ଥାନୀୟ ଗ୍ରାହକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିମାସ ସଡ଼କ ମାଧ୍ୟମରେ ପ୍ରେରଣକୁ ସାମ୍ପ୍ରତିକ ପ୍ରାୟ ୫୦ ହଜାର ଟନ୍‌ରୁ ବୃଦ୍ଧି କରି ଏକ ଲକ୍ଷ ଟନ୍ ଚାଲାଣ ନିୟମିତ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଅତିଶ ଚନ୍ଦ୍ର ସରକାର ଅଧ୍ୟକ୍ଷତା କରିଥିଲେ। ରାଉରକେଲା ସ୍ଥିତ ସିଏମ୍‌ଓର ଏସ୍‌ଆରଏମ୍ ଏସ୍. ବାନାର୍ଜୀ, ବିଏମ୍ ଦିନେଶ ବାବୁ, ସେଲ୍, ଏନପିଏମ ଏବଂ ଡିଜିଟାଲାଇଜେଶନ ବିଭାଗର ସିଜିଏମ ଆର୍. କେ. ମୁଦୁଲି, ପିଏମ ଏବଂ ଏସ୍‌ପିପି ବିଭାଗର ସିଜିଏମ ଏତୱା ଓରାମ, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ବିଜୟ କୁମାର, ଡେପୁଟି କମାଣ୍ଡାଣ୍ଟ ଏମ୍. କେ. ପାଠକ ଏବଂ ମିଲ୍ସ, ଆରସିଏଲ, ପିପିସିର ବହୁ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପିପି ଏଣ୍ଡ ସି ବିଭାଗର ଏଜିଏମ୍ ସୁଶ୍ରୀ ଗ୍ଲୋରିଆ ପଣ୍ଡା କାଷ୍ଟର- ୪ର କମିଶନିଂ ଭଳି ସଦ୍ୟତମ ବିକାଶ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ମାସିକ ୧,୦୦,୦୦୦ ଟନ୍ ପ୍ରେରଣ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆରସିଏଲର ମ୍ୟାନେଜର ବି. କେ. ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଉନ୍ମୋଚନ ଅପେକ୍ଷାରେ ବହୁମୁଖୀ ପ୍ରକଳ୍ପ

**ରାଉରକେଲା, ୧୨।୪(ବିପ୍ଳବ ରନ ଦାଶ)**

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୧ତାରିଖରେ ରାଉରକେଲାକୁ ପ୍ରଥମ ଥର ଗସ୍ତ କରିବେ। ଉକ୍ତଦିନ ସେ ରାଉରକେଲାରେ ୪ଟି ବହୁମୁଖି ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଣୁ ରବିବାର କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ରାଉରକେଲାରେ ପ୍ରମୁଖ ୪ଟି ବହୁମୁଖି ପ୍ରକଳ୍ପ ଇଣ୍ଟିଗ୍ରେଟେଡ କମାଣ୍ଡ ସେଣ୍ଟର, ଆଦିବାସୀ ସଂଗ୍ରହାଳୟ, କୋଏଲ ନଦୀ କୂଳ ମନୋରଞ୍ଜନ ଓ ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ ପରିଦର୍ଶନ କରିଥିଲେ। ତେବେ କୋଏଲ ନଦୀ କୂଳ ମନୋରଞ୍ଜନ ପାର୍କ ଓ ବିଜ୍ଞାନ ପାର୍କର କିଛି କାମ ବାକି ରହିଥିବାରୁ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଠିକା ସଂସ୍ଥା ଓ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ସୁନ୍ଦରଗଡ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗୀରଙ୍କ ସମେତ ରାଉରକେଲା ସ୍ମାର୍ଟ ସିଟି ଓ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଇଜିଏଚ୍‌ରେ ସ୍ୱାସ୍ଥ୍ୟସେବା, କ୍ଲିନିକାଲ୍ ସଫଳତା

**ରାଉରକେଲା, ୧୨।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଅଧୀନ ଆଇଜିଏଚ୍‌ର ଡାକ୍ତର ଏବଂ ସ୍ୱାସ୍ଥ୍ୟସେବୀ ଗୁରୁତର ବ୍ୟକ୍ତିଙ୍କ ସଫଳ ଚିକିତ୍ସା କରି ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଆର୍‌ଏସ୍‌ପି ଅନ୍ତର୍ଗତ ପ୍ଲେଟ୍ ମିଲ୍ ବିଭାଗର ଯୁବ ଅଧିକାରୀ ପି. ଏମ୍. ସି. ଦତ୍ତା ଗତ ଜାନୁଆରୀ ୮ ତାରିଖରେ କାର୍ଯ୍ୟକୁ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମେରୁଦଣ୍ଡର ଡ଼ି୧୨ କଟିବନ୍ଧ ଭାଙ୍ଗି ଯାଇଥିଲା। ଏମ୍‌ଆରଆଇ, ପରବର୍ତ୍ତୀ ଏକ୍ସ-ରେ ସହ ଚିକିତ୍ସା ଏବଂ ଡାକ୍ତରୀ ପରାମର୍ଶ ପରେ ତାଙ୍କୁ ୬ ସପ୍ତାହ ପାଇଁ ବେଡ୍ ରେଷ୍ଟ ସହ ଅଣଶଲ୍ୟ ଚିକିତ୍ସା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୬ ସପ୍ତାହ ପରେ ଆରୋଗ୍ୟ ଆଶାୟୀ ଜଣଙ୍କ ପିଠିରେ ଯନ୍ତ୍ରଣା ସହିତ ଦ୍ୱିପାକ୍ଷିକ ନିମ୍ନ ଅଙ୍ଗର ବିକିରଣ ଯନ୍ତ୍ରଣା ଏବଂ ଚାଲିବାରେ କଷ୍ଟ ଅନୁଭବ କରିଥିଲେ। ଅଧିକ ଡାକ୍ତରୀ ପରୀକ୍ଷା ପରେ ତାଙ୍କ ମେରୁଦଣ୍ଡରେ ଜଟିଳତା ଦେଖାଯାଇଥିଲା। ତଦନୁସାରେ ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ଦ୍ୱାରା ଅସ୍ତ୍ରୋପଚାର କରଯାଇଥିଲାବେଳେ ଅତିରିକ୍ତ ସିଏମଓ ଡା. ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ। ଏହି ଅସ୍ତ୍ରୋପଚାରରେ ନର୍ସିଂ ଅଧିକାରୀ କମଳାକର ଭାଇ ଏବଂ ଗୋଧୂଳିଙ୍କ ଦ୍ୱାରା ସହାୟତା ଯୋଗାଇ ଦିଆଯାଇଥିଲା। ଅସ୍ତ୍ରୋପଚାର ପରେ ମେରୁଦଣ୍ଡର ଅସ୍ୱାଭାବିକତା ଠିକ୍ ହେବା ସହ ତାଙ୍କ ଅବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଥିଲା। ସଫଳ ଅସ୍ତ୍ରୋପଚାର ଏବଂ ଏହାର ପରବର୍ତ୍ତୀ ଯତ୍ନର ଫଳସ୍ୱରୂପ ପରଦିନ ହିଁ ଆରୋଗ୍ୟ ଆଶାୟୀ ଜଣଙ୍କ ସିଡ଼ି ଚଢ଼ିପାରିଥିଲେ। ଅସ୍ତ୍ରୋପଚାର ପରେ ପ୍ରେମାନନ୍ଦ ସ୍ୱାଇଁଙ୍କ ଦ୍ୱାରା ରୋଗୀଙ୍କର ଫିଜିଓଥେରାପି କରାଯାଇଥିଲା।

# ଏସ୍‌ପିସିବିର ଚିତ୍ରାଙ୍କନ ପ୍ରତିଯୋଗିତା

**ରାଉରକେଲା, ୧୨।୪ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ପକ୍ଷରୁ ପରିବେଶ ସଂକ୍ରାନ୍ତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ଜ୍ଞାନଜ୍ୟୋତି ସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପିସିବିର ରାଉରକେଲା ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ଼ ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ପ୍ରତିଯୋଗିତାର ବିଷୟବସ୍ତୁ ୫ଟି ବର୍ଗଙ୍କ ପାଇଁ ଭିନ୍ନ ଭିନ୍ନ ଥିଲା। ପିଲାଙ୍କ ମଧ୍ୟରେ ଜିଜ୍ଞାସା ସୃଷ୍ଟି ସହ ପରିବେଶ ସଚେତନତା ଜାଗ୍ରତ ପାଇଁ ଏହି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ପ୍ରାୟ ତିନି ଶହରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇ ନିଜ ଅନ୍ତର୍ନିହିତ କଳା ଓ ସୃଜନଶୀଳ ପ୍ରତିଭାର ପରିଚୟ ଦେଇଥିଲେ। ଏଥିରେ ଉପ ପରିବେଶ ଯନ୍ତ୍ରୀ ଚନ୍ଦ୍ରଶେଖର ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ଡିଏଲ୍‌ସି ପ୍ରଣବ ରଞ୍ଜନ ଜେନା, ସ୍କୁଲର ପ୍ରିନ୍ସିପାଲ ଜଳଧର ମହାପାତ୍ର, ଡିଇଇ ବିଜୟ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଚିତ୍ରଶିଳ୍ପୀ ଦେବେନ୍ଦ୍ର ମହାରଣା, ରଶ୍ମିରେଖା ଧଳ, ସୁନିତା ମହନ୍ତ, ଆର୍କିଟେକ ଶୁଭଶ୍ରୀ ଦାସ, ଗ୍ରେସୀ ଡେଭିଡ, ସୁଜିତ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍କାଉଟ ଗାଇଡ୍ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ୧୬ରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ମା’ ତୋ ବିନା ଓ ଅଭୁଲା ସ୍ମୃତି

**ରାଉରକେଲା, ୧୨।୪(ବିପ୍ଳବ ରଞ୍ଜନ ଦାଶ)**

ସାଇ ସରଗମ ମ୍ୟୁଜିକାଲ ଏଣ୍ଡ ସୋସିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ମା’ ତୋ ବିନା ଓ ଅଭୁଲା ସ୍ମୃତି ଆସନ୍ତା ୧୬ ତାରିଖ ସନ୍ଧ୍ୟା ୬ଟାରେ ସ୍ଥାନୀୟ ସିଭିକ୍ ସେଣ୍ଟର୍‌ରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ମୁଖ୍ୟ ଝୁନୁ ନାୟକ ସୂଚନା ଦେଇ କହିଲେ, ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ବ୍ରଜବଲ୍ଲଭ ନାୟକ ଓ ଲୋଭା ବିଶ୍ୱାଳ, ବ୍ରହ୍ମପୁରରୁ ସନ୍ତୋଷ ଡୋରା ଓ ବଲାଙ୍ଗୀରରୁ ସହଦେବ ପୁଟେଲ ତଥା ରାଉରକେଲାରୁ ଝୁନୁ ନାୟକ, ସ୍ୱର୍ଣ୍ଣରେଖା ମହନ୍ତ, ପିଙ୍କି ପ୍ରିୟଦର୍ଶିନୀ, ଭାସ୍କର ପୁହାଣ ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମ ସ୍ୱର୍ଗତ ଅକ୍ଷୟ ମହାନ୍ତି ଓ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ କରାଯିବ। ସେହିପରି ବାଦ୍ୟଯନ୍ତ୍ରରେ ବ୍ଲାକ ଡାଇମଣ୍ଡ ବ୍ୟାଣ୍ଡ ସହଯୋଗ କରିବେ। କାର୍ଯ୍ୟକ୍ରମରେ ଶିଳ୍ପପତି ଇଂ. ଦିପ୍ତୀରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସ୍ୱତନ୍ତ୍ର ଅତିଥି, ହ୍ୟୁମାନ ସାଗରଙ୍କ ମା’ ଶେଫାଳୀ ସୁନା ସମ୍ମାନିତ ଅତିଥି ତଥା ଡ. କଲ୍ୟାଣୀ ମିଶ୍ର, ଡା ଭାଗିରଥ ଯୋଶୀ, ଡା. ଅରୁଣ କୁମାର ନାୟକ, ଏନ୍‌ଆଇଟି ପ୍ରଫେସର ଡ. ସବିତା ପଟେଲ, ଜୟଶ୍ରୀ ପାଣିଗ୍ରାହୀ, ଜେଏମଡିର ପ୍ରତିଷ୍ଠାତା ବାସୁଦେବ ସ୍ୱାଇଁ, ଇଂ. ମହେନ୍ଦ୍ର କୁମାର ଦାସ, ଗୁରିନ୍ଦର ସିଂ କାମ୍ବୋଜ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୁଭଶ୍ରୀ ଦାସ ଓ ଯଶୋବନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ତୁଲାଇବେ ବୋଲି ସୂଚନା ଦିଆଯାଇଥିଲା। ଉପଦେଷ୍ଟା ଦିଲୀପ କୁମାର ମହାନ୍ତି, ମୁକ୍ତିକାନ୍ତ ବେହେରା, ଦିଲୀପ ଜେନା, ବନ୍ଦିତା ବାଗ୍, ଅଞ୍ଜଳି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଆଇକନିକ ଟର୍ଫ, ଆର୍‌ଏସ୍‌ପି, କଳିଙ୍ଗ ସ୍ପୋର୍ଟିଂ ବିଜୟୀ

**ସିଏମ୍ ଟ୍ରଫିର ୩ୟ ଦିବସ ଲିଗ୍ ମ୍ୟାଚ୍**

**ରାଉରକେଲା, ୧୨।୪(ସଙ୍ଗୀତା ଜେନା)**

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଶୁକ୍ରବାରଠାରୁ ୧୪ ବର୍ଷରୁ କମ୍ ବର୍ଗରେ ଆନ୍ତଃକ୍ଲବ ଓ ଆନ୍ତଃ ଜିଲା ଫୁଟବଲ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଚାମ୍ପିୟନଶିପ୍‌ର ୩ୟ ଦିବସ ଲିଗ୍ ମ୍ୟାଚ୍‌ରେ ଆଇକନିକ ଟର୍ଫ ଓ ପଦ୍ମପୁର ଏଫ୍‌ସି ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଆଇକନିକ ଦଳ ୧୩ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଆରଏସ୍‌ପି ରାଉରକଲୋ ଓ ଲାଇଙ୍ଗ ୱେଲଫେୟାର ୟୁଥ କ୍ଲବ ମଧ୍ୟରୁ ଆର୍‌ଏସ୍‌ପି ଦଳ ୧୪ ଗୋଲରେ ବିଜୟୀ ହୋଇଥିଲା। ବାଳିକା ବର୍ଗରେ ଗର୍ଜନ ଓ ସେକ୍ଟର-୨୧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଦଳ ଶୂନ୍ୟ ଗୋଲ କରିଥିଲେ। ସେହିପରି ନୂଆଗାଁ ଦୁର୍ଗା କ୍ଲବ ଓ କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ୪ର୍ଥ ମ୍ୟାଚ୍ ହୋଇ କଳିଙ୍ଗ ସ୍ପୋର୍ଟିଂ ୬ ଗୋଲରେ ଜିତିଥିଲା। ଏହି ପ୍ରତିଯୋଗିତାରେ ପାନପୋଷ ଉପଜିଲାପାଳ ବିଜୟ ନାୟକ ମୁଖ୍ୟ ଅତିଥି, ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରୋଷନ ଖାନ୍, ରାଜକୁମାର ପାଣିଗ୍ରାହୀ, ସନିକା ତିର୍କୀ, ଡମରୁ କିଷାନ, ଗୀତା କିଷାନ ପ୍ରମୁଖ ରେଫରି ଭାବେ ଯୋଗ ଦେଇ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ସିଲେକ୍ଟର ଭାବେ ସଞ୍ଜୟ ବାବୁଟା, ଧନେଶ୍ୱର ତିର୍କୀ, କେଶବ ପ୍ରଧାନ, ବନମାଳି ଜମକିଆର ପ୍ରମୁଖ ଉପସ୍ଥିତ ଥିଲେ। ଡିଏର ଉପସଭାପତି ରାଧାମୋହନ ନାୟକ, ବିଭୁଦତ୍ତ ବେହେରା, କାଉନସିଲ ମେମ୍ବର ଗୋପୀନାଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

## ଗୀତାଗୁଡ଼ିର ବାର୍ଷିକ ବୈଠକ

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ଗୀତାଗୁଡ଼ିର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ସର୍ବସମ୍ମତିକ୍ରମେ ଦେବାଶିଷ ବେହେରାଙ୍କୁ ଉପସଭାପତି, ଇଞ୍ଜିନିୟର ବିଭୂତି ନାରାୟଣ ମାଝୀଙ୍କୁ ଟ୍ରଷ୍ଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏହି ଅବସରରେ ଜୟପ୍ରକାଶ ମିଶ୍ର ଗୀତାଗୁଡ଼ିର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଏହା ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଗୀତାଗୁଡ଼ିର ପରିଚାଳନା ତଥା ଆଗାମୀ କାର୍ଯ୍ୟକ୍ରମ ବିଷୟଗୁଡ଼ିର ଛାତ ଏବେ ବିପଦଗ୍ରସ୍ତ ହୋଇଥିବାରୁ ଏହାର ମରାମତି ସମ୍ପର୍କରେ ମଧ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ରେଢ଼ାଖୋଲ,୧୨।୪(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ଖରଶାଳୀ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବାବୁଲା ମୁଣ୍ଡା (୪୫)। ବାବୁଲା ନିଜ ଘର ବାଡ଼ିରେ ଥିବା କୂଅରେ ପାଣି ମୋଟର ପମ୍ପ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ପରିବାର ଲୋକେ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନା ନେଇଥିଲେ।ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଢ଼ାଖୋଲ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମାତା ମଠରେ ଶ୍ରୀଶ୍ରୀ ଗୌର କଥା ଶୁଭାରମ୍ଭ

ସମ୍ବଲପୁର,୧୨।୪(ବି.ଶଙ୍କର)

ଶ୍ରୀଶ୍ରୀ ଗୌର କଥା ସମ୍ବଲପୁର ମହାନ୍ତିପଡ଼ାସ୍ଥିତ ନିତାଇ ଗୌର ମାତା ମଠଠାରେ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ଚଳିତମାସ ୧୭ ତାରିଖ ସମାପନ ହେବ । ଶ୍ରୀଶ୍ରୀ ଗୌରକଥାରେ ପଣ୍ଡିତ ଶ୍ୟାମାନନ୍ଦ ଦାସ ମହାରାଜ ପ୍ରବଚନ ଦେଉଛନ୍ତି । ପ୍ରତ୍ୟହ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗୌରାଙ୍ଗ ଲୀଳା ଉପରେ ପ୍ରବଚନ ଶ୍ରବଣ କରିବାକୁ ସମ୍ବଲପୁର, ହୀରାକୁଦ ଓ ବୁର୍ଲାରୁ ଭକ୍ତମାନଙ୍କ ସମାଗମ ହୋଇଛି । ମାତାମଠର ମୁଖ୍ୟ ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁଶ୍ରୀ ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ହେଉଛି । ହେମନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି ।

### ହନୁମାନ ମନ୍ଦିରର ରତ୍ନମୁଦ, ପ୍ରତିଷ୍ଠା ମହୋତ୍ସବ

ଜମନକିରା,୧୨।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଅନ୍ତର୍ଗତ ଚିନିମହୁଲ ଗାଁରେ ରବିବାର ପୂର୍ବାହ୍ନ ସାଢ଼େ ୭ଟାରେ ହନୁମାନ ମନ୍ଦିରର ରତ୍ନମୁଦ ଓ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଚ୍ୟୁତାନନ୍ଦ ନାଏକ, ମନ୍ଦିର ପୂଜକ ଓମପ୍ରକାଶ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ରାଜୀବ ପଟେଲ ଓ ତାଙ୍କ ଧର୍ମପତ୍ନୀ ଶିଖାରାଣୀ ପଟେଲ ପୂଜା କର୍ମ ସମ୍ପାଦିତ କରିଥିଲେ। ଏଥିରେ ପଞ୍ଚାୟତ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସରପଞ୍ଚ ବିଜୟ କୁମାର ନାଏକ, ମନୋରଞ୍ଜନ ନାଏକ, ପ୍ରଶାନ୍ତ ପଟେଲ, ଚିନ୍ତାମଣି ପଧାନ, ସୁଜିତ ବେହେରା, ଡୋଳାମଣି ବେହେରା, ଯଦୁମଣି ପଶାୟତ, ଶୁଭମ ପଶାୟତ, ମନୋଜ କୁମୁରା, ସରୋଜ ବେହେରାଙ୍କ ସମେତ ଗାଁର ଶ୍ରଦ୍ଧାଳୁମାନେ ସାମିଲ ହୋଇ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଜମନକିରା,୧୨।୪(ରବିନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଛେମୁଣ୍ଡା ଦରୋବାହାଲଠାରେ ରବିବାର ଅଖିଳ ଭାରତୀୟ ଗାୟତ୍ରୀ ପରିବାର ତରଫର ଗୁରୁମାତା ଭଗବତୀ ଦେବୀଙ୍କ ଜନ୍ମଶତାବ୍ଦୀର ପ୍ରଥମ ବର୍ଷ କାର୍ଯ୍ୟ ପାଇଁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳ ସାଢ଼େ ୬ଟାରେ କଳସ ଶୋଭାଯାତ୍ରା ହୋଇଥିଲା। ଏଥିରେ ଗାୟତ୍ରୀ ପରିବାରର ଆଞ୍ଚଳିକ କାର୍ଯ୍ୟାଳୟ ସଂଯୋଜକ ବାନାମ୍ବର ସର, ସବ୍‌ଜୋନ ସଂଯୋଜକ ରଘୁମଣି ଦାଶ, ଗାୟତ୍ରୀ ଶକ୍ତି ପୀଠ ମୁଖ୍ୟ ଟ୍ରଷ୍ଟି ରାଜନ ପଟେଲ, ଜିଲା ସଂଯୋଜକ ମଦନ ପାତ୍ର, ବ୍ୟାସମଞ୍ଚ ସଞ୍ଚାଳନ ସନ୍ଧ୍ୟାରାଣୀ ଦୀକ୍ଷିତ ଓ ସୁଷମା ବାରିକ ପୂଜାକର୍ମ କରିଥିଲେ। ଅରୁଣ ମହାକୁଲ ଓ ତାଙ୍କ ଧର୍ମପତ୍ନୀ ମୋନାଲିସା ମହାକୁଲ, କୁଳମଣିପଧାନଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ପଧାନ, ଚିନ୍ତାମଣି ପଧାନ ଓ ତାଙ୍କ ଧର୍ମପତ୍ନୀ ନନ୍ଦିତା ପଧାନ, ଛବିଳ ସେଠୀ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ସେଠୀ, ନରୋତ୍ତମ ଭଇଁସା ଓ ତାଙ୍କ ଧର୍ମପତ୍ନୀ ସତ୍ୟଭାମା ଭଇଂସା ହୋମଯଜ୍ଞରେ କର୍ତ୍ତାକର୍ତ୍ତୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଚରିତ୍ରବାନ୍ ହୁଅ, ଦେଶପାଇଁ କାମ କର

## ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ଶିବିର ଉଦ୍‌ଘାଟିତ

ସମ୍ବଲପୁର,୧୨।୪(ବି.ଶଙ୍କର)



ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ଶିବିର-୨୦୨୬ ରବିବାର ସକାଳ ୯ଟାରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ପ୍ରେକ୍ଷାଳୟଠାରେ ଶୁଭାରମ୍ଭ ହୋଇଛି। ସାର୍ବଜନୀନ ଗ୍ରନ୍ଥାଗାର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରି ସାଂପ୍ରତିକ ସମୟରେ ପ୍ରସ୍ତୁତି ଶିବିରର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଇଞ୍ଜିନିୟର ବିଭୂତି ମାଝୀ ମନ୍ତ୍ରପାଠ କରିଥିବାବେଳେ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଯୋଜକ ଶିବଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ଚଳିତମାସ ୧୯ ତାରିଖଠାରୁ ଶିବିର ଆରମ୍ଭ ହୋଇ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା, ଅରବିନ୍ଦ ମହାପାତ୍ର, ଡ. ସେବକ ତ୍ରିପାଠୀ, ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଜିଲା ଶିକ୍ଷାଧିକାରୀ ଭୋଇ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରର ଗ୍ରୁମିଂ କ୍ଲାସର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ସହ ଏହାର ସୁଯୋଗ ନେଇ ପିଲାମାନେ ଚରିତ୍ରବାନ ହେବା ସହ ଦେଶ ପାଇଁ କାମ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନୀ ସଭାରେ ୬୩ ଜଣ ଶିକ୍ଷାର୍ଥୀ, ସେମାନଙ୍କ ଅଭିଭାବକ, ସହରର ବୁଦ୍ଧିଜୀବୀ, ଲାଇବ୍ରେରୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟ ହରିନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ପୃଥ୍ୱୀରାଜ ମିଶ୍ର, ସଭ୍ୟ ଅଶୋକ ମିଶ, ଉଦିତ ଚନ୍ଦ୍ର ପାଟଯୋଶୀ, ବିଜୟ ସାହୁ ଓ ଭୁବନ କୁମୁରା ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଦିପଡ଼ାରେ ହନୁମାନ ମହାପ୍ରଭୁଙ୍କ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୧୨।୪(ବି.ଶଙ୍କର)



ସମ୍ବଲପୁର ସହରସ୍ଥିତ ମୁଦିପଡା ଜଗନ୍ନାଥ ମନ୍ଦିର ପରିସରରେ ନବନର୍ମିତ ହନୁମାନ ମହାପ୍ରଭୁଙ୍କ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ସକାଳୁ ପୂଜା, ହୋମଯଜ୍ଞ ସହ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ମୁନୁ ପ୍ରଧାନ ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଅମ୍ବୁଦ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର କମିଟି ସଭାପତି ଜିତୁ କର୍ଣ୍ଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସୁବ୍ରତ ବହିଦାର, ଗଜପତି ରାଓ, ରାଜନ କପୁର, ସୁଜିତ କର୍ଣ୍ଣ, ଭୀମସେନ ପ୍ରଧାନ ସହଯୋଗ କରିଥିଲେ। ସନ୍ଧ୍ୟା ୭ଟାରେ ଭଜନ ସମାରୋହରେ ପଡା ତଥା ଆଖପାଖ ଅଞ୍ଚଳର ଭକ୍ତମାନେ ସାମିଲ ହୋଇଥିଲେ।

## ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ


ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମରେ ଅତିଥି ଓ କଳାକାରମାନେ।

ସମ୍ବଲପୁର,୧୨।୪(ବି.ଶଙ୍କର)

ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭକ୍ତି ସଙ୍ଗୀତର କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ମିଳିତ ଆୟୋଜନରେ ଭକ୍ତି ସଙ୍ଗୀତ ତଥା ଭଜନ ସନ୍ଧ୍ୟା ହୋଇଥିଲା । ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଅଜମେରିଆ, ଡ.ଶ୍ୟାମ ସୁନ୍ଦର ଧର, ନୃତ୍ୟଗୁରୁ ରଞ୍ଜନ ସାହୁ, ଶିକ୍ଷାବିତ୍ ଦିପାଲି ଚୌଧୁରୀ, ମହେଶ ପଟେଲ, ରତନଲାଲ ଶର୍ମା ଓ ବିଚିତ୍ରାନନ୍ଦ ଆଚାର୍ଯ୍ୟ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଭଜନ ସନ୍ଧ୍ୟାରେ ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ସୁମଧୁର କଣ୍ଠରେ ଶ୍ରୀୟା ମହାରଣା, ଅଦ୍ୱେତା ମିଶ୍ର, ପୂଜା ମୁଣ୍ଡା, ସାନଭି ଜେନା, ଶୁଭ ଲକ୍ଷ୍ମୀ ଜେନା, ଶ୍ରୀମନ୍ତ ବେହେରା, ଦାଶରଥି ଲୁହା ଓ ଅନ୍ୱେଷା ତ୍ରିପାଠୀ ସଙ୍ଗୀତ ପରିବେଷଣ କରିଥିଲେ । ଭବାନୀ ସୁନା, ଆଦିତ୍ୟ ସୁନା, କ୍ରିଷ୍ଣା ଷଣ୍ଢ, ପ୍ରଦୀପ ପାଇକ, ଭାଗିରଥୀ ସିଂଦେଓ ଓ ହରିଶଙ୍କର ବେହେରା ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ରଞ୍ଜନ ହୋତା ସଂଯୋଜନା ଓ ତ୍ରିଲୋଚନ ତ୍ରିପାଠୀ ପରିଚାଳନା କରିଥିଲେ।

## ଆର୍‌ଏସ୍‌ଏସ୍‌ର ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ

ରେଢ଼ାଖୋଲ,୧୨।୪(ସନ୍ତୋଷ ବଘାର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରବିବାର ପ୍ରଭୁଜୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ବୃନ୍ଦାବନ ବିହାରଠାରେ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ଆର୍‌ଏସ୍‌ଏସ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସହ ସମ୍ପର୍କ ପ୍ରମୁଖ ତଥା କୁଚିଣ୍ଡା କେସେଇବାହାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ଦାସ ଯୋଗଦେଇ ସଂଘର ଉତ୍ପତ୍ତିରୁ ଆରମ୍ଭ କରି ଆଜି ପହଞ୍ଚିଥିବା ସଙ୍ଗଠନ ବିଷୟରେ ଆଲୋକପାତ କରିଥିଲେ। ଉପସ୍ଥିତ ସଜ୍ଜନମାନେ ସଂଘ ବିଷୟରେ ମୁଖ୍ୟବକ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲୀପ ସାମନ୍ତ, ପୁଷ୍ପାଞ୍ଜଳି ସାମନ୍ତରାୟ, ପ୍ରକାଶ ମୁଖୀ, ମହାବୀର ସିଂଦେଓ, କରୁଣାକର ପ୍ରଧାନ, ଈଶ୍ୱରଚନ୍ଦ୍ର ପୃଷ୍ଟି, କନ୍ଦର୍ପ ସାହୁ, ମହେଶ୍ୱର ପ୍ରଧାନ, ଗୁଣମଣି ବିଶ୍ୱାଳ ଆଲୋଚନାରେ ଯୋଗଦେଇ ହିନ୍ଦୁ ସଂସ୍କୃତି, ପର୍ବପର୍ବାଣୀକୁ ପାଳନ କରୁଥିବା ପ୍ରତ୍ୟେକ ଭାରତୀୟ ହିନ୍ଦୁ। ତେଣୁ ହିନ୍ଦୁ ଏକତା ହିଁ ରାଷ୍ଟ୍ରୀୟ ସୁରକ୍ଷା ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସହ ବ୍ୟବସ୍ଥା ପ୍ରମୁଖ ଖଗେଶ୍ୱର ବେହେରା, ରେଢ଼ାଖୋଲ ଖଣ୍ଡର ସଂଘ ଚାଳକ ସନ୍ତୋଷ କୁମାର ରଥ, କାର୍ଯ୍ୟବାହ ସୁବାସ ପ୍ରଧାନ, ଜିଲା ସହକାର୍ଯ୍ୟବାହ ସନ୍ତୋଷ କୁମାର ପ୍ରଧାନ, ଜିଲା ବୌଦ୍ଧିକ ପ୍ରମୁଖ ସୁରଥ ସାହୁ, ରାକେଶ ଦେହୁରୀ, ମନୋଜ ସାହୁ, ଦେବବ୍ରତ ସାହୁ, ଚିରଞ୍ଜିବୀ ପ୍ରଧାନ, ପଞ୍ଚାନନ ଗଡ଼ନାୟକ ସହଯୋଗ କରିଥିଲେ। ଏଥିରେ ଯୁଯୁମୁରା, ନାକଟିଦେଉଳ ଓ ରେଢ଼ାଖୋଲ ଖଣ୍ଡର ସବୁ ଶ୍ରେଣୀର ବ୍ୟକ୍ତି ଯୋଗଦେଇଥିଲେ।

## ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ଜୟନ୍ତୀ ପାଳିତ


କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥିବୃନ୍ଦ।

ବ୍ରଜରାଜନଗର,୧୨।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଖଲିଆକାନୀ ଛକରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ରଜରାଜନଗର ଟାଉନ୍ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଅନ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ବିଜେଡି ନେତା ଶମ୍ଭୁ ମହାନ୍ତି, ନୃପ ତାଣ୍ଡି, ଗଣେଶ ରାମ ବାଗ୍, ଗୋବିନ୍ଦ ସିଂ, ସୁରଜ କଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ।

## ଭାରତୀ କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ



ବାର୍ଷିକ ମୁଖପତ୍ର ଭାରତୀକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ଭାରତୀ କଳା ବିକାଶ କେନ୍ଦ୍ରର ତିନିଦିନିଆ ବାର୍ଷିକ ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀ କ୍ଲବ୍ ପଡ଼ିଆଠାରେ ଏହି ବର୍ଣ୍ଣାଢ୍ୟ ସାଂସ୍କୃତିକ ସମାରୋହରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ମାନୀତ ବକ୍ତାଭାବେ ପ୍ରଫେସର ଡା. ବ୍ରଜମୋହନ ମିଶ୍ର ଏବଂ ଅନ୍ୟତମ ଅତିଥିଭାବେ ଭିମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାୟକ ଯୋଗ ଦେଇଥିଲେ। କେନ୍ଦ୍ର ସମ୍ପାଦକ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଭାରତୀ' ମୁଖ୍ୟଅତିଥି ମିଶ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ସମ୍ବଲପୁରୀ ନୃତ୍ୟଗୁରୁ ରଞ୍ଜନ କୁମାର ସାହୁଙ୍କୁ ଉପଢୌକନ, ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ ପୂର୍ବକ ଭାରତୀ ସମ୍ମାନ-୨୦୨୬ରେ ସମ୍ମାନୀତ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଶାସ୍ତ୍ରୀୟ ସଙ୍ଗୀତ, ତବଲା ବାଦନ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟର ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରଞ୍ଜିତ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ରଶ୍ମି ରଞ୍ଜନ ଶତପଥୀ, ସହ ସମ୍ପାଦକ ଶିବ ପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ଗୁରୁ ଓ ସଦସ୍ୟବୃନ୍ଦ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କେନ୍ଦ୍ର ଉପସଭାପତି ଆଡଭୋକେଟ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପରିଚାଳନା କମିଟି ସଭ୍ୟାସଭ୍ୟ ବିଡିଓଙ୍କୁ ଫେରାଦ

ନାକଟିଦେଉଳ,୧୨।୪(ବୈକୁଣ୍ଠନାଥ ସାହୁ)

**ଅଧାରେ ଅଟକିଛି ବିଦ୍ୟାଳୟ ପାଚେରି କାମ**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗଦାଧରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଚେରି କାମ ଅଧାରେ ଅଟକି ରହିଛି। ଏଥିପାଇଁ ପଞ୍ଚାୟତ ସମିତି ତରଫରୁ ୩ଲକ୍ଷ ୭୭ ହଜାର ୮୮୩ ଟଙ୍କା ମଞ୍ଜୁର ହୋଇଥିଲା। ଅନୁଦାନ ମିଳିବା ପରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପାଚେରି କାମ ଆରମ୍ଭ ହେବା ପରେ ଏହାର ଅନୁଦାନ ରାଶି ବିକଶିତ ଗାଁ, ବିକଶିତ ଓଡ଼ିଶା ପାଣ୍ଠିରୁ ମିଳିଥିବାରୁ ଏକ ରାଜନୈତିକ ଦଳର କର୍ମୀ ଚାପ ପକାଇ କାମକୁ ଅଧାରୁ ବନ୍ଦ କରି ଦେଇଛନ୍ତି । ଉପରିସ୍ଥ ଅଧିକାରୀମାନେ କାର୍ଯ୍ୟ ତଦାରଖ କରିବାକୁ ଆସିଲେ ସେମାନଙ୍କୁ ଧମକଚମକ ଦିଆଯାଉଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ବିଡ଼ିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ଅଟକି ରହିଥିବା ପାଚେରି କାମକୁ ଶୀଘ୍ର ସମ୍ପୂର୍ଣ କରିବା ଦିଗରେ ପଦକ୍ଷେପ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀମନ୍ତ ରଣା, ଉପସଭାନେତ୍ରୀ ପୁଷ୍ପଲତା ସେଠୀଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ବିଡ଼ିଓଙ୍କଠାରେ ଲିଖିତ ଦାବି ଜଣାଇଛନ୍ତି। ଏହାର ଏକକିତା ନକଲ ନାକଟିଦେଉଳ ତହସିଲଦାର ଓ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ପ୍ରଶାସନ ଏ ଦିଗରେ ତ୍ୱରିତ ସମାଧାନ ନ କଲେ ବିଦ୍ୟାଳୟ ପରିଚାଳନା କମିଟି ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ସୁନାପାଲି ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ସୁନାପାଲିରେ ଚଳିତବର୍ଷ ହନୁମାନ ଜୟନ୍ତୀକୁ ମହାସମାରୋହରେ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ବୋଲି ଶ୍ରୀ ଶ୍ରୀ ହନୁମାନ ଜନ୍ମୋତ୍ସବ ସମିତି ସଭାପତି ସରୋଜ କୁମାର ଘଡ଼ାଇ କହିଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆସନ୍ତା ୧୪ତାରିଖରେ ହେବାକୁ ଥିବା ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତ ସମ୍ପର୍କରେ ସୂଚନା ଦେଇ ଘଡ଼ାଇ କହିଛନ୍ତି, ଚଳିତବର୍ଷର ଶୋଭାଯାତ୍ରାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଂସ୍କୃତିକ ଦଳ ଓ ଆଖଡ଼ା ପ୍ରଦର୍ଶନକାରୀ ଯୋଗଦେବେ। ଶୋଭାଯାତ୍ରା ସୁନାପାଲିରୁ ବାହାରି ମୋତିଝରଣ, ମହିଳା ମହାବିଦ୍ୟାଳୟ, ଭୁତାପଡ଼ା ଛକ ଦେଇ ଆସି ଜିଲାସ୍କୁଲ ଛକରେ ମୁଖ୍ୟ ଶୋଭାଯାତ୍ରା ସହିତ ମିଳିତ ହେବ। ଏଠାରୁ ମୁଖ୍ୟ ଶୋଭାଯାତ୍ରା ସହିତ ନଗର ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଜାତି, ଧର୍ମ, ବର୍ଣ୍ଣ ଓ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଶାନ୍ତିଶୃଙ୍ଖଳାର ସହ ଏହି ପର୍ବକୁ ପାଳନ କରିବାକୁ ସେ ନିବେଦନ କରିଛନ୍ତି। ବିଶେଷ କରି ମହିଳାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। ଚଳିତବର୍ଷ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଅତିଥିଭାବେ ମହା ଆଳତିରେ ସାମିଲ ହେବେ ବୋଲି ସୂଚନା ଦେଇଥିଲେ। ଏଥିରେ କାର୍ଯ୍ୟକାରୀ ସଭାପତି ପିଣ୍ଟୁ ଓରାମ, ନିରଜ ଓରାମ, ଲୋକନାଥ ଲୁହା, ଅରୁଣ ଓରାମ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୁନାପାଲି ହନୁମାନ ଜନ୍ମୋତ୍ସବ ସମିତି କର୍ମକର୍ତ୍ତା।

## ନାରୀଶକ୍ତି ବନ୍ଦନ ଅଧିନିୟମ ଗଣତନ୍ତ୍ର ପାଇଁ ଯୁଗାନ୍ତକାରୀ

ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)


ନାରୀଶକ୍ତି ବନ୍ଦନ ବିଲ୍ ସମ୍ପର୍କରେ ଏମ୍‌ପି ମାଳବିକା ଦେବୀ ସୂଚନା ଦେଉଛନ୍ତି।

**ଏମ୍‌ପି ମାଳବିକା ଦେବୀଙ୍କ ଖବରଦାତା ସମ୍ମିଳନୀ**

ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ଗଣତନ୍ତ୍ର ପାଇ ଯୁଗାନ୍ତକାରୀ ସାବ୍ୟସ୍ତ ହେବ। ଯଦ୍ୱାରା ୩୩ ପ୍ରତିଶତ ମହିଳା ନୀତି ନିର୍ଦ୍ଧାରଣରେ ସକ୍ରିୟ ନେତୃତ୍ୱ ନେଇ ପାରିବେ ବୋଲି କହିଛନ୍ତି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ। ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ମାଳବିକା ଦେବୀ ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୩ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ଆଇନ୍‌ରେ ଐତିହାସିକ ସାମ୍ବିଧାନିକ ସଂଶୋଧନ ଦ୍ୱାରା ଲୋକ ସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରହିବ। ଯାହା ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସକ୍ରିୟ ଭୂମିକା ଗ୍ରହଣ କରିବାର ସୁଯୋଗ ମିଳିବ। ମହିଳାମାନେ ଯେଉଁଭଳି ଦକ୍ଷତାର ସହ ନିଜ ପରିବାର ଚଳାନ୍ତି, ସେହିଭଳି ଦକ୍ଷତା ସହ ସେମାନେ ଆଗାମୀ ଦିନରେ ଦେଶ ଗଠନରେ ମଧ ପ୍ରମୁଖ ଭୂମିକା ଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ପଦକ୍ଷେପ ମହିଳାମାନଙ୍କୁ କେବଳ ଭୋଟର ଭାବେ ନୁହେଁ, ବରଂ ଦେଶକୁ ସଶକ୍ତ ଓ ସମୃଦ୍ଧ ଭାବେ ଗଢି ତୋଳିବାରେ ସହାୟକ ହେବାକୁ ସୁଯୋଗ ଦେବାର ଲକ୍ଷ୍ୟ। ଏହି ଆଇନରେ ଅନୁସୂଚିତ ଜାତି ଓ ଜନଜାତିର ମହିଳାଙ୍କ ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ସେ ପୂର୍ବତନ ଅଟଳ ବିହାରୀ ବାଜପେୟୀ ସରକାରଙ୍କ ସମୟରେ ବିରୋଧୀ ଦଳର ଅସହଯୋଗ ପୋଇଁ ଏହି ଅଧିନିୟମ ଲାଗୁ ହୋଇଥିବା ଉଦ୍ୟମର ବିଫଳତା ଓ ବର୍ତ୍ତମାନର ଏହାର ସଫଳତାର ସହ ଲାଗୁ ପାଇଁ ହେଉଥିବା ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଏହି ଅଧିନିୟମ ଲାଗୁ ହେଲେ ଇତିହାସର ଏକ ବଡ଼ ସଂସ୍କାର ସାବ୍ୟସ୍ତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ନିର୍ମଳା ସୀତାରମଣ ଓ ସୁଷମା ସ୍ୱରାଜଙ୍କ ଭଳି ପ୍ରଭାବଶାଳୀ ମହିଳା ନେତୃତ୍ୱଙ୍କ ବିଷୟରେ ଉଲ୍ଲେଖ କରି ସେ ନାରୀ ସଶକ୍ତିକରଣର ଏକ ନୂତନ ଚିତ୍ର ଉପସ୍ଥାପନ କରିଥିଲେ। ମାତୃ ବନ୍ଦନା ଯୋଜନା, ଉଜ୍ଜ୍ୱଳା ଓ ମୁଦ୍ରା ଯୋଜନା ଭଳି ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିଛି ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ସେ ଏହି ଅଧିନିୟମ୍‌କୁ ସମର୍ଥନ କରିବାକୁ ସେ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ସାଧାରଣ ଜନତାଙ୍କୁ ନିବେଦନ କରିଥିଲେ। ଖବରଦାତା ସମ୍ମିଳନୀରେ ତାଙ୍କ ସହିତ ରାଜ୍ୟ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଷମା ସାହୁ, ଭାଜପା କାର୍ଯ୍ୟକାରିଣୀ ସବିତା ନନ୍ଦ, ଜିଲା ସାମାଜ କଲ୍ୟାଣ ଅଧିକାରୀ ସରୋଜା ବେହେରା ଉପସ୍ଥିତ ଥିଲେ।

**ଓଡ଼ିଶା ଜନତା କଂଗ୍ରେସର ଖବରଦାତା ସମ୍ମିଳନୀ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଓଡିଶା ଜନତା କଂଗ୍ରେସ ବଲାଙ୍ଗୀର ଜିଲା ସଂଯୋଜକ ରୂପେଶ କୁମାର ବେହେରାଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା । ଓଡିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ୧୫ ତାରିଖରେ ହେବାକୁ ଥିବା ଭୁବନେଶ୍ୱର ଚାଲ ଡାକରାକୁ ନେଇ ଏହା କରାଯାଇଛି । ଏହି ସମ୍ମିଳନୀରେ ବଡବାଙ୍କି ଗ୍ରାପର ପୂର୍ବତନ ସରପଞ୍ଚ ଗୁପ୍ତେଶ୍ୱର ବେହେରା, ଅରୁଣ ତାଣ୍ଡିଙ୍କ ସମେତ ବହୁ ସମର୍ଥକ ସାମିଲ ହୋଇ ଦଳକୁ ମଜଭୁତ କରିବା ନେଇ ଆଲୋଚନା କରଥିଲେ ।

**ସଂକ୍ଷେପରେ**

## କଣ୍ଟାବାଞ୍ଜିରେ ଜାତୀୟ ସେଭେନ ବ୍ଲକ ଖୋ-ଖୋ ରେଫରି ପରୀକ୍ଷା ଶିବିର

କଣ୍ଟାବାଞ୍ଜି,୧୨।୪(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ସେଭେନ ବ୍ଲକ ଖୋ-ଖୋ ଆସୋସିଏଶନ ଇଣ୍ଡିଆ ପକ୍ଷରୁ ଦୁଇଦିନିଆ ଜାତୀୟ ସ୍ତରୀୟ ରେଫରି ପରୀକ୍ଷା ଶିବିର ଶନିବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। କ୍ରୀଡା କ୍ଷେତ୍ରରେ ଶୃଙ୍ଖଳା ଓ ସଠିକ ନିର୍ଣ୍ଣୟ ନେବାରେ ରେଫରିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସଞ୍ଜୟ ଗାନ୍ଧୀ, ମନୋଜ ଡାଲମିଆ,ସେଭେନ ବ୍ଲକ ଖୋ-ଖୋ ରାଜ୍ୟ ସମ୍ପାଦକ ବିଜୟ ମହାପାତ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ଶୁଭେନ୍ଦ୍ର ମହାନ୍ତି, ଅଧ୍ୟାପକ ଚିନ୍ମୟ ଯୋଷୀ, ଖୋ-ଖୋ କୋଚ ପଦ୍ମଚରଣ ଦାସ, ଅଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ରେଫରିମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ବିନୋଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

## ପଞ୍ଚାୟତର ଉନ୍ନୟନ କାମ ତ୍ୱରାନ୍ୱିତ କରିବାକୁ ଦାବି

ଦେଓଗାଁ,୧୨।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ମୁଖ୍ୟାଳୟସ୍ଥିତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲିଙ୍ଗରାଜ ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଦେଓଗାଁର ସର୍ବାଙ୍ଗୀନ ବିକାଶ ପାଇଁ ଆଲୋଚନା କରାଯାଇଥିଲା। ଗାଁର ଶ୍ରମିକମାନେ ଉପସ୍ଥିତ ରହି କାମ ଯୋଗାଇ ଦେବା ପାଇଁ ଦାବି କରିଥିଲେ। ସେହିପରି ଦେଓଗାଁର ବସ୍ତି ମଧ୍ୟରେ ରହିଥିବା ପାର୍ଶ୍ୱ ରାସ୍ତାଗୁଡିକ ନଷ୍ଟ ହୋଇ କର୍ଦ୍ଦମାକ୍ତ ହୋଇପଡିଥିବାରୁ ଏହାର ଉନ୍ନତୀକରଣ ପାଇଁ ଦାବି ଉଠିଥିଲା। ଗାଁର ସର୍ବପୁରାତନ ଯୋଗୀସାଗର ର ଉନ୍ନତୀକରଣ ସହ ପାହାଚଗୁଡିକର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଦେଓଗାଁରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ୬୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବାରୁ ଏହି ପ୍ରକଳ୍ପକୁ ଗାଁ ନିକଟରେ ରହିଥିବା ସରକାରୀ ଜମି ଚିହ୍ନଟ କରି ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଦେଓଗାଁରୁ ବହୁ ଦୂରରେ ଆବର୍ଜନା କୁଣ୍ଡ ନିର୍ମାଣ ହୋଇଥିବାରୁ ତାହା କୌଣସି କାମରେ ଲାଗୁ ନ ଥିବା ଲୋକେ ଅଭିଯୋଗ କରିଥିଲେ। ଏହା ଯୋଗୀସାଗର ରାସ୍ତାକଡରେ ନିର୍ମାଣ ହେଲେ ତାହା ସମସ୍ତଙ୍କ କାମରେ ଲାଗିପାରିବ ଓ ରାସ୍ତାରେ ଅଳିଆ ଆବର୍ଜନା ହେବନାହିଁ ବୋଲି ମତପ୍ରକାଶ ପାଇଥିଲା। ଗାଁର ମୁଖ୍ୟରାସ୍ତାଗୁଡିକରେ ରହିଥିବା ଡ୍ରେନଗୁଡିକ ଠିକ ରୂପେ ସଫେଇ ହୋଇ ନ ଥିବାରୁ ତାକୁ ସଫେଇ କରିବାକୁ ଦାବି ଉଠିଥିଲା। ଦେଓଗାଁ ଓ କଛାରପାଲିକୁ ସୋନଗଡ ନଦୀରୁ ପାନୀୟଜଳ ଯୋଗାଣ ହେଉଥିବା ବେଳେ ଚଳିତବର୍ଷ କେମିତି ପାଣି ଅଭାବ ନ ରହିବ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।

# ‘ପୂର୍ବସୂରୀଙ୍କ ତ୍ୟାଗ, ବଳିଦାନ ଭୁଲିବାର ନୁହେଁ’

ବଲାଙ୍ଗୀର,୧୨।୪(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରବିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ଆଲୋଚନାଚକ୍ର ଏବଂ ପରେ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓଡିଶା ସାହିତ୍ୟ ଏକାଡେମୀ ପୂର୍ବତନ ଉପସଭାପତି ଗାୟତ୍ରୀ ସରାଫ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସରାଫ୍ କହିଥିଲେ ଯେ, ଦିବଙ୍ଗତ ବରପୁତ୍ରମାନଙ୍କ କର୍ମ ଓ ସାମର୍ଥ୍ୟ ଆମ ସମୃଦ୍ଧ ଐତିହ୍ୟର ପରିଚୟ। ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଆମେ ଓ ଆମର ଉତ୍ତରପିଢ଼ିକୁ ନେବାକୁ ହେବ। ସେମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ଦେଶ ଏବଂ ସମାଜକୁ ଆଗକୁ ନେବାକୁ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର ମାଝି ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ଜ୍ୟୋତିର୍ମୟୀ ସାହୁ, ଡ. ସଞ୍ଜୟ କୁମାର ମିଶ୍ର ଓ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀରର ଦିବଙ୍ଗତ ପାଟଣା ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓ, ସାରସ୍ୱତ ସାଧକ ସନ୍ଥ ଚୈତନ୍ୟ ଦାସ, ବେଦବିଦ୍ୱାନ ବ୍ରଜବିହାରୀ, ବିଧୁଭୂଷଣ ଗୁରୁ, ସ୍ୱାଧୀନତା ସଂଗ୍ରାମୀ ନରସିଂହ ପ୍ରସାଦ ନନ୍ଦ, ଚିତ୍ରଶିଳ୍ପୀ ଛନ୍ଦାଚରଣ ଆଚାର୍ଯ୍ୟ, ନାଟ୍ୟକାର ଉଦୟନାଥ ଚନ୍ଦନ, ସମ୍ବିଧାନ ପ୍ରଣୟନ ସଭା ସଦସ୍ୟ ଯୁଧିଷ୍ଠିର ମିଶ୍ର, ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ, ଗାଳ୍ପିକ ଗଗନ ସ୍ୱାଇଁ ଓ ଗାଳ୍ପିକ ମନୋଜ କୁମାର ପଣ୍ଡାଙ୍କ ଜୀବନୀ, ସାରସ୍ୱତ କୃତି ଓ ପ୍ରତିଭା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚକ ଭାବେ ନାଟ୍ୟଭୂଷଣ ଛୁରିଆ, ଡ଼. ଗୋବର୍ଦ୍ଧନ ନାୟକ, ସନ୍ଦୀପ କୁମାର କୁଅଁର, ବୀରେନ୍ଦ୍ର କୁମାର ଝାଙ୍କର, ଜୟକୁମାର ଆଚାର୍ଯ୍ୟ, ଆଶିଷ କୁମାର ଚନ୍ଦନ, ଜୟକୃଷ୍ଣ ସାହୁ, ଡ଼. ସଞ୍ଜୟ କୁମାର ମିଶ୍ର, ଡ଼. ଅଶ୍ୱିନୀ କୁମାର ରଥ, ଭାଗୀରଥି ମିଶ୍ର ଓ ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ପୂର୍ବସୂରୀଙ୍କ ଆଲୋଚନା କରିଥିଲେ। ଆଲୋଚନାଚକ୍ର ପରେ କବିତା ପାଠୋତ୍ସବ ହୋଇଥିଲା। କବି ରାଜୀବ ଲୋଚନ ଆଚାର୍ଯ୍ୟ, ରତ୍ନମୟ ତ୍ରିପାଠୀ ଓ କବୟିତ୍ରୀ ଚୁମକି ଦାଶଙ୍କ ସଂଯୋଜନା କ୍ରମେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ସନ୍ଦୀପ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ପାଳିତ



ଜୟନ୍ତୀ ଅବସରରେ ଯୋଗ ଦେଇଥିବା ଅତିଥି।

ଖପ୍ରାଖୋଲ,୧୨।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଡୁଡୁକିପଦର ଗାଁରେ କୁଶଳେଶ୍ୱର ମାଳି ସମାଜ ତରଫରୁ ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବ୍ଲକ ସଭାପତି ନୀଳକଣ୍ଠ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ତ୍ରିଲୋଚନ ପୁଞ୍ଜି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଘୁ ବରିହା, ଗୋଲାପ ନିଆଲ, ଗଜ ନାଗ, ନିରାକାର ଛୁରା, ଜଳଧର ତାଣ୍ଡି, ମହିନାଥ ସୁନା, ଲିଙ୍ଗରାଜ ପୁଟେଲ, ଧରମ ସିଂ ଧରୁଆ ଯୋଗଦେଇ ମହାତ୍ମା ଫୁଲେଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଟିକେଶ୍ୱର ଧରୁଆ ପରିଚାଳନା କରିଥିବା ବେଳେ ସୁବାଷ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ।

# ‘ଓଡିଆ ଜାତିର ଇତିହାସ, ଅସ୍ମିତା ମହନୀୟ’



ଆଲୋଚନାଚକ୍ରରେ ମଞ୍ଚାସୀନ।

ବଲାଙ୍ଗୀର,୧୨।୪(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର**

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ ଶନିବାର ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଓଡ଼ିଶାର ବରପୁତ୍ର ମାନଙ୍କ ଜୀବନୀ ଓ ସୃଷ୍ଟିସମ୍ଭାର ସମ୍ପର୍କରେ ଏକଦିବସୀୟ ଆଲୋଚନାଚକ୍ର ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.କୌତୁକପନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଡ. ପ୍ରହ୍ଲାଦ ଶତପଥୀ ଯୋଗଦେଇ ଓଡ଼ିଆ ପକ୍ଷ ପାଳନ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ଜୀବନ ସଂଗ୍ରାମ ବିଷୟରେ ବକ୍ତବ୍ୟ ପ୍ରଦାନ କରି ଓଡିଆ ଜାତିର ଇତିହାସ ଓ ଅସ୍ମିତା ମହନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାରସ୍ୱତ ସଙ୍ଗଠକ ରାଜେଶ ଝାଙ୍କର ଯୋଗଦେଇ ସାମ୍ପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଆ ଜାତିର ବରପୁତ୍ରମାନଙ୍କ ବିଚାରର ପ୍ରାସଙ୍ଗିକତା ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ଶ୍ରୀକାନ୍ତ କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଓଡ଼ିଆ ପକ୍ଷ ପାଳନର ମହତ୍ତ୍ୱ, ଲକ୍ଷ୍ୟ ଏବଂ ଓଡ଼ିଆ ଜାତିର ଯୋଗଜନ୍ମା ବରପୁତ୍ରମାନଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଧ୍ୟାପକ ହୃଷୀକେଶ ଦାସ ଓଡ଼ିଆ ଜାତୀୟତା ଓ ଉତ୍କଳ ଗୌରବ ମଧୁସୂଦନ ଦାସ, ଅଧ୍ୟାପକ ଡ. ଅଶୋକ ମହାରଣା ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଅଧ୍ୟାପିକା ରମଣୀ ନାଏକ ଜାତୀୟତାବାଦୀ ଓଡ଼ିଆ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ସୁମନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ କୁଶଳେଶ୍ୱରୀ ପୁଟେଲ ସମାଜ ମହାସଭା

**ନାରୀ ଶିକ୍ଷା ଉପରେ ଗୁରୁତ୍ୱ**

କଣ୍ଟାବାଞ୍ଜି,୧୨।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ଗ୍ରାମଠାରେ ରବିବାର ଦିନ ବଲାଙ୍ଗୀର ଜିଲାସ୍ତରୀୟ କୁଶଳେଶ୍ୱରୀ ପୁଟେଲ ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି । ଏହି ମହାସଭାରେ ବଲାଙ୍ଗୀର ଜିଲାର ୧୪ଗୋଟି ବ୍ଲକ, ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ, ପାଟଣାଗଡ, ତୁଷୁରା ଓ ଲୋଇସିଂହା ସହରାଞ୍ଚଳର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀ ଯୋଗ ଦେଇଥିଲେ । ପ୍ରଥମେ ସମାଜର ଇଷ୍ଟଦେବତା ଶ୍ରୀ କୁଶଳେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ଏବଂ ନାରୀ ଶିକ୍ଷାର ଆନ୍ଦୋଳନକାରୀ ସାବେତ୍ରୀ ବାଇ ଫୁଲେଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବସନ୍ତ ପୁଟେଲ ସଭାପତିତ୍ୱ କରିଥିଲେ । ଟିଟିଲାଗଡ ବ୍ଲକର ପୂର୍ବତନ ଅଧକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି, କୁଇବାହାଲ ସରପଞ୍ଚ ବିଳାସ ପୁଟେଲ, ଅଖିଳ ଭାରତ ଅଙ୍ଗନୱାଡି କର୍ମୀ ବଲାଙ୍ଗୀର ଜିଲା ସଭାନେତ୍ରୀ ବିନୋଦିନୀ ପୁଟେଲ, ପୂର୍ବତନ ସରପଞ୍ଚ କ୍ଷୀରମତି ପୁଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାଛଡା ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ସଭାପତି ଓ ସମ୍ପାଦକ ନିମନ୍ତ୍ରିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମାଜର ସ୍ୱର୍ଗତ ପଦାଧିକାରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମହାସଭାରେ ମୁଖ୍ୟତଃ କୁଶଳେଶ୍ୱରୀ ପୁଟେଲ ସମାଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିବା ବେଳେ ନାରୀ ଶିକ୍ଷାର ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ସୁବାଷ ପୁଟେଲଙ୍କ ଆବାହକତ୍ୱରେ ଏହି ମହାସଭା ଅନୁଷ୍ଠିତ ହୋଇଥିଲା। ଇନ୍ଦ୍ରମଣି ପୁଟେଲ ମଞ୍ଚ ପରିଚାଳନା କରିଥିଲେ । ଏହାପରେ ସମାଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗୀର,୧୨।୪(ବୀରେନ୍ଦ୍ର କୁମାର ଝାଙ୍କର)

**ଘନ ଘନ ବିଦ୍ୟୁତ୍ ବିଭ୍ରାଟ, ବଢୁଛି ଅସନ୍ତୋଷ**

ବଲାଙ୍ଗୀର ସହର ମାଲପଡା ନାଗରିକ କମିଟି ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ପାଦକ ପଞ୍ଚାନନ ସେଠ ଗତ ମାସର ବିବରଣୀ ପାଠ କରିଥିଲେ। ଏହାପରେ ମାଲପଡାର ବିଭିନ୍ନ ସମସ୍ୟା ବିଶେଷ କରି ଘନ ଘନ ବିଦ୍ୟୁତ୍ କାଟକୁ ନେଇ ବୈଠକରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଖରାଦିନରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଆଲୋଚନା କରାଯାଇଥିଲା । ଏହାସହିତ ପଡାରେ ମଶା ମାଛି ଉପଦ୍ରବର ନିରାକରଣ ପାଇଁ ସଭ୍ୟମାନେ ମତ ପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, କୋଷାଧ୍ୟକ୍ଷ ଦିବାକର ହୋତା, ବରିଷ୍ଠ ସଦସ୍ୟ ଆକୁଳ ବେହେରା, ଦେବଜ୍ୟୋତି ଯୋଷୀ, ଛବିଲାଲ ବେହେରା, ପ୍ରଦୀପ ନେପାକ,ବିମଳ ଚକ୍ରବର୍ତ୍ତୀ ଭାଗ ନେଇଥିଲେ। ଶେଷରେ ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାସନ ଦୃଷ୍ଟି ଆଢୁଆଳରେ ମିଶନ ଶକ୍ତି କାଫେ ଗୃହ

ପାଟଣାଗଡ଼,୧୨।୪(ସଚ୍ଚିଦାନନ୍ଦ ମହାକୁର)




ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସିସ୍ଥିତ ରାମପୁରଠାରେ ଥିବା ମିଶନ ଶକ୍ତି କାଫେ ଗୃହ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଲାଣି। ଏପରି କି ଉକ୍ତ ଗୃହର ମୁଖ୍ୟ ଗେଟରେ ଲାଗିଥିବା ନାମ ଫଳକ ଭାଙ୍ଗିଯିବା ସହିତ ଏହାର ଚାରିପଟେ ଆବର୍ଜନା ପଡିଥିବା ଦେଖିବାକୁ ମିଳିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ପ୍ରକାଶ ଯେ, ଏହି ଗୃହ ୨୦୨୨ ମସିହାରେ ମିଶନ ଶକ୍ତି ମହିଳାମାନଙ୍କ ପାଇଁ ନିର୍ମାଣ କରାଯାଇଥିଲା। ଗୃହ ନିର୍ମାଣ ଶେଷ ହେବାର କିଛି ମାସ ପରେ ଏହାକୁ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ଏହା ଏବେ କାର୍ଯ୍ୟକାରୀ ହେଉନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଏହାର ରକ୍ଷଣାବେକ୍ଷଣ କରିବା ସହ ଚାଲୁ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ଲାଠୋର,୧୨।୪(ଭୁବନେଶ୍ୱର ବାରିକ)




ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଗାୟତ୍ରୀ ମହାଯଜ୍ଞ କମିଟି ସଭାପତି ନବୀନ ଅଗ୍ରୱାଲଙ୍କ ନେତୃତ୍ୱରେ ୪ ଦିନ ଧରି ଚାଲିଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ଅବସରରେ ୧୧ ହଜାର ଦୀପ ପ୍ରଜ୍ୱଳନ ପୂର୍ବକ ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ଋଷିପୁତ୍ରମାନଙ୍କ ଦ୍ୱାରା ଶତାଧିକ ମହିଳା ପୁରୁଷଙ୍କୁ ଗାୟତ୍ରୀ ଦୀକ୍ଷାରେ ଦୀକ୍ଷିତ କରାଯାଇଥିଲା । ଏଥିସହିତ ବ୍ରତୋପନୟନ, ଚୁଡ଼ାକରଣ, ବିବାହ, ଅନ୍ନ ପ୍ରାସନ୍ନ ଓ ଗର୍ଭ ସଂସ୍କାର କରାଯାଇଥିଲା। ପୂଜକ(ଟୋଲି)ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲାଠୋର ଗ୍ରାମର ଗାୟତ୍ରୀ ମହିଳା ମଣ୍ଡଳ ଓ ଗାୟତ୍ରୀ ଯୁବ ମଣ୍ଡଳଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ମନୁ ଅଗ୍ରୱାଲ ଏବଂ କୌଶଳ ଅଗ୍ରୱାଲ କର୍ତ୍ତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଗାୟତ୍ରୀ ମହାଯଜ୍ଞ କମିଟି ସମ୍ପାଦକ ସଚ୍ଚିକାନ୍ତ ଦାସଙ୍କ ସମେତ ନରସିଂହ ମେହେର, ରମାକାନ୍ତ ମହାନ୍ତି, ଦୁର୍ଗା ବେହେରା, ଦଶରଥ ପାଣିଗ୍ରାହୀ, ମୁରଲି ମେହେର, ଅମର ବେହେରା, ରୋହିତ ମେହେର, ସୀତାରାମ ମେହେର, ଅନିରୁଦ୍ଧ ମେହେର, ଦିନେଶ ଅଗ୍ରୱାଲ, ରବୀନ୍ଦ୍ର ପାଣିଗ୍ରାହୀ, କମଲ ଅଗ୍ରୱାଲ, ପବନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଡିଏଭି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଟିଟିଲାଗଡ଼,୧୨।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡସ୍ଥିତ ଡ଼ିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାବିଦ୍ୟାଳୟର ଭିତ୍ତିଭୂମି ଦୃଢ଼ କରିବା ଦିଗରେ ଯାହା ଦାବି ହେବ ତାହା ପୂରଣ କରିବା ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରୀଛାତ୍ର ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁ, ଅଧ୍ୟକ୍ଷ ଦେବଦତ୍ତ ଗୁରୁ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଗଣତନ୍ତ୍ର ଦିବସ ଉତ୍ସବ ପରେଡରେ ଅଂଶଗ୍ରହଣ କରିଥିବା ଏନସିସି କ୍ୟାଡେଟ ପ୍ରିନ୍ସ ଶର୍ମା, ପିଏମ ରାଲିରେ ଅଂଶଗ୍ରହଣ କରିଥିବା କ୍ୟାଡେଟ ତୁଳସୀ ପ୍ରସାଦ ଦେଓ ତଥା ସାଂସ୍କୃତିକ ରାଲିରେ ଅଂଶଗ୍ରହଣ କରିଥିବା କ୍ୟାଡେଟ ଦୋଳଗୋବିନ୍ଦ ତାଣ୍ଡି, କୁନି ମାଝୀ ତଥା ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପିକା ବନ୍ଦନା କର ଉତ୍ସବ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଅଳକାନନ୍ଦ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନାଇଟ କ୍ରିକେଟ ଟୁର୍ନାମେଣ୍ଟ: ବେଲବାହାଲି ଚାମ୍ପିୟନ

ଲୋଇସିଂହା,୧୨।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିକଟସ୍ଥ କର୍ଲିପାଟ ଗ୍ରାମର ଯୁବ ଖେଳାଳିଙ୍କ ଆନୁକୂଲ୍ୟରେ ୨ ଦିନ ଧରି ଚାଲିଥିବା ପ୍ରଥମ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ଖେଳ ଆୟୋଜକ କର୍ଲିପାଟ ଓ ବେଲବାହାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨୬ ରନରେ ବେଲବାହାଲି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ୬ ଓଭର ବିଶିଷ୍ଟ ଟୁର୍ନାମେଣ୍ଟର ଫାଇନାଲରେ ବେଲବାହାଲି ଦଳ ପ୍ରଥମେ ବ୍ୟାଟିଂ କରି ୭୭ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କର୍ଲିପାଟ ଦଳ ନିର୍ଦ୍ଧାରିତ ଓଭରରେ ୫୧ ରନ ସଂଗ୍ରହ କରିବାରେ ସକ୍ଷମ ହୋଇ ପାରିଥିଲା। ୨୬ ରନରେ ବେଲବାହାଲି ବିଜୟୀ ହୋଇ ପ୍ରଥମ ଟାଇଟଲ ହାସଲ କରିଥିଲା । ପୁରସ୍କାର ବିତରଣ ଉତ୍ସବରେ ସୁରେଶ ମହାଲିଙ୍ଗ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ବିଶ୍ୱାମିତ୍ର ନାଏକ, ଟିଙ୍କୁ ପାଣ୍ଡିଆ, ରୋହନ ଶିକା ଅତିଥି ଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକଙ୍କ ତରଫରୁ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର ଅପ୍ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା ।

ଚାମ୍ପିୟନ ଦଳ।


# ନୂତନ ଚିହ୍ନଟ ରୋଗୀଙ୍କୁ ପରାମର୍ଶ, ଔଷଧ ବଣ୍ଟନ

ଲୋଇସିଂହା,୧୨।୪(ସୁଶାନ୍ତ ବାରିକ)

**କିଡ୍‌ନୀ ପ୍ରଭାବିତ ପତ୍ରାପାଲି ଗାଁରେ ମେଗା ସ୍ୱାସ୍ଥ୍ୟ ଶିବିର**


ଗାଁ ଅଙ୍ଗନୱାଡି କେନ୍ଦ୍ରରେ ଚାଲିଥିବା ସ୍ୱାସ୍ଥ୍ୟ ଶିବିର।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର କିଡ୍‌ନୀ ପ୍ରଭାବିତ ପତ୍ରାପାଲି ଗାଁରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ବଲାଙ୍ଗୀର ସିଡିଏମଓ ପୁଷ୍ପାଞ୍ଜଳି ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗାଁରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଚିନ୍ତା ବଢ଼ି ଚାଲିଥିବା ବେଳେ ଏହି ଶିବିରକୁ ଗୁରୁତ୍ୱ ଦିଆଯାଇଛି। କିଡ୍‌ନୀ ରୋଗରେ ଗ୍ରାମରେ ୨୦ ଜଣଙ୍କ ଜୀବନ ଗଲାଣି ,୧୨ ଆକ୍ରାନ୍ତ ଶୀର୍ଷକ ଏକ ଖବର ଧରିତ୍ରୀରେ ଗତ ୧ ତାରିଖରେ ପ୍ରକାଶ ପାଇଥିଲା। ଏହାପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଥିବା ବେଳେ ୨ ତାରିଖରେ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ସେହିଦିନ ୬ ଜଣ କିଡ୍‌ନୀ ରୋଗୀଙ୍କ ସମେତ ୨୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ରକ୍ତ ନମୁନା ସଂଗ୍ରହ କରାଯାଇ ବଲାଙ୍ଗୀର ଭୀମବୋଇ ମେଡିକାଲକୁ ପରୀକ୍ଷଣ ପାଇଁ ପଠାଇଯାଇଥିଲା। ସେହି ରକ୍ତ ନମୁନା ରିପୋର୍ଟ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ହସ୍ତଗତ ହୋଇଛି। ପୂର୍ବ ୬ ଜଣଙ୍କୁ ବାଦ ଦେଇ ୧୧ ଜଣ ନୂତନ କିଡ୍‌ନୀ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ଗାଁରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢିଛି। ଶନିବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ଶେଖରଲାଲ ପଧାନ, ଡା.ଯଶୋବନ୍ତ ପାଢ଼ୀ, କୁଟେନପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶାଙ୍କୁ ନେଇ ପୁଣି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଚିହ୍ନଟ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ମାଗଣାରେ ବଣ୍ଟନ କରାଯାଇଥିଲା । ଏହାଛଡା ସଠିକ ଖାଦ୍ୟ ଖାଇବା, ବିଶୁଦ୍ଧ ପାଣି ପିଇବା ଓ ଉଚିତ୍ ଜୀବନ ଶୈଳୀ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଏଥିସହିତ ଗ୍ରାମବାସୀଙ୍କୁ କିଡ୍‌ନୀ ରୋଗର କାରଣ, ପ୍ରତିରୋଧ ଓ ପ୍ରାଥମିକ ଲକ୍ଷଣ ବିଷୟରେ ସଚେତନତା କରାଯାଇଥିଲା। ବିଶେଷ କରି ପିଇବା ପାଣିର ଗୁଣବତ୍ତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ଉପଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ଭାବେ ଏପରି ଶିବିର ଆୟୋଜନ କରିବା ଓ ଗାଁକୁ ବିଶୁଦ୍ଧ ପାଣି ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା।

# ଏନ୍‌ଏଚ୍ ପିଚୁ ରାସ୍ତାକୁ ଲାଗି ଡ୍ରେନ୍ ନିର୍ମାଣ

**ଆବଶ୍ୟକତା ନ ଥାଇ ନିର୍ମାଣ ହେଉଥିବା ଅଭିଯୋଗ**

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଜିଲା ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ପିଚୁ ରାସ୍ତାକୁ ଲାଗି ଡ୍ରେନ୍ ନିର୍ମାଣ କରାଯାଉଛି।

ଆବଶ୍ୟକତା ନ ଥାଇ ସୁବର୍ଣ୍ଣପୁର ସହର ନଳିନୀ ଛକରୁ ଜିଲା ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଡ୍ରେନ୍ ନିର୍ମାଣ ଚାଲିଛି। ବଲାଙ୍ଗୀର ଜାତୀୟ ରାଜପଥ(ଏନ୍‌ଏଚ) ବିଭାଜନ ପକ୍ଷରୁ ଏହି ଡ୍ରେନ୍ ନିର୍ମାଣ କରାଯାଉଛି। ତେବେ ୫୭ ନଂ. ଏନ୍‌ଏଚ୍ ପିଚୁ ରାସ୍ତାକୁ ଲାଗି ଡ୍ରେନ୍ ନିର୍ମାଣ ହେଉଥିବାରୁ ବୁଦ୍ଧିଜୀବୀ ମହଲରେ ଏହାକୁ ବିରୋଧ କରାଯାଉଛି। ପଦଚାରୀଙ୍କ ପାଇଁ ରାସ୍ତା ନଥିବାରୁ ଏଥିଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି।

ସୋନପୁର ବ୍ଲକ ଛକରୁ ଝିଙ୍କି ପର୍ଯ୍ୟନ୍ତ ଏନ୍‌ଏଚ୍‌ର ଉଭୟ ପାର୍ଶ୍ୱରେ ୩.୬ କିଲୋମିଟର ଲମ୍ବ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ସହରର ବର୍ଷା ଜଳ ନିଷ୍କାସନ ପାଇଁ ୧.୩ମିଟର ଓସାର ଓ ୧.୩ମିଟର ଗଭୀର ଡ୍ରେନ୍ ନିର୍ମାଣ ସହିତ କଭର ସ୍ଲାବ ପକାଇବା ପାଇଁ ନିଷ୍ପତ୍ତି ହୋଇଛି। କିଛି ମାସ ହେବ ବ୍ଲକ ଛକରୁ ସୋନପୁର ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନୂତନ ଭାବେ ଡ୍ରେନ୍ ନିର୍ମାଣ ହୋଇଛି। ମଝିରେ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କ ଘର ସମ୍ମୁଖରେ ପ୍ରଶାସନିକ କଟକଣା ଯୋଗୁ ଡ୍ରେନ୍ କାମ ହୋଇପାରିନି। ତେବେ ଝିଙ୍କି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି ନ ଥିବାରୁ ବଳକା କାମକୁ ଏବେ ନଳିନୀ ଛକ ପଟୁ କରାଯାଉଛି। କିନ୍ତୁ ବର୍ଷା ଜଳ ଜମୁ ନ ଥିବା ଓଣଓସାରିଆ ଜାଗାରେ ଡ୍ରେନ୍ ନିର୍ମାଣର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠିଛି। ନିୟମ ଅନୁଯାୟୀ ପିଚୁ ରାସ୍ତା ଠାରୁ ୨ ମିଟରରୁ ଅଢେଇ ମିଟର ଦୂରତାରେ ହିଁ ଡ୍ରେନ୍ ନିର୍ମାଣ କରାଯିବା କଥା। ମାତ୍ର ନଳିନୀ ଛକରୁ ଜିଲା ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ରାସ୍ତାପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ସମୟରେ ଏହି ନିୟମକୁ ଅନୁପାଳନ କରାଯାଇନି। ଏନ୍‌ଏଚ୍‌ର ରୋଡ ସୋଲଡ୍‌ରରେ ପଦଚାରୀ ରାସ୍ତା ନ ଛାଡି ତରବରିଆ ଭାବେ ଡ୍ରେନ୍ ନିର୍ମାଣ କରାଯାଉଛି। ଏପରିକି ପିଚୁ ରାସ୍ତାର ମାତ୍ର ୧ ଫୁଟ୍ ଦୂରରେ ଡ୍ରେନ୍ ନିର୍ମାଣ ହେଉଛି। ଏଥିଯୋଗୁ ଯାତ୍ରୀବାହୀ ବସ୍ ଓ ଟ୍ରକ୍ ଭଳି ଭାରୀଯାନ ଯାତାୟାତ ସମୟରେ ସମସ୍ୟା ସୃଷ୍ଟି ହେବ। ଯାନବାହାନ ଓଭରଟେକିଂ ସମୟରେ ଅଣ ଓସାରିଆ ରାସ୍ତା ଯୋଗୁ ବାଇକ ଆରୋହୀ, ସାଇକେଲ ଆରୋହୀ ଓ ପାଦରେ ଚାଲି ଚାଲି ଯାଉଥିବା ଲୋକେ ଅସୁବିଧା ଭୋଗିବେ। ଏହି ରାସ୍ତାରେ ଡ୍ରେନ୍ ନିର୍ମାଣର ଆବଶ୍ୟକତା ନ ଥିବା ବେଳେ କର୍ତ୍ତୃପକ୍ଷ କେଉଁ ସ୍ୱାର୍ଥରେ ନିର୍ମାଣ ଏହା ନିର୍ମାଣ କରୁଛନ୍ତି ସେ ନେଇ ଶ୍ରମିକ ନେତା ଗୋବିନ୍ଦ ମହାରଣା ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବଲାଙ୍ଗୀର ଏନଏଚ୍ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କୈଳାଶ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ଝିଙ୍କି ରାସ୍ତାରେ ଜନବସତି କିମ୍ବା ମାର୍କେଟ୍ ନାହିଁ। ତେଣୁ ଟେଣ୍ଡର ହୋଇଥିବା ବଳକା କାମକୁ ନଳିନୀ ଛକରୁ ଆରମ୍ଭ କରାଯାଇଛି। ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଓ ମନ୍ଦିର ଥିବାରୁ ପିଚୁ ରାସ୍ତାକୁ ଲାଗି ଡ୍ରେନ୍ ନିର୍ମାଣ କରାଯାଉଛି। ଡ୍ରେନ୍ ନିର୍ମାଣ ପରେ କଭର କରାଯିବ। ପଦଚାରୀଙ୍କ ପାଇଁ ସେମିତି କିଛି ଅସୁବିଧା ହେବ ନାହିଁ ବୋଲି ଇଂ.ଦାସ କହିଛନ୍ତି।

## କଂଗ୍ରେସର ସାଙ୍ଗଠନିକ ଦକ୍ଷତା କାର୍ଯ୍ୟକ୍ରମ



ଉଲୁଣ୍ଡା କଂଗ୍ରେସ ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ।

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ମାରୁତି କଲ୍ୟାଣ ମଣ୍ଡପଠାରେ ଉଲୁଣ୍ଡା ବ୍ଲକ କଂଗ୍ରେସର ନୂତନ କର୍ମକର୍ତ୍ତା ସମ୍ବର୍ଦ୍ଧନା ଏବଂ ସାଙ୍ଗଠନିକ ଦକ୍ଷତା କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ହୃଷୀକେଶ କର୍ଣ୍ଣଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା କଂଗ୍ରେସ କମିଟି ସଭାପତି ବିନୋଦ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା କଂଗ୍ରେସ କମିଟି ସାଙ୍ଗଠନିକ ସମ୍ପାଦକ ସୁଧୀର ପଣ୍ଡା, ବରିଷ୍ଠ ନେତା ପ୍ରିୟବ୍ରତ ସାହୁ, ବରିଷ୍ଠ କଂଗ୍ରେସ କର୍ମୀ ପ୍ରଶାନ୍ତ ଶତପଥୀ, ଉମେଶ ପ୍ରସାଦ ରଥ, ଦାଶରଥି ପଧାନ, ମାଗୁଣି କର୍ଣ୍ଣ, ଜିଲା ଉପସଭାପତି ତ୍ରିପୁରାରି ସେଠୀ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ନୂତନ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଫଳତା ଉପରେ ନେତୃବୃନ୍ଦ ଆଲୋଚନା କରିବା ସହ ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କୁ ଦଳରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହିତ ପ୍ରତ୍ୟେକ ପଞ୍ଚାୟତ ଓ ବୁଥସ୍ତରୀୟ କମିଟି ଗଠନ, ବ୍ଲକରେ ଏସସି ଏସ୍‌ଟି ସେଲ ଗଠନ, ଉଭୟ ଜୋନରେ ସଭାପତି ଚୟନ, ଯୁବ କଂଗ୍ରେସ ସଙ୍ଗଠନ ଓ ସଭାପତି ଚୟନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପ୍ରମୋଦ ଗୁରୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ । ଉଦିତ କମ୍ପ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପଥର ମାରି ଡାକ୍ତରଙ୍କ କ୍ୱାର୍ଟର୍ସ ଝରକା କାଚ ଭାଙ୍ଗିଲେ ଦୁର୍ବୃତ୍ତ

ବିନିକା,୧୨।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଶଙ୍କରାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ ସନ୍ତୋଷ ବିଭାରଙ୍କ କ୍ୱାର୍ଟର୍ସ ଝରକା କାଚକୁ ପଥର ମାରି କେହି ଭାଙ୍ଗି ଦେଇଛନ୍ତି। ଏ ନେଇ ଡାକ୍ତର ବିଭାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅଧାରରେ ପୋଲିସ ଏକ ମାମଲ ରୁଜୁ କରିଛି। ରବିବାର ପୋଲିସ ଟିମ୍ ଡାକ୍ତରଙ୍କ ଘରେ ପହଞ୍ଚି ଘର ଭିତରୁ ପଥର ଖଣ୍ଡ ଜବତ କରିବା ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲା । ଏହି ଘଟଣା ପରେ ଡାକ୍ତର ବିଭାର ନିଜକୁ ସୁରକ୍ଷିତ ମଣୁ ନ ଥିବା କହିଛନ୍ତି। ଦୁର୍ବୃତ୍ତଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଯଥାଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ଏହା ସହିତ ଡାକ୍ତରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସିକ୍ୟୁରିଟି ନିଯୁକ୍ତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ପ୍ରକାଶ ଯେ, ଡାକ୍ତର ବିଭାର ଦୁଇଦିନ ହେବ ଘରେ ନଥିଲେ। ଘରକୁ ଫେରି ଦେଖିଲାପରେ ଝରକାର ଗ୍ଲାସଗୁଡ଼ିକ ଭଙ୍ଗା ଅବସ୍ଥାରେ ଥିବା ଦେଖି ଥାନରେ ଅଭିଯୋଗ କରିଥିଲେ।

### ସେଲେଡିରେ ଜଳଛତ୍ର ଖୋଲିଲା

ବିନିକା,୧୨।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ଛକରେ ରବିବାର ଜଳଛତ୍ର ଖୋଲାଯାଇଛି। ହିମ ଏନଜିଓ ପକ୍ଷରୁ ସୁବର୍ଣ୍ଣପୁର ଜିଲା ସଂଯୋଜକ ପରକ୍ଷିତ ବାଘଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାଦେବପାଲି ଫାଣ୍ଡି ଅଧିକାରୀ ଆନନ୍ଦ ନାଏକ ମୁଖ୍ୟ ଅତିଥି, ସେଲେଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀବତ୍ସ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ, ମାନବ ଅଧିକାର କର୍ମୀ ରାମ ଗୋପାଳ ବାଘ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଜଳଛତ୍ରରେ ଜୁନ ମାସ ପର୍ଯ୍ୟନ୍ତ ଜଳ ପ୍ରଦାନ କରାଯିବ ବୋଲି ଜିଲା ସଂଯୋଜକ ବାଘ ସୂଚନା ଦେଇଛନ୍ତି।

### କଣ୍ଟାବାଞ୍ଜିରେ ଜାତୀୟ ସେଭେନ ବ୍ଲକ ଖୋ-ଖୋ ରେଫରି ପରୀକ୍ଷା ଶିବିର

କଣ୍ଟାବାଞ୍ଜି,୧୨।୪(ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜିଠାରେ ସେଭେନ ବ୍ଲକ ଖୋ-ଖୋ ଆସୋସିଏଶନ ଇଣ୍ଡିଆ ପକ୍ଷରୁ ଦୁଇଦିନିଆ ଜାତୀୟ ସ୍ତରୀୟ ରେଫରି ପରୀକ୍ଷା ଶିବିର ଶନିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସଞ୍ଜୟ ଗାନ୍ଧୀ, ମନୋଜ ଡାଲମିଆ,ସେଭେନ ବ୍ଲକ ଖୋ-ଖୋ ରାଜ୍ୟ ସମ୍ପାଦକ ବିଜୟ ମହାପାତ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ଶୁଭେନ୍ଦ୍ର ମହାନ୍ତି, ଅଧ୍ୟାପକ ଚିନ୍ମୟ ଯୋଷୀ, ଖୋ-ଖୋ କୋଚ ପଦ୍ମଚରଣ ଦାସ, ଅଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ବିନୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ରାମ-ରାବଣ ଯୁଦ୍ଧରେ ରଣକ୍ଷେତ୍ର ପାଲଟିଲା ସହର

**ବୌଦ୍ଧ ରାମଲୀଳା ଯାତ୍ରା ଉଦ୍‌ଯାପିତ**



ଯୁଦ୍ଧ ପାଇଁ ରାମଙ୍କ ରଥ ଯାଉଛି।

ବୌଦ୍ଧ,୧୨।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ମାରୁତି ମଣ୍ଡପରେ ୧୮ଦିନ ଧରି ଚାଲିଥିବା ରାମଲୀଳା ଯାତ୍ରା ରବିବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିନରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା। ହରଭଙ୍ଗା ବ୍ଲକର ସରସରା, ବାମଣ୍ଡା, କେଳାକଟା ଏବଂ ବୌଦ୍ଧ ବ୍ଲକର ବାଉଁଶୁଣୀ, ଗୋବିନ୍ଦପୁର, କାଶଲପୁର, ଧୁଡୁରବାହାଲ, ତେଲିବନ୍ଧ, ମର୍ଜାଦିପୁର ଗ୍ରାମରୁ ୯ଟି ସୁସଜ୍ଜିତ ରାବଣ ରଥ ବିରାଟ ପଟୁଆରରେ ଆସି ବୁଢୁପାଲି ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ବୌଦ୍ଧର ମୁଖ୍ୟ ରାବଣ ରଥ ସହ ଏକତ୍ରିତ ହୋଇ ସମସ୍ତ ରଥ ଏକା ସଙ୍ଗରେ ବିରାଟ ପଟୁଆରରେ ବାହାରିଥିଲେ। ସମସ୍ତ ରାବଣରଥ ସେଠାରୁ ବୁଢୁପାଲି, ହାତୀଶାଳ ଛକ ଦେଇ ଜିଲା ଷ୍ଟାଡିୟମରେ ପହଞ୍ଚିଥିଲେ। ସେହିପରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରଥ ସହ ବାନର ସେନା ରାମେଶ୍ୱର ମନ୍ଦିରରୁ ବାହାରି ପୁରୁଣା ବ୍ଲକ ଛକ, ତେଲିମାର୍କେଟ, ପୋଡାପୋଡା, ନୂଆସାହି ଦେଇ ଜିଲା ଷ୍ଟାଡିୟମରେ ପହଞ୍ଚିଥିଲା। ସେଠାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଭୁ ଶ୍ରୀରାମ ଓ ତାଙ୍କ ବାନର ସେନା ସହିତ ଦଶଟି ରାବଣ ମଧ୍ୟରେ ପ୍ରଥମ ସମର ଅନୁଷ୍ଠିତ ହୋଇଥିଲା। ପରେ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। ଆତସବାଜିରେ ପୁରା ବୌଦ୍ଧ ସହରର କମ୍ପିଉଠିଥିଲା। ଷ୍ଟାଡିୟମରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ପ୍ରଭୁ ରାମଙ୍କ ରଥ ଓ ଦଶଗୋଟି ରାବଣ ରଥ ସହରର ଅଲଗା ଅଲଗା ରାସ୍ତାଦେଇ ବାଘଗୁଡା ଛକଠାରେ ପହଞ୍ଚିଥିଲେ। ସେଠାରେ ଉଭୟ ସେନା ମଧ୍ୟରେ ଦ୍ୱିତୀୟ ମହାସମର ହୋଇଥିଲା। ଏହାସହିତ ଆତସବାଜି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେଠାରୁ ରାମଚନ୍ଦ୍ରଙ୍କ ରଥ ଓ ରାବଣ ରଥ ରଘୁନାଥ ମନ୍ଦିର ସ୍ଥିତ ଯାତ୍ରା ପଡିଆରେ ପହଞ୍ଚିଥିଲେ। ସେଠାରେ ରାବଣ ସହିତ ଶ୍ରୀ ରାମଙ୍କ ଯୁଦ୍ଧ ସହ ଆତସବାଜି ହୋଇଥିଲା। ପରେ ରାବଣ ବଧ ହୋଇଥିଲା। ଏହି ଅବସରରେ ଯାତ୍ରା ପଡିଆରେ ଏକ ୩୦ ଫୁଟ ଉଚ୍ଚ ବିଶିଷ୍ଟ ଦଶ ମୁଣ୍ଡିଆ ରାବଣ ପ୍ରତିମୂର୍ତ୍ତିକୁ ଅଗ୍ନି ସଂଯୋଗ କରାଯାଇ ରାବଣ ପୋଡି କରାଯାଇଥିଲା। ସମର ଶୋଭାଯାତ୍ରା ସମୟରେ ବିନିକାର ଘଣ୍ଟବାଦ୍ୟ, ସମ୍ବଲପୁର ଦୁଲଦୁଲି, ଗାମର ବାଘନାଚ, ରଣପା, ଖୋର୍ଦ୍ଧାର ପାଇକ ଆଖଡା, ପୁରୀର ଯୋଡିଶଙ୍ଖ, ସୁନ୍ଦରଗଡର ଝୁମେର, ବୌଦ୍ଧର ଅଘୋରୀ ନୃତ୍ୟ, ପତରସଉରା, ଝାଞ୍ଜ, ମୃଦଙ୍ଗ, କୃଷ୍ଣଗୁରୁ ଜିଲାର ବିଭିନ୍ନ ସ୍ଥାନରୁ ଓ ଜିଲା ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗ ଦେଇଥିଲେ। ଜିଲା ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ସୋମବାର ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜାଭିଷେକ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲାସ୍ତରୀୟ କୁଶଳେଶ୍ୱରୀ ପୁଟେଲ ସମାଜ ମହାସଭା

କଣ୍ଟାବାଞ୍ଜି,୧୨।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ଗ୍ରାମଠାରେ ରବିବାର ଦିନ ବଲାଙ୍ଗୀର ଜିଲାସ୍ତରୀୟ କୁଶଳେଶ୍ୱରୀ ପୁଟେଲ ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି। ଏହି ମହାସଭାରେ ବଲାଙ୍ଗୀର ଜିଲାର ୧୪ଗୋଟି ବ୍ଲକ, ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ, ପାଟଣାଗଡ, ତୁଷୁରା ଓ ଲୋଇସିଂହା ସହରାଞ୍ଚଳର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀ ଯୋଗ ଦେଇଥିଲେ। ପ୍ରଥମେ ସମାଜର ଇଷ୍ଟଦେବତା ଶ୍ରୀ କୁଶଳେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ଏବଂ ନାରୀ ଶିକ୍ଷାର ଆନ୍ଦୋଳନକାରୀ ସାବିତ୍ରୀ ବାଇ ଫୁଲେଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବସନ୍ତ ପୁଟେଲ ସଭାପତିତ୍ୱ କରିଥିଲେ। ଟିଟିଲାଗଡ ବ୍ଲକର ପୂର୍ବତନ ଅଧକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି, କୁଇବାହାଲ ସରପଞ୍ଚ ବିଳାସ ପୁଟେଲ, ଅଖିଳ ଭାରତ ଅଙ୍ଗନୱାଡି କର୍ମୀ ବଲାଙ୍ଗୀର ଜିଲା ସଭାନେତ୍ରୀ ବିନୋଦିନୀ ପୁଟେଲ, ପୂର୍ବତନ ସରପଞ୍ଚ କ୍ଷୀରମତି ପୁଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାଛଡା ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ସଭାପତି ଓ ସମ୍ପାଦକ ନିମନ୍ତ୍ରିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ସମାଜର ସ୍ୱର୍ଗତ ପଦାଧିକାରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମହାସଭାରେ ମୁଖ୍ୟତଃ କୁଶଳେଶ୍ୱରୀ ପୁଟେଲ ସମାଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିବା ବେଳେ ନାରୀ ଶିକ୍ଷାର ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ସୁବାଷ ପୁଟେଲଙ୍କ ଆବାହକତ୍ୱରେ ଏହି ମହାସଭା ଅନୁଷ୍ଠିତ ହୋଇଥିଲା। ଇନ୍ଦ୍ରମଣି ପୁଟେଲ ମଞ୍ଚ ପରିଚାଳନା କରିଥିଲେ। ଏହାପରେ ସମାଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ବୀରମହାରାଜପୁର ଏନ୍‌ଏସି: ଚୂଡାନ୍ତ ଆରକ୍ଷଣ ୱାର୍ଡ ତାଲିକା ପ୍ରକାଶିତ

ବୀରମହାରାଜପୁର,୧୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ନିର୍ବାଚନ ପାଇଁ ଚୂଡାନ୍ତ ଆରକ୍ଷଣ ତାଲିକା ପ୍ରକାଶିତ ପାଇଛି । ନୂତନ ଏନଏସି ପାଇଁ ମୋଟ ୧୭ଟି ୱାର୍ଡ ନେଇ ଚୂଡାନ୍ତ ହୋଇଛି। ସରକାରୀ ନିୟମ ଅନୁଯାଇ ସମସ୍ତ ୱାର୍ଡ ପାଇଁ ସଂରକ୍ଷଣ ବ୍ୟବସ୍ଥା ଚୂଡାନ୍ତ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୬୪୦/ ୩୧।୩ରେ ପ୍ରକାଶ ପାଇଛି। ଏହି ତାଲିକାରେ ୧୭ ୱାର୍ଡ ମଧ୍ୟରୁ ୬ଟି ୱାର୍ଡ ସାଧାରଣ ବର୍ଗଙ୍କ ପାଇଁ, ୨ଟି ୱାର୍ଡ ଅନୁସୂଚିତ ଜାତି ଓ ଗୋଟିଏ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ୯ ଟି ୱାର୍ଡ ମହିଳାମାନଙ୍କ ପାଇଁ ସଂରକ୍ଷଣ ରହିଛି । ସେଥିରୁ ଏହି ତାଲିକାରେ ଓବିସିଙ୍କ ପାଇଁ କୌଣସି ସ୍ଥାନ ରହି ନଥିବା ଦେଖାଯାଇଛି । ତେବେ ଏହାର ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବି କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ ହେବ ତାହା ପ୍ରକାଶ ପାଇନାହିଁ। ପୌର ନିର୍ବାଚନକୁ ଆଖି ଆଗରେ ରଖି ଦଳ ପ୍ରସ୍ତୁତ ରହିଛି ବୋଲି ଜିଲା ଭାଜପା ସଭାପତି ବେଣୁଧର ଦାସ କହିଛନ୍ତି। ଅପରପକ୍ଷରେ ବିଜେଡି ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କରି ସାରିଛି। ସେପଟେ ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁଡ଼ କହିଛନ୍ତି, ଆମ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ରହିଛୁ। ଆରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ବୀରମହାରାଜପୁରର ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

## ଚମ୍ପାମାଳ ରାମଲୀଳା, ଲକ୍ଷ୍ମଣଙ୍କ ଶକ୍ତି ଭେଦ



ଲକ୍ଷଣ ଶକ୍ତିଭେଦ ନାଟକର ଏକ ଦୃଶ୍ୟ।

ବୀରମହାରାଜପୁର,୧୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟସ୍ଥ ଚମ୍ପାମାଳ ଗ୍ରାମରେ ଚାଲିଥିବା ରାମଲୀଳା ମହୋତ୍ସବରେ ରବିବାର ଲକ୍ଷ୍ମଣ ଶକ୍ତିଭେଦ ଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା । ଏହାକୁ ଦେଖିବାକୁ ଦର୍ଶକଙ୍କ ପ୍ରବଳ ଭିଡ ହୋଇଥିଲା। ରାମ ଭୂମିକାରେ ଅଜିତ ଥନାପତି ଅଭିନୟ କରୁଛନ୍ତି। ବିଦ୍ୟାଧର ଥନାପତି ଲକ୍ଷ୍ମଣ, ସଞ୍ଜୀବ ଭୋଇ ହନୁମାନ ଭୂମିକାରେ ଅଭିନୟ ବେଶ ଚିତାକର୍ଷକ ହୋଇଥିଲା। ରାମକୃଷ୍ଣ ହୋତା ପ୍ରତ୍ୟହ ଶ୍ରୀରାମଙ୍କ ଦଶାବତାର ବନ୍ଦନା ଗାନ କରୁଛନ୍ତି। ଶବ୍ଦ ଓ ଆଲୋକରେ ଶ୍ରୀରାମ ବିଶି, ଭୀଷ୍ମ ଥନାପତି ଏବଂ ବିକଳ୍ପ ସେଠୀ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ୭୨କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

ତରଭା,୧୨।୪(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଥାନା ପାଟ୍ରୋଲିଂ ପୋଲିସ ଶତ୍ରୁପାଲି ପତ୍ରା ଜଙ୍ଗଲରେ ଚଢାଉ କରିଥିଲା। ପୋଲିସର ଉପସ୍ଥିତି ଜାଣି ଅଭିଯୁକ୍ତମାନେ ପାଳଗଦାରେ ଗଞ୍ଜେଇ ଲୁଚାଇ ଫେରାର ହୋଇଯାଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ତରଭା ଅତିରିକ୍ତ ତହସିଲଦାର ଦିପ୍ତିମୟୀ ଭୋଇଙ୍କ ଉପସ୍ଥିତି ରେ ଓଜନ କରିବାରୁ ୭୨କେଜି ୯୩୦ଗ୍ରାମ ହୋଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୭/୨୬)ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ତରଭା ଥାନା ଆଇଆଇସି ଅନିତା କିଡୋ। ଉକ୍ତ ଚଢାଉ ରେ ତରଭା ପୋଲିସ ଏସଆଇ ପ୍ରସନଜିତ ବେହେରା ଓ ଟିମ୍ ସାମିଲ ଥିଲେ।

ପୋଲିସ ଜବତ କରିଥିବା ଗଞ୍ଜେଇ।



## ବରପୁତ୍ରଙ୍କ ବନ୍ଦନାରେ ମୁଖରିତ ହେଲା ସୁବର୍ଣ୍ଣପୁର

**ବନ୍ଦନୀୟ ବରପୁତ୍ର ସମ୍ମିଳନୀ, କବିତା ପାଠୋତ୍ସବ**

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)



ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ଅତିଥି ଓ ଆଲୋଚକ ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଗ୍ରନ୍ଥାଗାରରେ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିନରେ ରବିବାର ବରପୁତ୍ର ସମ୍ମିଳନୀ ଓ କବିତା ପାଠୋତ୍ସବ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ମୁଖ୍ୟ ଆତିଥି ଭାବେ ଜିଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ତଥା ଐତିହାସିକ ସୁଦାମ ନାଏକ, ସୋନପୁର କଲେଜର ଇତିହାସ ବିଭାଗ ଅଧ୍ୟାପକ ସୁଦାମ ଦୀପ ଓ ବୌଦ୍ଧ ଜିଲା କଣ୍ଟାମାଳ କଲେଜର ଇଂଲିଶ ବିଭାଗ ଅଧ୍ୟାପକ ଦେବଦାସ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷା ଓ ଲିପି ପ୍ରତି ସୋନପୁର ରାଜାଙ୍କ ଅବଦାନ, ସାଧୀନତା ଆନ୍ଦୋଳନରେ ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର ଗାଥା, ଓଡ଼ିଶାର ସଂସ୍କୃତି ପୁରୁଷ, ବିପ୍ଳବୀ ଓ ମାଳତି ଦେବୀ ଚୌଧୁରୀ, ଗୁରୁବାରୀ ମେହେରଙ୍କ ଭଳି ନାରୀ ସଂଗ୍ରାମୀମାନଙ୍କ ଉପରେ ଆଲୋଚନା କରିଥିଲେ। ବରପୁତ୍ରମାନଙ୍କ ବନ୍ଦନାରେ ଆଲୋଚନାଚକ୍ର ମୁଖରିତ ହେଇ ଉଠିଥିଲା । ଗୋରେଖ ନାଥ ସାହୁ ସଭାରେ ଅଧକ୍ଷତା କରିବା ସହ ଆଲୋଚନା ଚକ୍ରକୁ ସମୀକ୍ଷା କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁରର ୫୦ ଜଣ ଲେଖିକା, ଲେଖକ, ବୁଦ୍ଧିଜୀବୀ, କବି ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀନାରାୟଣ ସାହୁ ଓ ଦେବଯାନୀ ମେସୁଆ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ ଇତିଶ୍ରୀ ଦାସ, ମୀନା ମହାରଣା, ରଞ୍ଜିତା ପଣ୍ଡା, ସସ୍ମିତା ମେହେର, ଶୁଭଶ୍ରୀ ଦାସ, ଚନ୍ଦ୍ରାବତୀ ପାଣ୍ଡେ, ବୈଜୟନ୍ତୀ ସାହୁ, ରୁବି ବେହେରା, ମନସିନୀ ପଣ୍ଡା, ଆରତୀ ଖମାରୀ, ପ୍ରଦ୍ୟୁମ୍ନ ସାହୁ, ସୌରଭ ରଞ୍ଜନ ଖମାରୀ, କ୍ଷୀରୋଦ ବିହାରୀ ବିଶାଳ, ଗୋବିନ୍ଦ ମହାରଣା ଓ ଆଖୋଜ ଷାଣ୍ଡ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## କୀର୍ତ୍ତନ ମଣ୍ଡପ, ମାଉସୀ ମା' ମନ୍ଦିର ଉଦ୍‌ଘାଟିତ

ସୁନ୍ଦରଗଡ,୧୨।୪(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ହେମଗିର ବ୍ଲକ ଅନ୍ତର୍ଗତ କେନ୍ଦୁଡିହିଠାରେ ବିଧାୟକ ଯୋଗେଶ କୁମାର ସିଂହ ରବିବାର ନୂତନ କୀର୍ତ୍ତନ ମଣ୍ଡପ ଓ ମାଉସୀ ମା' ମନ୍ଦିର ଉଦ୍‌ଘାଟନ କରିଛନ୍ତି। ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ ନୂତନ କୀର୍ତ୍ତନ ମଣ୍ଡପ ଏବଂ ୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମିତ ମାଉସି ମା' ମନ୍ଦିର ନିର୍ମିତ ହୋଇଛି। ଏହି ପ୍ରକଳ୍ପ ଗୁଡ଼ିକ ସ୍ଥାନୀୟ ସଂସ୍କୃତି ଓ ପରମ୍ପରାକୁ ସ୍ଥାୟୀ ଭାବେ ପ୍ରତିବିମ୍ବିତ କରିବା ସହ ଗ୍ରାମକୁ ଏକ ନୂତନ ପରିଚୟ ଦେବା ଏବଂ ଯୁବକ ବନ୍ଧୁ ମାନଙ୍କୁ ସଂଗଠିତ ହେବା ପାଇଁ ସହାୟକ ହେବ ବୋଲି ବିଧାୟକ ସିଂହ ତାଙ୍କ ବକ୍ତବ୍ୟରେ ଆଶାପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ହେମଗିରର ପୂର୍ବତନ ସମିତି ସଭ୍ୟ ପ୍ରମୋଦ ପତି, ଯୁବ ସଂଗଠକ ପ୍ରକାଶ ବହିଦାର, ପବିତ୍ର ପଶାୟତ, କପିଲ ଖମାରୀ, ସୁନିଲ ପଣ୍ଡା ଏବଂ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ, କ୍ଲବ ଘର ଭରସା

### ଯୋଜନାରୁ ବଞ୍ଚିତ ପ୍ରକୃତ ହିତାଧିକାରୀ

ବଡ଼ଗାଁ,୧୨।୪(ଅଶୋକ ଷଡଙ୍ଗୀ)

ରାଜ୍ୟ ଓ କେନ୍ଦ୍ର ସରକାର ବାସହରାଙ୍କ ପାଇଁ ପକ୍କା ଘର ଯୋଗାଇ ଦେବା ପାଇଁ ଆବାସ ଯୋଜନା କରିଛନ୍ତି। ହେଲେ ବହୁ କ୍ଷେତ୍ରରେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହି ଯୋଜନା ପହଞ୍ଚି ପାରୁନାହିଁ। ଫଳରେ ଦୀର୍ଘବର୍ଷରୁ ଲୋକେ ଭଙ୍ଗାଦଦରା ବିପଦସଙ୍କୁଳ ଘରେ ରହି ଆସୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତ ଜାଙ୍ଗଲୀ ଗ୍ରାମରେ। ଶିବ ବେହେରାଙ୍କ ପରିବାର କହିଲେ ସ୍ତ୍ରୀ ଗୋଲାପି ବେହେରା ଓ ୨ ଛୋଟ ଝିଅ। ଭଙ୍ଗାଦଦରା ମାଟି ଘରେ ଜୀବନ ବିତାଉଥିଲେ। ଏନେଇ ସେମାନେ ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳୁ ନ ଥିଲା। ଚଳିତବର୍ଷ ଝଡ ବର୍ଷାରେ ତାଙ୍କ ଘର ଭାଙ୍ଗି ଗଲା। ଗ୍ରାମବସୀଙ୍କ


ସରପଞ୍ଚ ଘର ଦେଖୁଛନ୍ତି।

ସହଯୋଗରେ ଏବେ ସେ କ୍ଲବ ଘରେ ରହୁଛନ୍ତି। ଏହି ପରିବାର ଯଦିବା ପ୍ରକୃତ ହିତାଧିକାରୀ ତଥାପି ପ୍ରାଥମିକତା ଭିତ୍ତିରେ ହିତାଧିକାରୀ ଚିହ୍ନଟ ହେଉ ନ ଥିବାରୁ ସେ ଦୀର୍ଘ ବର୍ଷ ହେଲା ଭଙ୍ଗାଦଦରା ମାଟି ଘରେ ରହିଆସୁଥିଲେ। ଅନ୍ୟପଟେ ଏଭଳି ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଥିଲାବେଳେ ଏହି ଗ୍ରାମର ସକ୍ଷମ ପରିବାରଙ୍କୁ ଆବାସ ଯୋଜନାରେ ଘର ମିଳୁଛି। ସ୍ଥାନୀୟ ସରପଞ୍ଚ ଯୁଧିଷ୍ଠିର ବାଡା ଗତ ସପ୍ତାହରେ ଘଟଣାସ୍ଥଳକୁ ଯାଇ ଅସହାୟ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ।

ଏନେଇ ସରପଞ୍ଚ ବାଡ଼ାଙ୍କୁ ପଚାରିବାରୁ, ଶିବ ବେହେରାଙ୍କ ଘର ଭାଙ୍ଗି ପଡ଼ିବାରୁ ସେ ଏକ କ୍ଲବ ଘରେ ଆଶ୍ରୟ ନେଇଛନ୍ତି। ମୁଁ ଏନେଇ ବିଡିଓଙ୍କୁ ଜଣାଇଛି। ଆସନ୍ତା ପଞ୍ଚାୟତିରାଜ ଦିବସ ଦିନ ତାଙ୍କୁ ଆବାସ ଯୋଜନାରେ ଘର ଦିଆଯିବ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଆର୍ଥିକ ସକ୍ଷମ ପରିବାର ଆବାସ ଯୋଜନାର ଘର ପାଇଥିଲାବେଳେ ଅନେକ ଭଙ୍ଗାଦଦରା ଘରେ ରହିଆସୁଛନ୍ତି। ପ୍ରାଥମିକତା ଭିତ୍ତିରେ ହିତାଧିକାରୀ ଚିହ୍ନଟ ହେଉ ନ ଥିବାରୁ ଯୋଜନା ଦିଗହରା ହୋଇପଡିଛି। ଫଳରେ ଦୀର୍ଘ ବର୍ଷ ହେଲା ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି।

## ୨ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିଙ୍କ ସହିତ ଅଭିଯୋଜକମାନେ।

ସୁନ୍ଦରଗଡ଼,୧୨।୪(ଜୟ ନାରାୟଣ ମେଣ୍ଢୁଳି)

ଓଡ଼ିଶା ସରକାରଙ୍କ ଆଇନ ବିଭାଗ, ଡି.ପି.ପି (ଓଡ଼ିଶା) ଏବଂ ସୁନ୍ଦରଗଡ଼ ଡି.ଡି.ପି.ପିଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଶନିବାର ୨ଦିନିଆ ଇଣ୍ଡକସନ ଏବଂ ରିଫ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସୁନ୍ଦରଗଡ଼ ଜିଲାର ନନ-କ୍ୟାଡର୍ ସରକାରୀ ଅଭିଯୋଜକମାନଙ୍କ ପାଇଁ ଆୟୋଜିତ ଏହି ଶିବିର ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ନିର୍ଦ୍ଦେଶକ କହ୍ନାଇଲାଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପଲ କୌର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ଜିଲା ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟତଃ ନୂତନ ଆଇନରେ ହୋଇଥିବା ପରିବର୍ତ୍ତନ, ଫୋରେନ୍‌ସିକ ବିଜ୍ଞାନର ବ୍ୟବହାର, ମେଡିକାଲ ଏବଂ ବଢୁଥିବା ସାଇବର ଅପରାଧକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଅଦାଲତରେ ମାମଲା ପରିଚାଳନା ସମୟରେ ଏହି ଆଧୁନିକ ଜ୍ଞାନକୌଶଳ କିଭଳି ସହାୟକ ହେବ ସେ ନେଇ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଅଭିଯୋଜକ ଦିଲୀପ କୁମାର ମୁର୍ମୁ, ଆସିଷ୍ଟାଣ୍ଟ ଡାଇରେକ୍ଟର ନରେଶ ଅର୍ଗଲ, ଆସିଷ୍ଟାଣ୍ଟ ଡାଇରେକ୍ଟର ରଞ୍ଜିତ ଓରାମ, ରାଉରକେଲାର ଅତିରିକ୍ତ ଅଭିଯୋଜକ ଅମ୍ବିକା ସିଂହ, ଅତିରିକ୍ତ ଅଭିଯୋଜକ କରମ ଚାନ୍ଦ ପ୍ରଧାନ ଏବଂ ସହକାରୀ ଅଭିଯୋଜିକା ସ୍ୱାତୀ ସୁଲଗନା ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଚନ୍ଦ୍ରକାନ୍ତ ଭୂୟାଁ, ରକେଶ୍ୱର କୁଜୁର, ସହଦେବ ଲାକ୍ରା ଏବଂ ବିଶ୍ୱେଶ୍ୱର ମହନନ୍ଦିଆ, ନିର୍ମଳ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ଜିଲାପାଳଙ୍କୁ ଭେଟିଲେ ଭାଜପା ମଣ୍ଡଳ ଅଧ୍ୟକ୍ଷ


ଭାଜପା ମଣ୍ଡଳ ଅଧ୍ୟକ୍ଷ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ବନ୍ଧମୁଣ୍ଡା,୧୨।୪ (ସୁବ୍ରତ ଦେ)

ବନ୍ଧମୁଣ୍ଡା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଓ ବିକାଶ କାର୍ଯ୍ୟକୁ ନେଇ ବନ୍ଧମୁଣ୍ଡା ଭାଜପା ମଣ୍ଡଳ ଅଧ୍ୟକ୍ଷ ଲଖନ ଲୋହାର ସୁନ୍ଦରଗଡ଼ ଜିଲାପାଳ ଡା.ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ସମୟରେ ଲୋହାର କହିଥିଲେ, ବନ୍ଧମୁଣ୍ଡା ଅଞ୍ଚଳର ଅନେକ ବସ୍ତିରେ ପାଣି ପାଇପଲାଇନ ଅଭାବରୁ ନୂତନ କନେକ୍ସନ ଦେବାରେ ବହୁତ ସମସ୍ୟା ହେଉଛି। ଏହାର ପରିଣାମ ସ୍ୱରୂପ ସ୍ଥାନୀୟ ଲୋକେ ଆବଶ୍ୟକ ପାଣି ପାଇବାରେ ଅସୁବିଧା ଭୋଗୁଛନ୍ତି। ଏହାସହିତ ୱାଟ୍‌କୋ ଦ୍ୱାରା ଜଳ ଯୋଗାଣ କାର୍ଯ୍ୟରେ ହେଉଥିବା ବାଧା ସମ୍ପର୍କରେ ମଧ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଏନ୍‌ଏଚ୍ ୩୨୦ଡି ସଡ଼କ ଓ ଡ୍ରେନେଜ ନିର୍ମାଣ କାର୍ଯ୍ୟର ଧୀର ଗତି ଏବଂ ଉଡୁଥିବା ଧୂଳି ସମସ୍ୟା ଉପରେ ମଧ୍ୟ ଚିନ୍ତା ବ୍ୟକ୍ତ କରିଛନ୍ତି। ଜିଲାପାଳ ସମସ୍ତ ସମସ୍ୟାକୁ ଗୁରୁତ୍ୱର ସହ ଶୁଣି ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ସମସ୍ୟାଗୁଡ଼ିର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପାନୀୟ ଜଳ ଯୋଗାଣ, ବିଶୋଧନ କେନ୍ଦ୍ର ପରିଦର୍ଶନ

### ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ କୁଆଁରମୁଣ୍ଡା ଗସ୍ତ

କୁଆଁରମୁଣ୍ଡା,୧୨।୪(ମହେନ୍ଦ୍ର କୁମାର ସାହୁ)

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ରବିବାର କୁଆଁରମୁଣ୍ଡା ଡେରି ଫାର୍ମ ନିକଟସ୍ଥ କୋଏଲ ନଦୀରେ ନବନିର୍ମିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ବିଶୋଧନ କେନ୍ଦ୍ର ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସେ କାର୍ଯ୍ୟରତ ଶ୍ରମିକଙ୍କ ସହ ସିଧାସଳଖ ସେମାନଙ୍କ ଭଲମନ୍ଦ କଥା ପଚାରି ବୁଝିଥିଲେ। ଏହି ସମୟରେ ଶ୍ରମିକମାନଙ୍କ ଲେବର କାର୍ଡ ନ ଥିବା ଜାଣି ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ଲେବର କାର୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ପାନୀୟ ଜଳ ଯୋଗାଣ ଓ ବିଶୋଧନ କେନ୍ଦ୍ର ନିର୍ମାଣରେ ଠିକା ନେଇଥିବା ସଂସ୍ଥା ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ସହ ମନ୍ତ୍ରୀ ନାଏକ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ପାଇପ ଫାଟି ଅଯଥା ପାନୀୟ ଜଳ ନଷ୍ଟ ହେଉଥିବା


କୁଆଁରମୁଣ୍ଡାରେ ନବ ନିର୍ମିତ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେନ୍ଦ୍ର ବୁଲି ଦେଖିବା ସମୟରେ ଅଧିକାରୀଙ୍କୁ ମନ୍ତ୍ରୀ ରବିନାରାୟଣ ନାଏକ ତାଗିଦ କରିଛନ୍ତି।

ନେଇ ସ୍ଥାନୀୟ ଲୋକେ ମନ୍ତ୍ରୀ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଶୁଣିବା ପରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଆସନ୍ତା ମାସରେ ମୁଁ ଏହି ପ୍ରକଳ୍ପର ଉଦ୍‌ଘାଟନ କରିବି ଓ ଏହା ପୂର୍ବରୁ ଯେପରି କୌଣସି ସ୍ଥାନରେ ପାଇପ ଫାଟିବା ଅଭିଯୋଗ ନ ଆସେ। ଯଦି ଆସେ ତେବେ ସେହି ସ୍ଥାନରେ ହିଁ ତୁମମାନଙ୍କୁ ସସ୍‌ପେଣ୍ଡ କରିବି ବୋଲି ମନ୍ତ୍ରୀ ନାଏକ ସେମାନଙ୍କୁ ଚେତେଇ ଦେଇଛନ୍ତି। ଏହା ପରେ ମନ୍ତ୍ରୀ ନାଏକ କୁଆଁରମୁଣ୍ଡାରୁ ରାଜଗାଙ୍ଗପୁର ଯାଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ସୁନ୍ଦରଗଡ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ଅଧିକାରୀ ଓ କର୍ମଚାରୀ, ଠିକା ସଂସ୍ଥା ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ କାଉନ୍‌ସିଲରଙ୍କ ଦେହାନ୍ତ

ବନ୍ଧମୁଣ୍ଡା,୧୨।୪(ସୁବ୍ରତ ଦେ)



ବନ୍ଧମୁଣ୍ଡାର ବରିଷ୍ଠ ସାମାଜିକକର୍ମୀ, ପୂର୍ବତନ କାଉନ୍‌ସିଲର ତଥା ରାଉରକେଲା ନଗର ପାଳିକାର ଉପାଧ୍ୟକ୍ଷ ନିରୋଧଚନ୍ଦ୍ର ରାଉତରାୟ(୯୬)ଙ୍କ ରବିବାର ସକାଳେ ତାଙ୍କ ବନ୍ଧମୁଣ୍ଡା ସ୍ଥିତ ବାସଭବନରେ ପରଲୋକ ଘଟିଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଏହି ଅବସରରେ ଏମ୍‌ପି ଜୁଏଲ ଓରାମ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟ ଫୋନ ଯୋଗେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିସହ ଅନ୍ୟାନ୍ୟ ରାଜନୈତିକ ଓ ସାମାଜିକ କର୍ମୀମାନେ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଗଭୀର ଶୋକ ପ୍ରକାଶ କରିଛନ୍ତି। ନିରୋଧଚନ୍ଦ୍ର ରାଉତରାୟ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅମୂଲ୍ୟ ଅବଦାନ ରଖିଥିଲେ। ସେ ବନ୍ଧମୁଣ୍ଡା କଲେଜ, ମଧୁସୂଦନ ସ୍କୁଲ ଏବଂ ବିଶ୍ରା କଲେଜର ସଂସ୍ଥାପକ ମଧ୍ୟ ଥିଲେ। ଅପରାହ୍ନ ପ୍ରାୟ ୨ଟାରେ ତାଙ୍କ ବାସଭବନରୁ ଶେଷଯାତ୍ରା ବେଦବ୍ୟାସ ଶ୍ମଶାନ ଘାଟକୁ ବାହାରିଥିଲା। ତାଙ୍କ ଜ୍ୟେଷ୍ଠପୁତ୍ର ସଞ୍ଜୀବ ରାଉତରାୟ ମୁଖାଗ୍ନି ଦେଇଥିଲେ।

## ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧା, ସମ୍ମାନ ଜାଗ୍ରତ ପାଇଁ ଆହ୍ୱାନ

### ମାଣିକେଶ୍ୱରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ

ହେମଗିର,୧୨।୪(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟଠାରେ ରବିବାର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ଅଧାପକ ନୂତନ ଖମାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଫକିର ମୋହନ ସିଂହ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜାଗ୍ରତ କରିବା ପାଇଁ ଜେନା ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ପ୍ରତିଭାସଂପନ୍ନ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ଓଡ଼ିଆ ଅଧାପକ ଡକ୍ଟର ତପସ୍ୱିନୀ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ରାଜନୀତି ବିଜ୍ଞାନର ଅଧାପିକା ଆରତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବିରକାଲଡିହି ପିଏମଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ


ମୁଖ୍ୟ ଅତିଥିଙ୍କୁ ନୃତ୍ୟ ମାଧ୍ୟମରେ ପାଛୋଟି ନିଆଯାଉଛି।

ବାଲିଶଙ୍କରା,୧୨।୪ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ବିରକାଲଡିହି ପଞ୍ଚାୟତ ବିରକାଲଡିହି ପିଏମଶ୍ରୀ ବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଟେଲଙ୍କ ସଭାପତିତ୍ୱରେ ଚାଲିଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଶିକ୍ଷା ଓ ଖେଳ କିପରି ଅଙ୍ଗାଅଙ୍ଗୀ ଭବେ ଜଡିତ ସେ ବିଷୟରେ ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ସଦର ଏଡିଡବ୍ଲ୍ୟୁଓ ବିବେକାନନ୍ଦ ମହାନ୍ତି, ସୁନ୍ଦରଗଡ଼ ଏଡିଡବ୍ଲ୍ୟୁଓ ସଦାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କଳାଚାନ୍ଦ ପଟେଲ, ଗ୍ରାମର ଗୌନ୍ତିଆ ଶିବ ଭୋଇ, ସରପଞ୍ଚ ସହଦେ ପ୍ରଧାନ, ଏସଏମସି ସଭାପତି ସୁଶୀଲ କିଶାନ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ ପଟେଲ ବାର୍ଷିକ ବିବରଣୀ ପଠନ ପୂର୍ବକ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସମସ୍ତଙ୍କ ସହଯୋଗରେ ସମ୍ଭବ ବୋଲି ମତ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ ପଟେଲ ବିଦ୍ୟାଳୟର ବିଭିନ୍ନ ଅସୁବିଧା ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଏ ସମସ୍ତ ସମସ୍ୟାର ସମାଧାନ ଖୁବ ଶୀଘ୍ର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଂଜୀବ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଜ୍ୟୋସ୍ନା ଚୌଧୁରୀ, ମିନାକୁମାରୀ ପଟେଲ, କୁଶ ସିଂହ, ଅନନ୍ତ ଖଡ଼ିଆ, ପ୍ରମୋଦ ବେହେରା, ବିଜୟିନୀ ସାଙ୍କ ସମେତ ଗ୍ରାମର ଯୁବକ ସଂଘ, ଏସଏମସି, ଏସଏଚଜି ସଭ୍ୟାସଭ୍ୟମାନେ ସହାୟତାର ହାତ ବଢାଇଥିଲେ। ଶେଷରେ ଜ୍ୟାମ୍ଭା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତଳସରା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୟୁରେକା ଦ ସେଲିବ୍ରେସନ୍ସ ଅଫ ଡିସ୍କଭରି ପାଳିତ

ବାଲିଶଙ୍କରା,୧୨।୪ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ତଳସରା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୟୁରେକା ଦ ସେଲିବ୍ରେସନ୍ସ ଅଫ ଡିସ୍କଭରି ପାଳିତ ହୋଇଯାଇଛି। ପ୍ରିନ୍ସପାଲ ବିଜୟ କିଷାନଙ୍କ ସଭାପତିତ୍ୱରେ ଚାଲିଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାନସଭା ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜର ରୁଚି ଓ ଯୋଗ୍ୟତା ଅନୁଯାୟୀ କାର୍ଯ୍ୟ କରିବାକୁ ପ୍ରେରଣା ପାଇଲେ ଅଧିକ ସଫଳ ହୋଇପାରିବେ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଲିଶଙ୍କରା ବିଡ଼ିଓ ଜ୍ୟୋର୍ତିମୟୀ ପ୍ରଧାନ, ତଳସରା ଥାନା ଅଧିକାରୀ ସୁବାସିନୀ ବାଗ, ବାଲିଶଙ୍କରା ତହସିଲଦାର କୁନ୍ତୀ ରାଣୀ ନାଏକ, ତଳସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ବଡ଼ଗାଁ ଓଏଭି ପ୍ରିନ୍ସପାଲ ପ୍ରଦୀପ ପ୍ରଧାନ, ଉଜ୍ଜ୍ୱଳପୁର ଓଏଭି ପ୍ରିନ୍ସପାଲ ନରୋତ୍ତମ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ପ୍ରିନ୍ସପାଲ ବିଜୟ କିଷାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀଛାତ୍ରମାନେ ନାଚ, ଗୀତ, ନାଟକ ପରିବେଷଣ କରି ସମସ୍ତଙ୍କୁ ଆକୃଷ୍ଟ କରିଥିଲେ। ଶିକ୍ଷକ ମୋହିତ କୁମାର ଭୋଇ ଓ ଶିକ୍ଷୟିତ୍ରୀ ପୂଜାରାଣୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ସହଯୋଗର ହାତ ବଢାଇଥିଲେ। ଶେଷରେ ପ୍ରିନ୍ସପାଲ ବିଜୟ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦକୁ ଆମନ୍ତ୍ରଣ କରୁଛି ବେଆଇନ ବିଦ୍ୟୁତ ତାର ବାଡ଼



ସୁନ୍ଦରଗଡ,୧୨।୪(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ସହର ଉପକଣ୍ଠ କିରେଇ ଗ୍ରାମ ନିକଟରେ ନବ ନିର୍ମିତ ମାହେଶ୍ୱରୀ କଲେଜ ସମ୍ମୁଖରେ ଥିବା ଏକ ଆମ୍ବ ବଗିଚା ଚାରିପାଖେ ଦିଆଯାଇଥିବା ବେଆଇନ ବିଦ୍ୟୁତ ତାରବାଡ ବିପଦକୁ ଆମନ୍ତ୍ରଣ କରୁଛି। ଏହି କଲେଜର ଅନେକ ଛାତ୍ରୀଛାତ୍ର ଓ ଅଭିଭାବକ ଏହି ବିଦ୍ୟୁତ ତାର ସସ୍ପର୍ଶରେ ଆସି ଆଘାତ ପାଉଛନ୍ତି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ପଚାରିବାରେ ଏହା କଲେଜର ବଗିଚା ନୁହେଁ ଓ ଏହା ଅନ୍ୟ ଜଣଙ୍କ ବଗିଚା ରହିଛି ବୋଲି କହିଛନ୍ତି। ଏଦିଗରେ ବିଦ୍ୟୁତ ଓ ପୋଲିସ ବିଭାଗ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀ କପ ଫୁଟବଲ ପ୍ରତିଯୋଗିତାର ତୃତୀୟ ଦିନରେ ୬ ମ୍ୟାଚ ଅନୁଷ୍ଠିତ

ସୁନ୍ଦରଗଡ,୧୨।୪
( ଜୟ ନାରାୟଣ ମେଣ୍ଢୁଳି)

ଜିଲା କ୍ରିଡା ସଂସଦ ଷ୍ଟାଡିୟମରେ ଚାଲିଥିବା ମୁଖ୍ୟମନ୍ତ୍ରୀ କପ ଫୁଟବଲ ପ୍ରତିଯୋଗିତାର ରବିବାର ତୃତୀୟ ଦିବସରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବାଳିକା ବିଭାଗରେ ନବଜୀବନ କ୍ଲବ ଏବଂ ଯୁବ ଜ୍ୟୋତି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନବଜୀବନ କ୍ଲବ ୧-୦ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସେଣ୍ଟ ମେରୀ ଗାର୍ଲସ ହାଇସ୍କୁଲ ଓ ସଂଘର୍ଷ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ କରି ସମାନ ସ୍ଥିତିରେ ରହିଛନ୍ତି। ତୃତୀୟ ମ୍ୟାଚ ବାଳକ ବିଭାଗରେ ଟାଉନ କ୍ଲବ ଯୁବଜ୍ୟୋତି କ୍ଲବକୁ ହରାଇ ୪-୦ଗୋଲରେ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚରେ ସଂଘର୍ଷ କ୍ଲବ ନବଜୀବନ କ୍ଲବକୁ ୧-୦ ଗୋଲରେ ହରାଇ ବିଜୟୀ ହୋଇଛି। ସେହିପରି ପଞ୍ଚମ ମ୍ୟାଚ ବିଜିଆର ଏଲ କ୍ଲବ ଓ ଏସଡିବିଏଲ କିଞ୍ଜିରିମା ମଧ୍ୟରେ ହୋଇଥିଲା। ଏଥିରେ କିଞ୍ଜିରିମା ଦଳ ୬-୦ ଗୋଲରେ ବିଜୟୀ ହୋଇଛି। ଷଷ୍ଠ ମ୍ୟାଚ କୁଣ୍ଡୁକେଲା ଆଥଲେଟି ଆସୋସିଏଶନ ଓ ଗାଙ୍ଗପୁର ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଗାଙ୍ଗପୁର ଫୁଟବଲ କ୍ଲବ୧-୦ ଗୋଲରେ ବିଜୟୀ ହୋଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଏମଡି ସଫରତ, ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ, ରାଜେଶ କିସାନ, ଡିଲେଶ୍ୱର କିସାନ, ହିତେଶ୍ୱର କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ବରପୁତ୍ରଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୁଅ

### ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୧୨।୪(ଜୟ ନାରାୟଣ ମେଣ୍ଢୁଳି)

ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର ସ୍ଥାନୀୟ ସଦ୍‌ଭାବନା ଭବନ ଠାରେ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲା ତଥା ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ଏବଂ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଲୋଚକ ଅଧାପିକା ପ୍ରଣତୀ ବେହେରା, ବରିଷ୍ଠ ସାହିତ୍ୟିକ ଗୋପ କୃଷ୍ଣ ନାୟକ, ଅଧାପିକା ସୁସ୍ମିତା ଭୋଇ, ଗାଳ୍ପିକ ଶିବାଶିଷ ପାଢ଼ୀ, ଶିକ୍ଷକ ଗଣେଶ ତ୍ରିପାଠୀ ଯୋଗଦେଇ ବରପୁତ୍ରମାନଙ୍କ ଜୀବନ ଦର୍ଶନ, ଅବଦାନ ଏବଂ ଉପଲବ୍ଧି ଉପରେ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧାପିକା ବେହେରା ଜିଲାର ବିଶିଷ୍ଟ କବି ବିନୋଦ ଚନ୍ଦ୍ର ନାଏକଙ୍କ ଜୀବନୀ ଏବଂ ତାଙ୍କ ଲେଖନୀ ଉପରେ ଆଲୋଚନା


କାର୍ଯ୍ୟକ୍ରମରେ ଉପସ୍ଥିତ କବୟିତ୍ରୀ, କବି ତଥା ସାହିତ୍ୟିକା

କରିବା ସହିତ ସମସ୍ତେ ସେହି ବରପୁତ୍ରଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ବିକାଶ ଦିଗରେ ଆଗଭର ହେବାକୁ ଉତ୍ସାହିତ କରିଥିଲେ। ସେହିଭଳି ଶିକ୍ଷାବିତ ତଥା ସାହିତ୍ୟିକ ଗଣେଶ ତ୍ରିପାଠୀ ସୁନ୍ଦରଗଡ଼ କବି କ୍ଷେତ୍ରବର ନାଏକଙ୍କ ଉପରେ ଆଲୋଚନା କରି ତାଙ୍କ ଲେଖନୀ ଉପରେ ଆଲୋକପାତ କରିଥିଲେ। ସେହିଭଳି ଶିକ୍ଷାବିତ ତଥା ଗାଳ୍ପିକ ଶିବାଶିଷ ପାଢ଼ୀ ଗବେଷକ ଶିଶିର କୁମାର ନାଏକଙ୍କ ଉପରେ ଆଲୋଚନା କରିଥିଲେ। ସେହିଭଳି ଲେଖିକା ତଥା ଅଧାପିକା ସୁସ୍ମିତା ଭୋଇ ଐତିହାସିକ ମୁକ୍ତେଶ୍ୱର ପଟେଲଙ୍କ ଉପରେ ଏବଂ ସାହିତ୍ୟିକ ଗୋପକୃଷ୍ଣ ନାୟକ ନାଟ୍ୟକାର ଚୂଡ଼ାମଣି ନାଏକଙ୍କ ଉପରେ ଆଲୋଚନା କରିଥିଲେ। ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋଚକମାନେ ସମସ୍ତ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ଏବଂ ବରପୁତ୍ରମାନଙ୍କର ନିଜ ମା, ମାଟି ପ୍ରତି ଥିବା ବଳିଷ୍ଠ ଅବଦାନ ଉପରେ ଆଲୋକପାତ କରିଥିଲେ। ସେହି ବରପୁତ୍ର ମାନଙ୍କ ପ୍ରତି ଆମେ ସର୍ବଦା ଗର୍ବିତ ଏବଂ ଆଜିର ଯୁବପିଢ଼ି ମଧ୍ୟ ସେହି ବରପୁତ୍ର ମାନଙ୍କ ପ୍ରେରଣାଦାୟକ ପଥ ଅନୁସରଣ କରି ନିଜ ମାଟିକୁ ସଦା ଗର୍ବିତ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ କବି ଅଶୋକ ରାଉତଙ୍କ ସଂଯୋଜନାରେ ଜିଲାର ଲେଖିକା, ଲେଖକ, କବି, କବୟିତ୍ରଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ଏହି କବିତା ପାଠୋତ୍ସବରେ ଜିଲାର ବହୁ ସଂଖ୍ୟାରେ କବିମାନେ ଅଂଶ ଗ୍ରହଣ କରି ସ୍ୱରଚିତ ତଥା ବିଶିଷ୍ଟ କବିମାନଙ୍କ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ଲେଖକ ବିବିଧ ବିଶ୍ୱ ସଂଯୋଜନା କରିଥିଲେ। ଏଥିରେ ସମାଜସେବୀ ଶୁଭଶ୍ରୀ ରାୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**୧୩ ଅଭିଯୋଗ ଶୁଣିଲେ ବିଧାୟକ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ବିଜେଡି କାର୍ଯ୍ୟାଳୟରେ ରବିବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ୧୩ଟି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ରାସ୍ତା, ପାନୀୟଜଳ, ମନ୍ଦିର ଏବଂ ମଣ୍ଡପ ଗୃହ ନିର୍ମାଣ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ ବିଶ୍ୱାଳ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ‘ମାନବ ଜୀବନର ପ୍ରକୃତ ମାର୍ଗଦର୍ଶକ ଉପନିଷଦ’

**ଝାରସୁଗୁଡ଼ା,୧୨।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ପଡ଼ିଆଠାରେ ଉପନିଷଦ ଜ୍ଞାନମୃତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସନାତନ ଧର୍ମରେ ବେଦର ସ୍ଥାନ ସର୍ବୋଚ୍ଚ ହୋଇଥିବାବେଳେ ଉପନିଷଦକୁ ବୈଦିକ ଜ୍ଞାନର ଶିଖର ବୋଲି ବିବେଚନା କରାଯାଏ। ଏହି କାଳଜୟୀ ଜ୍ଞାନକୁ ଜନମାନସରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜଗଦ୍‌ଗୁରୁ ଶ୍ରୀ କୃପାଳୁ ଜୀ ମହାରାଜଙ୍କ ପ୍ରମୁଖ ପ୍ରଚାରିକା ରାସେଶ୍ୱରୀ ଦେବୀଙ୍କ ଦ୍ୱାରା ଉପନିଷଦ ଜ୍ଞାନାମୃତ ଶୀର୍ଷକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାସେଶ୍ୱରୀ କହିଛନ୍ତି, ଉପନିଷଦ କେବଳ ଏକ ଧର୍ମଗ୍ରନ୍ଥ ନୁହେଁ, ବରଂ ଏହା ମାନବ ଜୀବନର ପ୍ରକୃତ ମାର୍ଗଦର୍ଶକ। ଏହି କାର୍ଯ୍ୟକ୍ରମରେ ସଞ୍ଜୟ ସାରାଉଗୀ, ବାଳଗୋବିନ୍ଦ ମିଶ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ରଖିବାକୁ ପରାମର୍ଶ

**ଝାରସୁଗୁଡ଼ା,୧୨।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ଅଡିଟୋରିୟମ କକ୍ଷଠାରେ ଅଣକ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ଚାଲିଥିବା ୨ ଦିନିଆ ଇଣ୍ଡକ୍ସନ ଏବଂ ରିଫ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ପ୍ରସିକ୍ୟୁସନ ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନ୍‌ଗୋ ଆଭାସୀ ମାଧ୍ୟମରେ ଭୁବନେଶ୍ୱରରୁ ଯୋଗଦେଇ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିବା ସହ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଓ ଦୌରାଜଜ୍ ପ୍ରଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଯୋଗଦେଇଥିଲେ। ଝାରସୁଗୁଡ଼ା ପ୍ରସିକ୍ୟୁସନ ବିଭାଗର ଡେପୁଟି ଡାଇରେକ୍ଟର ବୃନ୍ଦାବନ ନାୟକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଏବଂ ଆସିଷ୍ଟାଣ୍ଟ ଡାଇରେକ୍ଟର ଉଷାରାଣୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ କହିଥିଲେ, ଆଇନ୍‌ର ସଠିକ୍ କାର୍ଯ୍ୟକାରିତା ପାଇଁ ପ୍ରସିକ୍ୟୁଟରମାନେ ନୂତନ ନିୟମାବଳୀ ସହ ପରିଚିତ ହେବା ଏକାନ୍ତ ଆବଶ୍ୟକ। ଏହି ଅବସରରେ ଅତିରିକ୍ତ ଜିଲାପାଳ ପ୍ରଶିକ୍ଷାର୍ଥୀ ପ୍ରସିକ୍ୟୁଟରମାନଙ୍କୁ ନୂତନ ଆପରାଧିକ ଆଇନ ପୁସ୍ତିକା ବଣ୍ଟନ କରିଥିଲେ। ଆଡ୍‌ଭୋକେଟ୍ ରଞ୍ଜନ କୁମାର ସାହୁ ଯୋଗଦେଇ କୋର୍ଟ ରୁମ୍ ଆଡ୍‌ଭୋକେସି କୌଶଳ ଓ ନୂତନ ଆପରାଧିକ ଆଇନ ବ୍ୟବସ୍ଥାରେ ବିଚାର ପରିଚାଳନା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅଧୀନରେ ପ୍ରସିକ୍ୟୁଟରମାନଙ୍କ ଭୂମିକା ଉପରେ ସିଭିଲ ଜଜ୍ (ସିନିୟର ଡିଭିଜନ) ଡ. ସନ୍ଧ୍ୟା ରଥ ପ୍ରଶିକ୍ଷଣ ଦେଇଥିଲେ। କୋର୍ଟ ରୁମ୍ ଆଡ୍‌ଭୋକେସି କୌଶଳ, ବୈଜ୍ଞାନିକ ପ୍ରମାଣର ଗୁରୁତ୍ୱ ଏବଂ ନୂତନ ଆଇନରେ ଜାମିନ ଓ ପୀଡ଼ିତଙ୍କ ଅଧିକାର

**ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ବିଷୟରେ ଆଲୋଚନା କରାଯାଇଥିଲା। ସମ୍ବଲପୁର ଡିଏଫ୍‌ଏସ୍‌ଏଲ୍‌ର ଅଧିକାରୀ ବିଜୟଲକ୍ଷ୍ମୀ ତିର୍କୀ ଏବଂ ପୂର୍ବତନ ଡେପୁଟି ଡାଇରେକ୍ଟର ରାଜକୁମାର ଅଗ୍ରୱାଲ ଯୋଗଦେଇଥିଲେ। ଶେଷରେ ପ୍ରତିଭାଗୀମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ସେମାନଙ୍କର ପ୍ରଶ୍ନର ଉତ୍ତର ଦିଆଯାଇଥିଲା। ଜିଲାର କ୍ୟାଡ୍‌ର ପବ୍ଲିକ୍ ପ୍ରସିକ୍ୟୁଟର ଏବଂ କ୍ୟାଡ୍‌ର ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟରମାନେ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଶିବିର ଆୟୋଜନ ଦ୍ୱାରା ଝାରସୁଗୁଡ଼ା ଜିଲାର ଅଣକ୍ୟାଡର ପ୍ରସିକ୍ୟୁଟରମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

# ବେଆଇନ ପାଉଁଶ ଡମ୍ପିଂକୁ ବିରୋଧ



ବେଆଇନ ଭାବେ ମାଟି ଖୋଳାଯାଇ ପାଉଁଶ ଡମ୍ପିଂ କରାଯାଇଛି।

**ବେଲପାହାଡ଼,୧୨।୪(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ପିପିଲିମାଲ ଗ୍ରାମର ଏକ ଜମିରେ ବେଆଇନ ଭାବରେ ପାଉଁଶ ଡମ୍ପିଂକୁ ଗ୍ରାମବାସୀ ଶନିବାର ବିରୋଧ କରିଛନ୍ତି। ଉକ୍ତ ଜମିରୁ ପ୍ରଥମେ ବେଆଇନ ଭାବରେ ମାଟି ଖନନ କରି ସ୍ଥାନାନ୍ତର କରାଯାଇଥିଲା। ପରେ ସେହି ସ୍ଥାନରେ ବେଆଇନ ଭାବରେ ପାଉଁଶ ଡମ୍ପିଂ କରାଯାଇଛି। ଉକ୍ତ ସ୍ଥାନଠାରୁ ଅଳ୍ପ ଦୂରରେ ସ୍କୁଲ ଏବଂ ଜନବସତି ରହିଛି। ଫଳରେ ଏହି ପାଉଁଶ ଦ୍ୱାରା ଗ୍ରାମ ପ୍ରଦୂଷିତ ହେବା ସହ ଗ୍ରାମବାସୀ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର ରୋଗର ଶିକାର ହେବେ। ତେଣୁ ଏହି ବର୍ଜ୍ୟ ପାଉଁଶକୁ ତୁରନ୍ତ ସ୍ଥାନାନ୍ତର କରାଯାଉ ବୋଲି ଗ୍ରାମବାସୀ ଦାବିକରି ବେଲପାହାଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ୧୦ ଦିନ ମଧ୍ୟରେ ପାଉଁଶ ସେଠାରୁ ଉଠାଯିବ ବୋଲି ପାଉଁଶ ପକାଇଥିବା ଦୁର୍ବୃତ୍ତମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏହି ଜମିରୁ ଯେଉଁ ମାଟି ଖନନ ହୋଇଛି ସେନେଇ ଖଣି ବିଭାଗର ଅନୁମତି ମିଳିଛି ନା ନାହିଁ ସେ ସମ୍ପର୍କରେ ଜଣାପଡିନାହିଁ। ତେଣୁ ବେଆଇନ ମାଟି ଖନନ କାର୍ଯ୍ୟର ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଜିଲା ଖଣି ଅଧିକାରୀ ଚୂଡ଼ାମଣି ବିଶ୍ୱାଳ କହିଛନ୍ତି, ଘଟଣାସ୍ଥଳକୁ ଯାଇ ତଦନ୍ତ କଲା ପରେ ପ୍ରକୃତ ତଥ୍ୟ ଜଣାପଡିବ।

### ବାମଣ୍ଡା ଶୌଣ୍ଡିକ ସମାଜର ବାର୍ଷିକ ସମ୍ମିଳନୀ

**ଦେବଗଡ଼,୧୨।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ରଜାମୁଣ୍ଡାସ୍ଥିତ କଲ୍ୟାଣ ମଣ୍ଡପଠାରେ ବାମଣ୍ଡା ଶୌଣ୍ଡିକ (ଶୁଣ୍ଡି) ସମାଜର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ଶୌଣ୍ଡିକ ସମାଜର ସଭାପତି ଲଳିତ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଜ୍ୟ ନିଖିଳ ଉତ୍କଳ ଶୁଣ୍ଡି ସମାଜର ସଭାପତି ବିକ୍ରମ କେଶରୀ ସାହୁ, ମୁଖ୍ୟ ଉପଦେଷ୍ଟା କୋଦଣ୍ଡଧର ଚୌଧୁରୀ, ସମ୍ପାଦକ ପ୍ରଭାତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ପୃଥୀରାଜ ବେହେରା, ମୁଖ୍ୟବକ୍ତା ଭାବେ ଶାନ୍ତନୁ କୁମାର ସାହୁ ଯୋଗଦେଇଥିଲେ। ସଭାରେ ସମ୍ପାଦକ ନେତ୍ରାନନ୍ଦ ସାହୁଙ୍କ ସମେତ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ଅନୁଗୋଳ ଜିଲାର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ପରାଶର ସାହୁ ଓ ନିର୍ମଳ ଚରଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲାର ସମସ୍ତ ପ୍ରାନ୍ତରୁ ପ୍ରାୟ ୫୦୦ ସଭାସଭ୍ୟ ଅଂଶଗ୍ରହଣ କରିଥିଲେ।

# ସଶକ୍ତ ଓଡ଼ିଶା ଗଠନ ପାଇଁ ଶପଥଗ୍ରହଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଝାରସୁଗୁଡ଼ା,୧୨।୪(ଆଶିଷ ରଞ୍ଜନ ଦାଶ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ରବିବାର ଜିଲା ସଂସ୍କୃତି ଭବନ ପରିସରରେ ‘ବନ୍ଦନୀୟ ବରପୁତ୍ର’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ତଥା ଜିଲା ସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା, ଲକ୍ଷ୍ମୀ ନାରାୟଣ କଲେଜର ପୂର୍ବତନ ଅଧ୍ୟାପକ

**‘ବନ୍ଦନୀୟ ବରପୁତ୍ର’ କାର୍ଯ୍ୟକ୍ରମ**

ରୋହିତ କୁମାର ପଟେଲ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଡ. ଶିବପ୍ରିୟା ମିଶ୍ର, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସୁରଙ୍ଗ ପଧାନ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଯୋଗଦେଇଥିଲେ। ଏଥିରେ ପୂର୍ବଜଙ୍କ ବୀରଗାଥା ଓ ତ୍ୟାଗକୁ ମନେ ପକାଯିବା ସହ ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ଶପଥ ଗ୍ରହଣ କରାଯାଇଛି। ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସକୁ ଜିଲାରେ ବନ୍ଦନୀୟ ବରପୁତ୍ର ଦିବସ ଭାବେ ପାଳନ କରାଯାଉଛି। ଓଡ଼ିଶାର ଭାଷା ଏବଂ ସଂସ୍କୃତିର ଗୌରବମୟ ପରିଚୟ ପାଇଁ ନିଜକୁ ଉତ୍ସର୍ଗ କରିଥିବା ମନୀଷୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେମାନଙ୍କ ଅତୁଳନୀୟ ସାହସ ଓ ନିଷ୍ଠା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଅନେକ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ।

### ହନୁମାନ ଜୟନ୍ତୀ ଉପଲକ୍ଷେ ବୁଢ଼ାରଜା ପାହାଡ଼ରେ ଶସ୍ତ୍ରପୂଜା

**ସମ୍ବଲପୁର,୧୨।୪(ବି.ଶଙ୍କର)**

ହନୁମାନ ଜୟନ୍ତୀ ଉପଲକ୍ଷେ ସମ୍ବଲପୁର ସହର ସ୍ଥିତ ବୁଢ଼ାରଜା ପାହାଡ ଶୀର୍ଷସ୍ଥ ମହାଦେବ ମନ୍ଦିର ପରିସରରେ ରବିବାର ସ୍ୱତନ୍ତ୍ର ଶସ୍ତ୍ର ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଡାକ୍ତର ପ୍ରଭାସ ଦେବତାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୧୨ଟା୩୦ରେ ସମ୍ପନ୍ନ ହୋଇଥିଲା । କର୍ତ୍ତାଭାବେ ଡା. ପ୍ରଜ୍ଞାପରିମିତ ପଣ୍ଡା ଓ ଡାକ୍ତର ଦେବତା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟକୁ ପୂଜକ ସୁରେନ୍ଦ୍ର ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ବୁଢ଼ାରଜା ମନ୍ଦିରର ପୂଜକ ରାଜା ସିଂ ଏବଂ ସାମାଜିକ କର୍ମୀ ନରେଶ ବର୍ମା ସହଯୋଗ କରିଥିଲେ । ଶ୍ରୀହନୁମାନ ଶକ୍ତିର ପ୍ରତୀକ ହୋଇଥିବା ବେଳେ ହିନ୍ଦୁର ଧର୍ମରେ ଶାସ୍ତ୍ର ସହିତ ଶସ୍ତ୍ରର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ଡା. ଦେବତା କହିଛନ୍ତି । ଏହି ଶସ୍ତ୍ର ପୂଜନ କାର୍ଯ୍ୟକ୍ରମରେ ସ୍ୱତଃପ୍ରବୃତ୍ତ ଭାବେ ଶ୍ରଦ୍ଧାଳୁମାନେ ନିଜେ ଅସ୍ତ୍ର ଆଣି ପୂଜା କରାଇଛନ୍ତି । ଏହି ପୂଜିତ ଶସ୍ତ୍ରଗୁଡ଼ିକୁ ଶ୍ରଦ୍ଧାଳୁମାନେ ନିଜ ଇଚ୍ଛାନୁଯାୟୀ ବିଭିନ୍ନ ମନ୍ଦିର ଗୁଡ଼ିକରେ ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଚଳିତ ବର୍ଷ ଆରମ୍ଭ ହୋଇଥିବା ବେଳେ ପ୍ରତିବର୍ଷ ହନୁମାନ ଜୟନ୍ତୀ ଅବସରରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଡା. ଦେବତା କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ଅନୁପ ବହୁଗୁଣା, ଅଶୋକ ତ୍ରିପାଠୀ, ପ୍ରଦୀପ ସାହୁଙ୍କ ସହିତ ଆଖପାଖ ଅଞ୍ଚଳର ଶତାଧିକ ଯୁବକମାନେ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ରାଜ୍ୟ ମହିଳା କମିଶନ ସଦସ୍ୟ ମୁକ୍ତା ସାହୁ, ପୂର୍ବତନ ଜିଲା ଭାଜପା ସଭାପତି ଗିରିଶ ପଟେଲ, ସବିତା ନନ୍ଦ, ଗୋବିନ୍ଦ ଅଗ୍ରୱାଲ, ସୁଧିର ପୂଜାରୀ, ସୁଧିର ବହିଦାର, ଡ. ପ୍ରମୋଦ ରଥ, ବୁଲୁ ବିଶ୍ୱାଳ, ରୁନୁ ପ୍ରଧାନ, ଅନ୍ନପୂର୍ଣ୍ଣା ବାରିକଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।

# ସୀମାନ୍ତରେ ଜୈନ ମୁନିଙ୍କୁ ସ୍ୱାଗତ



ଜୈନ ମୁନିଙ୍କୁ ସ୍ୱାଗତ କରି ନିଆଯାଉଛି।

**ଲଖନପୁର,୧୨।୪(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୀମାନ୍ତ କନକତୋରା ଜିରୋ ପଏଣ୍ଟରେ ଜୈନ ଧର୍ମର ମୁନି ଶ୍ରୁୟସ ସାଗର, କୌଶଲ ସାଗରଙ୍କୁ ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ବାସ କରୁଥିବା ଜୈନ ଧର୍ମାବଲମ୍ବୀମାନେ ସ୍ୱାଗତ କରିଛନ୍ତି। ସୂଚନା ଅନୁଯାୟୀ, ଏହି ମୁନି ଦ୍ୱୟ ସୁଦୂର ରାୟପୁରରୁ ଚାଲି ଚାଲି ଦୀର୍ଘ ରାସ୍ତା ଅତିକ୍ରମ କରି ରବିବାର ସକାଳ ୯ଟାରେ ଓଡ଼ିଶା ସୀମାରେ ପ୍ରବେଶ କରିଥିଲେ। ସୀମାନ୍ତରେ ଜୈନ ଧର୍ମାବଲମ୍ବୀଙ୍କ ସମେତ ଶତାଧିକ ଅଞ୍ଚଳବାସୀ ସ୍ଥାନୀୟ ଲୁହାବଗା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସହିତ ସେମାନଙ୍କୁ ସ୍ୱାଗତ କରି କନକତୋରା ଡିପାପଡ଼ା ପର୍ଯ୍ୟନ୍ତ ଭକ୍ତିମୟ ପରିବେଶ ମଧ୍ୟରେ ପାଛୋଟି ଆଣିଥିଲେ। ମୁନି ଦ୍ୱୟଙ୍କ ପଦଯାତ୍ରା ସୁନ୍ଦରଗଡ଼ ଜିଲା ରାଉରକେଲା ପର୍ଯ୍ୟନ୍ତ ଯିବାର ସୂଚନା ମିଳିଛି। ଝାରସୁଗୁଡ଼ା ଜିଲାର ଜାତୀୟ ରାଜପଥ କଡ଼ରେ ଥିବା ବିଭିନ୍ନ ସ୍ଥାନରେ ରାତ୍ରି ରହଣି ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### କଣ୍ଠଶିଳ୍ପୀ ନେତ୍ରାନନ୍ଦ ମହାକୁର ସମ୍ମାନିତ

**ଦେବଗଡ଼,୧୨।୪(ଶଶାଙ୍କ ଶେଖର ଝାଙ୍କର)**

ଭୁବନେଶ୍ୱର ସୂଚନା ଭବନଠାରେ ଶନିବାର ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ ‘ସ୍ୱରାଞ୍ଜଳି’ର ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଆକାଶବାଣୀର ବରିଷ୍ଠ ଗୀତିକାର ବସନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ସୁବଳ ରାଉତରାୟ, ବରିଷ୍ଠ ଗୀତିକାର ଭଗବାନ ସାମଲ,ବିଦ୍ୟୁତ୍‌ଲତା ଭୂୟାଁ, ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ଗୋଚ୍ଛାୟତ ଯୋଗଦେଇଥିଲେ। ଏହି ଅବସରରେ ଦେବଗଡ଼ ସହରର ଜଣାଶୁଣା ସୁନାମଧନ୍ୟ କଣ୍ଠଶିଳ୍ପୀ ନେତ୍ରାନନ୍ଦ ମହାକୁରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବଛାବଛା କଣ୍ଠଶିଳ୍ପୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଆରଭୀ ଶତପଥୀ ଓ ଗୁଲଶନ ନଦିମ କାର୍ଯ୍ୟକ୍ରମକୁଉପସ୍ଥାପନା କରିଥିଲେ। ଏହି ଅବସରରେ ଲେଖକ ମହେଶ୍ୱର ମହଲଙ୍କ ଦ୍ୱାରା ଲିଖିତ ପୁସ୍ତକ (ହି ୟୁ ଆଣ୍ଡ ମି)କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଓଡ଼ିଶାର ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନା





କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

**ଦେବଗଡ଼,୧୨।୪(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବନ୍ଦନୀୟ ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ

**‘ବନ୍ଦନୀୟ ବରପୁତ୍ର’ଙ୍କ ଉପରେ ଆଲୋଚନାଚକ୍ର**

ଅତିଥି ଭାବେ ଉପଜିଲାପାଳ ପରକ୍ଷିତ ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ ଭୋଜ ଯୋଗଦେଇ ଓଡ଼ିଆ ଭାଷା ଗଠନରେ ଓଡ଼ିଶାର ବରପୁତ୍ରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଏଥିରେ ଜିଲାର କବୟିତ୍ରୀ, କବି, ଲେଖିକା, ଲେଖକମାନେ ଯୋଗଦେଇ ଓଡ଼ିଶାର ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ବୈଠକ, ସଚେତନତା କାର୍ଯ୍ୟକ୍ରମ





ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼,୧୨।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ରବିବାର ବରିଷ୍ଠ ନାଗରିକଙ୍କ ପାଇଁ ବ୍ଲକ୍‌ସ୍ତରୀୟ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅନିଲ ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ଡ. ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ ଗୌରହରୀ ଷଡ଼ଙ୍ଗୀ, ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପଞ୍ଚାନନ ସାହୁ ଯୋଗଦେଇଥିଲେ। ଏଥିରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଯୋଗଦେଇ ସେମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ଏମ୍‌ଜେଓ୍ୱାଇସି ବିଜୟୀ

**ଝାରସୁଗୁଡ଼ା,୧୨।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ଦ୍ୱିତୀୟ ଓଏସ୍‌ଏପି ମିନି ଷ୍ଟାଡିୟମରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ବେହେରାପାଟ ଏମ୍‌ଜେଓ୍ୱାଇସି ଏବଂ କିର୍ମିରା ଏଫ୍‌ସି ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବେହେରାପାଟ ଟିମ୍ ୬-୦ ଗୋଲ୍‌ରେ ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ପୌର ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗଣେଶ ନାଏକ, ତାପସ ରାୟ ଚୌଧୁରୀ, ବିଜୟ ବେହେରା, ଭଗବାନ ଡିଲା, ବିଜୟ ବକ୍ସି, ବାଜୁ ପଟ୍ଟନାୟକ, ସୁଶାନ୍ତ ମାଲି, ବିଷ୍ଣୁ ନାଏକ, ସଞ୍ଜୟ ଦାସ, ସାଗର ଥାପା, ଟିକାରାମ ଥାପା, ସଞ୍ଜୟ ରାୟ ଯୋଗଦେଇଥିଲେ। ରେଫରି ଶରତ ଚନ୍ଦ୍ର କିଷାନ, ସଞ୍ଜୟ କିଷାନ, ଅମିତ୍ ବାଗ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ କେ. ଜଗନ୍ନାଥ ରାଓ କାର୍ଯ୍ୟ ସମ୍ପାଦନ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି, ରେଫରିଙ୍କ ଗହଣରେ ଖେଳାଳି।

# ବେଆଇନ ଗୋଚାଲାଣ: ୪୦ ଉଦ୍ଧାର, ୫ ମୃତ

**ଝାରସୁଗୁଡ଼ା,୧୨।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ଥାନା ଅଧୀନ ଏଚ୍. କଣ୍ଟାପାଲି ନିକଟ ଜାତୀୟ ରାଜପଥରେ ରବିବାର ଭୋର ସମୟରେ ଗୋରୁବୋଝେଇ ଏକ ଟ୍ରକ୍ ଜବତ କରାଯାଇଛି। ସେଥିରେ ୪୦ଟି ଗୋରୁ ଥିବା ଜଣାପଡିଛି। ସେଥିମଧ୍ୟରୁ ୫ଟି ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ୩୫ଟି ଉଦ୍ଧାର କରାଯାଇ ନିକଟସ୍ଥ ଗୋଶାଳାରେ ଛଡ଼ାଯାଇଛି। ଝାରସୁଗୁଡ଼ା ବଜରଙ୍ଗ ଦଳ ସଭାପତି ରବି ଗିଦ୍ୱାନୀଙ୍କ ସୂଚନା ଅନୁଯାୟୀ, ଛତିଶଗଡ଼ ଅଞ୍ଚଳରୁ ୪୦ଟି ଗୋରୁଙ୍କୁ ନେଇ ଏକ ଟ୍ରକ୍(ନଂ. ଓଡି୧୬ଜି -୫୧୯୨) ଝାରସୁଗୁଡ଼ା ଅଭିମୁଖେ ଆସୁଥିଲା। ଏ ସମ୍ପର୍କରେ ସ୍ଥାନୀୟ ବଜରଙ୍ଗ



ଜବତ ଗୋରୁ ବୋଝେଇ ଟ୍ରକ୍।

ଦଳର ସଦସ୍ୟମାନେ ଖବରପାଇ ଉକ୍ତ ଟ୍ରକ୍‌କୁ ଲଖନପୁର, ଗୋବିନ୍ଦପୁର ଟୋଲ୍‌ଗେଟ୍ ଏବଂ ବ୍ରଜରାଜନଗରସ୍ଥିତ ଗାନ୍ଧୀ ଛକ ନିକଟରେ ଅଟକାଇବାକୁ ପ୍ରୟାସ କରିଥିଲେ। ହେଲେ ଚାଳକ ଦ୍ରୁତଗତିରେ ଟ୍ରକ୍‌କୁ ନେଇ ଏଚ୍. କଣ୍ଟାପାଲିଠାରେ ରଖି ଦେଇ ଫେରାର ହୋଇଯାଇଥିଲେ। ତୁରନ୍ତ ବଜରଙ୍ଗ ଦଳ କର୍ମୀ ଏବଂ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତ ଘଟଣାସ୍ଥଳରେ ଉକ୍ତ ଟ୍ରକ୍‌ରୁ ଗୋରୁମାନଙ୍କୁ ଉଦ୍ଧାର କରିଥିଲେ। ହେଲେ ସେଥିମଧ୍ୟରୁ ୫ଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ବେଆଇନ ଗୋଚାଲାଣ ରୋକିବା ପାଇଁ ଝାରସୁଗୁଡ଼ା ପୋଲିସ ତତ୍ପରତା ପ୍ରକାଶ କରିବାକୁ ଜିଲାବାସୀ ଦାବି କରିଛନ୍ତି।



ବିଏସ୍ଇ ସେନ୍ସେକ୍ସ
୭୭, ୫୫୦(+୯୧୮)



୧ ଡଲାର = ୯୩.୦୯ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୯୫.୨୦ ଡଲାର

# ସର୍ବୋଚ୍ଚ ସ୍ତର ଛୁଇଁପାରେ ତୈଳ ଦର



**ନୂଆଦିଲ୍ଲୀ, ୧୨।୪**

ଆମେରିକା ଏବଂ ଇରାନ୍ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ଏବେ ତୈଳ ଯୋଗାଣ ଶୃଙ୍ଖଳକୁ ନେଇ ବୈଶ୍ୱିକ ସ୍ତରରେ ଚିନ୍ତା ବଢ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ନିଜ ନୌସେନାକୁ ନିର୍ଦ୍ଦେଶ ଦେଇ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଜାହାଜ ଚଳାଚଳ କ୍ଷେତ୍ରକୁ ନିୟନ୍ତ୍ରଣକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଇରାନୀୟ ତୈଳବାହୀ ଜାହାଜଗୁଡିକୁ ବନ୍ଦ କରିବା ସହ ଇରାନ୍ର ପ୍ରମୁଖ ତୈଳ ଉତ୍ପାଦନ ପ୍ଲାଣ୍ଟ ଉପରେ ତୁରନ୍ତ ଆକ୍ରମଣ କରିବାକୁ କହିଛନ୍ତି। ସେପଟେ ୬୦୦ରୁ ଅଧିକ ତୈଳବାହୀ ଜାହାଜ ହର୍ମୁଜ୍ ପାର୍ ହେବାକୁ ଅପେକ୍ଷାରେ ରହିଛନ୍ତି। ଯଦି ଆଗକୁ ସ୍ଥିତି ଖରାପ ହୁଏ ତେବେ ତୈଳ ଯୋଗାଣ ଶୃଙ୍ଖଳ ସମ୍ପୂର୍ଣ୍ଣ ବ୍ୟାହତ ହେବ ବୋଲି ଆଶଙ୍କା ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱର ପ୍ରମୁଖ ତୈଳ ବିଶୋଧନକାରୀ କମ୍ପାନୀ ଏବେଠୁ ସତର୍କତା ଅବଲମ୍ବନ କରି ତୈଳ ଉତ୍ପାଦନକୁ ନେଇ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ କରି ଆମେରିକା ନିଜ ଉତ୍ପାଦିତ ଏବଂ ଭେନେଜୁଏଲାରୁ ପାଉଥିବା ତୈଳ ବିକ୍ରି କରିବାକୁ ମସୁଧା ଚଳାଇଛି। ହେଲେ ଉପସାଗରୀୟ ଦେଶଗୁଡ଼ିକରୁ ତୈଳ ଯୋଗାଣ ବନ୍ଦ ହେଲେ ଭାରତ ସମେତ ଚାଇନା ଏବଂ ଅନ୍ୟ ବହୁ ଏସୀୟ ଦେଶ ସମେତ ୟୁରୋପରେ ତୈଳ ସଙ୍କଟ ଉତ୍କଟ ହେବ ବୋଲି କୁହାଯାଉଛି। ଫଳରେ ଆଗକୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ସର୍ବୋଚ୍ଚ ସ୍ତର ଛୁଇଁବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ପ୍ରଭାବିତ ହୋଇପାରେ ଷ୍ଟକ୍ ବଜାର

**ଇରାନ୍-ଆମେରିକା ଆଲୋଚନା ବିଫଳ**

**ମୁମ୍ବାଇ, ୧୨।୪**



ଯୁଦ୍ଧ ବନ୍ଦ ଲାଗି ଇରାନ୍ ଓ ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ଆଲୋଚନା ଏକ ପ୍ରକାର ବିଫଳ ହୋଇଛି। ଇସ୍ଲାମାବାଦଠାରେ ପ୍ରାୟ ୨୧ ଘଣ୍ଟା ଧରି ଚାଲିଥିବା ଆଲୋଚନାକୁ ନେଇ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲାବେଳେ ଉଭୟ ପକ୍ଷ ନିଜ ନିଜ ସର୍ତ୍ତକୁ ନେଇ ଅଟଳ ରହିଛନ୍ତି। ଫଳରେ ଯୁଦ୍ଧ ବନ୍ଦ ହେବା ସହ ପଶ୍ଚିମ ଏସିଆ ସ୍ଥିତିରେ ପରିବର୍ତ୍ତନ ଏବଂ ବୈଶ୍ୱିକ ଇନ୍ଧନ ଯୋଗାଣ ସ୍ୱାଭାବିକ ହେବାକୁ ନେଇ ଯେଉଁ ଆଶା ରହିଥିଲା ତାହା ମଉଳିଯାଇଛି। ଏଭଳି ସ୍ଥିତିରେ ଆଗକୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଘଟିବା ସହ ପୁଞ୍ଜି ବଜାର ମଧ୍ୟ ପୁଣି ଅସ୍ଥିରତା ମଧ୍ୟକୁ ଠେଲି ହୋଇଯିବ ବୋଲି ଆଶଙ୍କା ବଢ଼ିଛି। ଗତ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହର୍ମୁଜ୍ ଷ୍ଟ୍ରେଟ୍ ସ୍ୱାଭାବିକ କରିବା ଲକ୍ଷ୍ୟରେ ବୁଝାମଣା କରିବାକୁ ଇରାନ୍କୁ ସୁଯୋଗ ଦେବା ସହ ୧୪ ଦିନର ଯୁଦ୍ଧ ବିରତି ଘୋଷଣା କରିଥିଲେ। ଟ୍ରମ୍ପଙ୍କ ଏହି ଘୋଷଣାର କିଛି ସମୟ ପରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇବା ସହ ପୁଞ୍ଜି ବଜାର ସ୍ଥିତିରେ ମଧ୍ୟରେ ଦ୍ରୁତ ପରିବର୍ତ୍ତନ ଘଟିଥିଲା। ବିଶେଷକରି ଭାରତୀୟ ଶେୟାର ବଜାର ଉପରେ ଗତ ସପ୍ତାହରେ ସକାରାତ୍ମକ ପ୍ରଭାବ ପଡ଼ିବା ସହିତ ଉଭୟ ବିଏସ୍ଇ ଏବଂ ଏନ୍ଏସ୍ଇ ତାଲିକାଭୁକ୍ତ କମ୍ପାନୀଗୁଡିକର ଶେୟାର କାରବାର ପୂର୍ବ ତୁଳନାରେ ବୃଦ୍ଧି ପାଇଥିଲା। ଏପରିକି ଗୋଟିଏ ପର୍ଯ୍ୟାୟ କାରବାର ଦିବସରେ ବିଏସ୍ଇ ସେନ୍ସେକ୍ସ ୯୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା। ହାରାହାରି ଭାବେ ଗତ ସପ୍ତାହ ସେନ୍ସେକ୍ସ କାରବାର ୫.୭୭ ପ୍ରତିଶତ ବୃଦ୍ଧି ପାଇବା ସହ ଏଥିରେ ୪୨୩୦ ପଏଣ୍ଟ ବୃଦ୍ଧି ଘଟିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ମଧ୍ୟ ୧୩୩୭ ପଏଣ୍ଟ ବୃଦ୍ଧି ପାଇଥିଲା। କିନ୍ତୁ ଯୁଦ୍ଧ ଆଲୋଚନା ବିଫଳ ହେବା ପରେ ଏବେ ନିବେଶକ ଶଙ୍କାଗ୍ରସ୍ତ ହୋଇପଡ଼ିଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡ଼ିବ ବୋଲି କୁହାଯାଉଛି। ବିଶେଷକରି ତୈଳ ଦର ବୃଦ୍ଧି ଶେୟାର ବଜାରକୁ ମାତ୍ରାଧିକ ପ୍ରଭାବିତ କରିବା ନେଇ ବଜାର ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଦେଇଛନ୍ତି। ଏବେଠାରୁ ନିବେଶକମାନେ ସତର୍କତା ଅବଲମ୍ବନ କରିବା ଆରମ୍ଭ କରିଦେଇଥିବାରୁ ସୋମବାର ଶେୟାର ବଜାର ଖୋଲିବା ପରେ ଏହାର ପ୍ରଭାବ ତୁରନ୍ତ ଅନୁଭୂତ ହେବ ବୋଲି କୁହାଯାଇଛି।

# ରାଉରକେଲାରେ ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସର ନୂଆ ଷ୍ଟୋର

**ରାଉରକେଲା, ୧୨।୪ (ଦିନେଶ ମିଶ୍ର)**



ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସ ତାହାର ପ୍ରଥମ ଷ୍ଟୋରର ଶୁଭାରମ୍ଭ କରିଛି। ସୂକ୍ଷ୍ମ ଅଳଙ୍କାର କାରିଗରିରେ ୮୭ ବର୍ଷର ଏକ ପରମ୍ପରା ସହିତ ଏହି ବ୍ରାଣ୍ଡ ରାଉରକେଲାକୁ କେବଳ ଡିଜାଇନର ଏକ ବୃହତ ଚୟନ ନୁହେଁ, ବରଂ ସ୍ଥାୟୀ ବିଶ୍ୱାସ, ସାଧୁତା ଏବଂ ଡିଜାଇନର ଶ୍ରେଷ୍ଠତାର ଆଶ୍ୱାସନା ମଧ୍ୟ ଆଣିଛି। ଶୁଭାରମ୍ଭ ଉତ୍ସବରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ଶୁଭଙ୍କର ସେନ ଓ ଅଭିନେତ୍ରୀ ଭୂମି ପେଡନେକର ଉପସ୍ଥିତ ରହିଥିଲେ। ଏକ ଆଧୁନିକ ଅଳଙ୍କାର ପ୍ରତିଷ୍ଠାନ ଭାବେ ପ୍ରଶସ୍ତ ୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହି ଷ୍ଟୋରରେ ସୁନା, ହୀରା ଓ ପ୍ଲାଟିନମ ସଂଗ୍ରହରେ ସେନକୋର ସ୍ୱତନ୍ତ୍ର କାରିଗରି ପ୍ରଦର୍ଶିତ ହୋଇଛି। ପାରମ୍ପରିକ ଡିଜାଇନଠାରୁ ଆରମ୍ଭ କରି ସୂକ୍ଷ୍ମ ସମସାମୟିକ ସୃଷ୍ଟି ପର୍ଯ୍ୟନ୍ତ ଏହି ଷ୍ଟୋର ଗ୍ରାହକମାନଙ୍କୁ ଏକ ଉନ୍ନତ ଓ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିବ ବୋଲି ଶୁଭଙ୍କର କହିଛନ୍ତି।

# ୪%ରେ ପହଞ୍ଚିବ ଖାଉଟି ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ, ୧୨।୪**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଇନ୍ଧନ ମୂଲ୍ୟରେ ବୃଦ୍ଧି ହେବା ପରେ ଖାଉଟି ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିବାର ଆଶଙ୍କା ବଢ଼ିଛି। ଗତ ଫେବୃଆରୀରେ ଖାଉଟି ମୁଦ୍ରାସ୍ଫୀତି ୩.୨ ପ୍ରତିଶତ ମଧ୍ୟରେ ସୀମିତ ରହିଥିଲାବେଳେ ଖାଉଟି ମୂଲ୍ୟସୂଚୀ(ସିପିଆଇ) ଆଧାରରେ ଏହା ମାର୍ଚ୍ଚରେ ୩.୫ରୁ ୪ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଉଛି। ସୋମବାର କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ରିପୋର୍ଟ ପ୍ରକାଶ କରାଯିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଅପରିବର୍ତ୍ତିତ ରହିଛି। ହେଲେ ଘରୋଇ ଗ୍ୟାସ୍ ଏବଂ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡରରେ ବୃଦ୍ଧି ହୋଇଛି। ଘରୋଇ ଗ୍ୟାସ୍ରେ ୬୦ ଟଙ୍କା ବୃଦ୍ଧି ହେବା ସହ ବ୍ୟବସାୟିକ ସିଲିଣ୍ଡର ମୂଲ୍ୟ ୧୧୫ ଟଙ୍କା ବଢ଼ିଛି। ଏହାକୁ ନେଇ ହୋଟେଲ ଓ ରେଷ୍ଟୁରାଣ୍ଟ କ୍ଷେତ୍ର ପ୍ରଭାବିତ ହୋଇଛି। ଏହାଦ୍ୱାରା ଖାଉଟି ମୁଦ୍ରାସ୍ଫୀତି ପୂର୍ବ ତୁଳନାରେ ଅଧିକ ହେବ ବୋଲି କୁହାଯାଇଛି।

# ଜୁଏଲେରି ବ୍ୟବସାୟ ସବୁଠୁ ନିରାପଦ

**ପ୍ରାୟ ୩୦ ବର୍ଷ ପୂର୍ବେ ପ୍ରତିଷ୍ଠିତ 'ଶୁଭଲାଭ ଜୁଏଲର୍ସ' ଓଡ଼ିଶାର ଏକ ପ୍ରମୁଖ ଜୁଏଲେରି ବ୍ରାଣ୍ଡ୍ ଭାବରେ ପରିଚିତ। ଏକ ଛୋଟ ଦୋକାନରୁ ଆରମ୍ଭ ହୋଇଥିବା ଏହି ସଂସ୍ଥାର ଏକାଧିକ ଷ୍ଟୋର ଏବେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରହିଛି। ଗ୍ରାହକମାନଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ହୀରା ଏବଂ ସୁନା ଅଳଙ୍କାର ଯୋଗାଇଦେବା ପାଇଁ ପ୍ରତିବଦ୍ଧ 'ଶୁଭଲାଭ ଜୁଏଲର୍ସ'ର ପ୍ରତିଷ୍ଠାତା ସଞ୍ଜୀବ ହଂସଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାର...**



ସଞ୍ଜୀବ ହଂସ




**ପ୍ରଃ ପ୍ରତିଯୋଗିତାପୂର୍ଣ୍ଣ ଭୁବନେଶ୍ୱର ବଜାରରେ ଶୁଭଲାଭ ଜୁଏଲର୍ସର ଉପସ୍ଥିତି ଏତେ ପ୍ରଭାବଶାଳୀ କିପରି ହୋଇପାରିଛି?**

ଉ- ଆମେ ଯେତେବେଳେ ଶୁଭଲାଭ ଜୁଏଲର୍ସ ଆରମ୍ଭ କରିଥିଲୁ, ସେତେବେଳେ ବଜାରରେ ଏକ ବଡ଼ ଅଭାବ ଦେଖିଥିଲୁ। ଅଧିକାଂଶ ବଡ଼ ବ୍ରାଣ୍ଡ୍ଗୁଡ଼ିକ ଅଳ୍ପ ବଜେଟର ଗ୍ରାହକଙ୍କ ଉପରେ ବିଶେଷ ଧ୍ୟାନ ଦେଉ ନ ଥିଲେ। ଆମେ ସେହି ଗ୍ରାହକମାନଙ୍କୁ ବ୍ୟକ୍ତିଗତ ସେବା, ସ୍ୱଳ୍ପ ମୂଲ୍ୟ ଏବଂ ନିର୍ଭରଯୋଗ୍ୟ ଗୁଣବତ୍ତା ପ୍ରଦାନ କରିବା ଉପରେ ଧ୍ୟାନ ଦେଲୁ। ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିବା ଏବଂ ବିଶ୍ୱାସ ଜନ୍ମାଇବା ଦ୍ୱାରା ଆମେ ଏକ ଗ୍ରାହକ ଗୋଷ୍ଠୀ ସହ ବଜାରରେ ଦୃଢ଼ ପରିଚୟ ସୃଷ୍ଟି କରିପାରିଲୁ।

**ପ୍ରଃ ଭୂ-ରାଜନୈତିକ ଉତ୍ତେଜନା ଏବଂ ଦରଦାମ ବୃଦ୍ଧି ଯୋଗୁ ସୁନାର ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ କିଣାକିଣିକୁ କେତେ ପ୍ରଭାବିତ କରିଛି?**

ଉ- ବର୍ତ୍ତମାନ ସୁନା ମୂଲ୍ୟ ଆକାଶଛୁଆଁ ହୋଇଛି। ଶେୟାର ବଜାରରେ ଅନିଶ୍ଚିତତାର ସମୟରେ ଲୋକେ ସୁନାକୁ ନିରାପଦ ନିବେଶ ଭାବରେ ଦେଖୁଛନ୍ତି। ଶେୟାର ବଜାରରେ ଅନିଶ୍ଚିତତା ଦେଖାଦେଲେ ଗ୍ରାହକମାନେ ସ୍ୱାଭାବିକ ଭାବେ ସୁନାକୁ ଏକ ସୁରକ୍ଷିତ ନିବେଶ ଭାବେ ଗ୍ରହଣ କରନ୍ତି। ତଥାପି ବର୍ଦ୍ଧିତ ମୂଲ୍ୟ ଚାହିଦା ଉପରେ ପ୍ରଭାବ ପକାଇଛି ଏବଂ ଗ୍ରାହକଙ୍କ କ୍ରୟ ଶୈଳୀରେ ପରିବର୍ତ୍ତନ ଆଣିଛି। ଗ୍ରାହକମାନେ ଏବେ ହାଲୁକା ଓ କମ୍ ମୂଲ୍ୟର ଅଳଙ୍କାର କିଣୁଛନ୍ତି। ମୋଟ କ୍ରୟ ମୂଲ୍ୟ ସ୍ଥିର ରହିଥିଲେ ମଧ୍ୟ ସୁନାର ପରିମାଣ କମିଛି, ଯାହା ବର୍ତ୍ତମାନର ବଜାରରେ ଗ୍ରାହକଙ୍କ ସତର୍କତାକୁ ଦର୍ଶାଉଛି।

**ପ୍ରଃ ସୁନା, ହୀରା ଏବଂ ରୁପା ଅଳଙ୍କାର ମଧ୍ୟରେ ଗ୍ରାହକଙ୍କ ପସନ୍ଦରେ କୌଣସି ପରିବର୍ତ୍ତନ ଦେଖାଯାଉଛି କି?**

ଉ-ବର୍ତ୍ତମାନ ଗ୍ରାହକମାନେ ବ୍ରାଣ୍ଡେଡ୍ ଜୁଏଲେରି ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ବିଶେଷକରି ଜେନ୍-ଜି ଗ୍ରାହକମାନେ ଜାତୀୟ ସ୍ତରର ବ୍ରାଣ୍ଡ ପସନ୍ଦ କରୁଛନ୍ତି। ଏହି ଟ୍ରେଣ୍ଡ ସହ ତାଳଦେବା ପାଇଁ ଆମେ କଟକ କ୍ୟାଣ୍ଟନମେଣ୍ଟ ରୋଡ୍ରେ ଆଦିତ୍ୟ ବିର୍ଲା ଗ୍ରୁପ୍ର 'ଇନ୍ଦ୍ରିୟା' ଷ୍ଟୋର ସହ ମିଶି ବ୍ୟବସାୟ ସମ୍ପ୍ରସାରଣ କରିଛୁ।

**ପ୍ରଃ ପୁରୁଣା ସୁନା ବଦଳ କାର୍ଯ୍ୟକ୍ରମ ଗ୍ରାହକଙ୍କୁ ବଜାୟ ରଖିବା ଏବଂ ବ୍ୟବସାୟିକ ପ୍ରକ୍ରିୟାରେ କେତେ ଗୁରୁତ୍ୱପୂର୍ଣ୍ଣ?**

ଉ- ସୁନାର ମୂଲ୍ୟ ବୃଦ୍ଧି ହେତୁ ପୁରୁଣା ସୁନା ବଦଳରେ ନୂଆ ସୁନା କିଣିବାକୁ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି। ଏକ ସ୍ୱଚ୍ଛ ଏବଂ ବିଶ୍ୱସନୀୟ ବାଏବ୍ୟାକ୍ ନୀତି ବ୍ୟବସାୟ ବୃଦ୍ଧି ଏବଂ ଗ୍ରାହକଙ୍କ ବିଶ୍ୱାସ ବଜାୟ ରଖିବାରେ ବହୁତ ସାହାଯ୍ୟ କରୁଛି।

**ପ୍ରଃ ଏହି ବ୍ୟବସାୟରେ ଆସିବାକୁ କିପରି ମନ ବଳାଇଥିଲେ? ନୂଆ ଉଦ୍ୟୋଗୀମାନଙ୍କୁ ଆପଣ କେଉଁ ପରାମର୍ଶ ଦେବେ?**

ଉ- ପ୍ରଯୁକ୍ତି ଏବଂ ଅନ୍ଲାଇନ ମାଧ୍ୟମ ଯୋଗୁ ଆଜିକାଲି ଅଧିକାଂଶ ବ୍ୟବସାୟ ପାଇଁ କିଛି ନା କିଛି ବିପଦ ରହୁଛି। ମାତ୍ର ଜୁଏଲେରି ବ୍ୟବସାୟ ଏହାଠାରୁ ଅପେକ୍ଷାକୃତ ନିରାପଦ। ଗ୍ରାହକମାନେ ଅଳଙ୍କାର ସ୍ପର୍ଶ କରି ଏବଂ ଦେଖି କିଣିବାକୁ ପସନ୍ଦ କରନ୍ତି। ଏହା ଏକ ଲୋ-ରିସ୍କ ବ୍ୟବସାୟ ଏବଂ ସୁନାର ମୂଲ୍ୟ ସମୟ ସହିତ ବଢ଼ୁଥିବାରୁ ଦୀର୍ଘକାଳୀନ ସ୍ଥିରତା ପ୍ରଦାନ କରେ। ନୂଆ ଉଦ୍ୟୋଗୀମାନଙ୍କୁ ଏହି ପରାମର୍ଶ ଦେବି ଯେ, ଉଚ୍ଚ ଗୁଣବତ୍ତା, ସ୍ୱଚ୍ଛତା ଏବଂ ଗ୍ରାହକ ସେବା ମାଧ୍ୟମରେ ଶୁଭ୍ଲାଭ୍ ଜୁଏଲର୍ସ ଓଡ଼ିଶାର ଜୁଏଲେରି ବଜାରରେ ନିଜର ସ୍ଥାନ ସୁଦୃଢ଼ କରିଛି। ଅନ୍ୟମାନେ ମଧ୍ୟ ଏହି ଦିଗରେ ସତର୍କ ରହିବା ଉଚିତ।


**OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANGUL**
GOVERNMENT OF ODISHA
E-mail ID : semidivisionangul@gmail.com
e- Procurement Notice
1st Corrigendum to Bid Identification No.- S.E,M.I.D., ANGUL No.18
Letter No. 934 /Date.08.04.2026

**No.32001/52/2627** : It is notified that, due to some error BID Identification No. 18 of 2026-27 is hereby cancelled.

Sd./- Superintending Engineer
M.I.Division, Angul
OIPR-32001/32284/1/26-27/0004

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No.9001/12/2627: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା.୧୩.୦୪.୨୦୨୬ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-9001/9013/1/26-27/0002

**NOTICE** No.8001/27/2627

Bhitarkanika National Park / Bhitarkanika Wildlife Sanctuary will remain closed for the tourists and general public for breeding and nesting activities of Estuarine Crocodiles with effect from 1st May-2026 to 31st July-2026.

Visitors and general public are requested to co-operate and should not plan their visit to Bhitarkanika National Park / Bhitarkanika Wildlife Sanctuary during this period.

Sd./- Divisional Forest Officer
Mangrove Forest Division (WL)
Rajnagar
OIPR-8001/8053/1/26-27/0002

**ସମଗ୍ର ଶିକ୍ଷା, ଗଞ୍ଜାମ, ଛତ୍ରପୁର - ୭୬୧୦୨୦**
ଫୋନ : ୦୬୮୧୧-୨୬୦୮୩୩, ଇମେଲ-dpcganjamssa.opepa@nic.in
Order No.1001/GE/2026 Dated. 10.04.2026

**Advertisement for Various Post of KGBV Type-III, Samagra Shiksha, Ganjam**

**No.27001/15/2627** : Applications are invited from eligible female candidates for engagement of different categories of staff i.e. Warden, Accountant & Part-Time-Teachers in Kasturba Gandhi Balika Vidyalaya (KGBV Type-III) of Ganjam District. The number of vacant post in different KGBVs, prescribed application form and other details can be downloaded from the district website www.ganjam.odisha.gov.in and OSEPA website www.osepa.odisha.gov.in. The interested candidates fulfilling the eligibility criteria are requested to visit the website and apply on or before 27.04.2026 through Speed Post/Registered Post only to the District Project Coordinator, Samagra Shiksha, Ganjam, Chatrapur-761020.

By order of
Collector-cum-Chairman,
SS, Ganjam
Sd./- DEO-cum-District Project Coordinator, SS, Ganjam
OIPR-27001/27081/1/26-27/0001

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE EXECUTIVE ENGINEER PODAGADA DAM DIVISION,**
**AT/PO-KHATIGUDA, DIST-NABARANGPUR, PIN-764085**
Email I.D - eepodagadadam@gmail.com
**e-Procurement Notice**
**Bid Identification No.EEPDD-01(02)/2026-27, Dated : 06.04.2026**

**No.32001/54/2627** : Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1. | Name of the Work | : | Civil Works |
| 2. | No. of Works | : | Two Numbers |
| 3. | Estimated cost | : | Rs.56.69 Lakhs (TCN SL NO. 1), Rs.26.04 Lakhs (TCN SL NO. 2) |
| 4. | Eligibility of the bidders | : | 'B' & 'C' Class contractors (Odisha P.W.D or equivalent class of other licensing authority) as per Detail Tender Call Notice |
| 5. | Period of completion | : | Three Calendar Months (TCN Sl No. 01) Three Calendar Months (TCN Sl No. 02) |
| 6. | Date of Clarification | : | 13.04.2026 to 14.04.2026 Only During Office Hour |
| 7. | Time for receipt of bid in the portal | : | From 13.04.2026 (11:00 A.M.) to 27.04.2026 (up to 05:00 P.M.) |
| 8. | Date & place of opening of the bids on-line | : | 28.04.2026 (11:30 A.M.) O/o The E.E., Podagada Dam Division, UIDC Khatiguda |
| 9. | Name and address of the Tender Inviting Authority (TIA) | : | Executive Engineer Podagada Dam Division, At/PO : Khatiguda, District : Nabarangpur |

Further details can be seen from the e-procurement portal http://tendersodisha.gov.in
Sd./-Executive Engineer
Podagada Dam Division, Khatiguda
OIPR-32001/32095/1/26-27/0002

**OFFICE OF THE BARGARH MUNICIPAL COUNCIL: BARGARH**
AT/PO/DIST.-BARGARH, PIN-768028
e-Mail : bargarhmunicipality.eo@gmail.com, Ph.: 06646-234347 Fax.: 06646-234347
HOUSING AND URBAN DEVELOPMENT DEPARTMENT
Letter No. 1304 Date: 10/04/26
**Tender Call Notice**

**No.13001/152/2627** : Sealed quotations/tenders are invited from interested reputed Travel Agencies / Tour Operators / Individuals for providing 1 No(one) of vehicles ie. **Bolero Neo/ Scorpio (White colour)** having sitting capacity not more than 7 seated including driver, which shall conform to the Terms and conditions (Appendix-A) for official use in BARGARH MUNICIPALITY Office on monthly rent basis:

1. The Quotation completed in all respect should reach the undersigned on or before **18.04.26 by 11.00 A.M.** and shall be opened on **Dt.18.04.26 by 1.00 P.M.** in presence of the bidders or their authorized representatives.
2. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available which Tender schedule can be downloaded from bargarhmunicipality.in from **Date. 13.04.26 to 17.04.26**.
3. The Executive Officer, Bargarh can cancel /suspend tender process at any moment without showing any reason there of.

Sd./- Executive Officer
Bargarh Municipality
OIPR-13001/13103/1/26-27/0002

**GOVT. OF ODISHA**
**NOTIFIED AREA COUNCIL, KONARK**
email : nackonark@gmail.com, Phone No:- 06758-236826
No. 1258 /Dt. 10/04/2026
**TENDER CALL NOTICE**

**No.13001/149/2627** : Sealed tenders are invited by the undersigned in percentage rate basis from the eligible 'D' & 'C' Class of state Govt. Contractor of R&B/P.H.D/W.R Dept. for execution of 2 (Two) Nos. of civil works of Konark NAC, Konark. Details notice of terms and conditions and list of works with required EMD,cost of tender paper and completion for each work may be seen at the office notice board of Konark NAC.

The Tender papers will be sold at the Konark NAC office working hours from **dt. 13-04-2026 at 07.30 AM to 20-04-2026** up to **10.00 A.M** (Except Sundays and Govt. holidays) on production of valid contractor's license and payment of required tender paper cost (non-refundable) for the work in shape of D.D/B.C in favour of the Executive Officer, Konark NAC payable at Konark. The tender paper will be sold through speed post/Regd. Post/ Courier service/by Hand also. The tenders will be received upto **dt 20-04-2026** till **12.00 P.M** through speed post/Regd. Post/courier service only and will be opened in the same day on **dt. 20-04-2026** at **12.30 P.M** at Konark NAC office in presence of the contractors or their authorized agents.

The tender papers must be accompanied with required EMD for the work, money receipt (Tender paper cost), Valid GST certificate, PAN, contractor's license, Affidavit, bid security declaration form, failing which the tender may be liable for rejection.

The authority reserves the right to reject any or all tenders without assigning any reasons thereof.

Sd./- Executive Officer,
Konark NAC
OIPR-13001/13174/1/26-27/0001

**ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା, ମୟୂରଭଞ୍ଜ**
**ନିଲାମ ଇସ୍ତାହାର**
ନଂ. 2377 ତା: 07.04.26

No. 24001/29/2627: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2026-27 ବର୍ଷ ପାଇଁ ନିମ୍ନଲିଖିତ ସୈରାତ ଉତ୍ସଗୁଡ଼ିକର ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା ଜଉମୁଦ (Sealed Tender) ମାଧ୍ୟମରେ ନିଲାମ କରାଯିବ। ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଜଉମୁଦ ଲଫାପା ଆବେଦନପତ୍ର ଆହ୍ୱାନ କରାଯାଉଛି। ଆଗ୍ରହୀ ବ୍ୟକ୍ତିମାନେ ସୈରାତ ଉତ୍ସ ବାବଦ ଧାର୍ଯ୍ୟ ତାରିଖ ଓ ସମୟରେ ଉତ୍ସ ବାବଦ ସରକାରୀ ଧାର୍ଯ୍ୟ ମୂଲ୍ୟର (10) ପ୍ରତିଶତ ଅର୍ଥ ଅମାନତ ରୂପେ ତହସିଲ କାର୍ଯ୍ୟାଳୟ ନାଜିରଙ୍କଠାରେ ଦାଖଲ କରି ଆବେଦନ ଫର୍ମ, ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ପାଇ ପାରିବେ ଏବଂ ତାହାର ରସିଦ ଆବେଦନ ପତ୍ରରେ ସଂଲଗ୍ନ ପୂର୍ବକ ଜଉମୁଦ ଲଫାପାରେ ବାରିପଦା ତହସିଲ କାର୍ଯ୍ୟାଳୟସ୍ଥ ନିର୍ଦ୍ଧାରିତ ବାକ୍ସରେ ଧାର୍ଯ୍ୟ ତାରିଖ ଓ ସମୟରେ ପକାଇବେ। ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ ଲଫାପା ଭିତରେ ଆବେଦନକାରୀଙ୍କ ନାମ, ସମ୍ପୂର୍ଣ୍ଣ ଠିକଣା ସହ କେତେ ମୂଲ୍ୟରେ ନିଲାମ ନେବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ ଉଲ୍ଲେଖ କରିବେ। ଏଥିସହ ଆବେଦନକାରୀ ତାଙ୍କର ଆଧାର କାର୍ଡ଼ ଓ ପାନକାର୍ଡ଼ ସଂଲଗ୍ନ କରିବେ। ଜଉମୁଦ ଲଫାପା ଆବେଦନ ପତ୍ର ପାଇବାର ତାରିଖ ଓ ସମୟ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା, ଏହା ପରେ ଆଉ କୌଣସି ଆବେଦନ ପତ୍ର ଗ୍ରହଣୀୟ ନୁହେଁ। ନିଲାମ ବାକ୍ସରେ ପଡ଼ିଥିବା ଜଉମୁଦ ଆବେଦନପତ୍ରଗୁଡ଼ିକ ନିମ୍ନ କାର୍ଯ୍ୟସୂଚୀ ମତେ ତହସିଲଦାର ବାରିପଦାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଆବେଦନକାରୀମାନଙ୍କ ସମ୍ମୁଖରେ ଖୋଲାଯିବ ଏବଂ ସର୍ବୋଚ୍ଚ ଜଉମୁଦ ନିଲାମଧାରୀଙ୍କ ପକ୍ଷରେ ନିଲାମ ଗୃହୀତ ହେବ।

ଏତଦ୍ବ୍ୟତୀତ ସର୍ବୋଚ୍ଚ/ଯୋଗ୍ୟ ବିବେଚିତ ନିଲାମଧାରୀ ସମସ୍ତ ପ୍ରାପ୍ୟ ଏକକାଳୀନ ପୈଠ କରିବେ, ନଚେତ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ। ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ଅର୍ଥ ନିଲାମ ବୃତ୍ତାନ୍ତ ପରେ ଫେରସ୍ତ ପାଇବେ। ଯୋଗ୍ୟ ବିବେଚିତ ନିଲାମଧାରୀ MTAରେ ଉଲ୍ଲେଖିତ ସର୍ତ୍ତାବଳୀ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ତଥା ଏହା ଉପରେ ସରକାରଙ୍କ ପରିବର୍ତ୍ତିତ ନିୟମାବଳୀ (ଯଦି ଭବିଷ୍ୟତରେ ଜାରି ହୁଏ)ର ପରିସରଭୁକ୍ତ ରହିବେ।

**କାର୍ଯ୍ୟସୂଚୀ**

| କ୍ରମିକ ସଂଖ୍ୟା | ସୈରାତର ନାମ | ଅବସ୍ଥିତ ଓ ବିବରଣୀ | ଅବଧାରିତ ମୂଲ୍ୟ | ଜଉମୁଦ ନିଲାମ ଖୋଲା ହେବା ସ୍ଥାନ | ଆବେଦନ ଫର୍ମ ପାଇବାର ଶେଷ ତାରିଖ ଓ ସମୟ | ଜଉମୁଦ ନିଲାମ ଲଫାପା ଖୋଲା ହେବାର ତାରିଖ ଓ ସମୟ |
|---|---|---|---|---|---|---|
| 1 | Mango Orchard of Chhancha (TMC No. 56/2025-26 | ମୌଜା: ଛାଞ୍ଚ, ଖାତା ନଂ. 267, ପ୍ଲଟ ନଂ. 4/1, କିସମ: ବଗାୟତ ଦୁଇ, ରକବା: ଏ 3.0 | Rs.33,550/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |
| 2 | Mango Orchard of Chhancha (TMC No. 57/2025-26 | ମୌଜା: ଛାଞ୍ଚ, ଖାତା ନଂ. 267, ପ୍ଲଟ ନଂ. 187, 170, କିସମ: ବଗାୟତ ଦୁଇ, ରକବା: ଏ 13.88 | Rs.52,800/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |
| 3 | Mango Orchard of Chhancha (TMC No. 58/2025-26 | ମୌଜା: ଛାଞ୍ଚ, ଖାତା ନଂ. 267, ପ୍ଲଟ ନଂ. 13, କିସମ: ବଗାୟାତ ଦୁଇ, ରକବା: ଏ 5.00 | Rs.2,24,510/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |
| 4 | Mango Orchard of Chhancha (TMC No. 59/2025-26 | ମୌଜା: ଛାଞ୍ଚ, ଖାତା ନଂ. 267, ପ୍ଲଟ ନଂ. 54/1200, 54/1201, 54/1202, 44/1196, 44/1197, 44/1198, 44/1199, 52, 51, କିସମ: ଡାହି ଦୁଇ ଓ ଘରବାରି ଦୁଇ, ରକବା: ଏ 3.65 | Rs.13,750/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |
| 5 | Mango Orchard of Laxmiposi (TMC No. 60/25-26 | ମୌଜା: ଲକ୍ଷ୍ମୀପୋଷି, ଖାତା ନଂ. 53, ପ୍ଲଟ ନଂ. 607, 608, 609, 610, 611, 612, 637, 638, 639, 640, 641, 642, କିସମ: ଡାହି, ଜଙ୍ଗଲ, ଆମ୍ବ, ରକବା: ଏ 16.92 | Rs.76,120/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |
| 6 | Mango Orchard of Mohiniganj (TMC No. 61/25-26 | ମୌଜା: ମୋହିନିଗଞ୍ଜ, ଖାତା ନଂ. 314, ପ୍ଲଟ ନଂ. 70, କିସମ: ବଗାୟତ ଦୁଇ, ରକବା: ଏ 5.90 | Rs.49,830/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |
| 7 | Mango Orchard of Rajabasa (TMC No. 62/25-26 | ମୌଜା: ରାଜାବସା, ଖାତା ନଂ. 92, ପ୍ଲଟ ନଂ. 256, କିସମ: ବଗାୟତ ଦୁଇ, ରକବା: ଏ 10.31 | Rs.40,000/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |
| 8 | Mango Orchard of Nayapurusottampur (TMC No. 63/25-26 | ମୌଜା: ନୟାପୁରୁଷୋତ୍ତମପୁର, ଖାତା ନଂ. 95, ପ୍ଲଟ ନଂ. 8, 10, 28, 35/1, 35/586/1 କିସମ: ବଗାୟତ ଦୁଇ, ଡାହି ଦୁଇ, ରକବା: ଏ 32.97 | Rs.6,94,210/- | ତହସିଲ କାର୍ଯ୍ୟାଳୟ, ବାରିପଦା | ତା 17.04.2026 ଦିବା 10ରୁ 12 ମଧ୍ୟରେ | ତା 18.04.2026 ଦିବା 10ରୁ 12 ମଧ୍ୟରେ |

OIPR-24001/24427/1/26-27/0001
ସ୍ୱା./- ତହସିଲଦାର, ବାରିପଦା

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜ୍ୟ ଓପନ ଚେସ୍: କୌସ୍ତୁଭ ଚାମ୍ପିୟନ



କୌସ୍ତୁଭ ଦାଶଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧୨।୪ (ବିଜୟ ରଣା)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ତତ୍ତ୍ୱାବଧାନରେ ଅରାତି ୬୪ ସ୍କୋୟାର ଫାଉଣ୍ଡେଶନ ତରଫରୁ କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର କୌସ୍ତୁଭ ଦାଶ ୬.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବା ବେଳେ ପୁରୀର ରାଜେଶ ନାୟକ (୬.୦) ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ରାଜେନ୍ଦ୍ର କୁମାର ସାହୁ, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ତନ୍ମୟ ତ୍ରିପାଠୀ ଓ ସ୍ୱପ୍ନିଲ ପ୍ରିୟଦର୍ଶୀ ପ୍ରତ୍ୟେକ ୫.୫ ପଏଣ୍ଟ ସହ ତୃତୀୟରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। କେନ୍ଦ୍ରାପଡ଼ାର ଲଭ୍ୟଜ୍ୟୋତି ରାଉତରାୟ ଓ ଜଟଣୀର ସ୍ଥିତପ୍ରଜ୍ଞ ସାହୁ ୭ମ ଓ ୮ମ ସ୍ଥାନ ହାସଲ କରିଛନ୍ତି। ରଞ୍ଜିତା ଭଟ୍ଟାଚାର୍ଯ୍ୟ ଶ୍ରେଷ୍ଠ ମହିଳା ଖେଳାଳି ଏବଂ ନଟବର ଦାସ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ବାଳିକା ବିଭାଗରେ ଦେବସ୍ମିତା ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୫ବର୍ଷରୁ କମ୍ ବିଭାଗରେ ସ୍ୱସ୍ତିକ ତ୍ରିପାଠୀ, ୧୩ ବର୍ଷରୁ କମ୍ ବିଭାଗରେ ଧୃତିମାନ ଦେ, ୧୧ ବର୍ଷରୁ କମ୍ ବିଭାଗରେ ସିଦ୍ଧାର୍ଥ ମଲିକ, ୯ ବର୍ଷରୁ କମ୍ ବିଭାଗରେ ଅର୍ପଣ ସାହୁ ଏବଂ ୭ ବର୍ଷରୁ କମ୍ ବିଭାଗରେ ଅବନୀତ ସାହୁ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଅରାତି-୬୪ ସ୍କୋୟାର ଫାଉଣ୍ଡେଶନର ନିର୍ଦ୍ଦେଶକ ସ୍ମୃତିରଞ୍ଜନ ଦାସ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପଦେଷ୍ଟା ଅସିତ ମୁଖାର୍ଜୀ, ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡଗ୍‌ଆଉଟ୍‌ରେ ଆର୍‌ଆର୍ ମ୍ୟାନେଜର

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ରାଜସ୍ଥାନ ରୟାଲ୍ସର ଦୀର୍ଘ ଦିନର ଟିମ୍ ମ୍ୟାନେଜର ରୋମି ଭିଣ୍ଡର ଗତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷ ମ୍ୟାଚ୍ ବେଳେ ଡଗଆଉଟ୍‌ରେ ଫୋନ ବ୍ୟବହାର କରୁଥିବା ଟିଭି କ୍ୟାମେରାରେ ନଜର ଆସିଥିଲେ।

### ଡଗ୍‌ଆଉଟ୍‌ରେ ଫୋନ ବ୍ୟବହାର ଘଟଣା

ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ବିସିସିଆଇ ପକ୍ଷରୁ ଏ ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

ଖେଳାଳି ଓ ମ୍ୟାଚ୍ ଅଫିସିଆଲ ଅଞ୍ଚଳ (ପିଏମ୍‌ଓଏ) ଲାଗି ଉଦ୍ଦିଷ୍ଟ ନିୟମ ମୁତାବକ, ଟିମ ମ୍ୟାନେଜର ଭଳି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଫୋନ ରଖିବାକୁ ଅନୁମତି ଦିଆଯାଏ। ଭିଣ୍ଡର ରାଜସ୍ଥାନ ମ୍ୟାନେଜର ହୋଇଥିବାରୁ ତାଙ୍କ ପାଖରେ ଫୋନ ଥିଲା। କିନ୍ତୁ ଆମକୁ ଦେଖିବାକୁ ପଡ଼ିବ ଯେ, କେଉଁ ଅଞ୍ଚଳରୁ ଫୋନ ଭିତରକୁ ନିଆଯାଇଛି ଏବଂ ସେଥିଲାଗି କୌଣସି ଅନୁମତି ନିଆଯାଇଥିଲା କି ନାହିଁ। ତା' ପରେ ହିଁ ସେ କୌଣସି ନିୟମ ଭଙ୍ଗ କରିଛନ୍ତି କି ନାହିଁ, ତାହା ଜଣାପଡ଼ିବ। ଆଣ୍ଟି କରପ୍ସନ ବିଭାଗ ତା'ର ତଦନ୍ତ ପ୍ରକ୍ରିୟା ଶେଷ କରି ରିପୋର୍ଟ ପ୍ରଦାନ କରିବ ବୋଲି ସାଇକିଆ କହିଛନ୍ତି। ଆଇପିଏଲ ନିୟମ ମୁତାବକ, ବିସିସିଆଇ ଆଣ୍ଟି-କରପ୍ସନ ଓ ସିକ୍ୟୁରିଟି ୟୁନିଟ୍ ଦ୍ୱାରା ନିଯୁକ୍ତ ଦୁଇ ବିସିସିଆଇ ଆଣ୍ଟି-କରପ୍ସନ ମ୍ୟାନେଜର୍ସ ପିଏମ୍‌ଓଏର ପରିଚାଳନା ଲାଗି ଦାୟୀ।

# ସାଉଥ ଏସିଆନ ଜୁ ଜିତସୁ: ଅନୁପମାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୨।୪ (ଅନାଦି କର)**

ଶ୍ରୀଲଙ୍କାର ଦିଗାନାଠାରେ ଚାଲିଥିବା ଏସିଆନ ଜୁ ଜିତସୁ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଅନୁପମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୫୨ କେଜି ସିନିୟର ମହିଳା ଫାଇଟିଙ୍ଗ ସିଷ୍ଟମ ବିଭାଗରେ ଏହି ସଫଳତା ପାଇଛନ୍ତି। ସେହିପରି ଅମରେଶ୍ୱର ସ୍ୱାଇଁ ୫୬ କେଜି ଓ ସ୍ୱରାଜ ଜାନି ୬୯ କେଜି ପୁରୁଷ ଫାଇଟିଙ୍ଗ ସିଷ୍ଟମ ବିଭାଗରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ରବିବାର ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ମିଳିଛି। ଫଳରେ ଓଡ଼ିଶାର ମୋଟ ପଦକ ସଂଖ୍ୟା ୭ରେ ପହଞ୍ଚିଛି। ଏଥିରେ ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ରହିଛି। କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ ଜୁ-ଜିତସୁ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ସ୍ୱର୍ଣ୍ଣ ପଦକ ବିଜୟୀ ଅନୁପମା ସ୍ୱାଇଁ (ବାମ) ଓ ଅନ୍ୟମାନେ।

### ଜାତୀୟ ମାରାଥନ

## ବରୱାଲ ୪୮ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ

**ରୋଟରଡାମ୍, ୧୨।୪ (ପି.ଟି.)**

ସାୱନ ବରୱାଲ ଏଠାରେ ରବିବାର ଅନୁଷ୍ଠିତ ଏନ୍‌ଏନ୍ ମାରାଥନରେ ଭାରତୀୟ ଆଥଲେଟ୍‌ରେ ସବୁଠାରୁ ଲମ୍ବା ସମୟ ଧରି ରହିଥିବା ୪୮ବର୍ଷର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ କରି ଇତିହାସ ସୃଷ୍ଟି କରିଛନ୍ତି। ବରୱାଲ ୨ ଘଣ୍ଟା ୧୧ ମିନିଟ ଓ ୫୮ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରି ୨୦ତମ ସ୍ଥାନରେ ରହିଥିଲେ। ଏହାଦ୍ୱାରା ସେ ୧୯୭୮ରେ ଶିବନାଥ ସିଂଙ୍କ ନାମରେ ୨:୧୨:୦୦ ଟାଇମିଂରେ ରହିଥିବା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି।

## କ୍ରିପା ଜିତିଲେ ପ୍ୟାରିସ ମାରାଥନ

**ପ୍ୟାରିସ, ୧୨।୪ (ଏପି.)**

ଇଟାଲୀର ୟେମେନ୍‌ବର୍ହାନ କ୍ରିପା ରବିବାର ଅନୁଷ୍ଠିତ ପ୍ୟାରିସ ମାରାଥନ ରେସ୍ ଜିତିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ପ୍ରାୟ ୬୦,୦୦୦ ଧାବକଙ୍କ ମଧ୍ୟରେ ସେ ଦ୍ରୁତତମ ବିବେଚିତ ହୋଇଛନ୍ତି। ମହିଳା ରେସ୍‌ରେ ଇଥିଓପିଆର ଶୁରି ଡିମାଇଜ୍ ମହିଳା ରେସ୍‌ରେ ଅନୁଆ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫ୍ରାନ୍ସ ରାଜଧାନୀରେ ଅନୁଷ୍ଠିତ ୪୨.୧୯୫ କିଲୋମିଟର (୨୬.୨ ମାଇଲ) ବିଶିଷ୍ଟ ଦୂରତାକୁ ଡିମାଇଜ ୨ ଘଣ୍ଟା, ୧୮ ମିନିଟ ଓ ୩୪ ସେକେଣ୍ଡରେ ଶେଷ କରିଥିଲେ। ପ୍ୟାରିସରେ ଏହା ପୂର୍ବରୁ ରେକର୍ଡ ରହିଥିବା ଦ୍ରୁତତମ ମହିଳା ଟାଇମିଂଠାରୁ ୧ ମିନିଟ ଆଗୁଆ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ ଡିମାଇଜ୍। ସେ ନିଜ ଦେଶର ମିସ୍‌ଗାନେ ଆଲେମାୟେହୁ ଏବଂ କେନିଆର ମାଗ୍‌ଡେଲିନ୍ ମାସାଇଙ୍କଠାରୁ ଆଗରେ ରହି ରେସ୍ ଶେଷ କରିଥିଲେ।

# ଗମ୍ଭୀରଙ୍କୁ ୭, ଅଂଶୁଲଙ୍କୁ ୫ ଉଇକେଟ

**କଟକ, ୧୨।୪ (କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି। ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର-ଏ ୭୯ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ ୨୧୬ରନରେ ଅଲଆଉଟ ହୋଇଥିଲା। ଲିଙ୍ଗରାଜ ଘୋଷ ୬୨ରନ ଏବଂ ସ୍ୱରାଜ କର ଅପରାଜିତ ୫୭ରନ କରିଥିଲେ। ମୟୂରଭଞ୍ଜର ଗମ୍ଭୀର ପିଙ୍ଗୁଆ ୭ଟି ଉଇକେଟ ଦଖଲ କରିଥିଲେ। ଜବାବରେ ମୟୂରଭଞ୍ଜ ୧୩୭ରନରେ ଅଲଆଉଟ ହୋଇଥିଲା। ୩ ଉଇକେଟ ଅକ୍ତିଆର କରିଥିବା ବିଜୟୀ ଦଳର ରେଶବ ଶର୍ମା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନିମପୁର ଗ୍ରାଉଣ୍ଡରେ ଯାଜପୁର ୧୨୯ରନରେ ମାଲକାନଗିରିକୁ ହରାଇଥିଲା। ଯାଜପୁର ପକ୍ଷରୁ ଧାର୍ଯ୍ୟ ୨୨୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମାଲକାନଗିରିର ଇନିଂସ ୯୯ରନରେ ସୀମିତ ରହିଥିଲା। ବିଜୟୀ ଯାଜପୁର ପକ୍ଷରୁ ଅଂଶୁଲ ବାରିକ ୫ଟି ଉଇକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ଗଞ୍ଜାମ ୨ ଉଇକେଟରେ ସୁନ୍ଦରଗଡକୁ, ବାଲେଶ୍ୱର ୬ ଉଇକେଟରେ ଅନୁଗୋଳକୁ, କଟକ-ଏ ୨ରନରେ ନବରଙ୍ଗପୁରକୁ, କୋରାପୁଟ ୧୦ ଉଇକେଟରେ ବୌଦ୍ଧକୁ ହରାଇଛି।



ଗମ୍ଭୀର ପିଙ୍ଗୁଆ

# ପାରାମାଉଣ୍ଟ ଚାମ୍ପିୟନ

### ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଉଦ୍‌ଯାପିତ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାରକୁ ୪ ଉଇକେଟରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରେଡ୍ ଷ୍ଟାର ନିର୍ଦ୍ଧାରିତ ୩୦ ଓଭରରେ ୫ ଉଇକେଟ ହରାଇ ୧୬୮ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ନାୟକ ସର୍ବାଧିକ ୮୭ ଓ ଶ୍ରେୟାଂଶ ବିଧାର ୩୫ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ପରିଡ଼ା ୩ଟି ଓ ବିଜୟ ସିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୯.୨ ଓଭରରେ ୬ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ନେଇଥିଲା। କ୍ରିଷ୍ଣା ସାସମଲ ୫୨ ଏବଂ ପ୍ରତୀକ୍ଷିତ ପ୍ରଧାନ ଓ ସ୍ୱାଗତ ମିଶ୍ର ୩୭* ରନ ଲେଖାଏ ସ୍କୋର କରିଥିଲେ। ରେଡ୍ ଷ୍ଟାର ପକ୍ଷରୁ କ୍ଷୀରୋଦ ଭଞ୍ଜ ୨ଟି ଉଇକେଟ ନେଇଥିଲେ। ଶୁଭମ୍ ପରିଡ଼ା ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପାଇଥିଲେ। ତୁଫେଲ ଅହମଦ ଶ୍ରେଷ୍ଠ ଫିଲ୍ଡର, ସମରଜିତ ସାହୁ ଶ୍ରେଷ୍ଠ ଉଇକେଟ କିପର, ଶୁଭମ୍ ପରିଡ଼ା ଶ୍ରେଷ୍ଠ ବୋଲର, ସ୍ୱାଗତ ମିଶ୍ର ଶ୍ରେଷ୍ଠ ବ୍ୟାଟର ଏବଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଆର୍‌ଏସ୍‌ଏସ୍ ପୂର୍ବାଞ୍ଚଳ ମୁଖ୍ୟ ଗୋପାଳ ପ୍ରସାଦ ମହାପାତ୍ର, ତପନ କୁମାର ପାଢ଼ୀ ଓ ହାଇ-ଟେକ୍ ମେଡିକାଲ କଲେଜ କ୍ରୀଡ଼ା ଅଧିକାରୀ ସୁରେଶ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁ, ଉପସଭାପତି ବଲ୍ଲଭ ଚନ୍ଦ୍ର ସାହୁ, ସହଯୋଗୀ ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ପାରାମାଉଣ୍ଟ ଦଳ।

## ନୀତୀଶ ରାଣାଙ୍କୁ ମ୍ୟାଚ୍ ଫି'ର ୨୫% ଜରିମାନା

**ଚେନ୍ନାଇ, ୧୨।୪ (ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟର ନୀତୀଶ ରାଣାଙ୍କୁ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏଠାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍ ବେଳେ ଚତୁର୍ଥ ଅମ୍ପାୟରଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ୧୯ତମ ଓଭରରେ ଏହି ଘଟଣା ଘଟିଥିଲା। ଚେନ୍ନାଇର ଆର୍ଦ୍ରତା ପରିବେଶରୁ ପ୍ରବଳ ଝାଳ ବୋହି ଟ୍ରିଷ୍ଟାନ ଷ୍ଟବ୍ସଙ୍କ ଗ୍ଲୋଭ୍ସ ଓଦା ହୋଇଯାଇଥିଲା। ଏହାକୁ ବଦଳ ପାଇଁ ସେ କରିଥିବା ଅନୁରୋଧକୁ ଅମ୍ପାୟର ଅଗ୍ରାହ୍ୟ କରିଥିଲେ। ସେ ଆଉଟ ହୋଇଯିବା ପରେ ରାଣା ବିରକ୍ତି ପ୍ରକାଶ କରିବା ସହ ଚତୁର୍ଥ ଅମ୍ପାୟରଙ୍କ ସହିତ ଯୁକ୍ତିତର୍କ କରିଥିଲେ। ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ଦିଆଯାଇଛି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ସ୍ଲୋ-ଓଭର ରେଟ୍ ପାଇଁ ସିଏସ୍‌କେ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କୁ ୧୨ ଲକ୍ଷ ଜରିମାନା ହୋଇଛି।

## ମହମ୍ମଡାନ ସ୍ପୋର୍ଟିଂକୁ ହରାଇଲା ଇଷ୍ଟରକାଶୀ

**କୋଲକାତା, ୧୨।୪ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଇଷ୍ଟର କାଶୀ ୧-୦ ଗୋଲ୍‌ରେ ମହମ୍ମଡ଼ାନ ସ୍ପୋର୍ଟିଂ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳର ୧୫ତମ ମିନିଟରେ ମହମ୍ମଦ ଅସିଫଙ୍କ ଗୋଲ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଇଷ୍ଟର କାଶି ବର୍ତ୍ତମାନ ୮ଟି ମ୍ୟାଚରୁ ୧୧ ପଏଣ୍ଟ ସହ ଷ୍ଟାଣ୍ଡିଂରେ ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ମହମ୍ମଡ଼ାନ ୭ଟି ମ୍ୟାଚରୁ ଗୋଟିଏ ହେଲେ ପଏଣ୍ଟ ଅର୍ଜନ କରିନପାରି ଅନ୍ତିମ ସ୍ଥାନରେ ରହିଛି।

**Classified Everyday 0674-2580101, 9692975378**



REAL ESTATE

SALE

Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498. D-250

Three storied building and 2178sqft gharabari land situated opposite Hyundai Showroom, Uttara, Bhubaneswar. Call- 8917520527. D-91




Newly open SPA health benefits relax refresh good therapist. 8658466886. D-76959

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open Jyoti spa positively health benefits (Expert therapist). 8458067955. D-76960

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

୧୫ତମ ଶ୍ରାଦ୍ଧବାର୍ଷିକୀ



ଂଗୌରାଙ୍ଗ ଚରଣ ଦାସ
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୯।୧୯୪୧
ତିରୋଧାନ: ୨୮।୦୪।୨୦୧୧
ଏହା ମଧ୍ୟରେ ୧୫ ବର୍ଷ ଅତିକ୍ରାନ୍ତ। ଆପଣଙ୍କୁ ଆମେ ଭୁଲିପାରୁନୁ। ଆପଣ ଆମର ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଇଂ ଦେବାଶିଷ ଦାସ, ଡାକ୍ତର ଅବକାଶ ଯାଦବ, ବନ୍ଧୁ, ପରିବାରବର୍ଗ ତଥା ଗୌରାଙ୍ଗ-କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ ଓ ଗୌରାଙ୍ଗ ଦାସ ସ୍ମୃତି କମିଟି।
ଧ-୯୮

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂରମାକାନ୍ତ ଦାଶ
ଆବିର୍ଭାବ: ୨୩।୦୨।୧୯୪୦
ତିରୋଧାନ: ୦୨।୦୪।୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ନନା, କେଉଁଠି ତୁମେ..? ଆକାଶ ଘଟର ଶାନ୍ତ ଜଳରେ ତୁମ ଛବି ରହିଛି ଲୁଚି.. ଅବା ଘଟ ପ୍ରଦୀପର ନିରବ ଅଗ୍ନିଶିଖାରେ ତୁମ ଆତ୍ମା ଜ୍ୱଳି ଉଠିଛି... ଗାଁ ପୋଖରୀ ହୁଡ଼ା ପାଖରେ ସେଇ ମାଟିଘରର ନିରବତାରେ... ନା ତୁମେ ଆଜି ସର୍ବତ୍ର ବ୍ୟାପ୍ତ ପଞ୍ଚମହାଭୂତର ଅଦୃଶ ସ୍ପନ୍ଦନରେ...
ଧ-୯୯

# ଆରିତ ଭାରତର ସର୍ବ କନିଷ୍ଠ ଆଇଏମ୍

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ଦିଲ୍ଲୀର ୧୦ ବର୍ଷୀୟ ଆରିତ କପିଲ ଭାରତର ସର୍ବକନିଷ୍ଠ ଖେଳାଳି ହିସାବରେ ଏକ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍)ନର୍ମ ହାସଲ କରିଛନ୍ତି। ସ୍ପେନର ମେନୋର୍କାଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡରେ ଅଷ୍ଟ୍ରେଲିଆର ସାମୁଏଲ୍ ଆସାକାଙ୍କ ସହିତ ଡ୍ର' ରଖିବା ପରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୨୦ ବର୍ଷରୁ କମ୍ ଚାମ୍ପିୟନ କାଜାଖସ୍ତାନ ଗ୍ରାଣ୍ଡମାଷ୍ଟର ନୋଜରବେକ୍ କେଜିବେକ୍‌ଙ୍କୁ ପରାଜିତ କରିବା ସହ ଟୁର୍ନାମେଣ୍ଟରେ ଆରିତଙ୍କ ଆରମ୍ଭ ଉତ୍ସାହଜନକ ଥିଲା। ସେ ମାତ୍ର ୧୦ ବର୍ଷ ୭ ମାସ ବୟସରେ ସର୍ବକନିଷ୍ଠ ଭାରତୀୟ ଚେସ୍ ଖେଳାଳି ଭାବେ ଆଇଏମ୍ ନର୍ମ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଡି. ଗୁକେଶ, ଅର୍ଜୁନ ଓ ଆର. ପ୍ରଜ୍ଞାନନ୍ଦଙ୍କ ଭଳି ଖେଳାଳିଙ୍କ ପଦାଙ୍କ ଅନୁସରଣ କରି ସେ ବିଶ୍ୱରେ ଭାରତର ପୂର୍ବବର୍ତ୍ତୀ ବଡ଼ ଚେସ୍ ଖେଳାଳି ହୋଇ ଉଭା ହେବେ ବୋଲି ଆଶା କରାଯାଉଛି। ଗତବର୍ଷ ୧୧ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍ ବିଜୟ ହାସଲ କରିବା ଆରିତ୍‌ଙ୍କ ପାଇଁ ଟର୍ନିଂ ପଏଣ୍ଟ ଥିଲା। ବର୍ତ୍ତମାନ ସେ ୨୦୧୫ରେ ଜନ୍ମଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରେ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି। 'ମେସି ଅଫ୍ ଚେସ୍' ନାମରେ ପରିଚିତ ୧୨ ବର୍ଷୀୟ ଅନ୍ତର୍ଜାତୀୟ ମାଷ୍ଟର ବିଶ୍ୱ ଚେସ୍ ମହଲରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



# କରାଟେ ଗ୍ରେଡିଂରେ ୨୮୬ କୃତକାର୍ଯ୍ୟ

**ଭୁବନେଶ୍ୱର, ୧୨।୪ (ଅନାଦି କର)**

ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଶାଖାଠାରେ ରବିବାର ସୁକୋକାଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ସୁକୋକାଇ କରାଟେ ୟୁନିଅନର ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, ଶୁଭେନ୍ଦୁ ଲେଙ୍କା, ଦୀପକ ଯାଦବ, ଆଶିଷ ରାଉତ, ରାହୁଲ ପ୍ରଧାନ ଓ ଗୋପାଳ ରାଓ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ପରୀକ୍ଷାରେ ୟେଲୋ ବେଲ୍ଟରେ ୪୯, ଅରେଞ୍ଜ ବେଲ୍ଟରେ ୪୭, ଗ୍ରୀନ ବେଲ୍ଟରେ ୫୩, ବ୍ଲୁ ବେଲ୍ଟରେ ୪୭, ବ୍ରାଉନ ବେଲ୍ଟରେ ୯୦ ଜଣଙ୍କୁ ମିଶାଇ ମୋଟ ଉପରେ ୨୮୬ ଜଣ ଗ୍ରେଡିଂ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।




କରାଟେ ବେଲ୍ଟ ଗ୍ରେଡିଂରେ ଅଂଶଗ୍ରହଣ କରିଥିବା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ବିଶୋଧିତ ପାନୀୟ ଜଳ


ଡା. ଜୀବନ କୃଷ୍ଣ ମିଶ୍ର

''ପ୍ରଦୂଷିତ ପାଣିରେ କ୍ଷତିକାରକ ପଦାର୍ଥମାନ ଭାସମାନ ଓ ଦ୍ରବୀଭୂତ ଅବସ୍ଥାରେ ମହଜୁଦ ଥାଏ। ଭାସୁଥିବା ଅନିର୍ମଳ ପାଣିକୁ ଛାଣିଦେଲେ ଜଳ କିଛି ପରିମାଣରେ ନିର୍ମଳ ହୋଇଥାଏ। ତା'ପରେ ଉକ୍ତ ପାଣିକୁ ୧୦୦୦ ଡିଗ୍ରୀ ତାପମାତ୍ରାରେ ଫୁଟାଇ ଦେଲେ ୧୫ରୁ ୨୦ ମିନିଟ୍ ମଧରେ ଜୀବାଣୁ ସମୂହ ନଷ୍ଟ ହୋଇଯାଆନ୍ତି ଓ ତାହା ପାନୀୟ ଉପଯୋଗୀ ହୋଇଥାଏ। ଏତଦ୍‌ବ୍ୟତୀତ ଫିଲ୍‌ଟର ପେପର ମାଧମରେ ମଧ ଜଳକୁ ବିଶୋଧନ କରାଯାଏ। ଏହି ପ୍ରକ୍ରିୟାକୁ ଫିଲଟ୍ରେସନ୍ କୁହାଯାଏ।''



ବିଶାଳ ଭୂପୃଷ୍ଠକୁ ସୁବିସ୍ତୃତ ଜଳରାଶି ଚାରିପଟୁ ସଜାଗ ପୋଲିସ ବାହିନୀ ସଦୃଶ ଘେରିରହିଛି। ମହାସାଗର, ସାଗର ଓ ନଦୀଜଳ ଦ୍ୱାରା ଜାଗତିକ ସଭ୍ୟତା ଉନ୍ନତିର ସୋପାନରେ ଆଗେଇ ଚାଲିଛି। ନଦୀଜଳର ସୁମଧୁର ବାରିଧାରା, କେନାଲ ପାଣିର ଉପଯୁକ୍ତ ବିନିଯୋଗ ଏବଂ ସମୟୋପଯୋଗୀ ମୌସୁମୀ ବର୍ଷାର ସ୍ପର୍ଶ ଚାଷ, ଅମଳ ଓ କୃଷି କ୍ଷେତ୍ରରେ ଯଥେଷ୍ଟ ଉତ୍କର୍ଷ ସାଧନ କରିପାରିଛି। ମହୋଦଧିର ଅବବାହିକାରେ କ୍ଷେପଣାସ୍ତ୍ର ପ୍ରେରଣ, ଗମନାଗମନ ଓ ପରିଚାଳନାର ସୁଯୋଗ ମଧ ବେଶ୍ ବୃଦ୍ଧି ପାଇଛି। ବିଶେଷ ଭାବରେ ଦେବଭୂମି ଭାରତବର୍ଷ ବସୁନ୍ଧରା ମାତାଙ୍କ ଅବଦାନରେ ପରିପୁଷ୍ଟ ହୋଇ ବିଶ୍ୱ ଦରବାରରେ ସମ୍ମାନିତ ହୋଇପାରିଛି। ଘୋର ଦୁଃଖ ଓ ପରିତାପର ବିଷୟ ଯେ, ଉପମହାଦେଶ 'ଭାରତ' ଆଜି ଜନସଂଖ୍ୟା ବିସ୍ଫୋରଣରେ ଆଉଟୁପାଉଟୁ ହୋଇ ଚିନ୍ତାଶୀଳ ହୋଇପଡ଼ିଛି। ପୃଥିବୀର ସର୍ବବୃହତ୍ ଦେଶ ଭାବେ ଏହା ପରିଗଣିତ ହେବା ସହିତ ସବୁଜ ଗୃହର କ୍ରମବର୍ଦ୍ଧିଷ୍ଣୁ ନକାରାତ୍ମକ ପ୍ରଭାବ ଓ ଉତ୍ତପ୍ତୀକରଣ ପ୍ରକ୍ରିୟାରେ ବୁଡ଼ିଆଣୀ ଜାଲରେ ଛନ୍ଦି ହୋଇ ଯାଇଛି। ବିପୁଳ ଜନସଂଖ୍ୟା ସହିତ ମାତ୍ରାଧିକ ଯାନବାହନର ବ୍ୟବହାର, ନଦୀମାତୃକା ଦେଶର ସ୍ୱଚ୍ଛ ଓ ନିର୍ମଳ ଜଳ ସମୂହକୁ ଧୀରେ ଧୀରେ ପ୍ରଦୂଷିତ କରିବାରେ ଲାଗିଛି। ସମସ୍ୟା ଏପରି ହେଲାଣି ଯେ, ପାନୀୟଜଳ କିଣିବା ପାଇଁ ବ୍ୟକ୍ତିବିଶେଷ ବାଧ ହେଉଛନ୍ତି। ଘରେ ଘରେ ଜଳ ବିଶୋଧନର ସାମଗ୍ରୀ ଖଞ୍ଜିବା ପାଇଁ ଲୋକେ ସଜାଗ ରହୁଛନ୍ତି। ଏଣୁ ପାନୀୟଜଳ ବିଶୋଧନ ପାଇଁ ଆମେ ସାମୂହିକ ଭାବେ ସର୍ବଦୌ ସଚେତନ ରହିବା ସମୀଚୀନ ମନେହୁଏ।

ପ୍ରଦୂଷିତ ପାଣିରେ କ୍ଷତିକାରକ ପଦାର୍ଥମାନ ଭାସମାନ ଓ ଦ୍ରବୀଭୂତ ଅବସ୍ଥାରେ ମହଜୁଦ ଥାଏ। ଭାସୁଥିବା ଅନିର୍ମଳ ପାଣିକୁ ଛାଣିଦେଲେ ଜଳ କିଛି ପରିମାଣରେ ନିର୍ମଳ ହୋଇଥାଏ। ତା'ପରେ ଉକ୍ତ ପାଣିକୁ ୧୦୦୦ ଡିଗ୍ରୀ ତାପମାତ୍ରାରେ ଫୁଟାଇଦେଲେ, ୧୫ରୁ ୨୦ ମିନିଟ୍ ମଧରେ ଜୀବାଣୁ ସମୂହ ନଷ୍ଟ ହୋଇଯାଆନ୍ତି ଓ ତାହା ପାନୀୟ ଉପଯୋଗୀ ହୋଇଥାଏ। ଏତଦ୍‌ବ୍ୟତୀତ ଫିଲ୍‌ଟର ପେପର ମାଧମରେ ମଧ ଜଳକୁ ବିଶୋଧନ କରାଯାଏ। ଏହି ପ୍ରକ୍ରିୟାକୁ ଫିଲ୍‌ଟ୍ରେସନ କୁହାଯାଏ। ଯଦି ପାଣିରେ ଅତ୍ୟଧିକ ମାତ୍ରାରେ କାଦୁଅ ଓ କଳଙ୍କି ମାଟି ପରି ପ୍ରଦୂଷଣ ଥାଏ, ତାହାହେଲେ ଉକ୍ତ ପାଣିକୁ ସଂଗ୍ରହ କରି ତାକୁ ସ୍ୱଚ୍ଛପାତ୍ରରେ ଅନ୍ତତଃ ଅଧଘଣ୍ଟାଏ ରଖିଦେଲେ ଅଦରକାରୀ ଓ ଅଶୁଦ୍ଧ ପଦାର୍ଥଗୁଡ଼ିକ ନିମ୍ନଗାମୀ ହୋଇ ତଳେ ରହି ଯାଇଥାଏ। ଏହା ଏକ ସୁବିଧାଜନକ ମାଧ୍ୟମ, ଏହାକୁ ଇଂଲିଶ୍‌ରେ 'ସେଡିମେଣ୍ଟେଶନ' କୁହାଯାଏ। ଉପରିସ୍ଥ ଶୁଦ୍ଧ ଜଳକୁ ଆଉ ଏକ ପାତ୍ରକୁ ଢାଳିଦେଲେ ଏହା ପାନୀୟ ଉପଯୋଗୀ ହୋଇଥାଏ; ଏତାଦୃଶ କାର୍ଯ୍ୟକ୍ରମକୁ ଇଂଲିଶ୍‌ରେ 'ଡିକାଣ୍ଟେଶନ' କୁହାଯାଏ। କିଛି କିଛି ସ୍ଥାନ ବିଶେଷରେ ମଧ ଜଳରେ କ୍ଲୋରିନ ଟାବ୍‌ଲେଟ ପକାଇ ବା କ୍ଲୋରିନ୍ ଗ୍ୟାସ ଚାଳନା କରି ଜଳକୁ ବିଶୋଧନ କରାଯାଏ। 'କ୍ୟାଲସିୟମ ଅକ୍ସିକ୍ଲୋରାଇଡ୍‌ରେ ଯେଉଁ 'ନାସେଣ୍ଟ ଅକ୍ସିଜେନ' ଦ୍ରବୀଭୂତ ଅବସ୍ଥାରେ ଥାଏ, ତାହା ସକ୍ରିୟ ହୋଇ ଜଳକୁ ବିଶୋଧିତ କରିଥାଏ। ଏହି ପଦ୍ଧତିକୁ 'କ୍ଲୋରିନେସନ' କୁହାଯାଏ।

ଓଜନିଆ ଦ୍ରବୀଭୂତ ଧାତବ ଦ୍ରବ୍ୟର କ୍ଷତିକାରକ ପରିଣାମ ବିଷୟରେ କିଛି ସୂଚନା ଦେବା ଠିକ୍ ହେବ। ଏତାଦୃଶ ବସ୍ତୁ ବିଶେଷଗୁଡ଼ିକର ଡେନ୍‌ସିଟି, ସ୍ପେସିଫିକ ଗ୍ରାଭିଟି ଓ ଆଟୋମିକ୍ ୱେଟ ସାଧାରଣତଃ ଅଧିକ ହୋଇଥାଏ। ଏହି ଦ୍ରବୀଭୂତ ପଦାର୍ଥଗୁଡ଼ିକ ଖୋଲା ଆଖିରେ ଦୃଶ୍ୟମାନ ହେବା ଅସମ୍ଭବ। ଏହାକୁ ପରଖିବା ପାଇଁ ଅଣୁବୀକ୍ଷଣ ଯନ୍ତ୍ରର ଆବଶ୍ୟକତା ହୋଇଥାଏ। କିଛି ହେଭି ମେଟାଲ୍‌ସ ଯଥା କୋବାଲ୍ଟ, କପର୍, ଜିଙ୍କ ଓ ମାଙ୍ଗାନିଜ ପ୍ରଭୃତି ଯଦି ପାଣିରେ ଆବଶ୍ୟକ ମୁତାବକ ରହିଥାଏ, ତାହା ସ୍ୱାସ୍ଥ୍ୟ ପକ୍ଷରେ ହିତକାରକ; ଆଉ କିଛି ଦ୍ରବୀଭୂତ ଓଜନିଆ ଧାତବ ପଦାର୍ଥ ଯଥା ମର୍କ୍ୟୁରି, ଲେଡ୍, କାଡାସିୟମ୍, ଆର୍ସେନିକ, ନିକେଲ, କ୍ରୋମିୟମ୍ ଯଦି ମାତ୍ରାଧିକ ପରିମାଣରେ ପାନୀୟ ଜଳରେ ମହଜୁଦ ଥାଏ, ତେବେ ଫଳାଫଳ ବେଶ୍ ଦୁର୍ବିଷହ ହୋଇଥାଏ। ମାନସିକ ପ୍ରକ୍ରିୟା ଦୁର୍ବଳ ହୁଏ ଏବଂ କେନ୍ଦ୍ରୀୟ ସ୍ନାୟୁଶକ୍ତି ନିଷ୍କ୍ରିୟ ହୋଇପଡ଼େ। ଫଳରେ ଫୁସ୍‌ଫୁସ୍, ଯକୃତ ଓ ବୃକକ୍ ମଧ ବାଧାପ୍ରାପ୍ତ ହୋଇଥାଏ। ଅନ୍ୟପକ୍ଷରେ ଏହି ଦ୍ରବୀଭୂତ ବିଷାକ୍ତ ପଦାର୍ଥଗୁଡ଼ିକ କର୍କଟ ରୋଗ ସୃଷ୍ଟି କରିବାରେ ମଧ ସୁଯୋଗ ଦେଇଥାଏ। ବିଶେଷଭାବରେ ଶିଶୁ ଓ କିଶୋରମାନେ ଏହି ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାଆନ୍ତି। ସମୀକ୍ଷା ଓ ଗବେଷଣାରୁ ଜଣାଯାଏ ଯେ, କପର୍ ଓ ନିକେଲର ପରିମାଣ ପାଣିରେ ଅଧିକ ରହିଲେ ଏହା ଚକ୍ଷୁ, ଯକୃତ ଓ ଚର୍ମ ସମୂହକୁ କ୍ଷତି ପହଞ୍ଚାଇଥାଏ ଏବଂ କର୍କଟ ରୋଗର କାରଣ ମଧ ହୋଇଥାଏ। ମହିଳାଙ୍କ ଶରୀରରେ ଆଲର୍ଜିକ ପ୍ରତିକ୍ରିୟା ପରିଦୃଶ୍ୟମାନ ହୋଇଥାଏ। ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ଜିଙ୍କ୍ ପରି ଏକ ହେଭି ମେଟାଲର ମାତ୍ରା କମିଗଲେ, ଏହା କ୍ରନ୍ସ ଓ ସିଲିଆକ୍ ରୋଗ ସୃଷ୍ଟି କରିଥାଏ। ତେଣୁ ସ୍ଥଳ ବିଶେଷରେ ଗବେଷକମାନେ ଔଷଧରେ କିଛି ପରିମାଣରେ ଜିଙ୍କ୍ ମିଶାଇ ଥାଆନ୍ତି, ଯାହା ଶରୀର ପାଇଁ ହିତକାରକ ହୋଇଥାଏ।

ଏ ସବୁର ପ୍ରତିକାର ହେଲା କେଣ୍ଟ ୱାଟର, ଯାହା ରିଭର୍ସ ଓସ୍ମୋସିସ ପ୍ରକ୍ରିୟାରେ ଓଜନିଆ ଦ୍ରବୀଭୂତ ଦ୍ରବ୍ୟଗୁଡ଼ିକୁ ପାନୀୟ ଜଳରୁ ବାହାର କରିଦେଇଥାଏ। ଏହି ଜଳ ବ୍ୟବହାର କଲେ ମନୁଷ୍ୟସମାଜ ସମ୍ଭବତଃ ସୁସ୍ଥ ରହିବାର ସମ୍ଭାବନା ରହିଛି। ଏଣୁ ସରକାର ଓ ପ୍ରଶାସନ ବିଶୋଧିତ ପାନୀୟ ଜଳର ସୁବନ୍ଦୋବସ୍ତ କରିବା ଉଚିତ। ଏହା ସହିତ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଉପରେ କଟକଣା ଜାରି କରିବା, ଅବିରତ ଯାନବାହନ ଚଳାଚଳକୁ ବନ୍ଦ କରିବା, ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ସଂଖ୍ୟା ଉପରେ ଦୃଷ୍ଟିଦେବା, ବର୍ଷାଜଳ ସଂରକ୍ଷଣ କରିବା, ଜଙ୍ଗଲ ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ। ଫଳ ସ୍ୱରୂପ ସମାଜ ସୁସ୍ଥ ରହିବ, ବ୍ୟକ୍ତି ବିଶେଷଙ୍କର ଭାବାବେଗ ଅଧିକ ହେବ। ସାମୂହିକ ଉଦ୍ୟମ ମାଧମରେ ଦେଶ ସୁଜଳା, ସୁଫଳା ଓ ଶସ୍ୟଶ୍ୟାମଳା ହେବ। ଏକବିଂଶ ଶତାବ୍ଦୀର ମଧ୍ୟଭାଗ ସମାଜ ପାଇଁ ଆଣିଦେବ ଏକ ଅଭୂତପୂର୍ବ ଶାନ୍ତିର ଚିରସ୍ରୋତା ନିର୍ଝରିଣୀ।

- ପୁରୁଣା ଭୁବନେଶ୍ୱର
ମୋ: ୯୯୩୮୬୫୮୭୫୬

## ହଜମ କ୍ରିୟାକୁ ସକ୍ରିୟ କରେ ଖଜୁରି



ଖଜୁରିରେ ଫାଇବର୍, କ୍ୟାଲ୍‌ସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଆଦି ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା, କିନ୍ତୁ ମୁଖ୍ୟତଃ ଏହାକୁ ସକାଳ ଜଳଖିଆ ଓ ଉପାସ କରିଥିବା ସମୟରେ ଖାଇଥାଉ। ତେବେ ଏହାକୁ ନିୟମିତ ଖାଇଲେ ତାହା ଆମର ହଜମ କ୍ରିୟାକୁ ଅଧିକ ସକ୍ରିୟ କରିଥାଏ। ଏହାବ୍ୟତୀତ ସ୍ନାୟୁଗୁଡ଼ିକୁ ଶକ୍ତି ଯୋଗାଇବାରେ ମଧ ସହାୟକ ହୋଇଥାଏ। ଖଜୁରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ପେଟ ଭିତରେ ଏସିଡିଟି ପରିମାଣକୁ ଏହା ନିୟନ୍ତ୍ରଣରେ ରଖେ। ଅନ୍ୟପକ୍ଷରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ ଏହାକୁ ନିୟମିତ ଖାଇଲେ କେତେକ ରୋଗର ଆଶଙ୍କାକୁ ଏହା ଦୂର କରିଥାଏ। ବିଶେଷଭାବରେ କ୍ୟାନସର, ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ ଏହା କେତେକାଂଶରେ ଦୂର କରିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଗର୍ଭବତୀଙ୍କ ପାଇଁ ଖଜୁରି ମଧ ଉପକାରୀ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହାଦ୍ୱାରା ଅସ୍ଥି ମଜଭୁତ ରହିଥାଏ।

## ଚକ୍ଷୁଦାନ ସମୟରେ...



ଚକ୍ଷୁ ଏପରି ଅଙ୍ଗ ଯାହା ନଷ୍ଟ ହୋଇଗଲେ ଆମର ଜୀବନ ଦୁର୍ବିଷହ ହୋଇଯାଇଥାଏ। ତେଣୁ ଚକ୍ଷୁ କିପରି ସୁରକ୍ଷିତ ରହିବ ସେ ନେଇ ଆମେ ବେଶ୍ ଯତ୍ନବାନ ରହିଥାଉ। ଏବେ ଚକ୍ଷୁଦାନ ଧାରାରେ ଅନେକେ ନିଜକୁ ସାମିଲ କରିଛନ୍ତି। ବିଶେଷଭାବରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାଙ୍କର ପରିବାର ସଦସ୍ୟମାନେ ଚକ୍ଷୁଦାନ କରିପାରିବେ। କେତେକ ବ୍ୟକ୍ତି ବଞ୍ଚିଥିବା ଅବସ୍ଥାରେ ତାଙ୍କର ଚକ୍ଷୁ ଅନ୍ୟମାନଙ୍କୁ ଦାନ କରିବାକୁ ନିଷ୍ପତ୍ତି ନେଇଥାଆନ୍ତି। ସେ ମୃତ୍ୟୁବରଣ କରିବା ପରେ ଏହି କାର୍ଯ୍ୟ ସମାପନ କରାଯାଇଥାଏ। ତେବେ ଚକ୍ଷୁଦାନ କରିବା ବେଳେ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଥିଲାଗି ଚକ୍ଷୁ ବ୍ୟାଙ୍କରେ ଏ ବିଷୟରେ ଚକ୍ଷୁଦାନ କରୁଥିବା ବ୍ୟକ୍ତିଙ୍କ ନାମ ରେଜିଷ୍ଟ୍ରେଶନ କରାଇ ନିଅନ୍ତୁ। ଯଦି ରେଜିଷ୍ଟ୍ରେଶନ କରିନାହାନ୍ତି ତେବେ ସମ୍ପୃକ୍ତ ଅନୁଷ୍ଠାନକୁ ଫୋନ୍ ମାଧମରେ ଏକଥା ଜଣାଇବା ପରେ ସେମାନେ ଆବଶ୍ୟକ ତଥ୍ୟ ଲିପିବଦ୍ଧ କରାଇବାରେ ସହାୟତା କରିଥାଆନ୍ତି। ଚକ୍ଷୁ ବ୍ୟାଙ୍କ ତରଫରୁ ଏକ ସ୍ୱତନ୍ତ୍ର ଡାକ୍ତର ଟିମ୍ ଚକ୍ଷୁ ସଂଗ୍ରହ କରିବାକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇଥାଆନ୍ତି। ଏହା ଡାକ୍ତରଖାନା ସହ ନିଜ ଘରେ ମଧ ସମ୍ଭବ। କିନ୍ତୁ ଚକ୍ଷୁ ସଂଗ୍ରହ କାମ ମୃତ୍ୟୁର ଛଅ ଘଣ୍ଟା ମଧରେ ହେବା ଦରକାର। ମୃତ୍ୟୁ ପରେ ଶରୀରକୁ ଥଣ୍ଡାରେ କିମ୍ବା ଏସି ରୁମ୍‌ରେ ରଖନ୍ତୁ। ଆଖିପତା ଦୁଇଟିକୁ ବନ୍ଦ କରି ଓଦା ତୁଳା ବା ରୁମାଲ୍‌ରେ ଘୋଡ଼େଇ ରଖନ୍ତୁ। ଚକ୍ଷୁ କଲେକ୍ସନ୍ ଟିମ୍ ଆସି ପହଞ୍ଚିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ। ଆଉ ଗୋଟିଏ କଥା ହେଲା, ଏଥିରେ ପୂରା ଚକ୍ଷୁକୁ ତଡାଯାଇ କଢ଼ାଯାଏ ନାହିଁ। କେବଳ ସ୍ୱଚ୍ଛ ପଟଳ ବା କର୍ଣ୍ଣିଆଟିକୁ କଢ଼ାଯାଇ ନିଆଯାଏ। ସେଥିରେ ଗୋଟିଏ ପ୍ଲାଷ୍ଟିକ୍ କ୍ୟାପ୍ ମଧ ଲଗାଇ ପତା ଦୁଇଟିକୁ ପୁନର୍ବାର ଘୋଡେଇ ଦିଆଯାଏ। ତେଣୁ ବାହାରକୁ ଚକ୍ଷୁଟି ଆଦୌ ଅସୁନ୍ଦର ଦେଖାଯାଇ ନ ଥାଏ।

## ଜାଣିରଖନ୍ତୁ...



ଆଣ୍ଠୁଗଣ୍ଠି ସମସ୍ୟା ପୁରୁଷମାନଙ୍କଠାରୁ ମହିଳାମାନ ଠାରେ ଅଧିକ ମାତ୍ରାରେ ଦେଖାଯାଇଥାଏ। ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଦୀର୍ଘ ଦିନ ଧରି ଔଷଧ (ପେନ୍‌କିଲର) ଖାଇଲେ ତାହାର ଖରାପ ପ୍ରଭାବ କିଡ୍‌ନୀ ଉପରେ ପଡିବାର ଆଶଙ୍କା ରହିଛି। ର୍‍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ଏଭଳି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ଲାଗି ସବୁବେଳେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। କାରଣ ଓଜନ ବଢ଼ିଗଲେ ତାହାର ପ୍ରଭାବ ଆଣ୍ଠୁ ଉପରେ ପଡିଥାଏ। ଏହାବ୍ୟତୀତ ଶରୀରରେ କ୍ୟାଲସିୟମ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ।

## ସ୍ୱାସ୍ଥ୍ୟ ପାଇଁ ଶଜନା ଶାଗ



ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ଶଜନା ଶାଗ। ଏଥିରେ କାଲ୍‌ସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ବିଶେଷଭାବରେ ଯଦି ଜଣେ ଉଚ୍ଚ ରକ୍ତଚାପ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ନିୟମିତ ଶଜନା ଶାଗରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ରକ୍ତଚାପ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏହା ମଧ ଶରୀରରେ ହିମୋଗ୍ଲୋବିନ ପରିମାଣକୁ ସନ୍ତୁଳିତ ରଖେ। ଯକ୍ଷ୍ମା ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ପାଇଁ ଏହା ମଧ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଯଦି ଆପଣଙ୍କର ଓଜନ ବଢ଼ିଯାଇଛି ତେବେ ଏହାକୁ ଖାଇଲେ ତାହା କେତେକାଂଶରେ ନିୟନ୍ତ୍ରଣକୁ ଆସିଥାଏ। ଶରୀରର ଚର୍ବି ଅଂଶକୁ ଏହା ମଧ ଅନେକାଂଶରେ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ ରହିଛି। ଏହା ଖାଦ୍ୟ ହଜମ ହେବାରେ ମଧ ସାହାଯ୍ୟ କରିଥାଏ। ଶଜନା ଶାଗ ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

## ଓଜନ ନିୟନ୍ତ୍ରଣର ସହଜ ଉପାୟ



ବର୍ତ୍ତମାନ ଓଜନ ବୃଦ୍ଧି ବା ଓବେସିଟି ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ବିଶେଷଭାବରେ ଯୁବପିଢ଼ି ଏହାର ଅଧିକ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ବିଶେଷଭାବରେ ଖାଦ୍ୟପେୟ ଏବଂ ନିଜ ଜୀବନଶୈଳୀ ପ୍ରତି ଆବଶ୍ୟକ ମୁତାବକ ସଚେତନ ନ ରହିବା ଏହାର କାରଣଗୁଡିକ ମଧ୍ୟରୁ ଅନ୍ୟତମ। ତେବେ ଏହାକୁ ନିୟନ୍ତ୍ରଣରେ ରଖିବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ସଚେତନ ରହନ୍ତି ଏବଂ ଖାଦ୍ୟପେୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତି ତେବେ ସେ ନିଜ ଓଜନକୁ କେତେକାଂଶରେ ନିୟନ୍ତ୍ରଣରେ ରଖିପାରିବେ। ଏଭଳି ବିଷୟବସ୍ତୁକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଓଜନ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ଏମାନଙ୍କୁ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ଓଜନ କେତେ ନିୟନ୍ତ୍ରଣରେ ରହୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ଏହାଦ୍ୱାରା ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନ ସନ୍ତୁଳିତ ଅବସ୍ଥାକୁ ଆସିଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା



- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ବିଶେଷଭାବରେ ଯଦି ଏହାକୁ ବ୍ରେକଫାଷ୍ଟରେ ଖାଆନ୍ତି ତେବେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- କୌଣସି ମେଡିସିନ୍ ଖାଇଲେ ଯଦି ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ସେ ବିଷୟରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ରାତ୍ରଭୋଜନରେ କଦାପି ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।
- ଖାଦ୍ୟ କିମ୍ବା କୌଣସି ଜଳଖିଆ ଖାଇବା ବେଳେ କେତେକେ କୋଲ୍ଡ ଡ୍ରିଙ୍କ୍‌ସ ପିଇଥାଆନ୍ତି। ଏଭଳି ଅଭ୍ୟାସ ବର୍ଜନ କରନ୍ତୁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ମନକୁ ଯେତେ ଶାନ୍ତ ରଖିବେ ସେତେ ଭଲ। କାରଣ ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ନିଜକୁ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ ସୁସ୍ଥ ରଖନ୍ତୁ। ନିଜର ମାନସିକତାକୁ ଯେତେ ସକାରାତ୍ମକ ରଖିବେ ତାହା ସେତେ ଭଲ।
- ସ୍ୱାସ୍ଥ୍ୟ ସମ୍ପର୍କିତ ସବିଶେଷ ଜ୍ଞାନ ନ ଥାଇ ଅନ୍ୟମାନଙ୍କୁ ସେ ବିଷୟରେ ଟିପ୍ସ ଦେବାକୁ ଠିକ୍ ନୁହେଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ହାଇଡ୍ରୋଜେନ ବଣ୍ଡିଂ: ଦୈନନ୍ଦିନ ଜୀବନର ଅଦୃଶ୍ୟ ସ୍ଥାପତ୍ୟ

(ଶେଷ ଭାଗ)

**ଇଲେକ୍ଟ୍ରୋନେଗେଟିଭିଟି ଭ୍ରମର ସମାଧାନ (Breaking the Electronegativity Myth):** ପ୍ରାୟ ଏକ ଶତାବ୍ଦୀ ଧରି, ରସାୟନ ବିଜ୍ଞାନ ପାଠ୍ୟପୁସ୍ତକଗୁଡ଼ିକ ଏକ ନିୟମ ଶିଖାଇ ଆସିଥିଲେ: ହାଇଡ୍ରୋଜେନ ବନ୍ଧନ କେବଳ ହାଇଡ୍ରୋଜେନ ଏବଂ ଅତ୍ୟଧିକ ଇଲେକ୍ଟ୍ରୋନେଗେଟିଭ ମୌଳିକ ଯେପରିକି ନାଇଟ୍ରୋଜେନ, ଅମ୍ଳଜାନ, ଫ୍ଲୋରିନ ଏବଂ କ୍ଲୋରିନ ମଧ୍ୟରେ ହିଁ ସମ୍ଭବ। କମ ଇଲେକ୍ଟ୍ରୋନେଗେଟିଭ ପରମାଣୁ ସହିତ ଜଡ଼ିତ ହାଇଡ୍ରୋଜେନ ବନ୍ଧନ ନଗଣ୍ୟ କିମ୍ବା ଅସ୍ତିତ୍ୱହୀନ ବୋଲି ଧରି ନିଆଯାଇଥିଲା। ତେବେ ଭୁବନେଶ୍ୱରସ୍ଥିତ ନାଇଜର୍ (NISER - National Institute of Science Education and Research) ଏବଂ ବିଶ୍ୱର ଅନ୍ୟ କେତେକ ଅନୁଷ୍ଠାନର ନିକଟ ଅତୀତର ଅଭୂତପୂର୍ବ ଗବେଷଣା ଏହି ସାଧାରଣ ସହମତିକୁ ମୂଳରୁ ଚ୍ୟାଲେଞ୍ଜ କରିଛି। ବୈଜ୍ଞାନିକମାନେ ହାଇଡ୍ରୋଜେନ ବନ୍ଧନ ସହ ଜଡ଼ିତ ଅଣୁ ଓ ପରମାଣୁଗୁଡ଼ିକୁ ପ୍ରାୟ ୧୦ କେଲଭିନ (ପରମ ଶୂନ୍ୟ ନିକଟତର) ତାପମାତ୍ରାରେ ନିରୀକ୍ଷଣ କରିବା ପାଇଁ 'ଲେଜର୍ ସ୍ପେକ୍ଟ୍ରୋସ୍କୋପି ଇନ୍ ସୁପରସୋନିକ ଜେଟ୍ସ' ପରି ଅତି ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାର କରିଛନ୍ତି। ସେମାନେ ପ୍ରମାଣ କରିଛନ୍ତି ଯେ ସଲଫର୍ (Sulfur/S) ଏବଂ ସେଲେନିୟମ (Selenium/Se) ପରି ପରମାଣୁ ଯାହା ପୂର୍ବରୁ ହାଇଡ୍ରୋଜେନ ବନ୍ଧନ ଗଢ଼ିବା ପାଇଁ ବହୁତ 'ଦୁର୍ବଳ' ବୋଲି ବିବେଚନା କରାଯାଉଥିଲା ସେମାନେ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ବନ୍ଧନରେ ଅଂଶଗ୍ରହଣ କରନ୍ତି। ଏହି ଭାରତୀୟ ଅବଦାନକୁ IUPAC ଦ୍ୱାରା ସ୍ୱୀକୃତି ମିଳିଥିଲା ଏବଂ ଏହା ୨୦୧୧ ମସିହାରେ ହାଇଡ୍ରୋଜେନ ବନ୍ଧନର ନୂତନ ସଂଜ୍ଞା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥିଲା।

**ରୋଷେଇ ଘରୁ ଔଷଧ ପ୍ରସ୍ତୁତି ପର୍ଯ୍ୟନ୍ତ :** ଆମେ ପ୍ରତ୍ୟେକ ଘଣ୍ଟାରେ ହାଇଡ୍ରୋଜେନ ବଣ୍ଡିଂର ଭୌତିକ ଓ ରାସାୟନିକ ଗୁଣାବଳୀର ସମ୍ମୁଖୀନ ହୋଇଥାଉ, ଯାହା ଅଧିକାଂଶ ସମୟରେ ଅତି ସାଧାରଣ ଘଟଣା ଭଳି ମନେହୁଏ। ନିମ୍ନରେ ଦିଆଯାଇଥିବା କିଛି ଉଦାହରଣ ବେଶ୍ କୌତୂହଳପୂର୍ଣ୍ଣ।

**ଖାଦ୍ୟ ଓ ତନ୍ତୁର ଗଠନ:** ଆପଣଙ୍କ ଗ୍ଲୁଟେନ୍‌ଯୁକ୍ତ ପାଉଁରୁଟିର 'ଟାଣ' ଏବଂ ଆପଣଙ୍କ ପ୍ରିୟ ସୂତା ଟି-ଶାର୍ଟର ମଜଭୁତ ସୂତା ଏସବୁ ହାଇଡ୍ରୋଜେନ ବଣ୍ଡିଂର ଫଳ। ପ୍ରକୃତିରେ, ଗଛର କାଠରେ ଥିବା ସେଲୁଲୋଜ ଚେନ୍‌ଗୁଡିକ ଏହି ବନ୍ଧନ ଦ୍ୱାରା ଏକାଠି ହୋଇ ରହିଥାନ୍ତି। ଏହା ଗଛକୁ ଶହ ଶହ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିବା ପାଇଁ ଆବଶ୍ୟକ ଗଠନମୂଳକ ଶକ୍ତି ପ୍ରଦାନ କରେ।




**କେଶ ସଜ୍ଜା:** ଆପଣଙ୍କ କେଶ କେରାଟିନ ନାମକ ଏକ ପ୍ରୋଟିନରେ ଗଠିତ, ଯାହା ମୁଖ୍ୟତଃ ହାଇଡ୍ରୋଜେନ ବନ୍ଧନ ଯୋଗୁ ଏକ ନିର୍ଦ୍ଦିଷ୍ଟ ଆକାର ଧାରଣ କରିଥାଏ। ଯେତେବେଳେ ଆପଣ ହେୟାର ଡ୍ରାୟର୍ କରନ୍ତି, ଉତ୍ତାପ ଏହି ବନ୍ଧନଗୁଡ଼ିକୁ ଭାଙ୍ଗିଦିଏ, ଯାହାଦ୍ୱାରା ଆପଣ କେଶକୁ ଏକ ନୂତନ ଏବଂ ସିଧା ଆକାରରେ 'ରିସେଟ' କରିପାରିବେ। ତେବେ, ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଜଳର ଅଣୁଗୁଡ଼ିକୁ କେଶ ମଧ୍ୟକୁ ଆଣିଥାଏ, ଯାହା ସେହି ସମାନ ସ୍ଥାନ ପାଇଁ ପ୍ରତିଯୋଗିତା କରେ। ଏହା ଆପଣଙ୍କ କେଶର ଷ୍ଟାଇଲକୁ ବିଗାଡ଼ି ଦିଏ ଏବଂ କେରାଟିନ ଚେନ୍‌ଗୁଡ଼ିକୁ ପୁଣି ବଙ୍କା କରିଦିଏ, ଯାହାଫଳରେ କେଶ କୁଞ୍ଚୁକୁଞ୍ଚିଆ ବା 'ଫ୍ରିଜ' ହୋଇଯାଏ।

**ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଔଷଧ ପ୍ରସ୍ତୁତି :** ହାଇଡ୍ରୋଜେନ ବନ୍ଧନର ଏହି 'ଆଣବିକ ହସ୍ତମିଳନ'କୁ ବୁଝିବା ହେଉଛି ଆଧୁନିକ ଫାର୍ମାକୋଲୋଜିର ମୂଳଦୁଆ। ବଜାରରେ ମିଳୁଥିବା ପ୍ରାୟ ୩୦ ପ୍ରତିଶତ ଔଷଧରେ ହାଇଡ୍ରୋଜେନ ବନ୍ଧନରେ ଲିପ୍ତ ଅଣୁମାନେ (ବିଶେଷ କରି ଫ୍ଲୋରିନ ଯୁକ୍ତ) ଥାନ୍ତି। ଔଷଧ ନିର୍ମାଣ କରୁଥିବା ରସାୟନବିତ୍‌ମାନେ ଜାଣନ୍ତି ଯେ ଏକ ଅଣୁ ମାନବ ଶରୀରର ରିସେପ୍ଟର ସହିତ କେଉଁଠାରେ ହାଇଡ୍ରୋଜେନ ବନ୍ଧନ ଗଢ଼ିବ। ହାଇଡ୍ରୋଜେନ ବଣ୍ଡିଂ ମାଧମରେ ସେମାନେ ଏପରି ଔଷଧ ତିଆରି କରନ୍ତି ଯାହା ଲକ୍ଷ୍ୟ କରିଥିବା ପ୍ରୋଟିନ ସହିତ ଠିକ୍ ଭାବେ ଖାପ ଖାଇଯାଏ। ଏହାଦ୍ୱାରା କମ୍ ମାତ୍ରାରେ ଔଷଧ ବ୍ୟବହାର କରି କମ୍ ପାର୍ଶ୍ୱ ପ୍ରତିକ୍ରିୟାରେ ଅଧିକ ଫଳପ୍ରଦ ଚିକିତ୍ସା ସମ୍ଭବ ହୋଇଥାଏ।

**ହାଇଡ୍ରୋଜେନ ବଣ୍ଡ ବାହାରେ:** ହଗିନ୍ସଙ୍କ ସେହି ୧୦୦ ବର୍ଷ ତଳର ଚିନ୍ତାଧାରା ଆଜି ବି ଏକ ରହସ୍ୟ ହୋଇ ରହିଛି। ଆମେ ଏବେ ଅନୁଭବ କରୁଛୁ ଯେ ହାଇଡ୍ରୋଜେନ ବଣ୍ଡ କେବଳ ଏକ ସାଧାରଣ ଇଲେକ୍ଟ୍ରୋଷ୍ଟାଟିକ ଆକର୍ଷଣ ନୁହେଁ; ଏଥିରେ କ୍ୱାଣ୍ଟମ ମେକାନିକ୍ସର ଏକ ଜଟିଳ ପ୍ରକ୍ରିୟା ଜଡ଼ିତ, ଯେଉଁଥିରେ 'ଡିସପର୍ସନ ଫୋର୍ସ' ଭଳି ପାରସ୍ପରିକ କ୍ରିୟା ମାଧମରେ ପରମାଣୁଗୁଡ଼ିକ ମଧ୍ୟରେ ଇଲେକ୍ଟ୍ରୋନ ଘନତ୍ୱର ସ୍ଥାନାନ୍ତରଣ ହୋଇଥାଏ। ଏହି ଗବେଷଣା ଆହୁରି ଅନେକ ନୂତନ ନନ୍-କୋଭାଲେଣ୍ଟ ବଣ୍ଡିଂ ପାଇଁ ଦ୍ୱାର ଉନ୍ମୁକ୍ତ କରିଛି। ବୈଜ୍ଞାନିକମାନେ ଏବେ କାର୍ବନ ବଣ୍ଡ, ନିକ୍ଟୋଜେନ ବଣ୍ଡ ଏବଂ ହାଲୋଜେନ ବଣ୍ଡ ଉପରେ ଅଧ୍ୟୟନ କରୁଛନ୍ତି, ଯାହା ସମାନ ଯୁକ୍ତି ଅନୁସରଣ କରେ। କିନ୍ତୁ ଏଥିରେ ଭିନ୍ନ ଭିନ୍ନ ପରମାଣୁ ବ୍ୟବହୃତ ହୁଏ। ମହାକାଶର ବରଫରେ ଜୀବନର ଉତ୍ପତ୍ତି ଖୋଜିବାଠାରୁ ଆରମ୍ଭ କରି 'ଚାଇରାଲ ଲାଇଟ' ବ୍ୟବହାର କରି 'ଅଭେଦ୍ୟ' କ୍ୱାଣ୍ଟମ ଏନକ୍ରିପ୍ସନ ବିକାଶ କରିବା ପର୍ଯ୍ୟନ୍ତ, ହାଇଡ୍ରୋଜେନ ବଣ୍ଡର ଏହି କାହାଣୀ ପ୍ରମାଣ କରେ ଯେ ଜଣେ ଛାତ୍ରର ଅଭିନବ ଚିନ୍ତାଧାରା ଆମର ବଣ୍ଡିଂ ସମ୍ବନ୍ଧୀୟ ଧାରଣାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇପାରେ।

-ଡ. ହିମାଂଶୁ ଶେଖର ବିଶ୍ୱାଳ
ମୋ : ୯୧୭୮୩୧୧୧୮

# ଗୁଜରାଟର ସହଜ ବିଜୟ

**ଲକ୍ଷ୍ନୌ,୧୨।୪**

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ବଳରେ ଗୁଜରାଟ ଟାଇଟନ୍ସ ଏଠାରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ୭ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହା ଗୁଜରାଟର ୪ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ପାଇଁ ଏହା ଦ୍ୱିତୀୟ ପରାଜୟ। ଏହି ମ୍ୟାଚ୍ ଜରିଆରେ ଜୋସ ବଟଲର ଟି୨୦ କ୍ରିକେଟରେ ୧୦୦ତମ ଅର୍ଦ୍ଧଶତକ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ପ୍ରାୟତଃ ବ୍ୟାଟରଙ୍କୁ ଭଲ ଆରମ୍ଭ ମିଳିଥିଲା। ହେଲେ କୌଣସି ବ୍ୟାଟର ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଏଡେନ ମାରାକ୍ରମ ୩୦ (୫ ଚୌକା ଓ ୧ ଛକା), ରିଷଭ ପନ୍ତ ୧୮ (୨ ଚୌକା ଓ ୧ ଛକା), ନିକୋଲସ ପୁରନ ୧୯ (୨ ଛକା), ମୁକୁଲ ଚୌଧାରୀ ଓ ଅବଦୁଲ ସମଦ ୧୮ ଲେଖାଏ ରନ କରିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୪ ଓ ଅଶୋକ ଶର୍ମା ୨ ଉଇକେଟ ନେଇଥିଲେ। ଜବାବରେ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ ଦଳକୁ ୪୫ ରନର ଆରମ୍ଭ ପ୍ରଦାନ କରିଥିଲେ। ସୁଦର୍ଶନ (୧୫) ଆଉଟ୍ ହେବା ପରେ ଗିଲ୍ ଓ ୩ୟ କ୍ରମରେ ଆସିଥିବା ବଟଲର ଦ୍ୱିତୀୟ ଉଇକେଟରେ ୮୪ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ଗିଲ୍ ୪୦ ବଲରେ ୫୬ (୬ ଚୌକା ଓ ୧ ଛକା) ଓ ବଟଲର ୩୭ ବଲରେ ୬୦ (୧୧ ଚୌକା ଓ ୧ ଛକା) ରନ କରିଥିଲେ। ଏହାପରେ ୱାଶିଂଟନ ସୁନ୍ଦର (୨୧ ରନ, ୨ ଚୌକା ଓ ୧ ଛକା) ଓ ରାହୁଲ ତେୱତିଆ (୧୦ ରନ, ୧ ଚୌକା) ଦଳ ଲାଗି ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଫଳରେ ଗୁଜରାଟ ୧୮.୪ ଓଭରରେ ୩ ଉଇକେଟ ହରାଇ ୧୬୫ ରନ କରି ନେଇଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ହାଇଦ୍ରାବାଦ ବନାମ ରାଜସ୍ଥାନ**

**ସ୍ଥାନ: ହାଇଦ୍ରାବାଦ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ଉଇକେଟ ନେବା ପରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୬୪/୮(ଏଡେନ ମାରାକ୍ରମ-୩୦, ପ୍ରସିଦ୍ଧ କ୍ରିଷ୍ଣା-୪/୨୮, ଅଶୋକ ଶର୍ମା-୨/୩୨)। ଗୁଜରାଟ ଟାଇଟନ୍ସ: ୧୮.୪ ଓଭରରେ ୧୬୫/୩ (ଜୋସ ବଟଲର-୬୦, ଶୁବମନ ଗିଲ-୫୬, ଦିଗବିଜୟ ସିଂ ରାଠି-୧/୩୧)।

## ମୁମ୍ବାଇକୁ ହରାଇଲା ଆର୍‌ସିବି

**ମୁମ୍ବାଇ,୧୨।୪**

ଫିଲ ସଲ୍ଟ ଓ ଅଧିନାୟକ ରଜତ ପଟିଦାରଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ବଳରେ ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୮ ରନରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)କୁ ପରାସ୍ତ କରିଛି। ଏହା ଆର୍‌ସିବିର ତୃତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା କ୍ରମାଗତ ତୃତୀୟ ପରାଜୟ। ଏହି ମ୍ୟାଚ୍ ପୂର୍ବରୁ ମହାନ ଭାରତୀୟ କଣ୍ଠଶିଳ୍ପୀ ଆଶା ଭୋଁସଲେଙ୍କ ସମ୍ମାନରେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା, ଯାହାଙ୍କର ରବିବାର ପରଲୋକ ଘଟିଛି। ଏପରିକି ମୁମ୍ବାଇ ଦଳର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ୨୦ ଓଭରରେ ୪ ଉଇକେଟ ହରାଇ ୨୪୦ ରନ କରିଥିଲା। ଦଳ ପାଇଁ ସଲ୍ଟ ୩୬ ବଲରେ ୭୮ (୬ ଲେଖାଏ ଚୌକା ଓ ଛକା), ବିରାଟ କୋହଲି ୩୮ ବଲରେ ୫୦ (୫ ଚୌକା ଓ ୧ ଛକା) ଓ ଅଧିନାୟକ ପଟିଦାର ୨୦ ବଲ ୫୩ (୪ ଚୌକା ଓ ୫ ଛକା) ରନ କରିଥିଲେ। ଜବାବରେ ମୁମ୍ବାଇ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୫ ଉଇକେଟ ହରାଇ ୨୨୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଶେରଫାନେ ରଥରଫୋର୍ଡ ୩୧ ବଲରେ ଦ୍ରୁତ ୭୧ (୧ ଚୌକା ଓ ୯ ଛକା) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୨ ବଲରେ ୪୦ (୬ ଚୌକା ଓ ୧ ଛକା) ରନ କରିଥିଲେ।




## ପାଥିରାନା କେକେଆର୍ ଦଳରେ ଯୋଗଦେବେ

**କୋଲକାତା,୧୨।୪**

ଶ୍ରୀଲଙ୍କା ପେସର ମାଥିଶା ପାଥିରାନା ଖୁବ୍‌ଶୀଘ୍ର କୋଲକାତା ନାଇଟ୍ ରାଇଡର୍ସ ଦଳରେ ଯୋଗଦେବେ। ତାଙ୍କୁ ଆଇପିଏଲ୍‌ରେ ଖେଳିବା ଲାଗି ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ନୋ-ଅବ୍‌ଜେକଶନ ସାର୍ଟିଫିକେଟ (ଏନ୍‌ଓସି) ଜାରି କରାଯାଇଛି। ଆସନ୍ତା ମଙ୍ଗଳବାର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ପାଥିରାନା ଉପଲବ୍ଧ ରହିବେ ବୋଲି ସୂଚନା ମିଳିଛି। ସେ କାଫ ଇଞ୍ଜୁରିର ସମ୍ମୁଖୀନ ହୋଇଥିବାରୁ ଚଳିତ ଆଇପିଏଲ୍‌ର ପ୍ରାରମ୍ଭିକ ମ୍ୟାଚ୍‌ରେ ଖେଳିପାରି ନ ଥିଲେ।

## ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ସ: ଆୟୁଷ ରନର ଅପ୍

**ନିଙ୍ଗବୋ, ୧୨।୪ (ପି.ଟି.)**

ଚଳିତ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ସରେ ଭାରତର ଉଦୀୟମାନ ଶଟଲର ଆୟୁଷ ଶେଟ୍ଟି ରନର ଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆୟୁଷ ୮-୨୧, ୧୦-୨୧ ସିଧାସଳଖ ଗେମ୍‌ରେ ୱାର୍ଲ୍ଡ ନଂ.୨ ଶିୟୁ କ୍ୱିଙ୍କଠାରୁ ପରାସ୍ତ ହୋଇଛନ୍ତି। ତାଙ୍କର ପରାଜୟ ଯୋଗୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ସିଙ୍ଗଲ୍ସରେ ଭାରତର ୬୧ ବର୍ଷର ଅପେକ୍ଷା ଜାରି ରହିଛି। ଦୀନେଶ ଖାନ୍ନାଙ୍କ ପରେ ଆୟୁଷ ଦ୍ୱିତୀୟ ଭାରତୀୟ ଭାବେ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ଖାନ୍ନା (୧୯୬୫) ଏକମାତ୍ର ଭାରତୀୟ ଖେଳାଳି ଭାବେ ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ। ତାଙ୍କପରଠାରୁ କେବଳ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ୨୦୨୩ରେ ଟାଇଟଲ ହାତେଇ ଥିଲେ। ୱାର୍ଲ୍ଡ ନଂ.୨୫ ଆୟୁଷ ଫାଇନାଲରେ ପରାଜିତ ହୋଇଥିଲେ ମଧ୍ୟ ପୂରା ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଭଲ ରହିଥିଲା। ସେ ୱାର୍ଲ୍ଡ ନଂ.୧ କୁନଲାଭଟ ଭିତିଦସର୍ନ, ନଂ. ୪ ଜୋନାଥନ କ୍ରିଷ୍ଟି ଓ ନଂ. ୭ ଲି ଶି ଫେଙ୍ଗଙ୍କୁ ହରାଇଥିଲେ।



ରୌପ୍ୟ ପଦକ ସହ ଆୟୁଷ ଶେଟ୍ଟି (ବାମରୁ ପ୍ରଥମ)।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ